ବର୍ଷ-୪୯ : ସଂଖ୍ୟା-୪ ଏପ୍ରିଲ, ୨୦୧୮ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଈଶ୍ୱରଙ୍କ ଇଚ୍ଛା | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୬୫) ସାମ୍ରାଜ୍ୟବାଦର ଆକ୍ରମଣ (୨) | ... | ମନୋଜ ଦାସ | ... | ୭ |
| ଅତିମାନସ-କାଳଦୃଷ୍ଟି ଦିଗରେ (୨) | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୧ |
| ମହୋତ୍ସର୍ଗ | ... | ନଳିନୀକାନ୍ତ ଗୁପ୍ତ | ... | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୩) | ... | ... | ... | ୧୮ |
| ତୁମେ ମୋତେ ଚିହ୍ନା ଦିଅ (କବିତା) | ... | ରଜନୀକାନ୍ତ ମିଶ୍ର | ... | ୨୨ |
| ବିଶ୍ୱାସ : ଘୋଷଣା ଓ ବାସ୍ତବତା | ... | ... | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୮) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୨୫ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୭) | ... | ସାହାନା ଦେବୀ | ... | ୨୮ |
| ଭଗିନୀ ନିବେଦିତା (୨) | ... | ନୀରଦବରଣ | ... | ୨୯ |
| ଭଗବାନଙ୍କ ଉପରେ ବିଶ୍ୱାସ | ... | ଶ୍ରୀମା | ... | ୩୨ |
| ଶ୍ରୀକୃଷ୍ଣ କାହାଣୀ (୮) ''ମୁହଁ ଭିତରେ ତୋର କେତେ ମାଟି ?'' | ... | ମନୋଜ ଦାସ | ... | ୩୩ |
| କୃପାସିକ୍ତ ମାତୃଭବନ | ... | ଉଷା ଚୋପ୍ରା | ... | ୩୬ |
| ହାରାଧନ (୨) | ... | ... | ... | ୪୧ |
| ଶୂନ୍ୟତାର ଆରପାଖ (କବିତା) | ... | ଦୀପ୍ତି ମିଶ୍ର | ... | ୪୩ |
| ଆମ ଶରୀର (୫) | ... | ଭୋଳେଶ୍ୱର ଭୂୟାଁ | ... | ୪୪ |
| ଲିରୁ-ଲିରା | ... | ଦୌଲତ ପାଣ୍ଡେ | ... | ୪୭ |
| ଜ୍ଞାନୀ କୃଷକ | ... | ଧର୍ମ କୁମାର ଶତପଥୀ | ... | ୫୦ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୩ |
| ନିବେଦନ (କବିତା) | ... | ହରପ୍ରିୟା ସାହୁ | ... | ୫୫ |
| ସ୍ୱଧର୍ମ-ବିରୋଧୀ ଭୂମିକାରୁ ନିବୃତ୍ତ ରହୁ ଚିକିତ୍ସା ବିଜ୍ଞାନ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଏକ ଅଭ୍ୟାସ-ଚାଳିତ ପ୍ରାଣୀ ରୂପେ ରହିବାରୁ ମୋତେ ଅବ୍ୟାହତି ଦେବା ଦିଗରେ ସବୁକିଛି ସମ୍ମିଳିତଭାବେ କାର୍ଯ୍ୟରତ । ଏହି ନୂତନ ଅବସ୍ଥାରେ, ଏଡ଼େ ଜଟିଳ ଏବଂ ଅସ୍ଥିର ପରିସ୍ଥିତି ମଧ୍ୟରେ ବି ମୁଁ ଯେପରି ତୁମରି ଅବିଚଳ ଶାନ୍ତିରେ ଜୀବନ ବିତାଉଛି, ପୂର୍ବରୁ କଦାଚ ସେପରି ବିତାଇ ନାହିଁ । ବରଂ ପୂର୍ବରୁ କେବେ 'ମୁଁ' ଏମିତି ପୂର୍ଣ୍ଣତଃ ଅଦୃଶ୍ୟ ହୋଇ ସେ ସ୍ଥାନରେ କେବଳମାତ୍ର ତୁମ ଦିବ୍ୟଶାନ୍ତି ବିରାଜମାନ କରି ନାହିଁ । ସବୁକିଛି ସୁନ୍ଦର, ସଂହତ ଏବଂ ପ୍ରଶାନ୍ତ, ସବୁକିଛି ତୁମରେ ପରିପୂର୍ଣ୍ଣ । ପ୍ରଜ୍ୱଳ ସୂର୍ଯ୍ୟରେ ତୁମେହିଁ ଦେଦୀପ୍ୟମାନ, ମୃଦୁ ମଳୟ ପ୍ରବାହରେ ତୁମେହିଁ ଅନୁଭୂତ, ଯାବତୀୟ ହୃଦୟରେ ତୁମେ ସ୍ୱୟଂହିଁ ପ୍ରତିଭାତ ଏବଂ ଯାବତୀୟ ସତ୍ତାରେ ତୁମେହିଁ ସ୍ଥିତ । ଏମନ୍ତ ପ୍ରାଣୀଟିଏ, ପାଦପଟିଏ ନାହିଁ, ଯିଏ ମୋତେ ତୁମ କଥା ନକହେ । ଏବଂ ମୁଁ ଯେତେ ଯାହା ଦେଖେ, ସବୁଥିରେ ଲିଖିତ ତୁମରି ନାମ ।

ହେ ମୋର ମଧୁମୟ ପ୍ରଭୁ, ମୁଁ ଯେପରି ପୂର୍ଣ୍ଣତଃ ତୁମର ହୋଇପାରିବି ଏବଂ ମୋ ଚେତନା ନିଶ୍ଚିତଭାବେ ତୁମ ସହ ସମ୍ମିଳିତ ହେବ, ତୁମେ କ'ଣ ଅବଶେଷରେ ତାହା ମଞ୍ଜୁର କରିଛ ? ଏଡ଼େ ଗରିମମୟ ସୁଖର ଯୋଗ୍ୟ ହେବା ନିମନ୍ତେ ମୁଁ କରିଛି ବା କ'ଣ ? କେବଳ ସେତକ ପାଇଁ ଆକାଂକ୍ଷା ପୋଷଣ ବ୍ୟତୀତ, ନିରବଧି ସେତକ ଚାହିଁବା ବ୍ୟତୀତ ଆଉ କିଛି କରି ନାହିଁ – ଏବଂ ତାହା ସାମାନ୍ୟ ମାତ୍ର ।

କିନ୍ତୁ, ହେ ପ୍ରଭୁ, ବର୍ତ୍ତମାନ ଏହା ଯେହେତୁ ତୁମ ସଂକଳ୍ପ ଏବଂ ମୋ ଭିତରେ ଥିବା ମୋର ନୁହେଁ, ଏହି ସୁଖବୋଧ ତୁମେ ସଭିଙ୍କ ସକାଶେ ଲାଭପ୍ରଦ କରିବାକୁ ସକ୍ଷମ ହେବ; ଏବଂ ସର୍ବାଧିକ ସମ୍ଭବ ଲୋକେ ଯେପରି ଏହା ପ୍ରତ୍ୟକ୍ଷ କରିପାରିବେ, ତାହାହିଁ ହେବ ଏହାର ଆଭିମୁଖ୍ୟ ।

ସଭିଏଁ ତୁମକୁ ଜାଣନ୍ତୁ, ଭଲ ପାଆନ୍ତୁ, ତୁମ ସେବା କରନ୍ତୁ; ସଭିଏଁ ଯେପରି ପରମ ଆତ୍ମୋତ୍ସର୍ଗ ଭାବ ଲାଭ କରନ୍ତୁ !

ହେ ପ୍ରେମ, ଦିବ୍ୟ ପ୍ରେମ, ହୁଅ ବିଶ୍ୱବ୍ୟାପ୍ତ, ଜୀବନକୁ କର ପୁନଃସଂଜୀବିତ, ବୁଦ୍ଧିକୁ କର ଆଲୋକିତ, ଅହଂର ଅର୍ଗଳ ଭଗ୍ନକର, ଅଜ୍ଞାନଜନିତ ବାଧାବିଘ୍ନ ବିଦୂରିତ କର, ଧରିତ୍ରୀର ସାର୍ବଭୌମ ପ୍ରଭୁ ରୂପେ ହୁଅ ଦେଦୀପ୍ୟମାନ ।

କାରିକଲ, ଏପ୍ରିଲ ୧୩, ୧୯୧୪

– ଶ୍ରୀମା



The ascent of man into heaven is not the key, but rather his ascent here into the spirit and the descent also of the spirit into his normal humanity and the transformation of this earthly nature. For that and not some post-mortem salvation is the real new birth for which humanity waits as the crowning movement of its long obscure and painful course.

–Sri Aurobindo

ମଣିଷର ସ୍ୱର୍ଗକୁ ଆରୋହଣ କରିବା ମୁଖ୍ୟ ନୁହେଁ, ବରଂ ଏହା ରହିଛି ଏଇଠି ଆତ୍ମସତ୍ତା ମଧ୍ୟକୁ ଆରୋହଣ କରିବା ତଥା ଆତ୍ମସତ୍ତାର ମଧ୍ୟ ସାଧାରଣ ମାନବତା ମଧ୍ୟକୁ ଅବତରଣ କରିବା ଏବଂ ଏଇ ପାର୍ଥିବ ପ୍ରକୃତିର ରୂପାନ୍ତର ମଧ୍ୟରେ । ଏଇଥି୍ ପାଇଁ ମାନବଜାତି ତା'ର ସୁଦୀର୍ଘ, ଅସ୍ପଷ୍ଟ ଏବଂ ଯନ୍ତ୍ରଣାଦାୟକ ପଥର ଚରମ ପରିଣତି ରୂପେ ଏହି ଯଥାର୍ଥ ନବଜନ୍ମ ଲାଗି ଅପେକ୍ଷା କରି ରହିଛି, ଏକ ମରଣୋତ୍ତର ମୁକ୍ତି ଲାଗି ନୁହେଁ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୭୨)

## ଶ୍ରୀଅରବିନ୍ଦ

A travelling dot on downward roads of Dusk
Mid barren fields and barns and straggling huts
And a few crooked and phantasmal trees,
He faced a sense of death and conscious void.

ସାୟାହ୍ନର ନିମ୍ନାଭିମୁଖୀ ସରଣିରେ ଭ୍ରାମ୍ୟମାଣ ବିନ୍ଦୁଟିଏ ପରି କେତେ କେତେ ଊଷର ପ୍ରଦେଶ, ଖମାର ଓ ଇତସ୍ତତଃ ବିକ୍ଷିପ୍ତ କୁଟୀର ତଥା ଅଳ୍ପ ସଂଖ୍ୟକ କୁଟିଳାକୃତି ଏବଂ ଭୂତାବିଷ୍ଟ ପ୍ରାୟ ବୃକ୍ଷରାଜି ଭିତର ଦେଇ ଗତିକରି ସେ ଏକ ମୃତ୍ୟୁବୋଧ ଏବଂ ସଚେତନ ଶୂନ୍ୟର ସମ୍ମୁଖୀନ ହେଲେ ।

But still a hostile Life unseen was there
Whose deathlike poise resisting light and truth
Made living a bleak gap in nullity.

ମାତ୍ର ତଥାପି ସେଠାରେ ଥିଲା ଏକ ଅଦୃଶ୍ୟ ପ୍ରତିକୂଳ ପ୍ରାଣଶକ୍ତି, ଯାହାର ମୃତ୍ୟୁତୁଲ୍ୟ ସ୍ଥିତି ଆଲୋକ ଓ ସତ୍ୟକୁ ପ୍ରତିରୋଧ ପୂର୍ବକ ଜୀବନ ଧାରଣକୁ ନିଷ୍ଫଳତା ମଧ୍ୟରେ ଏକ ଶୁଷ୍କ ରିକ୍ତତାରେ ପରିଣତ କରୁଥିଲା ।

He heard the grisly voices that deny;
Assailed by thoughts that swarmed like spectral hordes,
A prey to the staring phantoms of the gloom
And terror approaching with its lethal mouth,
Driven by a strange will down ever down,
The sky above a communiqué of Doom,
He strove to shield his spirit from despair,
But felt the horror of the growing Night
And the Abyss rising to claim his soul.

ଭୟଙ୍କର ନାସ୍ତିକ କଣ୍ଠସ୍ୱରମାନ ସେ ଶୁଣିବାକୁ ପାଇଲେ; ଦଳ ଦଳ ଯାଯାବର ଅଶରୀରୀ ସତ୍ତାମାନଙ୍କ ପରି ରାଶି ରାଶି ଚିନ୍ତା ଦ୍ୱାରା ଆକ୍ରାନ୍ତ ହୋଇ, ଅପଲକ ନେତ୍ରରେ ଚାହିଁ ରହିଥିବା ତମିସ୍ରାର ପ୍ରେତମୂର୍ତ୍ତିଚୟ ତଥା ଆପଣାର ପ୍ରାଣାନ୍ତକ ମୁଖ ବ୍ୟାଦାନ କରି କ୍ରମଶଃ ପାଖେଇ ଆସୁଥିବା ଆତଙ୍କର ଶିକାର ପାଲଟି, ଏକ ଅଦ୍ଭୁତ ଇଚ୍ଛାଶକ୍ତି ଦ୍ୱାରା ତାଡ଼ିତ ହୋଇ ସେ ଚାଲିଥିଲେ ନିରନ୍ତର ତଳକୁ ତଳକୁ, ଊର୍ଦ୍ଧ୍ୱରେ ଆକାଶ ଥିଲା ଦୁର୍ଭାଗ୍ୟର ଏକ ଉଦ୍‌ଘୋଷଣା, ନୈରାଶ୍ୟର କବଳରୁ ନିଜସ୍ୱ ଚେତନାକୁ ସୁରକ୍ଷା ଦେବା ନିମନ୍ତେ ସେ ଆପ୍ରାଣ ଉଦ୍ୟମ ଚଳାଇଥିଲେ, ମାତ୍ର ଅନୁଭବ କରୁଥିଲେ କ୍ରମବର୍ଦ୍ଧମାନ ରାତ୍ରିର ବିଭୀଷିକା ଓ ତାଙ୍କ ଅନ୍ତରାତ୍ମାକୁ ଅଧିକାର କରିବାର ଦାବୀ ନେଇ ଉଠିଆସୁଥିବା ଅତଳ ଗହ୍ୱର ।

Then ceased the abodes of creatures and their forms
And solitude wrapped him in its voiceless folds.

ତା'ପରେ ନିଶ୍ଚିହ୍ନ ହୋଇଗଲା ଜୀବକୁଳର ସକଳ ଆବାସ ଆଉ ସେମାନଙ୍କର ରୂପାବଳୀ । ନିର୍ଜନତା ତାଙ୍କୁ ଆଚ୍ଛାଦିତ କରିଦେଲା ତା'ର ନିର୍ବାକ୍ ଆଲିଙ୍ଗନରେ ।

All vanished suddenly like a thought expunged;
His spirit became an empty listening gulf
Void of the dead illusion of a world:
Nothing was left, not even an evil face.

ଚିନ୍ତାଟିଏ ପୋଛି ହୋଇଗଲା ପରି ସହସା ସବୁକିଛି ଅନ୍ତର୍ହିତ ହୋଇଗଲା; ତାଙ୍କର ଚେତନା ହୋଇଉଠିଲା ଏକ ଶ୍ରୁତିମାନ୍ ଶୂନ୍ୟଗର୍ଭ ଗହ୍ୱର, ବିଶ୍ୱର ମୃତ ମାୟାବୋଧରୁ ତାହା ମୁକ୍ତ ହୋଇଗଲା : ଆଉ କିଛି ହେଲେ ଅବଶେଷ ରହିଲା ନାହିଁ, ଏପରିକି ତହିଁ ନଥିଲା ଅମଙ୍ଗଳର ଛାୟା ।

He was alone with the grey python Night.

ଧୂସର ଅଜଗର ରାତ୍ରି ସହିତ ସେ ଥିଲେ ଏକାକୀ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

# ଈଶ୍ୱରଙ୍କ ଇଚ୍ଛା

## ଶ୍ରୀମା

### ଈଶ୍ୱରଙ୍କ ଇଚ୍ଛାକୁ କିପରି ଜାଣିବ

*ପ୍ରଶ୍ନ : ଈଶ୍ୱରଙ୍କ ଇଚ୍ଛା କ'ଣ, ତାହା ଆମେ କିପରି ଜାଣିବା ?*

**ଶ୍ରୀମା** : ତୁମେ ତାହା ଜାଣିପାରିବ ନାହିଁ, ତୁମେ କେବଳ ତାହା ଅନୁଭବ କରିପାରିବ । ଏବଂ ଏହାକୁ ଅନୁଭବ କରିବାକୁ ହେଲେ, ତୁମକୁ ଏପରି ଗଭୀର ଭାବେ ସଂକଳ୍ପ କରିବାକୁ ହେବ ଯେ, ଏପରି ନିଷ୍କାପଟ ଭାବେ ତାହା ଚାହିଁବାକୁ ହେବ ଯେ, ତୁମର ସବୁ ପ୍ରତିବନ୍ଧକ ଉଭେଇଯିବ । ଯେତେବେଳ ଯାଏ ତୁମେ ତୁମର ଗୋଟାଏ ନିଜସ୍ୱ ଅଭିରୁଚିକୁ ଧରି ରଖିଥିବ, ତୁମର ଗୋଟାଏ କାମନାକୁ ଧରି ବସିଥିବ, କୌଣସି ଏକ ଆକର୍ଷଣକୁ ମନରୁ ଛାଡ଼ୁ ନଥିବ, କିଂବା କିଛି ଗୋଟାଏ ତୁମକୁ ଖୁବ୍ ଭଲ ଲାଗୁଥିବ – ଏସବୁ କିଛି ତୁମ ଓ ସତ୍ୟ ଭିତରେ ଗୋଟାଏ ପରଦା ପକାଇ ଦେବ । ତେଣୁ ପ୍ରଥମ କଥାଟି ହେଲା – ତୁମ ଚେତନା ଉପରେ ତୁମର ପ୍ରଭୁତ୍ୱ ଆଣିବା, ତୁମ ଚେତନା ଭିତରେ ଥିବା ସମସ୍ତ ପ୍ରତିକୂଳ ବୃତ୍ତିଗୁଡ଼ିକୁ ଶାସନ କରିବା ଓ ସଂଶୋଧନ କରିବା । ତା'ପରେ ତୁମେ ଚେଷ୍ଟା କରିବ, ଯେପରି ତୁମ ଭିତରେ ଥିବା କୌଣସି ଗତିବୃତ୍ତି ଯାହା ଆଦୌ ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ – ସେଇଟିକୁ ପ୍ରତ୍ୟାଖ୍ୟାନ କରିବା ବା ନିଜ ପ୍ରକୃତି ଭିତରୁ ତାକୁ ବିତାଡ଼ିତ କରିବା । ତୁମର ଏହି ସାଧନାଟି ଚାଲୁରଖିବ, ଯେପର୍ଯ୍ୟନ୍ତ ତୁମ ଭିତରେ ସବୁକିଛି **ସତ୍ୟ**କୁ ପରିପୂର୍ଣ୍ଣ ଭାବେ ଓ ସ୍ଥାୟିଭାବେ ପ୍ରତିଷ୍ଠିତ କରିବାରେ ସମର୍ଥ ନ ହୋଇଛି ।

ଏବଂ ଏକଥା ବି ଜାଣିରଖ ଯେ ଏସବୁ ପାଇଁ ତୁମେ କେବଳ ସଂକଳ୍ପ କରିଦେଲେ ଚଳିବ ନାହିଁ । କାରଣ, ବହୁ ସମୟରେ ଦେଖିବ ଯେ ତୁମେ ସେ ସଂକଳ୍ପଟିକୁ ଭୁଲିଯାଇଛ ।

ପ୍ରକୃତ କରଣୀୟ କଥାଟି ହେଲା ତୁମ ସତ୍ତା ଭିତରେ ଅନିର୍ବାଣ ଅଗ୍ନି ଭଳି ତାହାକୁ ସର୍ବଦା ଜଳାଇ ରଖ, ଏବଂ ଯେତେବେଳେ ତୁମ ଭିତରେ କାମନାଟିଏ, ଅଭିରୁଚିଟିଏ ଜାଗିଉଠିଛି ବୋଲି ଜାଣିବ, କିଂବା କୌଣସି କିଛି ପ୍ରତି ଆକର୍ଷଣଟିଏ ତେଜି ଉଠୁଛି ବୋଲି ଜାଣିବ, ସେତେବେଳେ ସଙ୍ଗେ ସଙ୍ଗେ ତୁମେ ସେଇଟିକୁ ଏଇ ଆସ୍ପୃହାର ଅଗ୍ନି ଭିତରକୁ ନିକ୍ଷେପ କରିଦେବ ।

### ଈଶ୍ୱରଙ୍କ ଇଚ୍ଛା ଅଭ୍ରାନ୍ତ

ତୁମେ ପଚାରିବ, ଆମେ କିପରି ଜାଣିବା ଯେ ଈଶ୍ୱରଙ୍କ ଇଚ୍ଛାହିଁ ଆମକୁ କର୍ମ କରାଉଛି ? ଈଶ୍ୱରଙ୍କ ଇଚ୍ଛାକୁ ଚିହ୍ନିବା କଷ୍ଟକର ନୁହେଁ । ଏହା ଅଭ୍ରାନ୍ତ । ଏହି ପଥରେ (ଯୋଗ ପଥରେ) ବହୁଦୂରକୁ ନ ଯାଇଥିଲେ ବି ତୁମେ ତାହା ଜାଣିପାରିବ । ତୁମକୁ କେବଳ ସେହି ଦିବ୍ୟ-ଇଚ୍ଛାର ସ୍ୱର ଶୁଣିବାକୁ ପଡ଼ିବ, ସେଇ ଛୋଟ ସ୍ୱରଟି ରହିଛି ହୃଦୟ ଭିତରେ । ଏହି ସ୍ୱରକୁ ଶୁଣିବାରେ ଥରେ ଅଭ୍ୟସ୍ତ ହୋଇଗଲା ପରେ, ଯେତେବେଳେ ତୁମେ ଈଶ୍ୱରଙ୍କ ଇଚ୍ଛା ବିରୋଧୀ କିଛି କରି ବସିବ, ତୁମକୁ ଏକ ଅସ୍ୱସ୍ତି ବୋଧ ହେବ । ଆଉ ଯଦି ତୁମେ ସେହି ଭୁଲ୍ ବାଟରେ ତଥାପି ଚାଲ, ତା'ହେଲେ ତୁମକୁ ଭାରି ଅଶାନ୍ତି ଲାଗିବ ।... ଯଦି ତୁମେ କିଛି ଅବସାଦ ଅନୁଭବ କରୁଥାଅ, କିଂବା ଟିକିଏ ଅସ୍ୱସ୍ତି ଅନୁଭବ କରୁଥାଅ ତେବେ ସେଥିଲାଗି ଗୋଟାଏ ବାହ୍ୟ କୈଫିୟତ ଦିଅ ନାହିଁ । ତୁମେ ଯେତେବେଳେ ଚୁପ୍ ହେବ ଏବଂ ଏହାର କାରଣ ଖୋଜି ବସିବ ସେତେବେଳେ ସଂପୂର୍ଣ୍ଣ ଭାବେ ସିଧାସଳଖ ଓ ନିଷ୍କାପଟ ଭାବେ ଚିନ୍ତା କରିବ । ପ୍ରଥମେ ଦେଖିବ, ତୁମର ମନ ଏକ ଆପାତ ପ୍ରୀତିକର ଏବଂ ସୁନ୍ଦର କୈଫିୟତଟିଏ ତିଆରି କରି ବସିଛି । ମନର ଏହି କୈଫିୟତଟିକୁ ଗ୍ରହଣ କର ନାହିଁ, ଏହାର ଊର୍ଦ୍ଧ୍ୱକୁ ଚାହଁ ଓ ପ୍ରଶ୍ନକର, ''ମୋର ଏହି ଗତିବୃତ୍ତି ପଛରେ କ'ଣ ଅଛି ? କାହିଁକି ମୁଁ ଏହା କରୁଛି ?'' ଶେଷରେ ତୁମେ ଆବିଷ୍କାର କରିବ ଯେ, ତୁମ ଭିତରେ କୌଣସି ଏକ କୋଣରେ ଛୋଟିଆ ଢେଉଟିଏ – ସାମାନ୍ୟ ଭୁଲ୍ ଗତିବୃତ୍ତିଟିଏ କିଂବା ସାମାନ୍ୟ ମିଥ୍ୟାଟିଏ ତୁମର ମନୋଭାବ ଭିତରେ ଲୁଚି ରହିଛି ଯାହାକି ତୁମକୁ ଏହି ଅସୁବିଧା ବା ଗୋଳମାଳ ଭିତରେ ପକାଇଛି ।

(The Great Adventure, *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

### (ପରିଚ୍ଛେଦ : ୬୫)

## ସାମ୍ରାଜ୍ୟବାଦର ଆକ୍ରମଣ (୨)

### ମନୋଜ ଦାସ

୧୯୦୯ ମସିହାରେ 'ସୁପ୍ରଭାତ' ନାମକ ବଙ୍ଗଳା ପତ୍ରିକାର ଅନୁରୋଧ କ୍ରମେ ଶ୍ରୀଅରବିନ୍ଦ ତାଙ୍କ ଗିରଫଦାର ଏବଂ କାରାବାସ ସମ୍ପର୍କୀୟ ସ୍ମୃତିକଥା ଲେଖିଥିଲେ । ''କାରାକାହାଣୀ'' ନାମରେ ବିଖ୍ୟାତ ଏହା ତାଙ୍କର ବିରଳ ବଙ୍ଗଳା ରଚନାର ଅନ୍ୟତମ ଏବଂ ବହୁଳ ପଠିତ । କିନ୍ତୁ ବର୍ଣ୍ଣିତ ଘଟଣାକ୍ରମର ଅନିବାର୍ଯ୍ୟ ଆବଶ୍ୟକତା ଦୃଷ୍ଟିରୁ ତହିଁରୁ କିୟଦଂଶ ଏଠାରେ ଉଦ୍ଧୃତ ହେଉଛି :

''ଶୁକ୍ରବାର ରାତିରେ ମୁଁ ନିଶ୍ଚିନ୍ତ ମନରେ ନିଦ୍ରିତ ଥିଲି । ଭୋର ପ୍ରାୟ ୫ଟା ସମୟରେ ମୋ ଭଉଣୀ ସନ୍ତ୍ରସ୍ତ ହୋଇ ଘରେ ପଶି ମୋର ନାମ ଧରି ଡାକିଲା । ମୁଁ ଜାଗି ଉଠିଲି । ପରମୁହୂର୍ତ୍ତରେ କ୍ଷୁଦ୍ରଘର ଗୋଟିକ ସଶସ୍ତ୍ର ପୁଲିସରେ ଭରିଉଠିଲା । ସୁପରିନ୍‌ଟେଣ୍ଡେଣ୍ଟ କ୍ରେଗାନ୍, ୨୪ ପ୍ରଗଣାର କ୍ଲାର୍କ ସାହେବ, ସୁପରିଚିତ ଶ୍ରୀମାନ ବିନୋଦ କୁମାର ଗୁପ୍ତଙ୍କ ଲାବଣ୍ୟମୟ ଓ ଆନନ୍ଦଦାୟକ ମୂର୍ତ୍ତି, ଆଉ କେତେ ଜଣ ଇନ୍‌ସ୍‌ପେକ୍ଟର, ଲାଲ ପଗଡ଼ି, ଗୋଏନ୍ଦା, ଖାନ୍‌ତଲାସର ସାକ୍ଷୀ । ହାତରେ ପିସ୍ତଲ ଧରି ସେମାନେ ବୀରଦର୍ପରେ ଦୌଡ଼ି ଆସିଲେ, ସତେ ଅବା ବନ୍ଧୁକ କମାଣ ସହ ଗୋଟାଏ ସୁରକ୍ଷିତ କିଲା ଦଖଲ କରିବାକୁ ଆସୁଛନ୍ତି । ଶୁଣିଲି, ଗୋଟାଏ ଶ୍ୱେତାଙ୍ଗ ବୀରପୁରୁଷ ମୋ ଭଉଣୀର ଛାତିକୁ ଲକ୍ଷ୍ୟ କରି ପିସ୍ତଲ ଧରିଥିଲା । ତାହା ମୁଁ ସ୍ୱଚକ୍ଷୁରେ ଦେଖି ନାହିଁ ।

ବିଛଣାରେ ବସିଛି, ସେଯାଏ ଅର୍ଦ୍ଧନିଦ୍ରିତ ଅବସ୍ଥା, କ୍ରେଗାନ୍ ଜିଜ୍ଞାସା କଲେ, 'ଅରବିନ୍ଦ ଘୋଷ କିଏ ? ଆପଣହିଁ କି ?' ମୁଁ କହିଲି, 'ମୁଁ ହିଁ ଅରବିନ୍ଦ ଘୋଷ ।' ତତ୍‌କ୍ଷଣାତ୍ ଜଣେ ପୁଲିସକୁ କହିଲେ ମୋତେ ଗ୍ରେପ୍ତାର କରିବା ନିମନ୍ତେ । ତା'ପରେ କ୍ରେଗାନ୍‌ର ଗୋଟାଏ ଅତିଶୟ ଅଭଦ୍ର କଥାରେ ଦୁଇ ଜଣଙ୍କ ଭିତରେ ଅଳ୍ପ ସମୟ ବାକ୍‌ବିତଣ୍ଡା ହେଲା । ମୁଁ ଖାନତଲାସିର ସମନ ଚାହିଁଲି । ପଢ଼ି ସେଥିରେ ଦସ୍ତଖତ କଲି । ସମନରେ ବୋମା କଥା ଦେଖି ବୁଝିଲି, ଏ ପୁଲିସ ସୈନ୍ୟର ଆବିର୍ଭାବ ମୁଜାଫରପୁର ବୋମା ସହିତ ସଂଶ୍ଲିଷ୍ଟ । କେବଳ ବୁଝି ପାରିଲି ନାହିଁ, ମୋ ଘରେ ବୋମା ବା ଅନ୍ୟ କୌଣସି ସ୍ଫୋଟକ ପଦାର୍ଥ ପାଇବା ଆଗରୁ, ବଡ଼ି ଓ୍ୱାରେଣ୍ଟର ଅଭାବ ସତ୍ତ୍ୱେ କାହିଁକି ମୋତେ ଗିରଫ କରୁଛନ୍ତି । ତେବେ ସେ ସମ୍ପର୍କରେ ବୃଥା ଆପତ୍ତି କଲି ନାହିଁ । ତା' ପରେ ପରେ କ୍ରେଗାନ୍‌ର ହୁକୁମରେ ମୋ ହାତରେ ହାତକଡ଼ି, କମରରେ ଦଉଡ଼ି ଦିଆଗଲା । ଜଣେ ହିନ୍ଦୁସ୍ଥାନୀ କନେଷ୍ଟବଲ ସେହି ଦଉଡ଼ି ଧରି ମୋ ପଛରେ ଦଣ୍ଡାୟମାନ ରହିଲା । ସେହି ସମୟରେ ଶ୍ରୀଯୁକ୍ତ ଅବିନାଶ ଭଟ୍ଟାଚାର୍ଯ୍ୟ ଓ ଶ୍ରୀଯୁକ୍ତ ଶୈଳେନ୍ଦ୍ର ବସୁଙ୍କୁ ପୁଲିସ ଉପରକୁ ଆଣିଲା । ସେମାନଙ୍କ ହାତରେ ମଧ୍ୟ ହାତକଡ଼ି, କମରରେ ଦଉଡ଼ି । ପ୍ରାୟ ଅଧଘଣ୍ଟାକ ପରେ କାହା କଥାରେ ଜାଣେନା ସେମାନେ ହାତକଡ଼ି ଓ ଦଉଡ଼ି ଖୋଲି ଦେଲେ । କ୍ରେଗାନ୍‌ର କଥାବାର୍ତ୍ତାର ଭାବରୁ ଜଣାଯାଉଥାଏ ସେ ଯେପରି ହିଂସ୍ର ପଶୁର ଗର୍ତ୍ତ ଭିତରେ ପଶିଛନ୍ତି, ଆମେ ଅବା ଅଶିକ୍ଷିତ ହିଂସ୍ର ସ୍ୱଭାବ ବିଶିଷ୍ଟ ଆଇନ-ଭଙ୍ଗକାରୀ, ଆମ ପ୍ରତି ଭଦ୍ର ବ୍ୟବହାର କରିବା କିଂବା ଭଦ୍ର କଥା କହିବା ନିଷ୍ପ୍ରୟୋଜନ । ତେବେ ଝଗଡ଼ା ପରେ ସାହେବ ଟିକିଏ ନରମ ହୋଇଗଲେ । ବିନୋଦବାବୁ ତାଙ୍କୁ ମୋ ସମ୍ବନ୍ଧରେ କିଛି ବୁଝାଇବାକୁ ଚେଷ୍ଟା କଲେ । ତା'ପରେ କ୍ରେଗାନ୍ ମୋତେ ଜିଜ୍ଞାସା କଲେ, 'ଆପଣ କୁଆଡ଼େ ବି. ଏ. ପାସ କରିଛନ୍ତି ? ଏମିତି ବସାରେ, ଏମିତି ସାଜସଜ୍ଜା ବିହୀନ ଘରେ ମାଟିରେ ଶୋଇଥିଲେ, ଏମିତି ଅବସ୍ଥାରେ ରହିବା ଆପଣଙ୍କ ଭଳି ଶିକ୍ଷିତ ଲୋକ ପକ୍ଷରେ ଲଜ୍ଜାଜନକ ନୁହେଁ ?' ମୁଁ କହିଲି, 'ମୁଁ ଦରିଦ୍ର, ଦରିଦ୍ର ଭଳିହିଁ ରହିଥାଏଁ ।' ସାହେବ ତତ୍‌କ୍ଷଣାତ୍ ସଜୋରେ ଉତ୍ତର ଦେଲେ, 'ତେବେ କ'ଣ ଆପଣ ଧନୀଲୋକ ହେବେ ବୋଲି ଏ ସମସ୍ତ କାଣ୍ଡ ଘଟାଇଛନ୍ତି ?'

''ଦେଶହିତୈଷିତା, ସ୍ୱାର୍ଥତ୍ୟାଗ ବା ଦାରିଦ୍ର୍ୟ ବ୍ରତର ମାହାତ୍ମ୍ୟ ଏହି ସ୍ଥୂଳବୁଦ୍ଧି ଇଂରେଜଙ୍କୁ ବୁଝାଇବା ଦୁଃସାଧ ବିବେଚନା କରି ମୁଁ ଚେଷ୍ଟା କଲି ନାହିଁ।''[୧]

ଏହାହିଁ ହେଲା ସେଦିନର ଘଟଣାକ୍ରମ । ଯେଉଁ ଦୁଇଜଣ ବେସରକାରୀ ଭଦ୍ରଲୋକଙ୍କୁ ପୁଲିସ ତଦନ୍ତର ସାକ୍ଷୀ ହେବା ନିମନ୍ତେ ଧରି ଆଣିଥିଲେ, ତନ୍ମଧ୍ୟରୁ ଜଣେ ସେ କର୍ମ ନିମନ୍ତେ ଅନିଚ୍ଛା ପ୍ରକାଶ କରି ଓହରିଗଲେ; କିନ୍ତୁ ଦ୍ୱିତୀୟ ଜଣକ ଅତ୍ୟଧିକ ଇଚ୍ଛୁକ ମନେ ହେଲେ ! ବେଶ୍ କିଛି ବିଡ଼ମ୍ବନାମୟ ଦୃଶ୍ୟ ଦେଖିବାର ସୁଯୋଗ ଶ୍ରୀଅରବିନ୍ଦଙ୍କୁ ମିଳିଲା । ଦକ୍ଷିଣେଶ୍ୱର ନିକଟବର୍ତ୍ତୀ ଗଙ୍ଗା ନଦୀ ଶଯ୍ୟାରୁ କେହି ଜଣେ ଟେଳାଏ ମାଟି ମୃଣାଳିନୀ ଦେବୀଙ୍କୁ ଦେଇଥିଲେ – ତାହା ପବିତ୍ର ବୋଲି । ଗୋଟାଏ ମୋଟା କାଗଜ ପୁଡ଼ିଆରେ ସେ ବସ୍ତୁ ଦେଖି ବିଷମ ସମସ୍ୟାରେ ପଡ଼ିଲେ କ୍ଲାର୍କ ସାହେବ । ସେତକ କୌଣସି ''ଭୟଙ୍କର ଶକ୍ତିଶାଳୀ ବିସ୍ଫୋରକ'' ନୁହେଁ ତ ? ସେ କୋଠାଟି ପୂର୍ବରୁହିଁ ''ନବଶକ୍ତି'' କାର୍ଯ୍ୟାଳୟ ଥିଲା ଏବଂ ଗୋଟାଏ କୋଠରିରେ କେବେଠାରୁ ରହିଥିଲା ଓଜନିଆ ଲୁହା ସିନ୍ଦୁକଟାଏ । ସାହେବମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ସେ ଗୋଟିକ ଖୋଲିବା ସମ୍ଭବପର ହେଲା ନାହିଁ । ଅତଏବ ସେ ଗୋଟିକ ବୁହାହୋଇ ଗଲା । କେଉଁ କୋଣରେ କେବେଠୁଁ ଥୁଆ ହୋଇଥିଲା ଖଣ୍ଡିଏ ପୁରୁଣା ସାଇକେଲ । ''ଆନନ୍ଦ''ରେ ସେ ଗୋଟିକ ମଧ୍ୟ ସଂଗୃହୀତ ହେଲା । କାରଣ, ସେଥିରେ ଲଟକିଥିବା ଖଣ୍ଡିଏ ରେଳୱେ ଲେବୁଲରେ 'କୁଷ୍ଟିଆ' ଲେଖାଥିଲା । କିଛିଦିନ ପୂର୍ବରୁ କୁଷ୍ଟିଆଠାରେ ଜଣେ ସାହେବଙ୍କୁ କେହି ଗୁଳି କରିଥିଲା । ହୁଏତ ଏ ପଦାର୍ଥଟିରୁ ମିଳିଯିବ ସେ ଅସମାହିତ ରହସ୍ୟର ଚାବି !

ବିନୋଦ ଗୁପ୍ତ ଅସ୍ଥିର ଭାବରେ ଧାଁ ଧପଡ଼ କରୁଥିଲେ ଏବଂ ଯାହା ଛିଣ୍ଡାମିଣ୍ଡା କାଗଜ ଆଖିରେ ପଡ଼ିଲେ 'ୟୁରେକା' ପର୍ଯ୍ୟାୟର ହର୍ଷଧ୍ୱନି ଦେଉଥିଲେ ।

ସେମାନେ ତଳ ମହଲାକୁ ଆସିଲେ । କ୍ରେଗାନ୍ ଚାହାପାନ କଲେ ଏବଂ ଶ୍ରୀଅରବିନ୍ଦ ମଧ୍ୟ କୋକୋ ଏବଂ ପାଉଁରୁଟି ସେବନ କଲେ – ସେଯାଏ ହାତକଡ଼ି ଥିବା ଅବସ୍ଥାରେ । ତାଙ୍କୁ ସେତକ ଶାରୀରିକ କଷ୍ଟ ଦେବା ଯେମିତି ଯଥେଷ୍ଟ ହେଲା ନାହିଁ, ତେଣୁ କ୍ରେଗାନ୍ ସାହେବ ତାଙ୍କୁ କିଛି ଜୀବନ ଦର୍ଶନ ତତ୍ତ୍ୱ ଶୁଣାଇଲେ । ନୀରବରେ ସହ୍ୟ କଲେ ଶ୍ରୀଅରବିନ୍ଦ ।

ଖାନତଲାସ ଶେଷ ହେଲା ବେଳକୁ ଦିନ ଏଗାରଟା ତିରିଶ ମିନିଟ । ପୁଲିସ ବାହିନୀ ତଳେ ଆସି ସମବେତ ହେଲେ । ପରେ ଶ୍ରୀଅରବିନ୍ଦଙ୍କ ସ୍ମୃତିଚାରଣ ଅନୁସାରେ ଭୂପେନ୍ଦ୍ରନାଥ ବୋଷଙ୍କ ପ୍ରତିବାଦ ଯୋଗୁଁ ପୁଲିସ ବନ୍ଦୀମାନଙ୍କୁ ଦଉଡ଼ି ଓ ହାତକଡ଼ିରୁ ମୁକ୍ତ କରିଥିଲେ ।[୨] ଅବଶ୍ୟ ସର୍ବପ୍ରଥମେ ଯେଉଁ ବିଶିଷ୍ଟ ବ୍ୟକ୍ତିଜଣଙ୍କ ସେଠାରେ ଆସି ପହଞ୍ଚିଥିଲେ ସେ ହେଲେ ଶ୍ରୀଅରବିନ୍ଦଙ୍କ ମଉସା କୃଷ୍ଣ କୁମାର ମିତ୍ର । ସେ ନିଶ୍ଚୟ ପ୍ରତିବାଦ କରିଥିବେ । କିନ୍ତୁ ସେ ଜାତୀୟବାଦୀମାନଙ୍କ ସମର୍ଥକ ହୋଇଥିବା ଦୃଷ୍ଟିରୁ ପୁଲିସ ତାଙ୍କ କଥାରେ ଗୁରୁତ୍ୱ ଦେଇ ନଥା'ନ୍ତା । ଭୂପେନ୍ଦ୍ରନାଥଙ୍କ କଥା ଅଲଗା । ସେ ଥିଲେ ପ୍ରଭାବଶାଳୀ ମାନ୍ଦାପନ୍ଥୀ ନେତା ।[୩]

ଭୂପେନ୍ଦ୍ରନାଥ ଯଥାବିଧି ସର୍ତ୍ତରେ ଶ୍ରୀଅରବିନ୍ଦଙ୍କୁ ଜାମିନରେ ନେବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ପୁଲିସ ରାଜି ହେଲା ନାହିଁ – ଯେମିତି ଜଣେ ବିଶିଷ୍ଟ ସଲିସିଟର୍ ଖାନତଲାସ ବେଳେ ସାକ୍ଷ୍ୟ ହେବା ପାଇଁ ଦେଇଥିବା ପ୍ରସ୍ତାବକୁ ମଧ୍ୟ ପୁଲିସ ଅଗ୍ରାହ୍ୟ କରି ଦେଇଥିଲା ।

ବିରାଟ ଜନତା ନିରବରେ ଠିଆ ହୋଇଥାଏ । ଯେମିତି ବନ୍ଦୀମାନଙ୍କ ଗାଡ଼ିର ଯାତ୍ରାରମ୍ଭ ନିମନ୍ତେ ପୁଲିସ ସଙ୍କେତ ଦେଲା, 'ବନ୍ଦେ ମାତରମ୍' ଧ୍ୱନିରେ ସ୍ପନ୍ଦିତ ହେଲା ବାତାବରଣ ।[୪]

ପରବର୍ତ୍ତୀ ଘଟଣା-ସୂଚୀ ଏହିପରି : ବନ୍ଦୀମାନଙ୍କୁ ସ୍ଥାନୀୟ ପୁଲିସ ଷ୍ଟେସନକୁ ନିଆଗଲା । ସେଠାରେ ସେମାନଙ୍କୁ ସ୍ନାନର ସୁଯୋଗ ସଙ୍ଗେ ସଙ୍ଗେ ଦିବାହାର ମଧ୍ୟ ଦିଆଗଲା । ତା'ପରେ ମୁଖ୍ୟ ପୁଲିସ କାର୍ଯ୍ୟାଳୟ ଲାଲ୍ ବଜାର ଯାତ୍ରା । ପୁନଶ୍ଚ ସେମାନଙ୍କୁ ସେ କାର୍ଯ୍ୟାଳୟର ରୟଡ୍ ଷ୍ଟ୍ରିଟ୍‌ସ୍ଥିତ ଏକ ଶାଖାକୁ ନିଆଗଲା । ସେଠାରେ ମୌଲବୀ ସାମ୍‌ସୁଲ୍ ଆଲାମ ନାମକ ଜଣେ ଗୋଏନ୍ଦା ଅଫିସର ଶ୍ରୀଅରବିନ୍ଦଙ୍କ ସହ ଖୁବ୍ ବନ୍ଧୁତାପୂର୍ଣ୍ଣ ଆଚରଣ କଲେ ଓ ହିନ୍ଦୁ ଧର୍ମ ଓ ଇସଲାମର ମୂଳ ତତ୍ତ୍ୱ ସମ୍ପର୍କରେ ବନ୍ଦୀ-ଅତିଥିଙ୍କ ବକ୍ତବ୍ୟ ଜାଣିବାକୁ ଚାହିଁଲେ । ଶ୍ରୀଅରବିନ୍ଦଙ୍କୁ କୌଣସିମତେ ତାଙ୍କ ବାଟକୁ ନଆଣି ପାରି ଶେଷରେ ଦେଲେ ଏହି ନୀତି ଶିକ୍ଷା : ଶ୍ରୀଅରବିନ୍ଦଙ୍କ ଭଳି ମାର୍ଜିତ ସମ୍ଭ୍ରାନ୍ତ ଯୁବକ ନିଜର ସମସ୍ତ ଅପରାଧ ସ୍ୱୀକାର କରିଯିବାହିଁ ଯଥାର୍ଥ ହେବ ।

ଏ ଉପଦେଶ ମଧ୍ୟ ଶ୍ରୀଅରବିନ୍ଦଙ୍କ ଭିତରେ କୌଣସି ଆଲୋଡ଼ନ ସୃଜି ନପାରିବାରୁ 'ମହାତ୍ମା' ଜଣକ ଧର୍ମ, ଦର୍ଶନ ଓ ନୈତିକତା ଭଳି ଗମ୍ଭୀର ବିଷୟରୁ ସିଧା ଖସି ଆସିଲେ

ନିର୍ମଳ ବାସ୍ତବ ସ୍ତରକୁ । ସେ ଶ୍ରୀଅରବିନ୍ଦଙ୍କୁ ଦୟାକରି କହି ଦେଲେ ଜୀବନରେ ସାଫଲ୍ୟର ଗୋପନ ସୂତ୍ର । ସେ ଆଜି ଏଡ଼େ ସଫଳ, ଏଡ଼େ ଗୁରୁତ୍ୱପୂର୍ଣ୍ଣ ପଦକୁ କିପରି ଉନ୍ନୀତ ହେଲେ ? ତାଙ୍କ ପିତୃଦେବଙ୍କଠାରୁ ପ୍ରାପ୍ତ ଏକ ''ମହାମନ୍ତ୍ର'' ଯୋଗେ : ତୁମ ଆଗରେ ବଢ଼ା ଅନ୍ନ ଉଦରସାତ୍ କରିବାରୁ କଦାଚ ନିଜକୁ ବଞ୍ଚିତ କରିବ ନାହିଁ !

ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଏହା କହିବା ବେଳେ ମୌଲବି ସାହେବ ଯେଉଁଭଳି ତୀବ୍ର ଦୃଷ୍ଟିରେ ମୋ ଆଡ଼େ ଅନାଇଲେ, ସେଥିରୁ ମୋର ମନେ ହେଲା ମୁଁହିଁ ସତେ ଅବା ତାଙ୍କ ସମ୍ମୁଖର ଅନ୍ନ !''

ମହାତ୍ମା ଜଣକ ଅବଶ୍ୟ ଶ୍ରୀଅରବିନ୍ଦଙ୍କୁ ହୃଦୟଙ୍ଗମ କରାଇବାକୁ ଚାହୁଁଥିଲେ ଯେ ତାଙ୍କୁ ଆପାତତଃ ଯେଉଁଭଳି ସୌଜନ୍ୟ ପ୍ରଦର୍ଶନ କରାଯାଉଛି, ସୁଖାଦ୍ୟ ଯୋଗାଇ ଦିଆ ଯାଉଛି, ତାହାର ସଦ୍‌ବ୍ୟବହାର କରି ସେ କର୍ତ୍ତାମାନଙ୍କ ପ୍ରଶ୍ନରେ କେତୋଟି ସ୍ୱୀକାରୋକ୍ତି ଦେଇ ପକାନ୍ତୁ ।

ମୌଲବି ସାହେବଙ୍କୁ ହତାଶ ହେବାକୁ ପଡ଼ିଲା । ଆହୁରି କ୍ଷୋଭର ବିଷୟ ପିତୃଦେବଙ୍କ ମହାମନ୍ତ୍ର ଯୋଗେ କ୍ରମେ କ୍ରମେ ଅର୍ଜିତ ଗୌରବଜନକ ପଦଟି ଅଧିକ ଦିନ ଉପଭୋଗ କରିବା ତାଙ୍କ ପକ୍ଷରେ ସମ୍ଭବପର ହେଲା ନାହିଁ । ଏହି ସାକ୍ଷାତ୍‌ର ମାତ୍ର ଦେଢ଼ ବର୍ଷ ପରେ ବିଚାରାଳୟ ବାରନ୍ଦାରେ ଜଣେ ଯୁବକଙ୍କ ଗୁଳିରେ ସେ ଟଳି ପଡ଼ିଲେ ।

ସନ୍ଧ୍ୟା ବେଳକୁ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ ''ପ୍ରଖ୍ୟାତ'' ପୁଲିସ ଅଫିସର ରାମଦୟାଲ ମୁଖୋପାଧାୟ । ଶ୍ରୀଅରବିନ୍ଦ ଦେଖିଲେ, ସେ ଜଣକ ବୁଦ୍ଧିମାନ୍ ଓ କର୍ମୋଦ୍ୟୋଗୀ, କିନ୍ତୁ କଥାବାର୍ତ୍ତା, ଅଙ୍ଗଭଙ୍ଗୀ, ସବୁଥିରେ କୃତ୍ରିମ – ଯେମିତି ସର୍ବଦା ମଞ୍ଚ ଉପରେ ଅଭିନୟରତ ! ଏହି ଭଦ୍ରଲୋକହିଁ ପୂର୍ବରୁ କୁହାଯାଇଥିବା ନାରାୟଣଗଡ଼ ରେଳପଥ ଉପରେ ଘଟିଥିବା ବିସ୍ଫୋରଣ ନିମନ୍ତେ କେତେଜଣ ସମ୍ପୂର୍ଣ୍ଣ ନିର୍ଦୋଷ କୁଲିଙ୍କୁ ଦୋଷୀ ବୋଲି 'ପ୍ରମାଣ' କରାଇ ସେମାନଙ୍କୁ କାରାଗାର ଓ ଦ୍ୱୀପାନ୍ତର ଦଣ୍ଡ ଦିଆଇ 'ରାୟ ବାହାଦୁର' ପଦବୀରେ ଭୂଷିତ ହୋଇଥିଲେ । ପରେ ବାରୀନ୍ଦ୍ରଙ୍କ ନିଜ ସ୍ୱୀକାରୋକ୍ତି ଅନୁସାରେ ତାଙ୍କରି ଗୋଷ୍ଠୀ ସେ କାମ କରିଥିବାର ସାବ୍ୟସ୍ତ ହେବା ସଙ୍ଗେ ସଙ୍ଗେ ବିଚରା କୁଲିମାନେ ମୁକ୍ତି ପାଇଲେ ମଧ୍ୟ ସେ ମିଥ୍ୟାର ପୂଜକ ଜଣକ ରାୟ ବାହାଦୁର ରହିଲେ ।(୫)

ବହୁ ମଧୁର ଶବ୍ଦ ଯୋଗେ ଶ୍ରୀଅରବିନ୍ଦଙ୍କ ହୃଦୟ ଜୟ କରିବାର ପ୍ରୟାସ କରିବା ସଙ୍ଗେ ସଙ୍ଗେ ରାମଦୟାଲ ପୁଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଲେ, ଅତିଥିମାନଙ୍କୁ ଯେପରି ଉତ୍ତମ ଖାଦ୍ୟ ଓ ଶଯ୍ୟା ଯୋଗାଇ ଦେବାରେ ତ୍ରୁଟି ନହୁଏ ! କିନ୍ତୁ କଥାବାର୍ତ୍ତାରେ ହତାଶ ହୋଇ ଚାଲିଗଲା ବେଳେ ନିଜ ନିର୍ଦ୍ଦେଶଗତ ତ୍ରୁଟି ସଂଶୋଧନ କରିଗଲେ କି ନା ଜଣା ନାହିଁ, ବନ୍ଦୀମାନଙ୍କୁ ଝଡ଼ବର୍ଷା ଭିତରେ ପୁଣି ଲାଲ୍‌ବଜାରକୁ ନିଆଗଲା ଏବଂ ଉପର ମହଲାରେ ହାଜତରେ ପୂରାଇ ନୈଶାହାର ରୂପେ ସାମାନ୍ୟ ଜଳଖିଆ ଭଳି କିଛି ଦିଆଗଲା ।

ଅବିଳମ୍ବେ ପୁଲିସ କମିସନର ହାଲିଡ଼େ ଆସି ଉଭା ହେଲେ । ସାଥିରେ ଜଣେ ଇଂରେଜ ସର୍ଜେଣ୍ଟ୍ । ଶ୍ରୀଅରବିନ୍ଦଙ୍କ ଆଡ଼େ ନିର୍ଦ୍ଦେଶ କରି ସେ ସର୍ଜେଣ୍ଟଙ୍କୁ ଦେଲେ ଏହି ଆଦେଶ, ''ଏ ଲୋକଟି ସହ କାହାକୁ ରହିବାକୁ ବା କଥା କହିବାକୁ ଦେବ ନାହିଁ ! ସାବଧାନ !''

ତତ୍‌କ୍ଷଣାତ୍ ଶ୍ରୀଅରବିନ୍ଦଙ୍କ ସହ ଥିବା ଶୈଳେନ୍ଦ୍ରଙ୍କୁ ଅନ୍ୟ ଗୋଟାଏ କୋଠରିରେ ନେଇ ତାଲାବନ୍ଦ କରାଗଲା ।

ବର୍ତ୍ତମାନ ସାହେବ ତାଙ୍କ ଆଗରେ ଥିବା ଏକାକୀ ବନ୍ଦୀଙ୍କୁ ଧମକ ଦେବା ଭଳି ପ୍ରଶ୍ନ କଲେ : ''ଏମିତି ଭୀରୁ କର୍ମରେ ସମ୍ପୃକ୍ତ ହେବାରେ ତୁମକୁ ଲଜ୍ଜା ଲାଗୁ ନାହିଁ ?''

''ମୁଁ ସମ୍ପୃକ୍ତ ବୋଲି ଧରି ନେବାରେ ତୁମର କେଉଁ ଅଧିକାର ଅଛି ?'' ଶ୍ରୀଅରବିନ୍ଦ ଉତ୍ତର ଦେଲେ ।

''ମୁଁ ଧରି ନେଇ ନାହିଁ । ମୁଁ ସବୁ ଜାଣେ !'' ଜୋର୍ ଦେଇ କହିଲେ କମିସନର ।

''ତୁମେ କ'ଣ ଜାଣ ବା ନଜାଣ, ସେକଥା ତୁମେମାନେହିଁ ଜାଣ । ସେ ହତ୍ୟା ବ୍ୟାପାର ସହ ମୋର କୌଣସି ସମ୍ପୃକ୍ତିକୁ ମୁଁ ପୂର୍ଣ୍ଣ ଅସ୍ୱୀକାର କରୁଛି ।'' ଉତ୍ତର ଦେଲେ ଶ୍ରୀଅରବିନ୍ଦ ।

ପରଦିନ ଥିଲା ରବିବାର । ସମଗ୍ର ଦିନ ଶ୍ରୀଅରବିନ୍ଦଙ୍କୁ ସେହି କୋଠରି ଭିତରେ ବିତାଇବାକୁ ପଡ଼ିଲା । ପାହାଚ ଦେଇ କେତେ ଜଣ ତରୁଣ ଅବତରଣ କରୁଥିବାର ସେ ଦେଖିଲେ ଓ ଅନୁମାନ କଲେ – ସେମାନେ ମୁରାରୀପୁକୁର ବଗିଚାରୁ ଗିରଫ ହୋଇଥିବା ଦଳ । ଆହୁରି ମାସକ ପରେ ଯାଇ ଶ୍ରୀଅରବିନ୍ଦ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଜାଣିଲେ ।

ଏଠାରେ ଗାଧୋଇବାର ବ୍ୟବସ୍ଥା ନଥିଲା । ଖାଦ୍ୟ ଥିଲା ଅଖାଦ୍ୟ । ତେବେ ସୋମବାର ଦିନ ତାଙ୍କୁ ଚାହା ଓ ପାଉଁରୁଟି

ମିଳିଥିଲା – ସର୍ଜେଣ୍ଟ୍ଙ୍କ ସୌଜନ୍ୟରୁ । ବନ୍ଦୀମାନଙ୍କୁ ସେମାନଙ୍କ ଘରୁ ଆସିବା ଖାଦ୍ୟ ଦିଆଯାଉ, ଶ୍ରୀଅରବିନ୍ଦଙ୍କ ଓକିଲଙ୍କର ଏ ଯୁକ୍ତି ଗ୍ରହଣ କରାଗଲା ନାହିଁ । ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍ କରିବା ନିମନ୍ତେ ମଧ୍ୟ ଓକିଲଙ୍କୁ ଅନୁମତି ମିଳିଲା ନାହିଁ ।

ସୋମବାର ଦିନ ଅବିନାଶ ଏବଂ ଶୈଳେନ୍ଦ୍ରଙ୍କ ସହ ତାଙ୍କୁ କମିସନରଙ୍କ ଆଗରେ ଉପସ୍ଥାପନ କରାଗଲା । କିନ୍ତୁ ସାହେବ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ମଧ୍ୟ ବନ୍ଦୀମାନଙ୍କଠାରୁ କୌଣସି ପ୍ରଶ୍ନର ଉତ୍ତର ପାଇଲେ ନାହିଁ । ପରଦିନ ମାଜିଷ୍ଟ୍ରେଟ ଥର୍ଣହିଲ୍ଙ୍କ ସାମନାରେ ସେମାନଙ୍କୁ ହାଜର କରାଗଲା । ସେତିକିବେଳେ କୌଣସି ଜଣେ ଆତ୍ମୀୟ ଇଂରେଜ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କୁ ସାକ୍ଷାତ୍ କରିପାରିଲେ ଏବଂ ଶ୍ରୀଅରବିନ୍ଦ ତାଙ୍କ ଜରିଆରେ ବାର୍ତ୍ତାପ୍ରେରଣ କଲେ : ଉଦ୍‌ବେଗର ହେତୁ ନାହିଁ; ସେ ନିର୍ଦୋଷ ବୋଲି ପ୍ରମାଣ ହେବା ନିଶ୍ଚିତ ।

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. ଶ୍ରୀଅରବିନ୍ଦ : କାରାକାହିନୀ (ବଙ୍ଗଳା), SABCL, Vol. 4, ଶ୍ରୀଅରବିନ୍ଦ ଆଶ୍ରମ ।

୨. ଶ୍ରୀଅରବିନ୍ଦ : Autobiographical Notes, ଶ୍ରୀଅରବିନ୍ଦ ଆଶ୍ରମ ।

୩. କୃଷ୍ଣକୁମାର ମିତ୍ର : ଆତ୍ମଚରିତ (ବଙ୍ଗଳା), ସାଧାରଣ ବ୍ରାହ୍ମ ସମାଜ, କଲିକତା ।

୪. ଉପେନ୍ଦ୍ରଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ଆମାର୍ ଏଲୋମେଲୋ ଜୀବନେର୍ କାହିନୀ (ବଙ୍ଗଳା) ।

୫. ଗଙ୍ଗାନାରାୟଣ ଚନ୍ଦ୍ର : ଅବିସ୍ମରଣୀୟ ଭାରତ (ବଙ୍ଗଳା) : 'ମନୀଷା', ବଙ୍କିମଚନ୍ଦ୍ର ଚାଟାର୍ଜୀ ଷ୍ଟ୍ରିଟ୍, କଲିକତା ।



**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

ଯୋଗସମନ୍ୱୟ (୮୩)

# ଅତିମାନସ-କାଳଦୃଷ୍ଟି ଦିଗରେ

## (୨)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗ ସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଅନ୍ତିମ ଅଧ୍ୟାୟ **"Towards The Supramental Time Vision"** (ଅତିମାନସ କାଳଦୃଷ୍ଟି ଦିଗରେ) ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ଆମେ ପୂର୍ବ ପ୍ରବନ୍ଧରେ ''ଆକାଶ ଲିପି''ର କଥା ଉଲ୍ଲେଖ କରିଥିଲୁ । ଏହା ଅତୀତର ସକଳ ବସ୍ତୁର ଇତିବୃତ୍ତିକୁ ସାଇତି ରଖିଥାଏ ଏବଂ ବର୍ତ୍ତମାନ ଘଟୁଥିବା ସକଳ ବସ୍ତୁର ପ୍ରତିଲିପି ଲେଖୁଥାଏ ଚିତ୍ରଗୁପ୍ତ ପରି । ଏହା ସହ ଭବିଷ୍ୟତକୁ ମଧ୍ୟ ଲିପିବଦ୍ଧ କରି ରଖୁଥାଏ । ଏସବୁ ଥାଏ କେଉଁଠି ? ଏହା ଆମ ଅନ୍ତରରେ ପ୍ରଚ୍ଛନ୍ନ ରୂପେ ରହିଥାଏ । ଏହି ପ୍ରକାରର ଅସଂଖ୍ୟ ସାମର୍ଥ୍ୟ ଆମ ମଧ୍ୟରେ ସଂଗୁପ୍ତ ହୋଇ ରହିଛି । ସମୁଦ୍ର ବକ୍ଷରେ ଭାସୁଥିବା ବରଫ ଖଣ୍ଡର ଅଧିକ ଭାଗ ଜଳ ମଧ୍ୟରେ ଓ ସାମାନ୍ୟ ଅଂଶ ଉପରି ଭାଗରେ ଥିବା ପରି ଆମ ଶକ୍ତି, ଆମ ବ୍ୟକ୍ତିତ୍ୱର ବହୁଭାଗ ଅନ୍ତରରେ ପ୍ରଚ୍ଛନ୍ନ ବା ସଂଗୁପ୍ତ । ଯୋଗର ବିଶେଷ ପ୍ରକ୍ରିୟା ତାକୁ ଉପରକୁ ଉଠାଇ ଆଣେ । ଚୈତ୍ୟ ଚେତନାର ପୂର୍ଣ୍ଣ ଜାଗରଣରୁ ଏହା ସମ୍ଭବ ହୁଏ ।

ଏହା ଦ୍ୱାରା ଆମେ ଆମ ଆତ୍ମାରେ ଅନ୍ତର୍ନିହିତ ଅତୀତର ବହୁ ସ୍ଥିତି, ତତ୍ ସମ୍ପର୍କୀୟ ଘଟଣାବଳୀ ଜାଣିପାରୁ । ଜାଣିପାରୁ ନାନା ବ୍ୟକ୍ତିତ୍ୱ, ଦୃଶ୍ୟ ଓ ଘଟଣାର ଅତୀତ ସ୍ଥିତି । ଆମର ଅନ୍ୟମାନଙ୍କ ସଙ୍ଗେ ଅତୀତରେ କିପରି ସମ୍ପର୍କ ଥିଲା, ସେମାନଙ୍କର ଅତୀତ ଜୀବନ ସମ୍ପର୍କରେ ଜ୍ଞାନ; ପୃଥିବୀର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ସମ୍ପର୍କୀୟ ଜ୍ଞାନ, ଆମ ସ୍ଥୂଳ ଇନ୍ଦ୍ରିୟର ଅଜ୍ଞାତ ବିଷୟ, ସ୍ଥୂଳ ବୁଦ୍ଧି ବହିର୍ଭୂତ ବିଷୟ, ଅନ୍ୟମାନଙ୍କ ସମ୍ବନ୍ଧରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଜ୍ଞାନ, ଅନ୍ୟ ଜଗତ୍ ସମ୍ପର୍କରେ ଜ୍ଞାନ, ପାର୍ଥିବ ଦେହଧାରୀ ବ୍ୟକ୍ତିଙ୍କ ଉପରେ କାଳ ଓ ଗ୍ରହମାନଙ୍କର ହସ୍ତକ୍ଷେପ ଓ ପ୍ରଭାବ ସମ୍ପର୍କୀୟ ଜ୍ଞାନ ଚୈତ୍ୟସତ୍ତା ଉପଲବ୍ଧିରୁ ସମ୍ଭବ ହୁଏ । କାରଣ ଚୈତ୍ୟସତ୍ତା ବିଶ୍ୱାତ୍ମ ସତ୍ତା ସହ ସମ୍ବନ୍ଧିତ । ଚୈତ୍ୟ ବା ଅଧିଚେତନ ପୁରୁଷ ସାମ୍ପ୍ରତିକ ଚେତନାର ପଶ୍ଚାତକୁ ଯାଇ ସୁପ୍ତ ଅତୀତକୁ ଜଣାଇପାରେ ଏବଂ ଭବିଷ୍ୟତକୁ ଆଭାସିତ କରିପାରେ । ଚୈତ୍ୟାନୁଭବର ଉନ୍ମେଷ ଯୋଗୁଁ ଜାତି-ସ୍ମରତ୍ୱ ଓ ଭୁବନ ଜ୍ଞାନ ଆଦି ନାନା ପ୍ରକାର ବିଭୂତି ପ୍ରକାଶିତ ହୁଏ । ତଥାପି ଏପରି ଜ୍ଞାନ ସର୍ବଦା ପ୍ରମାଦ-ଶୂନ୍ୟ ନୋହିପାରେ । ମନର ସମ୍ପର୍କରୁ ତା'ର ଏପରି ସଂସ୍କାର ଦୋଷ ରହିଯାଏ । ଏଣୁ ବୋଧି (intuition) ଓ ଅତିମାନସର ଆବେଶରେ ତା'ର ଶୋଧନ ଆବଶ୍ୟକ ହୁଏ; ଯାହା ତାକୁ ନିର୍ଭ୍ରମ କରିପାରିବ । ସାଧକ ଯଦି ନିସ୍ପୃହ, ତେବେ ଋତାୟନୀ ଶକ୍ତିର ପ୍ରଭାବରେ ତା'ର ଅବିଦ୍ୟାର ଆବିଳତା ଦୂର ହୁଏ । ସେ ଶୁଦ୍ଧ ବିଦ୍ୟାର ଆବେଶରେ ଶୁଦ୍ଧ ହୋଇଯାଏ । ଏଣୁ ସାଧକକୁ ସର୍ବଦା ଅନାସକ୍ତ ଓ ବିବିକ୍ତ ହେବା ସହ ଊର୍ଦ୍ଧ୍ୱତର ଶକ୍ତି ପ୍ରତି ଉନ୍ମୁଖ ରହିବାକୁ ହେବ । ନଚେତ୍ ଚୈତ୍ୟ ଚେତନାର ନିମ୍ନଭୂମିରେ ଥିଲେ ସାଧକ କେତେ ବିପଜ୍ଜନକ ପ୍ରଭାବ, ବିଭ୍ରାନ୍ତି, ବିକୃତି, ଭ୍ରଷ୍ଟତାର ଶରବ୍ୟ ହୁଏ । ଏଥିପାଇଁ ସାଧକର ସହାୟକ ହେଲା ବିଶୁଦ୍ଧ ମନ, ହୃଦୟ, ପ୍ରାଣ ଶକ୍ତି, ସୂକ୍ଷ୍ମ ଚୈତ୍ୟ ସଂବୋଧି । ଉଚ୍ଚ ଚୈତ୍ୟଭୂମି ମଧ୍ୟ ନିର୍ଭ୍ରମ ହେବା ପାଇଁ ଉଚ୍ଚତର ସାମର୍ଥ୍ୟ ଦ୍ୱାରା ସନ୍ଦୀପିତ ଓ ଉଦ୍ବୋଳିତ ହେବା ଆବଶ୍ୟକ ।

ଏହାର କାରଣ ଚୈତ୍ୟଚେତନା ପାଖରେ ମୂଳରୁ ସଂବୋଧି-ପ୍ରେରିତ ବିବେକ ଓ ପରମ ଚେତନାର ଜ୍ୟୋତିଃ ନଥାଏ । ଏଣୁ ତାକୁ ମାର୍ଗ ଦର୍ଶନ କରାଇ ଜ୍ଞାନାଲୋକ ଲାଭର ସୁଯୋଗ ନଥାଏ । ପୁନଶ୍ଚ ଏହା ନିଜର କାଳ ସମ୍ବନ୍ଧୀୟ ଅନୁଭବରେ ପୂର୍ଣ୍ଣତା ପାଏ ନାହିଁ, ପାଏ କେବଳ ଆଂଶିକଭାବେ । ତା'ର ସତ୍ୟର କ୍ଷେତ୍ର ଯେପରି ବିସ୍ତୃତ, ଭ୍ରାନ୍ତିର ଉତ୍ସ ସେପରି ବିସ୍ତୃତ, ତା' ପାଖରେ ଯାହା ରହିଥାଏ ତା' ସହ ଯାହା ବ୍ୟକ୍ତିର ଅଭିଳାଷରେ ରହିଛି, ସେସବୁ ଫେଣ୍ଟି ହୋଇଯାଏ । ପ୍ରକୃତ ଭବିଷ୍ୟତ୍ ଚିତ୍ର ଉପରେ ଅନେକ ସମ୍ଭାବନାର ଇଙ୍ଗିତ,

ଅନ୍ତର୍ବୋଧ, ଅନ୍ତର୍ଦର୍ଶନ, ପ୍ରତିବୋଧ, ନାନା ମନୋମୟ ସଂରଚନାମାନ ହସ୍ତକ୍ଷେପ କରନ୍ତି ।

ପୁନଶ୍ଚ ଏକ ଦେହଧାରୀ ବ୍ୟକ୍ତିର ଭୌତିକ ଚେତନାହିଁ ତା'ର ଭିତ୍ତି । ଏଣୁ ଆମର ଅଜ୍ଞାନ ମନ ପୂର୍ବ ପରି ରହିପାରେ । ଆମର ସଂସ୍କାରାଧୀନ ଶକ୍ତି ନୂତନ ରୂପାୟଣରେ ବାଧା ଦେଇପାରେ । ଆପଣାର ଅସାମର୍ଥ୍ୟ ଓ ଭ୍ରାନ୍ତିଗୁଡ଼ିକୁ ବ୍ୟକ୍ତି ଜାବୁଡ଼ି ଧରି ରହିପାରେ । ଏଣୁ ଏହାର ପ୍ରତିବିଧାନ ଆବଶ୍ୟକ । ଏଥିପାଇଁ ଏକ ସନ୍ଦୀପିତ ସଂବୋଧି-ବୁଦ୍ଧିର ବିକାଶ କରାଇବା ସର୍ବପ୍ରଥମ କର୍ତ୍ତବ୍ୟ । ଏହା ଫଳରେ କାଳ ଓ କାଳଗତ ଯାବତୀୟ ଘଟଣାବଳୀର ସତ୍ୟ ରୂପ ସ୍ପଷ୍ଟ ହେବ । ଆମ ମଧ୍ୟରେ ସକ୍ରିୟ ଶକ୍ତି, ସଂବୋଧିମୟ ରଚନା, ଇନ୍ଦ୍ରିୟବୋଧ ଦୃଷ୍ଟିସାମର୍ଥ୍ୟ ଦ୍ୱାରା ସବୁ ଦେଖି ହେବ; ସକଳ କଥାର ସତ୍ୟ ବିବେଚନାର ଜ୍ୟୋତିଃ ଦ୍ୱାରା ସମସ୍ତ ତ୍ରୁଟି, ଭ୍ରମ ଓ ପ୍ରମାଦର ଆକ୍ରମଣକୁ ଜାଣି ତାକୁ ପ୍ରତ୍ୟାଖ୍ୟାନ କରି ହେବ ।

ସଂବୋଧି ଦ୍ୱାରା ପ୍ରେରିତ ଜ୍ଞାନ ଅଳ୍ପ ବା ଅଧିକ ପ୍ରତ୍ୟକ୍ଷ । ଆତ୍ମାର ଜ୍ୟୋତିଃ ମନ ମଧ୍ୟରେ ପ୍ରବେଶ କରିବାରୁ ଏପରି ପ୍ରତ୍ୟକ୍ଷତା ସମ୍ଭବ । ଯେତେବେଳେ ଆତ୍ମା ନିଜ ସମ୍ପର୍କରେ ଓ ସମସ୍ତ ଆତ୍ମସତ୍ତା ସମ୍ପର୍କରେ ସଚେତନ ରହିଥାଏ ସେତେବେଳେ ଏହାକୁ ଆମେ କହିପାରୁ ସର୍ବବିତ୍ ଆତ୍ମା, ଏହା ତ୍ରିକାଳ ରଚିତ ବିଭାଜନ ଦ୍ୱାରା ପରିସୀମିତ ନୁହେଁ । ଏହା ସର୍ବଜ୍ଞାତା । ଏଣୁ ଏଠି ବସ୍ତୁମାନଙ୍କ ସହ ବିଶ୍ୱଗତ ଆତ୍ମା ସମ୍ବନ୍ଧିତ । ବସ୍ତୁମାନଙ୍କରେ ଯେଉଁ ସନାତନ ସ୍ମୃତି ବିଦ୍ୟମାନ, ତାଙ୍କ ମଧ୍ୟରେ ଥିବା ପୂର୍ବ ଦର୍ଶନର ସାମର୍ଥ୍ୟ, ଯାହା ଭବିଷ୍ୟତ୍ ସ୍ମୃତି ତାକୁ ଏହା ପ୍ରାପ୍ତ କରିପାରେ । ସଂବୋଧିଗତ ଜ୍ଞାନଶକ୍ତିର ବୃଦ୍ଧି ସମ୍ଭବ ହୁଏ, ଏହାର କ୍ରିୟା କ୍ରମଶଃ ଶୃଙ୍ଖଳିତ ଓ ନିୟମାବଦ୍ଧ ହୋଇପାରେ । ମାତ୍ର ଏଥିରେ ଅଭ୍ୟାସର ଏକ ବୃହତ୍ତର ଭୂମିକା ଅଛି । ଏହା ଦ୍ୱାରା ତ୍ରିକାଳର ମୂଳତତ୍ତ୍ୱ ଓ ତା'ର ସକଳ କ୍ଷୁଦ୍ରାଦପି କ୍ଷୁଦ୍ର ବିଷୟରେ ନିଶ୍ଚିତ ଜ୍ଞାନଲାଭ ହୁଏ । ଯଦିଚ ଏକ ଅସାଧାରଣ ଶକ୍ତିର ପ୍ରକାଶ ଘଟେ, ତଥାପି ମନର ବହୁଭାଗ ଅଜ୍ଞାନାଧୀନ ହୋଇ ରହିଯାଏ, ମାତ୍ର ସଂବୋଧିର ପୂର୍ଣ୍ଣପ୍ରକାଶ ଯେତେବେଳେ ସ୍ୱାଭାବିକ ଭାବେ ମନରେ ପ୍ରକାଶ ପାଏ ସେତେବେଳେ ତ୍ରିକାଳ ଜ୍ଞାନ ସମ୍ପୂର୍ଣ୍ଣରୂପେ ପ୍ରକଟିତ ହୁଏ । ତତ୍‌ସହ ଚୈତ୍ୟସତ୍ତ୍ୱର ପୁଷ୍ଟି ଚୈତ୍ୟାନୁଭବର ବିକାଶ ସଙ୍ଗେ ସଙ୍ଗେ ତ୍ରିକାଳଦର୍ଶିତାର ନାନା ପ୍ରକାର ସ୍ଫୁରଣ ଘଟେ । ଫଳରେ ସୁପ୍ତ ଅତୀତର ଜାଗରଣ ମଧ୍ୟ ସମ୍ଭବ ହୁଏ ।

ଅଜ୍ଞାନାଚ୍ଛନ୍ନ ମନର ବହିଷ୍କରଣ ଜ୍ଞାନମୟ ପ୍ରତିଷ୍ଠା ପାଇଁ ଅପରିହାର୍ଯ୍ୟ । ମନ ସମ୍ପୂର୍ଣ୍ଣ ରୂପେ ଜ୍ଞାନରେ ରୂପାନ୍ତରିତ ହେବା ପୂର୍ବରୁ ତା' ମଧ୍ୟରୁ ବୁଦ୍ଧିର ନିତ୍ୟନୈମିତ୍ତିକ କ୍ରିୟା ସ୍ଥାନରେ ସଂବୋଧିଗତ ସତ୍ତା ଉପରେ ଆସ୍ଥାବାନ୍ ହେବାକୁ ପଡ଼ିବ । ଏହା ସମ୍ପୂର୍ଣ୍ଣ ଭାବରେ ନହେଲେ ବି ଅନେକ ସାଫଲ୍ୟ ଦେଇପାରିବ । ଅଜ୍ଞାନାଚ୍ଛନ୍ନ ମନର ଭିତ୍ତି ଉପରେ ଚାଲିଥିବା ମାନସିକ ରଚନାଗୁଡ଼ିକର ସମ୍ପୂର୍ଣ୍ଣ ଅପସାରଣ ଏଥିପାଇଁ ଅପରିହାର୍ଯ୍ୟ ।

ନିତ୍ୟନୈମିତ୍ତିକ ମନ ଓ ସଂବୋଧି-ପ୍ରେରିତ ମନ ମଧ୍ୟରେ ବିଶେଷ ପ୍ରଭେଦ ବାରି ହୁଏ । ନିତ୍ୟନୈମିତ୍ତିକ ମନରେ କୃତ୍ରିମତା ପରିଦୃଷ୍ଟ । ସେ ଅନ୍ଧକାରରେ ଆଲୋକ ବର୍ତ୍ତିକାଟିଏ ଧରି ସବୁ ଜାଣିବାକୁ ଚାହେଁ । ସେ ତେଣୁ କିଛି ସ୍ପଷ୍ଟ ଦେଖେ ନାହିଁ । ଯାହା ଦେଖି ନଥାଏ, ସେ ତାକୁ ଅନୁମାନ ଓ କଳ୍ପନାରେ ଆଣି ଭ୍ରାନ୍ତିରେ ପଡ଼େ । ଯାହା ସତ୍ୟ ନୁହେଁ ତାକୁ ସତ୍ୟ ବୋଲି ଧରିନିଏ । ମାତ୍ର ସଂବୋଧି ପ୍ରେରିତ ମନର ଆଲୋକ ଅଧିକ ପ୍ରାକୃତିକ ଓ ସ୍ପଷ୍ଟ । ତଥାପି ଆରମ୍ଭରୁ ଏହା ପୂର୍ଣ୍ଣ ସତ୍ୟଜ୍ଞାନ ଦେଇପାରେ ନାହିଁ, ଏଥିରେ କିଛି ମିଶ୍ରଣ ରହିଯାଏ । ଏଣୁ ଏଥିରେ ତ୍ରିକାଳ ଦୃଷ୍ଟିର ଦୃଢ଼ ସଂଗଠନ ସମ୍ଭବ ନୁହେଁ । ଏଥିରେ କିଛି ଭ୍ରାନ୍ତିର ହସ୍ତକ୍ଷେପ ବି ସମ୍ଭବ ।

ଏସବୁ ହୁଏ କାହିଁକି ? ଏପରି ସବୁ ହସ୍ତକ୍ଷେପ ଦୁଇ ପ୍ରକାରର । ପ୍ରଥମେ ଭ୍ରାନ୍ତି ଥାଏ ତା'ରି ରଚନା ମଧ୍ୟରେ, ଆମର କାମନା ଓ ସଂକଳ୍ପ ଆମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ଭୁଲ୍ ବିଶ୍ୱାସର ସୃଷ୍ଟି କରାଏ । ଏଣୁ ଅନେକ ବିକୃତି ଓ ମିଥ୍ୟାର ସ୍ତୂପ ସୃଷ୍ଟି ହୁଏ । ଏହାର ପ୍ରତିବିଧାନ ହେଲା ବ୍ୟକ୍ତିଗତ ଇଚ୍ଛା ସ୍ଥାନରେ ବିଶ୍ୱଗତ ଇଚ୍ଛାକୁ ପ୍ରତିଷ୍ଠିତ କରିବା । ଏଇ ବିଶ୍ୱଗତ ଇଚ୍ଛା ହେଲା ଉଚ୍ଚତର ଜ୍ୟୋତିଃରୁ ପାଇଥିବା ଅନ୍ତର୍ବୋଧ । ଏହା ଭବିଷ୍ୟତର ଜ୍ଞାନ ଦିଏ । ଏଥିରେ ମଧ୍ୟ କାର୍ଯ୍ୟ କରେ ଅନ୍ତଃପ୍ରେରଣା । ଏହା ଆତ୍ମ ଉନ୍ମୋଚନର ପରିଚାୟକ । ମୂଳରୁ ଆମକୁ ସ୍ମରଣ ରଖିବାକୁ ହେବ ଚୈତ୍ୟାନୁଭବର ଉନ୍ମେଷରେ ଜାତିସ୍ମରତା, ଭୁବନ ଜ୍ଞାନ ଆଦି ନାନା ବିଭୂତିର ପ୍ରକାଶ ସମ୍ଭବ । କିନ୍ତୁ ଏହା ମଧ୍ୟରେ ତ୍ରୁଟି ରହିପାରେ । ଏଣୁ ବୋଧି ଓ ଅତିମାନସର ଆବେଶରେ ତା'ର ଶକ୍ତିର ଶୋଧନ ଆବଶ୍ୟକ । ପୁନଶ୍ଚ ସାଧକର ବିବିକ୍ତତା ବା ତଟସ୍ଥତା ଓ ଊର୍ଦ୍ଧ୍ୱଶକ୍ତି ପ୍ରତି ସଦା ଉନ୍ମୁଖତା ତା'ର ଶୁଦ୍ଧିର ବିଶେଷ ସହାୟକ । ବିଜ୍ଞାନର ଚରମ ସିଦ୍ଧି ହେଲା ଅତିମାନସର

ଆବେଶରେ ଐଶ୍ୱର ସଂକଳ୍ପର ସାକ୍ଷାତ୍‌କାର । ଏଥିରୁ ଯେଉଁ ଜ୍ଞାନ ମିଳେ ତାହା ତ୍ରୁଟି ଶୂନ୍ୟ ଓ ନିର୍ଦୋଷ ।

ଆମ ମନର ଭାବନା ଓ କ୍ରିୟାକୁ ବହିଷ୍କୃତ ଓ ରୂପାନ୍ତରିତ କରିବା ଦ୍ୱାରା ସମ୍ବୋଧିଗତ ମନ ସେଇ କାର୍ଯ୍ୟକୁ ତା' ଧାରାରେ ନିଖୁଣ ରୂପେ କରିପାରିବ । ପ୍ରାକୃତ କ୍ଷେତ୍ରରେ ଆମେ ଜାଣିବାକୁ ପାଇବା ଗୋଟିଏ ପ୍ରକାର ପ୍ରାକୃତ ମନରୁ ଅନ୍ୟ ଏକ ପ୍ରକାର ସମ୍ବୋଧିଗତ ମନର ସଂକ୍ରମଣ କିପରି ସମ୍ଭବ ହେଉଛି । ଏ ଦୁଇଟି ରୀତି ଗୋଟିଏ ପରେ ଗୋଟିଏ ବା ଉଭୟ ଏକ ସଙ୍ଗେ କରାଯାଇପାରେ ।

ତ୍ରିକାଳ ଦୃଷ୍ଟି ସହ ସମ୍ବନ୍ଧିତ ସଂବୋଧି ମନ ଦେଖିପାରେ ବାସ୍ତବ ସତ୍ୟ କ'ଣ, ସମ୍ଭାବ୍ୟ ସତ୍ୟ କ'ଣ । ସେ ବି ଆବଶ୍ୟକ ସତ୍ୟ କ'ଣ ଦେଖିପାରିବ । The Synthesis of Yogaରେ ଆମେ ଏହା ଦେଖିବା – ''The intuitive mind dealing with the triple time movement has to see rightly in thought sense and vision three things : actualities, possibles and imperatives.''

(*The Synthesis of Yoga,* pp. 900 - 901)

ପ୍ରଥମେ ଏକ ପ୍ରାଥମିକ ସଂବୋଧିଗତ କ୍ରିୟାର ବିକାଶ ହୋଇ ଆସିବ । ସେ କାଳ ମଧରେ ପୂର୍ବାପର ଗତିଶୀଳ ବାସ୍ତବିକତାକୁ ପ୍ରତ୍ୟକ୍ଷ କରିପାରିବ । କ'ଣ ଘଟିଛି, ଘଟୁଛି ଓ ଘଟିବାକୁ ଯାଉଛି ଏହା ବୋଧି ଦ୍ୱାରା ଦେଖିବାର କ୍ରିୟା । ତଥାପି ଶକ୍ତିଗୁଡ଼ିକର ନିଶ୍ଚିତ ପରିଣାମ ସମ୍ପର୍କରେ ସଂଶୟ ରହିପାରେ । ଧୀରେ ଧୀରେ ଏ ସଂଶୟରୁ ମୁକ୍ତି ମିଳେ, ବିକାଶ ପଥରେ ଏହା ହେଉଛି ପ୍ରଥମ ପର୍ଯ୍ୟାୟ ।

ଯେତେବେଳେ ଚେତନାର ଅନ୍ତରାବୃତି ଏବଂ ଆତ୍ମସ୍ଥିତି ଯୋଗୁଁ ଚୈତ୍ୟାନୁଭବ ସକ୍ରିୟ ହୁଏ ସେତେବେଳେ ବିଜ୍ଞାନର କ୍ରିୟାରମ୍ଭ ହୁଏ । ବର୍ତ୍ତମାନ ଗଭୀର ଚେତନାରୁ ଯାହାକିଛି ଊର୍ଦ୍ଧ୍ୱ ଭୂମିକୁ ଉଠି ଆସି ଆଖିରେ ପଡ଼େ ତାହା ସବୁ ପୂର୍ବଜ୍ଞାତ ବିଷୟ ବୋଲି ମନେ ହୁଏ । ଏହା ଏକ ପ୍ରକାର ସ୍ମୃତି, ମାତ୍ର ଏପରି ସ୍ମୃତି ପ୍ରାକୃତ ସ୍ମୃତି ପରି ନୁହେଁ । ପ୍ରାକୃତ ସ୍ମୃତି ଅତୀତର ଏକ ବା ଏକାଧିକ ବିଶିଷ୍ଟ ଘଟଣା ଜାଣେ । ମାତ୍ର ଏଇ ସ୍ମୃତି ତ୍ରିକାଳର ଘଟଣାବଳୀ ଜାଣେ । ଏହା ଧ୍ରୁବା ସ୍ମୃତି ବା ପ୍ରତ୍ୟଭିଜ୍ଞା । ସାଧାରଣ ସ୍ମୃତି ମୋତେ ମୋର ଗତକାଲିର ଘଟଣା ସ୍ମରଣ କରାଇଦିଏ । ମାତ୍ର ମୁଁ ଯେତେବେଳେ ଅନ୍ତରାବୃତ ହୋଇ ଆତ୍ମସ୍ୱରୂପରେ ଅବଗାହନ କରିପାରେ ସେତେବେଳେ ମୁଁ ଜାଣେ ମୁଁ ଏହା ଥିଲି, ଏଇ ଭାବେ ଅଛି ଓ ଏହା ହେବି । ମୋର ନିତ୍ୟକାଳ ଜ୍ଞାନ ହୁଏ । ଏହା ଧ୍ରୁବା ସ୍ମୃତି ।

କିନ୍ତୁ ପ୍ରଥମ ଅବସ୍ଥାରେ ଏହି ପ୍ରତ୍ୟଭିଜ୍ଞା ମାନସ ସଂସ୍କାରର ମିଶ୍ରଣରେ ଅବିଶୁଦ୍ଧ ହୋଇଥାଏ । ଏହାର ପ୍ରତିକାର ପାଇଁ ବୋଧିର ଅନୁଶୀଳନ ଆବଶ୍ୟକ । ମନ ଖଣ୍ଡଦର୍ଶୀ, ଏଣୁ ଏହା ବିଶୁଦ୍ଧ ସତ୍ୟଜ୍ଞାନ ଲାଭରେ ଅସମର୍ଥ । ମନ ପଛରେ ଅଛି ବୋଧି, ଏହାର ସ୍ୱଭାବ ଅଖଣ୍ଡ ଦର୍ଶନ । ବସ୍ତୁ ମୂଳରେ ଥିବା ଭାବର ଆବିଷ୍କାରରେ ସେ ସମର୍ଥ । କିନ୍ତୁ ଏହା ହଠାତ୍ ଘଟେ ନାହିଁ । ଅଖଣ୍ଡ ଓ ଏକତ୍ୱବୋଧର ଦୃଷ୍ଟିରେ ଦେଖିବାର ସାମର୍ଥ୍ୟର ବିକାଶ ପଥରେ ବୋଧିଗତ ଜ୍ଞାନ ଏକ ପର୍ଯ୍ୟାୟ । ଏହା ଅଖଣ୍ଡ କାଳଜ୍ଞାନର ତଥାପି ଏକ ନିର୍ଦୋଷ ସାଧନ ବୋଲି ଆମେ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତ ହୋଇପାରିବା ନାହିଁ । ଏହା ପ୍ରତି-ମୁହୂର୍ତ୍ତରେ ବର୍ତ୍ତମାନ ଓ ନିକଟ ଅତୀତ ତଥା ନିକଟତମ ଭବିଷ୍ୟତକୁ ଦେଖୁଥାଏ ।

ଦ୍ୱିତୀୟ ପ୍ରକାରର ମାନସିକ ରଚନାଟି ଆମର ମନ ତଥା ବୁଦ୍ଧିର ସ୍ୱଭାବ ସହ ସମ୍ବନ୍ଧିତ । ଏଠାରେ ମନ ବହୁ ସମ୍ଭାବନାର ଏକ ଅନିର୍ଦ୍ଦିଷ୍ଟ ସମଷ୍ଟି ଭଳି ଦୃଷ୍ଟିଗୋଚର ହୁଏ । ତାକୁ ବୋଧହୁଏ ଗୋଟିଏ କଥା, ଯେଉଁ ବିଷୟରେ ସେ ସମ୍ପୂର୍ଣ୍ଣ ନିଶ୍ଚିତ ନୁହେଁ । ଏଇସବୁ ସମ୍ଭାବନା ପଶ୍ଚାତରେ ସେ ଅନୁଭବ କରେ ଏକ ନିର୍ଦ୍ଧାରିତ ଶକ୍ତିକୁ । ସେ ଅନୁଭବ କରେ ଏହା ପରମଶକ୍ତି ସମ୍ପନ୍ନତା । ଏହି ଶକ୍ତି ଅନେକ ସମ୍ଭାବ୍ୟ ବସ୍ତୁକୁ ଅସ୍ୱୀକାର କରି କିଛି ନିର୍ଦ୍ଦିଷ୍ଟ ବସ୍ତୁକୁ ସତ୍ୟରୂପେ ଗ୍ରହଣ କରେ ଓ ତାକୁ ପ୍ରକଟ କରାଇଦିଏ । ଏସବୁ ଅତୀତ ଓ ବର୍ତ୍ତମାନ ବସ୍ତୁର ଆଧାରରେ ପ୍ରସ୍ତୁତ । ଏହା ପଛରେ ଅଛି କିଛି ଅନୁମାନ, କଳ୍ପନା, ନିର୍ଣ୍ଣୟକାରୀ ତର୍କବୁଦ୍ଧି । ଏସବୁର ବହିଷ୍କରଣ ଓ ରୂପାନ୍ତର ନହେଲେ ସଂବୋଧି ଶକ୍ତିର ପୂର୍ଣ୍ଣପ୍ରକାଶ ସମ୍ଭବ ନୁହେଁ, ମନ ଯାହା କରୁଥିଲା ଅଜ୍ଞାନ ଭୂମିରେ, ସେଇ କାର୍ଯ୍ୟ ସଂବୋଧି କରିବ ତା'ର ସତ୍ୟଜ୍ଞାନାଲୋକରେ; ଏଣୁ ସଂବୋଧିର ଉପାଦାନ ଭିନ୍ନ, କାରଣ ଏହା ଏକ ଊର୍ଦ୍ଧ୍ୱ ଭୂମିର ଆଲୋକ । ଏଣୁ କାଳଗତ ଗତିସ୍ପନ୍ଦନ ସହ ସମ୍ବନ୍ଧିତ ସଂବୋଧି ମନକୁ ବାସ୍ତବ ସତ୍ୟ, ସମ୍ଭାବ୍ୟ ସତ୍ୟ ଓ ଆବଶ୍ୟକ ସତ୍ୟମାନଙ୍କୁ ନିରୀକ୍ଷଣ କରିବାକୁ ହେବ । ଏହା ସଂବୋଧି ମନର ପ୍ରାଥମିକ ବିକାଶରୁ ଘଟେ ।

କ୍ରମଶଃ ଭେଦ ନିରୂପଣ କରିପାରୁଥିବା ବୋଧି ପ୍ରେରିତ ବିଶ୍ଳେଷଣ ଦ୍ୱାରା ସତ୍ୟ ନିରୂପଣ ସମ୍ଭବ ହେବ । ଏହା ଏକ

ସମନ୍ୱୟାତ୍ମକ ସମଗ୍ର ଦୃଷ୍ଟି । କେଉଁ ଶକ୍ତି ନିଷ୍ଫଳ ଓ କିଏ ଫଳପ୍ରଦ ଏହା ସଂବୋଧି ଜାଣିପାରିବ । ଏହା ବୋଧିର ବାସ୍ତବ ଜ୍ଞାନ । ଏହା ସହ ତା'ର ଅନ୍ୟାନ୍ୟ ସାମର୍ଥ୍ୟ ଓ କ୍ରିୟା ଅଛି । କିନ୍ତୁ ସେସବୁ ସମ୍ପୂର୍ଣ୍ଣ ନୁହନ୍ତି । ତେଣୁ ପରିଣାମରେ ରହିପାରେ ଅନିଶ୍ଚିତତା କିନ୍ତୁ ଏହି ନିଶ୍ଚୟତା ଆସେ ଧୀରେ ଧୀରେ ଅଥବା ଆପେକ୍ଷିକ ରୂପେ । ଏସବୁ ବିକାଶର ବିଭିନ୍ନ ପର୍ଯ୍ୟାୟ, ଏପରି ବୋଧି-ଜ୍ଞାନ କାଳଜ୍ଞାନର ସମ୍ପୂର୍ଣ୍ଣ ନିର୍ଦୋଷ ସାଧନ ହୋଇ ନପାରେ । ଏହି ଜ୍ଞାନ ପ୍ରତିମୁହୂର୍ତ୍ତ ଦେଇ ଗତି କରୁଥିବା ବର୍ତ୍ତମାନର ଦ୍ରଷ୍ଟା । ଅତିବେଶୀରେ ନିକଟତମ ଅତୀତ ଓ ନିକଟତମ ଭବିଷ୍ୟତର ଦ୍ରଷ୍ଟା । କେବେ କେବେ ଅଗୋଚରରେ ଅତୀତ ଓ ଭବିଷ୍ୟତ୍ ଦିଗରେ ନିଜକୁ ପ୍ରକ୍ଷେପିତ କରି ସେ କୌଣସି କୌଣସି କଥାର ନିର୍ଭ୍ରମ ପୁନଃରଚନା କରିପାରେ । ଅନ୍ତଃପ୍ରେରଣା ଓ ଅନ୍ତଃ ଉନ୍ମୋଚନର ସହାୟତା ଦ୍ୱାରା ଅତୀତ ଓ ଭବିଷ୍ୟତ୍ ଘଟଣାର ସୂଚନା ତାକୁ ମିଳିଥାଏ । ଏହି ଶକ୍ତି ସଂବୋଧି-ମନର ଦୋଷ ଓ ଅପୂର୍ଣ୍ଣତାର ଆବଶ୍ୟକ ସଂଶୋଧନ କରିପାରେ, ତଥାପି ଏହା ତାତ୍କାଳିକ ବାସ୍ତବତାର ପ୍ରବାହ ଦୃଷ୍ଟିରେ ସୀମିତ ।

ଏହି ସୀମାକୁ ଅତିକ୍ରମ କରାଯାଇପାରେ ଜ୍ୟୋତିର୍ମୟ ଅନ୍ତଃପ୍ରେରଣାର ବିକାଶ ଦ୍ୱାରା । ଏପରି ସମ୍ଭାବନା ମଧ୍ୟ ରହିଛି । ଏହା ଯୋଗୁଁ କାଳଗତ ଗତିସ୍ପନ୍ଦନର ବୃହତ୍ତର ସମ୍ଭାବନା ମଧ୍ୟରେ ସ୍ୱଚ୍ଛନ୍ଦଭାବେ ଗତି କରିବା ସମ୍ଭବ ହୁଏ । ବର୍ତ୍ତମାନ ଦୂରସ୍ଥ ବସ୍ତୁଦର୍ଶନ ସହଜରେ ତା' ନିମନ୍ତେ ସମ୍ଭବ ହୁଏ । ଯୁଗପତ୍ ଭାବେ ଅଧିକ ଉଜ୍ଜ୍ୱଳ, ବିଶାଳ, ଶକ୍ତିମୟ ଆଲୋକ ମଧ୍ୟକୁ ବାସ୍ତବ ବସ୍ତୁଗୁଡ଼ିକର ସମ୍ବୋଧିଗତ ଜ୍ଞାନକୁ ଗ୍ରହଣ କରି ହେବ । ମୂଳ ପୁସ୍ତିକାରେ ଆମେ ଏହା ଦେଖୁ ।

''It is possible however to develop a mind of luminous inspiration which will be more at home among the greater potentialities of the time movement, see more easily distant things and at the same time take up into itself, into its more brilliant, wide and powerful light, the intuitive knowledge of actualities.''

(*The Synthesis of Yoga,* p. 902)

ଜ୍ୟୋତିର୍ମୟ ଅନ୍ତଃପ୍ରେରଣାଯୁକ୍ତ ମନ ବସ୍ତୁମାନଙ୍କୁ ବୃହତ୍ତର ଶକ୍ତିସତ୍ତାର ଆଲୋକରେ ଅଧିକ ସ୍ପଷ୍ଟ ରୂପେ ଅବଲୋକନ କରି ପାରିବ, କିନ୍ତୁ ଏହା ସହ ସତ୍ୟଚୟର ଉଦ୍‌ଘାଟନକାରୀ ଜ୍ଞାନ ଆବଶ୍ୟକ । ନହେଲେ ଦୃଷ୍ଟି ହେବ ସଂଶୟଗ୍ରସ୍ତ । ଏପରି ଅବସ୍ଥାରେ ସତ୍ୟର ଉଦ୍‌ଘାଟନ ନକରି ମନ ଅଟକି ଯିବ । କିନ୍ତୁ ଯେତେବେଳେ ସେ ଊର୍ଦ୍ଧ୍ୱରୁ ଅବତରିତ ଉଚ୍ଚତର ଆଲୋକର ଉପଲବ୍ଧି କରିବ ସେତେବେଳେ ତା'ର ଦୋଷ ଓ ଅପୂର୍ଣ୍ଣତା ଦୂର ହୋଇଯିବ । ତଥାପି ଏଇ ଆଲୋକକୁ ନିମ୍ନ ସ୍ତରରେ ଥିବା ଶକ୍ତିଗୁଡ଼ିକର କ୍ରିୟା ମଧ୍ୟ ଦେଇ ଯିବାକୁ ହେବ । କିନ୍ତୁ ଏହା ସତ୍ୟ ଉନ୍ମୋଚନକାରୀ ମନର ବିକାଶରେ ସମର୍ଥ ହେବ ଏବଂ ଶେଷରେ କାଳଜ୍ଞାନର ଶକ୍ତି ଉପରେ ପ୍ରଭୁତ୍ୱ ଲାଭ କରିପାରିବ ।

ତଥାପି ମନ ଏଯାଏ ଏକ ସୀମିତ ଶକ୍ତିର ଯନ୍ତ୍ର । ଏହା ସନାତନ କାଳରେ ସୁସ୍ଥିର ଭାବେ ପ୍ରତିଷ୍ଠିତ ହୋଇ ଦେଖିପାରିବ ନାହିଁ । ଏଣୁ ଏହା ଏକ ପ୍ରକାର ମିଶ୍ରଣ ଓ ଆପେକ୍ଷିକତାରୁ ମୁକ୍ତ ନୁହେଁ, ଏହାର ଜ୍ଞାନ ତେଣୁ ସମ୍ପୂର୍ଣ୍ଣ ନୁହେଁ । ଯେଉଁଠି ସଂବୋଧିପ୍ରେରିତ ଜ୍ଞାନ କାର୍ଯ୍ୟକାରୀ ହୋଇପାରୁ ନାହିଁ, ସେଠି ମନରେ ତା'ର ପୁରୁଣା ଅଜ୍ଞାନର ସଂସ୍କାର ନିଜକୁ ପ୍ରତିଷ୍ଠା କରିବାକୁ ପ୍ରବୃତ୍ତ ହେଉଥିବ । ଏଣୁ ଏଠାରେ ସକଳ ପୂର୍ବ ଅବ୍ୟବସ୍ଥା, ମିଶ୍ରଣ ଓ ଭ୍ରାନ୍ତି ପୁନଃ ପ୍ରତିଷ୍ଠିତ ହେବାର ଉଦ୍ୟମ କରିବେ । ଏଇ ହେତୁ ମନ ଦ୍ୱାରା ଜାଣିବାର ଉଦ୍ୟମକୁ ସ୍ଥଗିତ ରଖିବା ଅଥବା ପୂର୍ବ ଅଜ୍ଞାନତାର ପଥ ପୁନଃ ଉନ୍ମୁକ୍ତ କରିବାକୁ ହେବ । ଦୁଇଟିଯାକର ମିଶ୍ରଣ ବି ସମ୍ଭବ ହୋଇପାରେ । ଏଣୁ ମନରେ ସୃଷ୍ଟି ହୁଏ ଦ୍ୱନ୍ଦ୍ୱ ।

ଏହି ଦ୍ୱନ୍ଦ୍ୱରୁ ମୁକ୍ତି ପାଇଁ ଏକ ବୃହତ୍ତର ପରିପୂର୍ଣ୍ଣତା ଦିଗରେ ମନକୁ ଉନ୍ମୋଚିତ ହେବାକୁ ପଡ଼ିବ । ଏହା ଜ୍ୟୋତିର୍ମୟ ଚିଦାବେଶ । ଏହା ଏକ ପ୍ରେରଣାପ୍ରଦ ଜ୍ଞାନ । ବିଶ୍ୱଶକ୍ତିର ରହିଛି ଅସଂଖ୍ୟ ସମ୍ଭାବନା । ଏଥିରୁ କୌଣସି ଏକ ବା ଏକାଧିକ ସମ୍ଭାବନା ହୁଏ ମୂର୍ତ୍ତିମନ୍ତ । ଏଣୁ ଏହି ଶକ୍ତି ସହ ସଂଯୁକ୍ତ ହେବା ଆବଶ୍ୟକ । ଏହାର ଗଭୀରରେ ରହିଛି ପ୍ରକାଶ ଶକ୍ତି (revelation) । ଯେତେବେଳେ ଆମ ସଂବୋଧି ଅତିମାନସ ପ୍ରକୃତିର ପୂର୍ଣ୍ଣମୁକ୍ତ ମହିମା ମଧ୍ୟରେ ଅବସ୍ଥିତ ଉତ୍ସ ମଧ୍ୟକୁ ମନ ଉତ୍ତୋଳିତ ହୋଇଯାଏ ସେତେବେଳେ ପୂର୍ଣ୍ଣତାର ଦିଗ ଉନ୍ମୋଚିତ ହୋଇଥାଏ ।

ସମ୍ବୋଧି ଶକ୍ତି ତା'ର ଶୀର୍ଷ ଭୂମିରେ ତ୍ରିକାଳ ଦର୍ଶନରେ ସମର୍ଥ ହୁଏ ଏବଂ ସେ ତାକୁ ମନ ନିକଟରେ ପହଞ୍ଚାଇ ଦିଏ । ମନର କାର୍ଯ୍ୟ ହେଲା ତାକୁ ବୁଝି ନିଜ ମଧ୍ୟରେ ଧରି ରଖିବା ।

ମନର ସ୍ଥିତି ଓ ସୀମା ଯେପରି ଥାଏ ତଦନୁସାରେ ତା'ର ଥାଏ ଧାରକ ଶକ୍ତି । ମନ ଜ୍ଞାନର ଧାରକ ନୁହେଁ, ଏହା ଜ୍ଞାନର ଏକ ଗ୍ରାହକ ଯନ୍ତ୍ର । ଏହାକୁ କ୍ରମଶଃ ଅଜ୍ଞାନରୁ ଜ୍ୟୋତିର୍ମୟତା ଦିଗରେ ଉତ୍ଥିତ ହେବାକୁ ପଡ଼ିବ । ଋଷିମାନେ ଆସ୍ପୃହା କରୁଥିଲେ 'ତମସୋ ମା ଜ୍ୟୋତିର୍ଗମୟ' । ମନ ସଂବୋଧିରୁ ଜ୍ଞାନ ଗ୍ରହଣ କରେ । ଏହାକୁ ପ୍ରଥମେ ସଂବୋଧିରୁ, ପରେ ଜ୍ୟୋତିର୍ମୟ ମନରୁ ଏବଂ ଶେଷରେ ବିଶ୍ୱମନରୁ ଜ୍ଞାନ ଗ୍ରହଣ କରିବାକୁ ହେବ । ଏହାର ଘଟିବ ଏକ ରୂପାନ୍ତର । ସେ ଲାଭ କରିବ ପ୍ରଣୋଦନା (inspiration), ସତ୍ୟପ୍ରକାଶର ଶକ୍ତି (revelation) ଏବଂ ପରିଶେଷରେ ରୂପାନ୍ତରିତ ହେବ ଜ୍ଞାନଦୀପ୍ତ ମନ (mind of Knowledge)ରେ । ଅତିମାନସ ଚେତନାର ପ୍ରଗତିଶୀଳ କ୍ରିୟା ଯୋଗୁଁ ମନ ତା'ର ଚରମ ଅବସ୍ଥାରେ ଜ୍ଞାନଦୀପ୍ତ ମନରେ ପରିଣତ ହୁଏ । ଯେତେବେଳେ ମନର ଏପରି ଚରମାବସ୍ଥା ସମ୍ଭବ ହୁଏ ସେତେବେଳେ ସେ ହୁଏ ମାନବର ମନବୁଦ୍ଧି ଓ ଅତିମାନସ ଚେତନା ମଧ୍ୟରେ ସଂଯୋଗର ସେତୁ । ଅତିମାନସ ତା' ମଧ୍ୟରେ ନିଜକୁ ଜ୍ୟୋତିଃ ରୂପେ ପ୍ରକାଶ କରେ । ଏଇ ଜ୍ଞାନମୟ-ମନ ପକ୍ଷରେ କାଳାତୀତ ଦୃଷ୍ଟି ଓ ଅନୁଭବ ସମ୍ଭବ ହୁଏ । ତା' ସମ୍ମୁଖରେ ସକଳ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଉନ୍ମୁକ୍ତ ହୋଇଯାଏ । ଏଣୁ ଯାହାସବୁ ପଛରେ, ଚତୁର୍ଦ୍ଦିଗରେ ଓ ଆଗରେ ଘଟିଛି, ଘଟୁଛି ଓ ଘଟିବ ତା' ସମ୍ମୁଖରେ ତାହା ସ୍ପଷ୍ଟ ହୋଇଯାଏ । ଏହା ହେଉଛି ତ୍ରିକାଳ ଦୃଷ୍ଟି ସମ୍ପନ୍ନ ଜ୍ଞାନମୟ-ମନ ଯାହା ଅତିମାନସ ଆଡ଼କୁ ଉତ୍ତରଣ ଦିଗରେ ଶେଷ ପାବଚ୍ଛ । ଏହାର କାର୍ଯ୍ୟ ସର୍ବାଧିକ ସକ୍ରିୟ । ମନ ଏଠାରେ ରୂପାନ୍ତରିତ ପ୍ରତ୍ୟଭିଜ୍ଞାନ ଓ ବିଜ୍ଞାନ (Supermind) । ମୂଳ ପୁସ୍ତକରେ ଆମେ ଏହାର ସମର୍ଥନ ପାଉ ।

''It is therefore in relation to the truth of supermind that its workings can be more effectively elucidated: for the mind of knowledge is only a projection and a last step in the ascent towards the supramental nature.''

(*The Synthesis of Yoga,* p. 904)

ଏବେ ଅଜ୍ଞାନ ଚାଳିତ ମନ ବହିଷ୍କୃତ ହୋଇଯାଏ । ସର୍ବାଧିକ ସନ୍ଦୀପିତ ଆତ୍ମବିସ୍ମୃତ ଜ୍ଞାନ ତା'ର ସ୍ଥାନାଧିକାର କରେ । ଏଠାରେ ପରିପୂର୍ଣ୍ଣ ସଂବୋଧି ସଂଗଠିତ । ଏହା ସକଳ ଆହ୍ୱାନର ପ୍ରତିସ୍ପନ୍ଦନ ଜଣାଇବାକୁ ବର୍ତ୍ତମାନ ସମର୍ଥ । ଜ୍ଞାନ ପ୍ରେରିତ ମନ ଆପଣାକୁ ସଂଗଠିତ କରି ଅଜ୍ଞାନଗ୍ରସ୍ତ ମନକୁ ରୂପାନ୍ତରିତ କରିଦିଏ ଏବଂ ତାକୁ ପରବର୍ତ୍ତୀ ରୂପାନ୍ତରର ଯୋଗ୍ୟ କରିଦିଏ । ଏବେ କାଳଗତ ଜ୍ଞାନ, କାଳଗତ ଚେତନାର ପରିବର୍ତ୍ତନ ଘଟିଚାଲେ । ତେବେ ଯାଇ ମନ ଚେତନାର ସୋପାନଗୁଡ଼ିକୁ ଅତିକ୍ରମ କରି ଅତିମାନସ ସତ୍ୟର ଯଥାର୍ଥ ଭୂମିରେ ପ୍ରତିଷ୍ଠିତ ହୋଇଯାଏ । ଜ୍ଞାନମୟ ମନ ମାଧ୍ୟମରେ ଅତିମାନସ ଚେତନା ଆପଣାକୁ ବିକୀର୍ଣ୍ଣ କରେ । ଏଇ ଜ୍ଞାନମୟ ମନରେ ଶାଶ୍ୱତ ଚେତନା, ଯାହା କାଳାତୀତ ଦୃଷ୍ଟି ଓ କାଳାତୀତ ଅନୁଭୂତିରେ ଅବସ୍ଥିତ । ଏଠାରେ ସକଳ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ସଂପ୍ରସାରିତ । ଏହା ତ୍ରିକାଳ ଦୃଷ୍ଟି । ଯେଉଁ ସାଧକ ଏଇ ଚେତନାରେ ବାସ କରେ ସେ ସବୁ ଦେଖିପାରେ । ସେ ଦେଖେ ତା' ପଶ୍ଚାତରେ, ତା' ଚତୁଃପାର୍ଶ୍ୱରେ ଓ ସମ୍ମୁଖରେ କ'ଣ ଅଛି । ସେ ଏବେ ସର୍ବଜ୍ଞ, ତ୍ରିକାଳ ଦୃଷ୍ଟି ସମ୍ପନ୍ନ ।

(ସମାପ୍ତ)

❑❑❑

ଯେଉଁ ମୁହୂର୍ତ୍ତରୁ ତୁମେ ସନ୍ତୁଷ୍ଟ ହୋଇଯାଅ ଏବଂ ଆଉ କୌଣସି ଅଭୀପ୍ସା ରଖ ନାହିଁ, ସେହି ମୁହୂର୍ତ୍ତରୁହିଁ ତୁମେ ମୃତ୍ୟୁ ଅଭିମୁଖୀ ହେବାକୁ ଆରମ୍ଭ କର । ଜୀବନ ହେଉଛି ଗତି, ଜୀବନ ହେଉଛି ଉଦ୍ୟମ । ଜୀବନ କହିଲେ ଆଗକୁ ଆଗକୁ ଗତି କରୁ ଥିବାର ବୁଝାଏ, ଭବିଷ୍ୟତର ଗର୍ଭରେ ରହିଥିବା ସତ୍ୟୋଦ୍‌ଘାଟନ ଏବଂ ସତ୍ୟୋପଲବ୍ଧିଗୁଡ଼ିକ ଦିଗରେ ଆରୋହଣ କରିଯିବାକୁହିଁ ବୁଝାଏ । ବିଶ୍ରାମ କରିବାକୁ, ଅଟକି ରହିବାକୁ ଇଚ୍ଛା କରିବାଠାରୁ ଅଧିକ ବିପଜ୍ଜନକ ଆଉ କିଛି ନାହିଁ ।

— ଶ୍ରୀମା

# ମହୋତ୍ସର୍ଗ
# (ଛିନ୍ନମସ୍ତା)*
## ନଳିନୀକାନ୍ତ ଗୁପ୍ତ

ଯୁଗେ ଯୁଗେ ସର୍ବତ୍ର ପୃଥିବୀପୃଷ୍ଠରେ ଯେତେବେଳେ ଏକ ନୂତନ ସୃଷ୍ଟି-ସର୍ଜନା ହୋଇଛି ଅଥବା ପାର୍ଥିବ ବାତାବରଣରେ ଏକ ନୂତନ ଚେତନାର ଅଭିବ୍ୟକ୍ତି ଘଟିଛି, ଏହା ସର୍ବଦା ପୁରାତନ ସୃଷ୍ଟିର ଧ୍ୱଂସ, ବିନଷ୍ଟର ଏକ ପର୍ଯ୍ୟାୟ ପରେହିଁ ସଂଘଟିତ ହୋଇଛି । ଶିବଙ୍କର ନୃତ୍ୟର ଦୁଇଟି ବିଭାବ ଅଛି – ସର୍ଜନାର ଲାସ୍ୟ ଆଉ ମଧ୍ୟ ଧ୍ୱଂସର ଆନନ୍ଦ – ଲାସ୍ୟ ଓ ତାଣ୍ଡବ – ଉଭୟହିଁ ଏଯାବତ୍ ସମପରିମାଣରେ ଆବଶ୍ୟକ ଓ ପରସ୍ପରର ପରିପୂରକ ।

ଧ୍ୱଂସର ଅର୍ଥ ହେଲା ସେଇ ଅନାବଶ୍ୟକ, ଅଯୋଗ୍ୟର ଧ୍ୱଂସ ଓ ଯାହାସବୁ ନବସୃଷ୍ଟିର ଆଗମନକୁ ସ୍ୱୀକାର କରିବାକୁ ଅରାଜି ହୁଏ, ତା'ର ପଥରୋଧ କରେ, ତାହାକୁ ଅଗ୍ରାହ୍ୟ କରିବାକୁ ଚେଷ୍ଟା କରେ – ଅର୍ଥାତ୍ ଯାହାସବୁ ଅନିବାର୍ଯ୍ୟ, ଅଭିନବ ଭବିଷ୍ୟତ୍ ସହ ସଙ୍ଗତିରକ୍ଷା କରେ ନାହିଁ, ସେସବୁର ବିନଷ୍ଟି । ପାର୍ଥିବ ବିବର୍ତ୍ତନ ହେଲା ଅଗ୍ରଗତିର ଏକ ଯାତ୍ରା, ତୁମେ ଯଦି ତା'ର ଗତିଧର୍ମ ସହ ସମତାଳ ବଜାୟ ରଖିବାରେ ବିଫଳ ହୁଅ, ତେବେ ତୁମକୁ ପଥଚ୍ୟୁତ ହେବାକୁ ପଡ଼ିବ, ବରଂ ତୁମେ ପରବର୍ତ୍ତୀ ଆଗତ ପର୍ଯ୍ୟାୟ ପାଇଁ ସୁଯୋଗ ପାଇବାର ଯୋଗ୍ୟତାରୁ ବିବର୍ଜିତ ହୁଅ ।

ତୁମେ ଯଦି ପୁରାତନ ସୃଷ୍ଟିରେ ରୁହ ଅବା ଅନ୍ତତଃ-ପକ୍ଷେ ତାକୁ ଭଲପାଅ, ତା' ପ୍ରତି ଆସକ୍ତ ହୁଅ, ତେବେ ଧ୍ୱଂସଟି ତୁମ ପାଇଁ ଯନ୍ତ୍ରଣାକ୍ଲିଷ୍ଟ, ଏମିତିକି ଭୟାବହ ଓ ଘୃଣ୍ୟ ହୋଇଥାଏ । କିନ୍ତୁ ତୁମେ ଯଦି ନବସୃଷ୍ଟି ପ୍ରତି ଆସ୍ପୃହାରତ, ଉଦୀୟମାନ ଭବିଷ୍ୟତରେ ଅଂଶ ଗ୍ରହଣ କରିବା ପାଇଁ ଈପ୍‌ସିତ, ଆଉ ତା'ରହିଁ ହୋଇସାରିଛ, ତା'ହେଲେ ତୁମେ ଏହି ଧ୍ୱଂସର ଆବଶ୍ୟକତାକୁ ଉପଲବ୍ଧି କରିବ ଏବଂ ତାକୁ ସ୍ୱାଗତ କରିବ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଏବଂ ଏପରିକି ଏଥିରେ ଆନନ୍ଦିତ ମଧ୍ୟ ହେବ । ତୁମେହିଁ ଧ୍ୱଂସର ଆନନ୍ଦକୁ ଉପଭୋଗ କରିବ – ଅନ୍ତତଃ ଜଣାଯାଏ ଯେ ଶିବ ତଥା ଦିବ୍ୟଶକ୍ତି ଏଇ ଧ୍ୱଂସକୁ ଉପଭୋଗ କରନ୍ତି ।

ସେହିପରି କିଛି, ବାସ୍ତବରେ ସେଇ ଏକହିଁ କଥା ବର୍ତ୍ତମାନ ଘଟୁଛି । ମହାକାଳୀ ତାଙ୍କର ପ୍ରସ୍ତୁତି ପର୍ବର, ତଥା ବିଛିନ୍ନତାର କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି – ମହାଲକ୍ଷ୍ମୀ ଓ ମହାସରସ୍ୱତୀଙ୍କର ପଥ ପରିଷ୍କାର କରିବା ସକାଶେ ଧ୍ୱଂସ ଓ ବିନଷ୍ଟିର କାର୍ଯ୍ୟ ଆରମ୍ଭ କରି ଦେଲେଣି, ଯାହା ପ୍ରତି ମାହେଶ୍ୱରୀଙ୍କର ଅସୀମ ପ୍ରେମ ଓ ଅନୁକମ୍ପାର ଅନୁମୋଦନ ତଥା ସହାୟତା ରହିଛି । ଅଭିନବ ସୃଷ୍ଟି ଓ ଅଭିନବ ଜଗତ୍, ଯାହାକୁ ଶ୍ରୀମା **ଏତେ** ଶ୍ରଦ୍ଧା ଓ **ଯତ୍ନରେ** ଗଢ଼ିଛନ୍ତି ଏବଂ ତଥାପି ଗଢ଼ି ଚାଲିଛନ୍ତି, ତାହା ଆତ୍ମ-ପ୍ରକାଶ କରିବାକୁ ପ୍ରସ୍ତୁତ – ବାସ୍ତବ ପରିସରରେ ନିଜକୁ ଅନାବରଣ କରିବାକୁ ପ୍ରସ୍ତୁତ ଏବଂ ପୃଥିବୀପୃଷ୍ଠରେ ବାସ୍ତବ ରୂପ ନେବା ସକାଶେ ଅପେକ୍ଷମାଣ, କିନ୍ତୁ ପୃଥିବୀ ଏଯାବତ୍ ବି ପ୍ରସ୍ତୁତ ନୁହେଁ, ବରଂ ମାନବ ଏଯାବତ୍ ବି ସଜାଗ ଓ ପ୍ରସ୍ତୁତ ନୁହେଁ, ସେ ତଥାପି ଏହାକୁ ଅସ୍ୱୀକାର କରେ, ତା'ର ପୁରାତନ ମୃତ ଜଗତକୁ ଜାବୁଡ଼ି ଧରି ରଖେ, ଦୃଢ଼ତାର ସହ ଜାବୁଡ଼ି ଧରି ରଖେ ଏବଂ ତା'ର ମିଥ୍ୟାଚାର ତଥା କୁଟିଳତାର କ୍ରୀଡ଼ାକୁ ଶ୍ରଦ୍ଧା କରେ । ବୋଧହୁଏ ତା'ର ଅହଂଗ୍ରସ୍ତ ପ୍ରକୃତି ଓ ଅସ୍ୱଚ୍ଛ ଗଠନ-କ୍ରିୟା ସକାଶେ ସତ୍ୟ ହୋଇଥାଏ ଅତ୍ୟୁଜ୍ଜ୍ୱଳ ଓ ବହୁ ବାଧକର, ସୁତରାଂ ସେ ନୂତନ ଚେତନାକୁ, ନୂତନ ବାସ୍ତବତାକୁ ଯେତେ ସମ୍ଭବ ଅଗ୍ରାହ୍ୟ କରେ ଓ ତା'ର ପଥରୋଧ କରେ । ଶ୍ରୀମା ତାଙ୍କର ଅସୀମ ଶ୍ରଦ୍ଧାବଶତଃ ଏହି ଅଗ୍ରାହ୍ୟକୁ ନିଜ ସତ୍ତାରେ ଗ୍ରହଣ କରିବାକୁ ଚେଷ୍ଟା କରିଥିଲେ, ଯେତେ ସମ୍ଭବ ଅଧିକ ଉପାଦାନମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ପରିବର୍ତ୍ତିତ କରିବାକୁ ଚେଷ୍ଟା କରିଥିଲେ – ତା'ପରେ ଯେତେବେଳେ ଅଧିକ କିଛି କରାଯାଇ ପାରିଲା ନି, ସେ ନିଜକୁ ପ୍ରତ୍ୟାହାର କରିନେଲେ ଏବଂ ତାଙ୍କର ଅନ୍ୟ ବିଭାବଟିକୁ ସେହି

* ନଳିନିକାନ୍ତ ଗୁପ୍ତଙ୍କର ଘରୋଇ ବକ୍ତବ୍ୟର ବିବରଣ ।

ଅନିବାର୍ଯ୍ୟ କାର୍ଯ୍ୟ କରିବା ସକାଶେ ଅର୍ଥାତ୍ ସେହି ପୁରାତନ ଅନମନୀୟ ଜଗତକୁ ଭାଙ୍ଗିବା ସକାଶେ ତାଙ୍କ ପରିସରକୁ ଛାଡ଼ିଦେଲେ – ଏହାହିଁ ପୃଥିବୀର ତଥା ମାନବଜାତିର ଚୂଡ଼ାନ୍ତ କଲ୍ୟାଣ ସକାଶେ ଆବଶ୍ୟକ ।

ସେ କାର୍ଯ୍ୟ ଆରମ୍ଭ ହୋଇଯାଇଛି – ଏହାକୁ ତୁମେ ଶିବଙ୍କର ତାଣ୍ଡବ ନୃତ୍ୟ କହିପାର, ଅବା କହିପାର ଭୟଙ୍କରୀ କାଳୀଙ୍କର ନୃତ୍ୟ – ଏହାର ଅୟମାରମ୍ଭ ହୋଇଯାଇଛି ଏବଂ ଏହା ଅଧିକ ତ୍ୱରାନ୍ୱିତ ଭାବେ ତା' ପଥରେ ଅଗ୍ରସର ହେଉଛି । ଧ୍ୱଂସ, ଦ୍ରବଣ, ପତନ – ହଁ, ତାହା ତ ଏହାର ପ୍ରଥମ ପରିଣାମ ଯାହାକୁ ଆମେ ଦେଖି ସାରିଲୁଣି ଓ ଆମକୁ ଭଲ ଲାଗୁ କି ନ ଲାଗୁ ଆମେ ସେଥିରେ ଅଂଶଗ୍ରହଣ କଲୁଣି । ଏହାହିଁ ହେଉଛି ପରମପ୍ରଭୁଙ୍କର ବିଧିନିର୍ଧାର୍ଯ୍ୟ । ଏହାହିଁ ଘଟିବାକୁ ବାଧ୍ୟ । ଯେଉଁମାନେ ସତ୍ୟକୁ ଜାବୁଡ଼ି ଧରିଛନ୍ତି, ଉଦ୍‌ବର୍ତ୍ତିତ ହୋଇଯିବେ ଏବଂ ଯେଉଁମାନେ ମିଥ୍ୟାଚାର ସହ ମିତ୍ରତା ପୋଷଣ କରୁଛନ୍ତି, ବିନଷ୍ଟ ହୋଇଯିବେ । ସଚେତନ ଭାବେ ହେଉ କି ଅଚେତନ ଭାବେ ହେଉ କୌଣସି ଗୋଟିଏକୁ ବାଛିନେବା ବ୍ୟତୀତ ମାନବର ଅନନ୍ୟୋପାୟ ନାହିଁ ।

ଏହା ହେଉଛି ଏକ ଅନିବାର୍ଯ୍ୟ ପର୍ଯ୍ୟାୟ, ତୁମେ ଯଦି ଦିବ୍ୟସତ୍ୟ ପ୍ରତି ଆସ୍ପୃହାଶୀଳ, ତେବେ ତୁମ ପାଇଁ ବିଳାପ କରିବାକୁ କି ଶୋକ କରିବାକୁ କିଛି ବି ନାହିଁ ।

ବାସ୍ତବରେ ଏହାର ପରବର୍ତ୍ତୀ ପର୍ଯ୍ୟାୟ ହେବ ଧ୍ୱଂସାବଶେଷର ନିଷ୍କାସନ – ଏକ ପୁଙ୍ଖାନୁପୁଙ୍ଖ ନିଷ୍କାସନ, ସତ୍ୟବିରୋଧୀ ସକଳ ବସ୍ତୁର ଅପସାରଣ, ମୃତ ଜଗତର ବିନାଶ, ଯଦ୍ଦ୍ୱାରା ପରିସର ସକଳ କଳୁଷିତ ଓ ଅନ୍ଧକାର ବସ୍ତୁରୁ ନିଷ୍କାସିତ ହୋଇ ରହିବ । କାରଣ ସେତେବେଳେ କେବଳ ନୂତନ ସତ୍ୟ, ନୂତନ ବାସ୍ତବତା ଆଗେଇ ଆସିବାକୁ ସକ୍ଷମ ହେବ ଏବଂ ଶ୍ରୀମାଙ୍କର ଲକ୍ଷ୍ୟ ସିଦ୍ଧ ହେବ ।

ନୂତନ ସର୍ଜନାଟି ଏଇଠିହିଁ ଅଛି, ସ୍ୱୟଂ ଆପଣାକୁ ଗଢ଼ି ତୋଳୁଛି – ଯାହାକିଛି ବର୍ତ୍ତମାନ ଆଶ୍ରମରେ ଓ ଆଶ୍ରମ ବାହାରେ ଘଟୁଛି, କେବଳ ନୂତନ ସୃଷ୍ଟିଟି ଅଧିକ ତ୍ୱରାନ୍ୱିତ ଭାବେ ଆଗେଇ ଆସିପାରିବ ବୋଲିହିଁ ତାହା ଘଟୁଛି । ଶ୍ରୀମା ବାହ୍ୟତର ଭାରା (scaffolding)ଟିକୁ ଭାଙ୍ଗି ପକାଉଛନ୍ତି, ଯାହା ମଧ୍ୟରେ ନୂତନ ସୃଷ୍ଟିଟି ପ୍ରତିଷ୍ଠିତ ହୋଇ ରହିଛି କିଂବା ତୁମେ କହିପାର ଯେ ଏଇ ମୃତ ଖୋଳପାଟିକୁ ଭାଙ୍ଗି ଦିଆଯାଉଛି, ତା'ହେଲେ ନୂତନ ସୃଷ୍ଟିଟି ବାହାରକୁ ବାହାରି ଆସିବ । ଏହା ହେଲା ଶ୍ରୀମାଙ୍କର ଆଚରଣ ତାଙ୍କର ସ୍ୱୟଂ ସତ୍ତାକୁ ନେଇ । ସେ ଛିନ୍ନମସ୍ତା ରୂପ ଧାରଣ କରିଛନ୍ତି । ସେ ଯାହାସବୁ ଧ୍ୱଂସ କରୁଛନ୍ତି, ତାହା ହେଉଛି ତାଙ୍କର ନିଜସ୍ୱ ଅନେକ ସତ୍ତା – ଏହା ଯେମିତି ସେ ସ୍ୱୀୟ ଶରୀରର ପୁରାତନ ଅନୁପଯୋଗୀ ଅଙ୍ଗପ୍ରତ୍ୟଙ୍ଗରୁ ମୁକ୍ତ ହେଉଛନ୍ତି । ଆମେମାନେ ଶ୍ରୀଅରବିନ୍ଦଙ୍କର 'ଦେବମୁହୂର୍ତ୍ତ'ରେ ଥିବା ଏଇ ଧାଡ଼ିଗୁଡ଼ିକୁ ସ୍ମରଣ କରିପାରୁ :

''... ଏଇ ସମୟ ପ୍ରାୟଶଃ ଭୟାବହ, ଏକ ଅଗ୍ନି, ଏକ ଘୂର୍ଣ୍ଣିବାତ୍ୟା, ଏକ ଝଞ୍ଜା, ଭଗବାନଙ୍କର ରୌଦ୍ର ତାଣ୍ଡବ ପଦାଘାତ; କିନ୍ତୁ ଯିଏ ତା'ର ଅଭିପ୍ରାୟର ସତ୍ୟରେ ଦଣ୍ଡାୟମାନ ହୋଇପାରିବ, ସେହିଁ କେବଳ ଦଣ୍ଡାୟମାନ ରହିବ, ଯଦିଓ ସେ ଅଧଃପତିତ ହୁଏ, ତଥାପି ପୁନର୍ବାର ଉତ୍ଥିତ ହେବ, ଯଦିଓ ସେ ବାୟୁର ପକ୍ଷଚାଳନରେ ଉଡ଼ିଯିବା ଭଳି ଜଣାଯାଏ, ସେହିଁ ପ୍ରତ୍ୟାବର୍ତ୍ତନ କରିବ । ପାର୍ଥିବ ବିଜ୍ଞତା ତୁମ କର୍ଣ୍ଣ କୁହରରେ ଯେପରି ଗୋପନରେ ମନ୍ତ୍ରଣା ନ ଦିଏ, କାରଣ ଏହା ହେଉଛି ଅପ୍ରତ୍ୟାଶିତର ମୁହୂର୍ତ୍ତ ।''

(Collected works of Nalini Kant Gupta, Vol.6, p.256 - 58ର *The Great Holocaust – Chhinnamasta* – ବିଷୟରୁ)

ଅନୁବାଦ : ଆଶାଲତା ଦାଶ ❑

ମନୁଷ୍ୟ, ଦେଶ, ମହାଦେଶ ସକଳ !
ନିର୍ବାଚନ ଅପରିହାର୍ଯ୍ୟ, ଅନ୍ୟପନ୍ଥା ନାହିଁ :
ସତ୍ୟ ଅଥବା ରସାତଳ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୬୩)

**୧୫ ଅଗଷ୍ଟ ୧୯୨୫ :**

ସକାଳ ୧୦ଟା ସମୟରେ ଶ୍ରୀଅରବିନ୍ଦ ନିଜ କକ୍ଷରୁ ବାହାରି ଆସି ବାରଣ୍ଡାରେ ଉପବେଶନ କଲେ । ମଲ୍ଲି ପୁଷ୍ପରେ ସଜ୍ଜିତ ବାରଣ୍ଡାଟିର ଅପରୂପ ପରିବେଶରେ ଉପସ୍ଥିତ ଭକ୍ତଗଣ ଶାନ୍ତ ନୀରବରେ ଅବଗାହନ କରୁଥିଲେ । ନୂତନ ଦର୍ଶନାର୍ଥୀଙ୍କ ମଧ୍ୟରେ ଏସ୍. ଦୁରାଇସ୍ୱାମୀ, କପାଳୀ ଶାସ୍ତ୍ରୀ, କେଶରଲାଲ ଦୀକ୍ଷିତ, ଚନ୍ଦ୍ରଶେଖର ଆଇୟା ଏବଂ ନାଗରତ୍ନମ୍ ଉପସ୍ଥିତ ଥିଲେ । ସମୁଦାୟ ୨୭ଜଣ ଉପସ୍ଥିତ ଥିଲେ ।

(*The Life of Sri Aurobindo,* Purani 1978, P. 204)

**ଅପରାହ୍ଣ ୪ଟା ୩୦ ମି. :**

ଉପରୋକ୍ତ ବାରଣ୍ଡାରେ ସମସ୍ତଙ୍କର ଉପସ୍ଥିତିରେ, ଶ୍ରୀଅରବିନ୍ଦ ସବୁଥର ଜନ୍ମଦିନରେ ଯେପରି କିଛି କହିଥା'ନ୍ତି, ତାଙ୍କର ବକ୍ତବ୍ୟ ଆରମ୍ଭ କଲେ :

''ଆମ ଯୋଗର ଲକ୍ଷ୍ୟ ହେଉଛି ଅତିମାନସ ସତ୍ତା, ଅତିମାନସ ଜଗତ୍ ଏବଂ ଅତିମାନସର ଧାରା ଓ ତା'ର ସହଜାତ ଗୁଣଧର୍ମ ସବୁକୁ ଆବିଷ୍କାର କରି ଜୀବନରେ ସେସବୁର ସୁସ୍ପଷ୍ଟ ପରିପ୍ରକାଶ ଘଟାଇବା । କିନ୍ତୁ ଏଥିନିମିତ୍ତ ଆମମାନଙ୍କୁ କେତେକ ସମ୍ଭାବ୍ୟ ଭୁଲ୍‌ଭ୍ରାନ୍ତି ସମ୍ବନ୍ଧେ ଜାଗ୍ରତ୍ ରହି ସତର୍କତା ଅବଲମ୍ବନ କରିବାକୁ ହେବ ।

''କେତେକେ ମନେ ମନେ କଳ୍ପନା ବା ଧାରଣା କରି ନେଇଥା'ନ୍ତି ଯେ 'ଅଣିମା', 'ଗରିମା' ଇତ୍ୟାଦି ଯୋଗଲବ୍ଧ କେତେକ ଐଶ୍ୱର୍ଯ୍ୟ ଲାଭ ଦ୍ୱାରା କିଂବା ଶରୀରର କେତେକ କ୍ରିୟାକଳାପ ଉପରେ କର୍ତ୍ତୃତ୍ୱ ହାସଲ ଏବଂ ରୋଗବ୍ୟାଧି ଆରୋଗ୍ୟ କରିବାର କେତେକ କ୍ଷମତା ଅର୍ଜନ ସଦୃଶ ସିଦ୍ଧିସବୁକୁ ନେଇହିଁ ଅତିମାନସିକ ଭୌତିକ ଶରୀର । କିନ୍ତୁ ଅଧିକାଂଶଙ୍କ କ୍ଷେତ୍ରରେ ଏହିସବୁ ସିଦ୍ଧି ବ୍ୟକ୍ତିର ନିମ୍ନ ଚେତନ (subliminal) ସତ୍ତାରେ ବିଦ୍ୟମାନ ଥାଏ । ସେମାନେ ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ଏହି ଅଂଶ ପ୍ରତି ଉନ୍ମୁକ୍ତ ରହି ସେସବୁ ସିଦ୍ଧି ପ୍ରାପ୍ତ ହୋଇଥା'ନ୍ତି । ଅନେକଙ୍କ କ୍ଷେତ୍ରରେ ଏପରି ଦେଖାଯାଇଛି ଯେ ଅତିମାନସ ଯୋଗ ସମ୍ବନ୍ଧେ ତ ଦୂରର କଥା, ଏପରିକି ଯୋଗ ସମ୍ବନ୍ଧେ ବିନ୍ଦୁବିସର୍ଗ ନଜାଣି ମଧ୍ୟ ସେମାନେ ଏହିସବୁ ସିଦ୍ଧି ପ୍ରାପ୍ତ ହୋଇଥା'ନ୍ତି ।

''ଏମିତି ଏକ ଧାରଣା ବି ରହିଛି ଯେ ଆମର ଏହି ଯୋଗରେ ସାଫଲ୍ୟ ଅର୍ଜନ କରିବା ସକାଶେ ଇତିପୂର୍ବରୁ ଅତୀତରେ ବାର ବାର ଚେଷ୍ଟା କରାଯାଇଛି, ଦିବ୍ୟ-ଆଲୋକ ଏଥିନିମିତ୍ତ ପୃଥିବୀପୃଷ୍ଠକୁ ଅବତରି ଆସିଛି ଏବଂ ପ୍ରତିଥର ପୁନଶ୍ଚ ଅପସରି ଯାଇଛି । କିନ୍ତୁ ଏହା ଠିକ୍ ବୋଲି ମୋର ମନେ ହୁଏ ନାହିଁ । ମୁଁ ମୋ ନିଜ ଅନୁଭୂତିରୁ ଜାଣିଛି ଯେ ପୃଥିବୀପୃଷ୍ଠରେ ଅତିମାନସିକ ଭୌତିକ ଶରୀରର କେବେ ହେଲେ ଅବତରଣ ଘଟି ନାହିଁ; ଏପରି ହୋଇଥିଲେ ତ ଏହା ନିଶ୍ଚିତ ରୂପେ ପୃଥିବୀପୃଷ୍ଠରେ ବିଦ୍ୟମାନ ଥା'ନ୍ତା । ସେଥିପାଇଁ ଆମକୁ ନିଶ୍ଚିତ ରୂପେ ଆମର ପ୍ରଚେଷ୍ଟାରେ ତାଚ୍ଛଲ୍ୟଭାବ ପ୍ରକାଶ କରିବା ନାହିଁ ଏବଂ ଏହାର ପାରଦର୍ଶିତା ନିମିତ୍ତ ଆମ ଉଦ୍ୟମ-ମାର୍ଗରେ କେବେ ବି ଅବାଞ୍ଛନୀୟ ଭାବେ କୌଣସି ବାଧାବିପତ୍ତିକୁ ଡାକି ଆଣିବା ନାହିଁ ।...

''ପୁନଶ୍ଚ, ଏପରି ଏକ ଧାରଣା ରହିଛି ଯେ ଯେହେତୁ ପୃଥିବୀରେ ସବୁକିଛିହିଁ ସେହି 'ଏକମେବା ଅଦ୍ୱିତୀୟମ୍', ତେଣୁ ଆମକୁ ସେଇ ପରମୋଚ୍ଚ ଚେତନାକୁ ଉପଲବ୍ଧି କରିବାକୁ ହେବ ଏବଂ ଆମ ସତ୍ତାର ପ୍ରତିଟି ସ୍ତରରେ ଏହି ଚେତନା ସମ୍ବନ୍ଧେ ଅନୁଭୂତି ଲାଭ କରିବାକୁ ହେବ – ଅର୍ଥାତ୍, ଏହାହିଁ ଆମ ଯୋଗ-ସାଧନାର ଚରମ ଲକ୍ଷ୍ୟ । ଏହି ଧାରଣା ହେଉଛି ଭୁଲ୍ । ଏହି ଧାରଣା ପୋଷଣ କରିବାର ମୂଳ କାରଣ ହେଉଛି ବୈଦାନ୍ତିକ ଭାବଧାରା ପ୍ରତି ଅବିରତ ରହିଥିବା ଆମର ବଦ୍ଧମୂଳ ଧାରଣା । ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ସେହି ପରମୋଚ୍ଚ ଚେତନା ରହିଛି ଏବଂ ଆମକୁ ନିଶ୍ଚିତ ରୂପେ ସେଇଟିର ଉପଲବ୍ଧି କରିବାକୁ ହେବ, କିନ୍ତୁ ଆମେ ସେଇ ଉପଲବ୍ଧିରେ ଅଟକି ରହିଯିବା ନାହିଁ, ଆମକୁ ଆମର ସମଗ୍ର ସତ୍ତାର ରୂପାନ୍ତର ସାଧନ କରିବାକୁ ହେବ ।

''ଏମିତି ଏକ ଧାରଣା ବି ରହିଛି ଯେ ଆମର ଏହି ଯୋଗ ସଜ୍ଞାନ କ୍ରମବିକାଶର ସାଫଲ୍ୟ ସକାଶେ ଏକ ପ୍ରଚେଷ୍ଟା ମାତ୍ର । ଆମର ଏହି ଭୌତିକ ଜଡ଼ ସ୍ତରରେ ଆତ୍ମା ନିବର୍ତ୍ତିତ ହୋଇ ରହିଛି ଏବଂ ଧୀରେ ଧୀରେ ଜଡ଼ ଅର୍ଥାତ୍ ଶରୀର ଏ ସମ୍ବନ୍ଧରେ ସଚେତନ ହେବ ଏବଂ କ୍ରମବିକାଶର ଧାରାରେ ପ୍ରାଣ ଓ ମନସତ୍ତାର ଏଠାରେ ସ୍ୱତଃ ପରିପ୍ରକାଶ ଘଟିବ । ଆମର ପ୍ରଚେଷ୍ଟା କିନ୍ତୁ ମନ ସ୍ତରରୁ ଅତିମାନସ ସ୍ତରକୁ କ୍ରମବିକଶିତ ହୋଇ ଉଠିବା ।...

''ଆମେମାନେ ଆମର ସାଧନା-ପଥରେ ଏହା ବି ଲକ୍ଷ୍ୟ କରିଛୁ ଯେ ଊର୍ଦ୍ଧ୍ୱମୁଖୀ ଆରୋହଣର ଏକ ପ୍ରକ୍ରିୟା ରହିଛି – କିନ୍ତୁ କେବଳ ଆରୋହଣହିଁ ସବୁକିଛି ନୁହେଁ, ଆମେ କେବଳ ଆରୋହଣ କରିହିଁ ନିଶ୍ଚିନ୍ତ ରହିଯିବା ନାହିଁ, – ଅତିମାନସ ଆଲୋକ, ସତ୍ୟ ଏବଂ ସୁସମଞ୍ଜସତା ସଚେତନ ଭାବେ ଆମର ପ୍ରକୃତି ବା ସ୍ୱଭାବକୁ, ଅର୍ଥାତ୍ ଆମର ମନ, ପ୍ରାଣ ଏବଂ ଶରୀରକୁ ପରିଚାଳିତ କରିବା ସକାଶେ ଏବଂ ଏସବୁକୁ ରୂପାନ୍ତରିତ କରିବା ସକାଶେ ପୁନଶ୍ଚ ଆମକୁ ଅବରୋହଣ ମଧ୍ୟ କରିବାକୁ ହେବ । ତେଣୁ ନିମ୍ନରେ ଥିବା ଶକ୍ତିରାଜିର ଊର୍ଦ୍ଧ୍ୱମୁଖୀ କ୍ରମବିକାଶ ଘଟିବ, ଯେଉଁ ସତ୍ୟ-ଚେତନାରୁ ଜଡ଼ ସ୍ତରକୁ ଆତ୍ମାର ଅବତରଣ ଘଟିଛି, ଏବଂ ତା'ପରେ ଆମର ପ୍ରକୃତିରେ ସେହି ସତ୍ୟର ପରିପ୍ରକାଶ ଘଟିବ । କିନ୍ତୁ ଏହା ସମସ୍ତେ କରିପାରିବେ ନାହିଁ ।

''ଏପରି ଏକ ଧାରଣା ରହିଛି ଯେ ପ୍ରତ୍ୟେକ ବ୍ୟକ୍ତି ଆମର ଏହି ସାଧନା କରି ପାରିବେ । କିନ୍ତୁ ଏହା ଆଂଶିକଭାବେ ସତ୍ୟ । ସମସ୍ତଙ୍କୁ ଏହି ଯୋଗ-ସାଧନା କରିବାକୁ କେବେ ହେଲେ ଆହ୍ୱାନ କରାଯାଇ ନାହିଁ । କେବଳ ଏତିକି କୁହାଯାଇପାରେ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଏହି ଯୋଗସାଧନା ନିମିତ୍ତ ପ୍ରଚ୍ଛନ୍ନ ବା ଅନ୍ତର୍ନିହିତ ଭାବରେ ଯୋଗ୍ୟତା ରହିଛି । କିନ୍ତୁ ସେମାନଙ୍କୁ ଏହି ଯୋଗ-ସାଧନା ନିମିତ୍ତ କେତେକ ନିର୍ଦ୍ଦିଷ୍ଟ ପ୍ରସ୍ତୁତି-ପର୍ବ ନିମିତ୍ତ କେବଳ ସାହାଯ୍ୟ କରାଯାଇପାରେ । ସାର୍ବଭୌମ ବିଶାଳ ମାନସିକ ପ୍ରସାରଣ ବା ବିସ୍ତୃତି, ନିମ୍ନ-ପ୍ରାଣର ଗିତିବିଧିସବୁକୁ ପ୍ରତ୍ୟାଖ୍ୟାନ କରିବାରେ ଅତ୍ୟନ୍ତ ଜଟିଳ, ଦୀର୍ଘକାଳବ୍ୟାପୀ ଅସୁବିଧାଜନକ କଷ୍ଟସାଧ୍ୟ ପ୍ରଚେଷ୍ଟା ବା ଅଧ୍ୟବସାୟ ଏବଂ ଏସବୁଠାରୁ ଅଧିକ କଠିନ ଶ୍ରମସାଧ୍ୟ ପ୍ରଚେଷ୍ଟା ହେଉଛି ଶାରୀର ସତ୍ତାରେ ପରିବର୍ତ୍ତନ ଆଣିବା – ଏହିସବୁ ସାଧନା ନିମିତ୍ତ ସମସ୍ତେ ଚେଷ୍ଟା କରି ପାରିବେ ନାହିଁ ।...

''ଆମର ଚୂଡ଼ାନ୍ତ ପରିବର୍ତ୍ତନ ବା ରୂପାନ୍ତରର ସ୍ୱରୂପ କିପରି ହେବ, ସେ ସମ୍ବନ୍ଧେ କିଛି କହିବାକୁ ଏବେ ବି ସମୟ ହୋଇ ନାହିଁ । ଉପଯୁକ୍ତ ସମୟରେ ସେସବୁର ପରିପ୍ରକାଶ ଘଟିବ ।

''ବର୍ତ୍ତମାନ ତୁମ ସମସ୍ତଙ୍କଠାରୁ ଯାହା ଦାବି କରାଯାଉଛି ବା ଯାହା ସକାଶେ ତୁମମାନଙ୍କର ତୀବ୍ର ଆଗ୍ରହ ରହିବା ଉଚିତ, ତା' ହେଉଛି ସେଇ ପରମୋଚ୍ଚ ସତ୍ୟ-ଚେତନା ପ୍ରତି ଅଧିକରୁ ଅଧିକ ଉନ୍ମୁକ୍ତ ହୋଇ ରହିବା, ତେଣିକି ବାକି ସବୁ କିଛି ପରମେଶ୍ୱରଙ୍କ ସଂକଳ୍ପ ଅନୁସାରେ ସ୍ୱତଃ କାର୍ଯ୍ୟକାରୀ ହେବ ।''

**ସନ୍ଧ୍ୟା ୭ଟା :**

ଶ୍ରୀଅରବିନ୍ଦ ନିଜ କକ୍ଷରୁ ବାହାରି ଆସି ବାରଣ୍ଡାରେ ଆସନ ଗ୍ରହଣ ପୂର୍ବକ 'ସାନ୍ଧ୍ୟ-ବୈଠକ'ରେ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଘରୋଇ ଭାବରେ ପ୍ରଶ୍ନ କଲେ : 'ତୁମମାନଙ୍କ ଭିତରୁ କେହି ଚିରାଚରିତ ଧାରା ଅକ୍ଷୁଣ୍ଣ ରଖିବାକୁ ମନସ୍ଥ କରିଛ କି ?'

***ଶିଷ୍ୟ** : କେବଳ ସଙ୍କେତ ଅପେକ୍ଷାରେ ରହିଛୁ ।*

**ଶ୍ରୀଅରବିନ୍ଦ** : ହ୍ୱିସିଲ୍ ବଜାଗଲା । ଏବେ ଆରମ୍ଭ କରିପାର ।

***ଶିଷ୍ୟ** : ଆମେ ଆପଣଙ୍କର ସାଧନା ସମ୍ବନ୍ଧରେ କିଛି ଜାଣିବାକୁ ଚାହୁଁଛୁ ।*

**ଶ୍ରୀଅରବିନ୍ଦ** : (ସହାସ୍ୟରେ, ବଙ୍ଗଳାରେ) ଆମାର୍ ସାଧନା ? ଆମି କି ସାଧନା କରଛି ? (ମୋ ସାଧନା ? ମୁଁ କ'ଣ ସାଧନା କରୁଛି ?) ଅନ୍ୟ କୌଣସି ପ୍ରଶ୍ନ ପଚାରିପାର ।

***ଶିଷ୍ୟ** : ଅଦ୍ୟାବଧି ଭୌତିକ ସ୍ତରରେ ଆପଣଙ୍କର ଅନୁଭୂତିରୁ, ଆପଣ କ'ଣ ମନେ କରନ୍ତି ଯେ ଅତିମାନସକୁ ଭୌତିକ ସ୍ତରକୁ ଅବତରଣ କରାଇ ଆଣିବା କ'ଣ ସମ୍ଭବ ?*

**ଶ୍ରୀଅରବିନ୍ଦ** : କାହିଁକି ସମ୍ଭବ ନୁହେଁ ? ଯଦି ଅସମ୍ଭବ ହୋଇଥା'ନ୍ତା, ତେବେ ମୁଁ କେବେ ବି ଏଥିନିମିତ୍ତ ପ୍ରୟାସ କରି ନଥା'ନ୍ତି । ଯଦି ତୁମେ ତୁମ ପ୍ରଶ୍ନ ଦ୍ୱାରା ଜାଣିବାକୁ ଚାହୁଁଥାଅ, 'ଏଥର ଏବଂ ଅଧୁନା ଏହା ସମ୍ଭବ କି ନୁହେଁ ?', ତା'ହେଲେ ଏହା ସମ୍ପୂର୍ଣ୍ଣ ଭିନ୍ନ କଥା ।

***ଶିଷ୍ୟ** : ଠିକ୍ ଏହି କଥା ମୁଁ ଜାଣିବାକୁ ଚାହୁଁଥିଲି ।*

**ଶ୍ରୀଅରବିନ୍ଦ** : ସବୁକିଛି ନିର୍ଭର କରେ ମୋର ବହିର୍ଭାଗରେ ଥିବା ବସ୍ତୁ ସକଳ ଉପରେ । ଅର୍ଥାତ୍, ଏହା ଲକ୍ଷ୍ୟ

କରିବାକୁ ହେବ ଏଥର ଭୌତିକ ସ୍ତରଟି ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଦିବ୍ୟ-ଆଲୋକ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି କି ନାହିଁ, କାହିଁକି ନା, ଏପରି ଦେଖା ଯାଇଛି ଯେ ଯେତେବେଳେ ଊର୍ଦ୍ଧ୍ୱରୁ ଦିବ୍ୟ-ଆଲୋକର ଅବତରଣ ଘଟିଛି ସେତେବେଳେ ପ୍ରତିଥର ଭୌତିକ ସ୍ତରଟି ପ୍ରସ୍ତୁତ ନଥାଏ ବା ଉପଯୁକ୍ତ ଅବସ୍ଥାରେ ନଥାଏ ।

***ଶିଷ୍ୟ** : ଏଥର ଆପଣ ଏ ବିଷୟରେ ଦୃଢ଼ ନିଶ୍ଚିତ ରୂପେ କହିପାରିବେ କି ଯେ ଏହା ପ୍ରସ୍ତୁତ ?*

**ଶ୍ରୀଅରବିନ୍ଦ** : ମୁଁ କେବେ ବି କହି ନାହିଁ ଏହା ନିଶ୍ଚିତ ।

***ଶିଷ୍ୟ** : ଗତଥର ଆପଣଙ୍କ ଜନ୍ମଦିନରେ ଏହି ସମାନ କଥାଟି ଆପଣଙ୍କୁ ପଚରା ଯାଇଥିଲା ।*

**ଶ୍ରୀଅରବିନ୍ଦ** : ମୁଁ କ'ଣ କହିଥିଲି ?

***ଶିଷ୍ୟ** : ଆପଣ କହିଥିଲେ, 'ଆସନ୍ତା ଅଗଷ୍ଟରେ ମୋତେ ପଚାର ।'*

***ଶିଷ୍ୟ** : ଗତ ବର୍ଷ ଏହି ସମାନ ପରିପ୍ରେକ୍ଷୀରେ ଆପଣ ଏକଥା ବି କହିଥିଲେ, 'ଗତ ବର୍ଷ ଅପେକ୍ଷା ଏ ବର୍ଷ ଏ ସମ୍ବନ୍ଧେ କହିବା ଅଧିକ ସମ୍ଭବପର ।'*

**ଶ୍ରୀଅରବିନ୍ଦ** : ଏହା କିନ୍ତୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କଥା । ମୁଁ ପ୍ରଥମ କଥାଟି କେବେ ବି କହି ନଥିବି (ଅର୍ଥାତ୍ ଦୃଢ଼ ନିଶ୍ଚିତ) ।

ମୁଁ ଏବେ ସେହି ସମାନ କଥା କହିପାରେ, 'ଗତ ବର୍ଷ ଅପେକ୍ଷା ଏ ବର୍ଷ ଏ ସମ୍ବନ୍ଧେ କହିବା ଅଧିକ ସମ୍ଭବପର ।'

(ଶ୍ରୀଅରବିନ୍ଦ କୌଶଳ କରି ଉତ୍ତର ପରିହାର କରିବା ଦେଖି ସମସ୍ତେ ହସି ଉଠିଲେ ।)

**ଶ୍ରୀଅରବିନ୍ଦ** : ମୁଁ ଥଟ୍ଟା କରୁ ନାହିଁ । ଭୌତିକ ସ୍ତରରେ ଦିବ୍ୟଶକ୍ତିର ଅବତରଣ ଓ କ୍ରିୟା ଏବେ ବେଶ୍ ଚାଲିଛି, ଯାହାକି ଇତିପୂର୍ବରୁ ନଥିଲା । ଏବେ ଦିବ୍ୟଶକ୍ତି ଭୌତିକ ସ୍ତରରେ ଅଧିକ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଛି ।

***ଶିଷ୍ୟ** : ତା'ହେଲେ ଆପଣ ଏ ବିଷୟରେ ଦୃଢ଼ ନିଶ୍ଚିତ ହୋଇପାରିବେ ନାହିଁ କାହିଁକି ?*

**ଶ୍ରୀଅରବିନ୍ଦ** : ମୋଠାରୁ ନିଶ୍ଚିତତା ନଚାହିଁ ତୁମେ ନିଜେ ନିଶ୍ଚିତ ହୋଇପାର, ତୁମେ ନିଜେ ଏ ସମ୍ବନ୍ଧେ ଜାଣିପାର, ଅନୁଭବ କରିପାର ।

***ଶିଷ୍ୟ** : ଯଦି ମୁଁ ଜାଣି ପାରୁଥା'ନ୍ତି ବା ଅନୁଭବ କରି ପାରୁଥା'ନ୍ତି, ତେବେ ମୁଁ ଆପଣଙ୍କୁ ପ୍ରଶ୍ନ ପଚାରି ନଥା'ନ୍ତି ।*

**ଶ୍ରୀଅରବିନ୍ଦ** : ତା'ହେଲେ, ତୁମେ କ'ଣ ପୂରା ଗୁରୁଦାୟିତ୍ୱଟି କେବଳ ମୋରି ଉପରେ ଲଦି ଦେଇ କାଇଦା କରି ନିଜର ଦାୟିତ୍ୱରୁ ଖସି ପଳାଇବାକୁ ଚାହୁଁଛ ?

***ଶିଷ୍ୟ** : ଯଦି ଆପଣ ଏମିତି କହି ମୋତେ ଗୋଟିଏ କୋଣକୁ ଠେଲି ଦେବାକୁ ଚାହାନ୍ତି, ତେବେ ମୋର କିଛି କହିବାର ନାହିଁ ।*

**ଶ୍ରୀଅରବିନ୍ଦ** : ତା'ହେଲେ ତୁମେମାନେ ମୋ'ଠୁ ବିଷୟଟି ଉପରେ ଏକ ପ୍ରୀତିମଧୁର ମିଥ୍ୟା ବର୍ଣ୍ଣନା ନୁହେଁ, ଯଥାର୍ଥ ସତ୍ୟ ଜାଣିବାକୁ ଚାହୁଁଛ । ଠିକ୍ ଅଛି ।

ମୋର ଅନୁମାନ, ଗତ ଦୁଇ ଦିନ ଧରି ମୁଁ ଅତ୍ୟନ୍ତ ତୀବ୍ର ଭାବରେ ଏହା ଅନୁଭବ କରୁଥିବାରୁ, ମୁଁ ଉପରୋକ୍ତ କଥାଟି ପୁନରାବୃତ୍ତି କରି କହିଲି, ଥଟ୍ଟା କରି ନୁହେଁ । ଏହା ଏକ ବ୍ୟକ୍ତିଗତ ପ୍ରଶ୍ନ ନୁହେଁ; ସାର୍ବଜନୀନ, ସାଧାରଣ ପରିବେଶ ସମ୍ବନ୍ଧରେ କହୁଛି । ମୁଁ ଲକ୍ଷ୍ୟ କରୁଛି ଯେ ଊର୍ଦ୍ଧ୍ୱରୁ ଦିବ୍ୟ-ଆଲୋକ ଓ ଦିବ୍ୟଶକ୍ତି ଯେତେ ଅଧିକରୁ ଅଧିକ ପୃଥିବୀ ବାତାବରଣ ମଧ୍ୟକୁ ଅବତରଣ କରୁଛି, ସେତେ ଅଧିକରୁ ଅଧିକ ପ୍ରତିରୋଧ ଶକ୍ତି ମଧ୍ୟ ନିମ୍ନରୁ ଉପରକୁ ଉଠିଆସୁଛି । ତୁମେମାନେ ନିଜେ ଏ ସମ୍ବନ୍ଧେ ସଚେତନ ରହିଲେ ନିଶ୍ଚିତରୂପେ ହୃଦୟଙ୍ଗମ କରିପାରିବ ଯେ ଊର୍ଦ୍ଧ୍ୱରୁ କିଛି ଗୋଟିଏ ଚାପ ଆମ ଉପରକୁ ଆସୁଛି ଏବଂ ଏକଥା ବି ତୁମେମାନେ ହୃଦୟଙ୍ଗମ କରିପାରିବ ଯେ ଭୟାନକ ଭାବରେ ପ୍ରବଳ ପ୍ରତିରୋଧ ମଧ୍ୟ ଆମ ଭିତରୁ ଉଠି ଆସୁଛି ।

***ଶିଷ୍ୟ** : ଏଥର ଏହା ଏକ ନୂତନ ଅବସ୍ଥା ।*

***ଶିଷ୍ୟ** : ଆଦୌ ନୂତନ ନୁହେଁ । ଏଥର ଏ ସମ୍ବନ୍ଧେ ସୁସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଛି ।*

**ଶ୍ରୀଅରବିନ୍ଦ** : ଏବେ ଆମେ ସମସ୍ତେ ନିମ୍ନ ପ୍ରାଣ ଓ ଶାରୀରିକ ସ୍ତରକୁ ଓହ୍ଲାଇ ଆସିଛୁ, ଯେଉଁଠି ସଂଘର୍ଷଟି ଅତ୍ୟନ୍ତ ତୀବ୍ର । ମୁଁ ସେହି ସ୍ତରରୁହିଁ ଏସବୁ କଥା କହୁଛି, କୌଣସି ଉଚ୍ଚତର ସ୍ଥିତିରୁ ନୁହେଁ ।...

ମୁଁ ଏକ ସଂସାରତ୍ୟାଗୀ ଯୋଗ-ସାଧନା କରୁ ନାହିଁ ।... ଏକଥା ବି ସତ୍ୟ ମୋ ଯୋଗ ମାନବଜାତି ସକାଶେ ବି ନୁହେଁ; ଏହା ମୋ ନିଜ ସକାଶେ ବି ନୁହେଁ । କିନ୍ତୁ ନିଃସନ୍ଦେହରେ ମୋର ସିଦ୍ଧିଲାଭ ହେଉଛି ଅନ୍ୟମାନଙ୍କର ସିଦ୍ଧିଲାଭ କରିପାରିବା ସକାଶେ ଏକ ପ୍ରାରମ୍ଭିକ ଅବସ୍ଥା । ଯଦି ମୁଁ ମୋ ନିଜର ମୁକ୍ତି ବା ପୂର୍ଣ୍ଣତା ସକାଶେ ଲକ୍ଷ୍ୟ ରଖି

ଯୋଗ ସାଧନା କରୁଥା'ନ୍ତି, ତେବେ କେବେଠୁ ମୋ ସାଧନାର ସମାପ୍ତି ଘଟିଥା'ନ୍ତା ।

*

***ଶିଷ୍ୟ** : ତା'ହେଲେ ଆପଣ ଏକଥା କହିବାକୁ ଚାହୁଁଛନ୍ତି କି ଶାରୀରିକ ସ୍ତରରେ ଅତିମାନସକୁ ଅବତରଣ ଘଟାଇବା ସକାଶେ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଏକାନ୍ତ ପ୍ରୟୋଜନ ।*

**ଶ୍ରୀଅରବିନ୍ଦ** : ବାସ୍, ସେଇଟି ହେଉଛି ସମଗ୍ର ପ୍ରଚେଷ୍ଟା । ଯଦି ତୁମେମାନେ ଏଥର ଏହି ସିଦ୍ଧିଲାଭ ହେବ ବୋଲି ବିଶ୍ୱାସ କରୁଛ, ତେବେ ଏଥି ନିମିତ୍ତ ଯଥାର୍ଥ ପରିବେଶ ସୃଷ୍ଟି କରିବାରେ ନିଶ୍ଚିତ ରୂପେ ଆପ୍ରାଣ ସାହାଯ୍ୟ କରିବା ଉଚିତ ।

(ନିଜକୁ ଦେଖାଇ) ଏଇଠି ହେଉଛି କେନ୍ଦ୍ରସ୍ଥଳ । ଏଇଠୁ ସାହାଯ୍ୟ ନେଇପାର । କିନ୍ତୁ ଏଥିରେ କୃତକାର୍ଯ୍ୟ ହେବାକୁ ହେଲେ ଆମ ସମସ୍ତଙ୍କୁ ସାମୂହିକ ଭାବରେ ଗୋଷ୍ଠୀବଦ୍ଧ ହୋଇ ପ୍ରଯତ୍ନ କରିବାକୁ ହେବ । ଯଦି ତୁମେମାନେ ବିରୋଧୀ ଇଙ୍ଗିତ ବା ସଂକେତସବୁ ପ୍ରତି ଦ୍ୱାର ଉନ୍ମୁକ୍ତ ରଖ, ତେବେ ତୁମେମାନେ ତୁମ ନିଜର ଅଗ୍ରଗତିରେ ତ ବାଧା ବା ବିଳମ୍ବ ଘଟାଇବ ଏବଂ ତା' ସାଙ୍ଗକୁ ସାମୂହିକ ଅଗ୍ରଗତିରେ ମଧ୍ୟ ବାଧା ବା ବିଳମ୍ବ ସୃଷ୍ଟି କରିବ ।

***ଶିଷ୍ୟ** : ଶାରୀରିକ ସ୍ତରରେ ଏହି ପ୍ରତିରୋଧକୁ ହ୍ରାସ କରିବା ସକାଶେ କ'ଣ କରାଯିବା ଉଚିତ ?*

**ଶ୍ରୀଅରବିନ୍ଦ** : ପରମୋଚ୍ଚ ସତ୍ୟର ପରିପ୍ରକାଶ ନିମିତ୍ତ ତୁମମାନଙ୍କର ଏକ ସାମଗ୍ରିକ ଆସ୍ପୃହା ରହିବା ଉଚିତ । ଏହା ନିଶ୍ଚିତ ରୂପେ ସତ୍ୟ ଯେ ସାଧନା କ୍ଷେତ୍ରରେ ଏପରି ମୁହୂର୍ତ୍ତସବୁ ଆସେ ଯେତେବେଳେ ମନ ଅବସାଦଗ୍ରସ୍ତ ହୋଇଉଠେ ଏବଂ ଉଚ୍ଚତର ଦିବ୍ୟ-ଉପସ୍ଥିତି ମଧ୍ୟ ଅନ୍ତରାଳକୁ ଅପସରିଯା'ନ୍ତି — ଜ୍ଞାନାଲୋକ ମଧ୍ୟ ହୀନପ୍ରଭ, ଅସ୍ପଷ୍ଟ ହୋଇଉଠେ । ଏହିସବୁ ଅବସ୍ଥାରେ ଆସ୍ପୃହା ଓ ବିଶ୍ୱାସହିଁ ଯାହାକୁ ଶ୍ରୀରାମକୃଷ୍ଣ କହିଛନ୍ତି 'ଅନ୍ଧ ବିଶ୍ୱାସ'— ଆମର ଏକମାତ୍ର ସହାୟ, ଅବଲମ୍ବନ ।... ଅତିମାନସକୁ ଅବତରଣ କରାଇବାକୁ ହେଲେ ବିଶ୍ୱାସହିଁ ଏକାନ୍ତ ପ୍ରୟୋଜନ । ଯଦି ମୁହୂର୍ତ୍ତକ ସକାଶେ ମୁଁ ଅବିଶ୍ୱାସୀ ହୋଇ ଉଠିଥା'ନ୍ତି, ତେବେ କେବେଠୁ ମୁଁ ମୋର ଉଦ୍ୟମ ଛାଡ଼ି ଦେଇଥା'ନ୍ତି ।

*

***ଶିଷ୍ୟ** : ଅତିମାନସ ଅବତରଣ ନିମିତ୍ତ ବର୍ତ୍ତମାନ ଜାଗତିକ ଅବସ୍ଥାସବୁ ଅତୀତଠାରୁ କିପରି ଅଧିକ ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି, ଅର୍ଥାତ୍ ଅଧିକ ପ୍ରସ୍ତୁତ ହୋଇ ଉଠିଛନ୍ତି ?*

**ଶ୍ରୀଅରବିନ୍ଦ** : ପ୍ରଥମତଃ, ଭୌତିକ ଜଗତର ଜ୍ଞାନଭଣ୍ଡାର ଏବେ ଏତେ ପରିମାଣରେ ଉନ୍ନତ, ବିକଶିତ ଓ ବୃଦ୍ଧିପ୍ରାପ୍ତ ହୋଇଉଠୁଛି ଯେ ଏହାର ନିଜସ୍ୱ ପରିସରସବୁ ସଂପୂର୍ଣ୍ଣରୂପେ ଧ୍ୱଂସ ହୋଇଯିବାର କିନାରାରେ ଉପନୀତ ହୋଇଛି ।

ଦ୍ୱିତୀୟତଃ, ବର୍ତ୍ତମାନ ସମଗ୍ର ଜଗତବ୍ୟାପୀ ମଣିଷର ବାହ୍ୟ ଓ ଆନ୍ତର ମାନସିକ ସ୍ତର, ବାହ୍ୟ ଓ ଆନ୍ତର ପ୍ରାଣିକ ସ୍ତର ଏବଂ ଏପରିକି ବାହ୍ୟ ଓ ଆନ୍ତର ଶାରୀରିକ ସ୍ତର ମଧ୍ୟରେ ଥିବା ଆଚ୍ଛାଦନଟି ସଂପୂର୍ଣ୍ଣରୂପେ ଧୂଳିସାତ୍ ହୋଇଯିବାକୁ ଆରମ୍ଭ କରିଛି, ଏଥି ନିମିତ୍ତ ଜଗଦ୍‌ବ୍ୟାପୀ ଏକ ଉଦ୍ୟମ ଆରମ୍ଭ ହୋଇଛି । ମାନବସମାଜ ଏବେ ଅଧିକ 'ଚୈତ୍ୟିକ' ହୋଇଉଠୁଛି ।

ତୃତୀୟତଃ, ବର୍ତ୍ତମାନ ମଣିଷର ପ୍ରାଣିକ ସତ୍ତା ଅଧିକରୁ ଅଧିକ ତା'ର ଶାରୀରିକ ସତ୍ତା ଉପରେ ଦୃଢ଼ରୂପେ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ସକାଶେ ଚେଷ୍ଟା ଚଳାଉଛି, ଯାହାକି ଇତିପୂର୍ବରୁ ସେ କେବେବି କରି ନଥିଲା । ସର୍ବଦା ଏହା ଦେଖାଯାଉଛି ଯେ ଯେତେବେଳେ ଊର୍ଦ୍ଧ୍ୱତର ଦିବ୍ୟ-ସତ୍ୟ ପୃଥିବୀକୁ ଅବତରି ଆସିଛି ସେତେବେଳେ ଏହା ବିରୋଧୀ ପ୍ରାଣିକ ଜଗତକୁ ନିମ୍ନରୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରିଦେଇଛି । ତେଣୁ ଏବେ ଯାବତୀୟ ଅସ୍ୱାଭାବିକ ପ୍ରାଣିକ ଗତିବିଧିର ଅଭିବ୍ୟକ୍ତି ଘଟୁଛି । ଯେପରିକି, ଅଧିକ ସଂଖ୍ୟକ ବ୍ୟକ୍ତିଙ୍କର ମାନସିକ ବିକୃତି ଘଟି ପାଗଳ ସଦୃଶ ବ୍ୟବହାର କରୁଛନ୍ତି, ଏବଂ ଘୂର୍ଣ୍ଣିବାତ୍ୟା, ଭୂମିକମ୍ପ ଇତ୍ୟାଦି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ବା ଦୁର୍ବିପାକ ଘଟିଚାଲିଛି । ପୁନଶ୍ଚ ଏହା ସାଙ୍ଗକୁ ଏବେ ଉଡ଼ାଜାହାଜ, ରେଳରାସ୍ତା, ବେତାର ବାର୍ତ୍ତା ଇତ୍ୟାଦି ଆଧୁନିକ ବୈଜ୍ଞାନିକ ଆବିଷ୍କାର ସବୁ ଦ୍ୱାରା ସମଗ୍ର ପୃଥିବୀ ଅଧିକରୁ ଅଧିକ ମିଳିତ କାର୍ଯ୍ୟକ୍ରମ ସକାଶେ ଏକତ୍ର ହୋଇ ଉଠୁଛନ୍ତି । ଏଇ ଧରଣର ଏକତ୍ରୀଭୂତ ହେଉଛି ଊର୍ଦ୍ଧ୍ୱତର ଦିବ୍ୟ-ସତ୍ୟକୁ ଏଠାରେ ଅବତରଣ କରାଇବା ସକାଶେ ଏକ ଅନୁକୂଳ ଅବସ୍ଥା ଏବଂ ଏହା ସାଙ୍ଗକୁ ଆମ ସକାଶେ ଏକ ପ୍ରତିବନ୍ଧକ ମଧ୍ୟ । (ଅର୍ଥାତ୍, ଯଦି ମିଳିତ ବିରୋଧିଶକ୍ତିଙ୍କର ପ୍ରତିବନ୍ଧକ ସୃଷ୍ଟି-କ୍ରିୟା ଆରମ୍ଭ ହୁଏ ।)

ଚତୁର୍ଥତଃ, ବିଶାଳ ଜନସମାଜ ମଧ୍ୟରେ ପ୍ରଚଣ୍ଡଭାବରେ ପ୍ରାଣିକ ପ୍ରଭାବ ବିସ୍ତାର କରି ପାରୁଥିବା ବ୍ୟକ୍ତି ବିଶେଷଙ୍କର ଉତ୍ଥାନ ବୃଦ୍ଧି ପାଇବାରେ ଲାଗିଛି ।

ତେଣୁ ଏଇ ଧରଣର କେତେକ ଅବସ୍ଥାର ନିଦର୍ଶନ ହେଉଛି ହୁଏତ ବର୍ତ୍ତମାନ ସକାଶେ ଜାଗତିକ ପରିବେଶ ଅଧିକ ପ୍ରସ୍ତୁତ ରହିଛି । ଯଦିଓ ଅତୀତରେ ହୋଇଥିବା ପ୍ରୟାସସବୁରେ ପୃଥିବୀର ଅବସ୍ଥା କିପରି ହୋଇ ଉଠିଥିଲା, ସେସମ୍ବନ୍ଧେ ଆମେ କିଛି ବି ଜାଣି ନାହୁଁ, କିନ୍ତୁ ଯେତେଦୂର ଆମେ ଲକ୍ଷ୍ୟ କରି ପାରୁଛୁ ଯେ ଏବେ ଏମିତି ସବୁ ଅଭିନବ ଅବସ୍ଥାର ଅଭ୍ୟୁଦୟ ହେଉଛି ବା ହେବାକୁ ଆରମ୍ଭ କରିଛି ଯାହାକି ଏବେକାର ପ୍ରୟାସ ନିଶ୍ଚିତରୂପେ ନିର୍ବିଘ୍ନରେ କୃତକାର୍ଯ୍ୟ ହେବାର ସ୍ୱୀକୃତିର ସୂଚନା ଦେଉଛି ।...

***ଶିଷ୍ୟ** : ମୁଁ ଗୋଟିଏ ପ୍ରଶ୍ନ ପଚାରିବି ।*

**ଶ୍ରୀଅରବିନ୍ଦ** : ଏବେ ସମୟ ହୋଇଯାଇଛି, ଆଉ ଦିନେ ପଚାରିବ ।

(*Evening Talks with Sri Aurobindo*, pp. 516 - 25)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ତୁମେ ମୋତେ ଚିହ୍ନା ଦିଅ

## ରଜନୀକାନ୍ତ ମିଶ୍ର

ତୁମକୁ ତ ଚିହ୍ନି ପାରିବିନି ମାଆ
ତୁମେ ମୋତେ ଚିହ୍ନା ଦିଅ
ତୁମକୁ ତ ଧରି ପାରିବିନି ମାଆ
ତୁମେ ମୋତେ ଧରି ନିଅ ।୦।

କୋଟିଏ ବିଶ୍ୱର ଅନ୍ତର ବାହାର
ଗଢ଼ିଛ ପୁଣି ରହୁଛ
ଅନନ୍ତ-ଚେତନା ସାଗର ଫେଇଛ
ପୁଣି ସେସବୁ ହୋଇଛ,
ଛୋଟ ମୋ ହୃଦୟ ବୁଝିକି ପାରିବ
ଆପେ ଆସି ବସି ଯାଅ ।୧।

ଆଖିକି ଦିଶିବ ଅରୂପ ସ୍ୱରୂପ
ସେଥିପାଇଁ ଆସିଥିଲ
ମନ କି ଜାଣିବ ତୁମେ କି ଦରବ
ସେଥିପାଇଁ ବୁଝାଇଲ,
ମରତ କି ଜାଣେ ଅମରତ୍ୱ ସ୍ୱାଦ
ବାରବାର କହିଦିଅ ।୨।

ଏତେ କଷଣରେ ବୁଝାଇଥିଲ ଯା'
ସବୁ ପାସୋରି ଗଲାଣି
ପରମ ହୋଇ ବି କରମ ଯେ କଲ
ସବୁ ଲିଭି ଆସିଲାଣି,
ଚରମ ରୂପେ ମା ଆସି ଆଉ ଥରେ
ସବୁ ହୃଦେ ଭରି ଦିଅ ।୩।



ଚେତନାକୁ ଜାଗରିତ ରଖିବା ନିମନ୍ତେ ତୁମେ ପ୍ରତ୍ୟେକ ଦିନ କିଛି ସମୟ ଏକାଗ୍ରତା ଏବଂ ଶ୍ରୀମାଙ୍କୁ ସ୍ମରଣ ଏବଂ ଆମ ସହ ତୁମର ସଂଯୋଗରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ରଖିବା ଚାହି ।

— ଶ୍ରୀଅରବିନ୍ଦ

ନୂତନ ବିକ୍ରମ-ବେତାଳ କାହାଣୀ :

# ବିଶ୍ୱାସ : ଘୋଷଣା ଓ ବାସ୍ତବତା

ନିଶା ଗରଜୁ ଥାଏ । ଆକାଶ ଓ ଧରାବ୍ୟାପ୍ତ ଅନ୍ଧକାର ବିଦୀର୍ଣ୍ଣ କରି ଝଟକୁ ଥାଏ ଘନ ଘନ ବିଜୁଳି । ତୁହାକୁ ତୁହା ବର୍ଷା ସମେତ ଶୀତଳ ପବନ ଯେକୌଣସି ମଣିଷର ଅସ୍ଥିମଜ୍ଜା ଥରାଇଦେବ ।

କିନ୍ତୁ ସେ ଦୁର୍ଯୋଗମୟ ପରିସ୍ଥିତି ପ୍ରତି ଭ୍ରୁକ୍ଷେପ ନକରି ରାଜା ବିକ୍ରମ ବୃକ୍ଷାରୋହଣ କରି ବୃକ୍ଷ ଡାଳରୁ ମୃତ ଦେହଟିକୁ ଉତାରି ଆଣିଲେ । କିନ୍ତୁ ତାକୁ କାନ୍ଧରେ ପକାଇ ଅଗ୍ରସର ହେବାକୁ ଆରମ୍ଭ କରିବା ମାତ୍ରେ ଶବସ୍ଥିତ ବେତାଳ କହିଲା, ''ହେ ରାଜନ ! ତୁମକୁ ଗୋଟାଏ ଘଟଣା କହୁଛି । ମନ ଦେଇ ଶୁଣ । ଶୁଣିଲେ ଶ୍ରମଭାର ଲାଘବ ହେବ :

ବହୁଦିନ ତଳର କଥା । ଦଣ୍ଡକାରଣ୍ୟର ଏକ ପ୍ରାନ୍ତରେ, ଭଦ୍ରାସନ ପର୍ବତର ପାଦ ଦେଶରେ ମାଲ୍ୟଦେବ ନାମକ ଜଣେ ତପସ୍ୱୀ ବାସ କରୁଥିଲେ । ଉଭୟ ଯୋଗ ଏବଂ ତନ୍ତ୍ରରେ ସେ ଅସାଧାରଣ ସିଦ୍ଧି ଲାଭ କରିଥିଲେ । ସେ ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ ଏବଂ ନିଜେ ଆୟତ୍ତ କରିଥିବା ବିଭୂତି ସମ୍ପର୍କରେ କାହାକୁ ଜଣାଉ ନଥିଲେ ।

କିନ୍ତୁ ଅରଣ୍ୟ ଭିତରକୁ ଆସୁଥିବା କାଠୁରିଆ, ଫଳମୂଳ ସଂଗ୍ରହକାରୀ ତଥା ଅରଣ୍ୟ ଉପକଣ୍ଠବର୍ତ୍ତୀ ପଲ୍ଲିବାସୀମାନେ ତାଙ୍କ ବ୍ୟକ୍ତିତ୍ୱରେ, ତାଙ୍କ କରୁଣାପୂର୍ଣ୍ଣ ଦୃଷ୍ଟି ଓ ସ୍ମିତହସରେ ଆକର୍ଷିତ ହୋଇ ତାଙ୍କୁ ନାନା ପ୍ରକାରେ ସେବା କରିବାକୁ ଲାଗିଲେ । ସେମାନଙ୍କ ଭିତରେ କେହି କେହି କୌଣସି ରୋଗବ୍ୟାଧିର ଶିକାର ହେଲେ ତପସ୍ୱୀ ନିଜ ବିଭୂତି ବଳରେ ସେମାନଙ୍କୁ ନିରାମୟ କରି ଦେଉଥା'ନ୍ତି । ଫଳରେ ଲୋକେ ତାଙ୍କୁ ବିଶେଷ ସମ୍ମାନ କଲେ ।

ଥରେ ସେ ମୁଲକରେ ବର୍ଷା ଋତୁରେ ମେଘ ଟୋପାଏ ମଧ ବରଷିଲା ନାହିଁ । ପରବର୍ଷ ମଧ୍ୟ ଅବସ୍ଥାରେ ପରିବର୍ତ୍ତନ ହେବାର ସୂଚନା ନମିଳିବାରୁ ଲୋକେ ଆତଙ୍କିତ ହେଲେ । ପାଖାପାଖି ଥିବା ଦଶଗୋଟି ଗାଁର ମୁଖିଆମାନେ ଆସି ମାଲ୍ୟଦେବଙ୍କୁ ପ୍ରଣାମ କରି ସେମାନଙ୍କ ଆତଙ୍କର ହେତୁ ଜଣାଇଲେ । ସେମାନଙ୍କ ଧାରଣା ତପସ୍ୱୀ ସଂକଳ୍ପ କଲେ ଆସନ୍ନ ମରୁଡ଼ିରୁ ସେମାନେ ବର୍ତ୍ତିଯିବେ ।

''କିଛି ଯାଗ ଯଜ୍ଞ କରିବା ଆବଶ୍ୟକ ହେଲେ କୁହନ୍ତୁ'', ସେମାନେ କହିଲେ ।

ତପସ୍ୱୀ ନୟନ ମୁଦ୍ରିତ କରି ନିରବ ରହିଲେ । କିଛି ସମୟ ପରେ ସେ କହିଲେ, ''ମୋତେ ଯାହା ଜଣା, ପ୍ରକୃତିର ଆଚରଣ ପରିବର୍ତ୍ତନ କରିବା ନିମନ୍ତେ ସ୍ଥୂଳ ଯାଗଯଜ୍ଞ ଯଥେଷ୍ଟ ନୁହେଁ; ସେ ପାଇଁ ଆବଶ୍ୟକ ଆମମାନଙ୍କ ଚେତନାରେ ଯଜ୍ଞାନୁଷ୍ଠାନ ।''

ଗ୍ରାମନେତାମାନେ ବଲ ବଲ ଅନାଇ ରହିଲେ । ତପସ୍ୱୀ ବୁଝାଇଲେ, ''ଯଜ୍ଞର ଶିଖା ଯେପରି ଉର୍ଦ୍ଧ୍ୱକୁ ଯାଏ, ଆମମାନଙ୍କ ଚେତନାରେ ଭଗବାନଙ୍କୁ ପ୍ରାର୍ଥନା ସେମିତି ତୀବ୍ର ଓ ଜୀବନ୍ତ ଭାବରେ ଉର୍ଦ୍ଧ୍ୱମୁଖୀ ହେବା ଆବଶ୍ୟକ । ସେଥିରେ ଗଭୀର ବିଶ୍ୱାସ ଥିବ ଯେ ଆମ ପ୍ରାର୍ଥନା ଫଳବତୀ ହେବ ।''

''ଆଜ୍ଞା, ଭଗବାନଙ୍କ ଉପରେ ଆମର ଯେତିକି ବିଶ୍ୱାସ, ଆପଣଙ୍କ ଉପରେ ମଧ ସେତିକି ବିଶ୍ୱାସ । ଆମ ବିଶ୍ୱାସରେ ତିଳେ ମଧ ତ୍ରୁଟି ନାହିଁ !'' ଗ୍ରାମନେତାମାନେ ଦୃଢ଼ କଣ୍ଠରେ କହିଲେ ।

''ସତେ ? ତେବେ ବର୍ଷା ଅନିବାର୍ଯ୍ୟ ଭାବରେ ହେବ । ତୁମମାନଙ୍କ କଥା ଯଦି ସତ୍ୟ ହୋଇଥିବ, ତେବେ ବରଂ ମୁଷଳଧାରାରେ ବର୍ଷା ହେବ । ଉତ୍ତମ । ଯେଉଁସବୁ ଗ୍ରାମବାସୀମାନେ ସେମାନଙ୍କ ଆନ୍ତରିକ ପ୍ରାର୍ଥନା ପ୍ରକୃତି-ମାତା ଶୁଣିବେ ଏବଂ ତାଙ୍କ କରୁଣାରୁ ବର୍ଷା ନିଶ୍ଚୟ ହେବ ବୋଲି ବିଶ୍ୱାସ କରୁଛନ୍ତି, ସେମାନେ ଆଗାମୀ କାଲି ଅପରାହ୍ଣରେ ଆମର ଏ ପାହାଡ଼ଟି ତଳେ ଆସି ଏକତ୍ର ହୁଅନ୍ତୁ । ଯଜ୍ଞ କରିବା ଏବଂ ବର୍ଷା ଅବଶ୍ୟ ହେବ ।'' ତପସ୍ୱୀ କହିଲେ ।

ପରଦିନ ଶତାଧିକ ଲୋକ ଆସି ପାହାଡ଼ ପାଦ ଦେଶରେ ଏକତ୍ର ହେଲେ ।

ତପସ୍ୱୀ ସେମାନଙ୍କ ଉପରୁ ଥରେ ଆଖି ବୁଲାଇ ଆଣି ପ୍ରଶ୍ନ କଲେ, ''ତୁମେମାନେ ତୁମ ପ୍ରାର୍ଥନା ଫଳରେ ନିଶ୍ଚୟ ବର୍ଷା ହେବ, ଏହି ବିଶ୍ୱାସ ପୋଷଣ କରୁଛ ?''

''ଆଜ୍ଞା ହଁ ! ଆମ ପ୍ରାର୍ଥନା ଯୋଗେ ନିଶ୍ଚୟ ବର୍ଷା ହେବ ବୋଲି ଆମେ ବିଶ୍ୱାସ କରୁଛୁ !'' ଗ୍ରାମନେତାମାନଙ୍କ ମୁଖପାତ୍ର କହିଲେ ।

ତପସ୍ୱୀ ଯଜ୍ଞ ପ୍ରଜ୍ୱଳନ କଲେ ଓ ଧ୍ୟାନସ୍ଥ ହେଲେ । ଚାହୁଁ ଚାହୁଁ ମେଘ ଘୋଟି ଆସିଲା । କିନ୍ତୁ ସନ୍ଧ୍ୟା ହେବା ସତ୍ତ୍ୱେ ବର୍ଷା ହେଲା ନାହିଁ । ମେଘ ପୁଣି ଅପସରି ଗଲା ।

''ଶୁଣ ବାବୁମାନେ, ତୁମ ପ୍ରାର୍ଥନାରେ ବର୍ଷା ଅବଶ୍ୟ ହେବ – ତୁମେମାନେ ଜଣେ ମଧ୍ୟ ସେ ବିଶ୍ୱାସ ପୋଷଣ କରୁନାହଁ । ମୁଁ ଦୁଃଖିତ ।'' ତପସ୍ୱୀ କହିଲେ ।

''ଆଜ୍ଞା, ଆପଣ ଏମିତି କେମିତି କହୁଛନ୍ତି ?'' ଗ୍ରାମନେତାମାନେ ମୃଦୁ ପ୍ରତିବାଦ କଲେ ।

''କେମିତି କହୁଛି, ସେ ପ୍ରଶ୍ନର ଉତ୍ତର ନିଜେ ନିଜେ ଖୋଜି ବାହାର କର । ବାହାର କରି ପାରିଲେ ହୁଏତ ସାମାନ୍ୟ ସଚେତନ ହେବ । ସେତେବେଳକୁ ଦେଖାଯିବ । ଯାଅ ।'' ତପସ୍ୱୀ କହିଲେ ।

ଲୋକେ ଅଗତ୍ୟା ଫେରିଗଲେ ।

ବେତାଳ ତା' ବକ୍ତବ୍ୟ ଏହିଠାରେ ଶେଷ କରି କଣ୍ଠସ୍ୱର ତୀବ୍ର କରି ପ୍ରଶ୍ନ କଲା, ''ରାଜା ! ଲୋକେ ଯଦି ସେମାନଙ୍କ ପ୍ରାର୍ଥନା ବଳରେ ବର୍ଷା ହେବ ବୋଲି ବିଶ୍ୱାସ କରୁ ନଥିଲେ, ତେବେ ମେଘ ଘୋଟି ଆସିଲା କିପରି ? କେଉଁ ପ୍ରମାଣକୁ ଭିତ୍ତି କରି ତପସ୍ୱୀ ମାଲ୍ୟଦେବ କହିଲେ ଯେ ସେମାନଙ୍କ ଭିତରୁ ଜଣେ ମଧ୍ୟ ଆବଶ୍ୟକ ବିଶ୍ୱାସ ପୋଷଣ କରୁ ନଥିଲେ ? ରାଜା ! ପାରିଲେ ଉତ୍ତର ଦିଅ । ଉତ୍ତର ଜଣାଥିବା ସତ୍ତ୍ୱେ ଯଦି ନିରୁତ୍ତର ରହିବ, ତେବେ ତୁମ ଶିର ହେବ ସ୍କନ୍ଧଚ୍ୟୁତ ।''

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ଉତ୍ତର ଦେଲେ ରାଜା ବିକ୍ରମ : ''ତପସ୍ୱୀଙ୍କ ପ୍ରାର୍ଥନା ବଳରେ ମେଘ ଘୋଟି ଆସିଲା ସିନା, କିନ୍ତୁ ବର୍ଷା ନହେବାର କାରଣ ଲୋକଙ୍କର ସେଭଳି ବିଶ୍ୱାସ ନଥିଲା । ପ୍ରମାଣ ଭାବରେ ତପସ୍ୱୀ ନିଶ୍ଚୟ ଲକ୍ଷ୍ୟ କରିଥିବେ, ସେମାନେ କେହି ଜଣେ ହେଲେ ସେତେବେଳେ ପ୍ରଚଳିତ ଥିବା ତାଳପତ୍ର ଛତା ବା ବର୍ଷାରୁ ନିଜକୁ ରକ୍ଷା କରିବା ନିମନ୍ତେ କୌଣସି ଆବରଣ ନେଇ ଆସି ନଥିଲେ । ତପସ୍ୱୀଙ୍କଠାରୁ ତାଙ୍କ ବିଭୂତି ଯୋଗୁଁ ସେମାନେ ଉପକୃତ ହେଉଥିଲେ ବୋଲି ତାଙ୍କୁ ସମ୍ମାନ କରୁଥିଲେ । କିନ୍ତୁ ସଚ୍ଚା ବିଶ୍ୱାସ ଭିନ୍ନ କଥା । ତାହା ସେମାନଙ୍କ ଚେତନାରେ ନଥିଲା ।

ରାଜାଙ୍କ ଉତ୍ତରଦାନ ଶେଷ ହେବାମାତ୍ରେ ବେତାଳ ଯାଇ ପୁନର୍ବାର ବୃକ୍ଷ ଡାଳରେ ଝୁଲି ପଡ଼ିଲା ।

(ଉତ୍ସ : ଏକ ପ୍ରଚଳିତ କାହାଣୀ ।
ନବବିନ୍ୟାସ : ଦେବପ୍ରିୟ)

❑❑❑


## ଅଧ୍ୟାପକ/ଅଧ୍ୟାପିକା ଆବଶ୍ୟକ

ଶ୍ରୀ ସନ୍ତୋଷ କୁମାର ଗାହାଣ (ସଭାପତି), ଶ୍ରୀଅରବିନ୍ଦ ପାଠଚକ୍ର, ଉପର ଇନ୍ଦ୍ରାବତୀ ପ୍ରକଳ୍ପ, ଖାତିଗୁଡ଼ା, ଗ୍ରାମ/ପୋଷ୍ଟ: ଖାତିଗୁଡ଼ା, ଜିଲା : ନବରଙ୍ଗପୁର, ଓଡ଼ିଶା, ପିନ୍ ୭୬୪ ୦୮୫, ମୋବାଇଲ : ୯୪୩୭୪୭୧୧୯୮ ଜଣାଇଛନ୍ତି ଏଠାରେ ଥିବା ଶ୍ରୀଅରବିନ୍ଦ ଜୁନିୟର ମହାବିଦ୍ୟାଳୟ, ଖାତିଗୁଡ଼ା ନିମନ୍ତେ ବିଭିନ୍ନ ବିଷୟରେ ଅଧ୍ୟାପକ/ଅଧ୍ୟାପିକା ଆବଶ୍ୟକ । M. Sc. (Physics), M. Sc. (Mathematics), M. Sc. (Botany) ଏବଂ M. A. (English) କିଂବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ । ଏହା ଏକ ଆବାସିକ ବିଜ୍ଞାନ କଲେଜ ହୋଇଥିବାରୁ ଏଠାରେ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ରହିବା ପାଇଁ ସମସ୍ତ ସୁବିଧା ଅଛି ।

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୮)

ମହେନ୍ଦ୍ର ନାଥ ସ୍ୱାଇଁ

### କୁଣ୍ଡଳିନୀ ଓ ଷଟ୍‌ଚକ୍ର ଭେଦ

ଜୁଲାଇ ୨୧, ୧୯୧୪ ପ୍ରାର୍ଥନାଟିରେ ଦିବ୍ୟ-ଜନନୀ ଶ୍ରୀମା ଏକ ଚମତ୍କାର କଥା ଉଲ୍ଲେଖ କରିଛନ୍ତି । ତାହା ହେଉଛି ତନ୍ତ୍ର ଯୋଗରେ ଥିବା କୁଣ୍ଡଳିନୀ ଶକ୍ତି ଏବଂ ଷଟ୍‌ଚକ୍ର ଭେଦ ରହସ୍ୟ । ମା' କହନ୍ତି ତାଙ୍କର ଅନୁଭବର କଥା, ତାହା ଏହିପରି –

"THERE was no longer anybody, no longer any sensation; only a column of light was there, rising from where the base of the body normally is to where usually is the head, to form there a disk of light like that of the moon; then from there the column continued to rise very far above the head, opening out into an immense sun, dazzling and multicoloured, whence a rain of golden light fell covering all the earth."

(CWM - 1, p. 207)

''ସେଠାରେ ଶରୀର ବୋଲି କିଛି ନଥିଲା, କୌଣସି ପ୍ରକାରର ସଂବେଦନା ବି ନଥିଲା – କେବଳ ମାତ୍ର ଗୋଟିଏ ଆଲୋକର ସ୍ତମ୍ଭ ବିରାଜମାନ କରୁଥିଲା, ସେହି ଆଲୋକ ସ୍ତମ୍ଭଟି ଶରୀରର ମୂଳାଧାରଠାରୁ ଉଠି ମସ୍ତକ ଯେଉଁଠାରୁ ଆରମ୍ଭ ହୋଇଛି ସେହି ସ୍ଥାନ ପର୍ଯ୍ୟନ୍ତ ଯାଇଥିଲା ଏବଂ ସେଠାରେ ଏକ ଚଟକା ଗୋଲାକାର ଥାଳି ପରି, ଠିକ୍ ପୂର୍ଣ୍ଣମୀର ଚନ୍ଦ୍ରପରି ରୂପଧାରଣ କରିଥିଲା । ପୁନଶ୍ଚ ସେହି ସ୍ଥାନରୁ ଆଲୋକ ସ୍ତମ୍ଭଟି ମସ୍ତକର ଉପରକୁ ଲମ୍ବ ଭାବରେ ଉଠି ଯାଇଥିଲା, ସେଠାରେ ସେହି ଆଲୋକ ସ୍ତମ୍ଭଟି ଉଜ୍ଜ୍ୱଳ ଆଲୋକର ପ୍ରାଚୁର୍ଯ୍ୟରେ ଝଲମଲ ହେଉଥିବା ତଥା ବିବିଧ ରଙ୍ଗର ବର୍ଣ୍ଣାଳୀରେ ଶୋଭା ପାଉଥିବା ଏକ ବିଶାଳ ସୂର୍ଯ୍ୟଙ୍କ ଆଡ଼କୁ ଖୋଲି ଯାଇଥିଲା, ଠିକ୍ ସେତିକିବେଳେ ଏକ ସ୍ୱର୍ଣ୍ଣାଭ ଆଲୋକର ଧାରା ସମଗ୍ର ପୃଥିବୀକୁ ଆଚ୍ଛାଦିତ କରି ବର୍ଷା ହେବାକୁ ଲାଗିଲା ।''

ପୁନଶ୍ଚ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା କହନ୍ତି –

"Then slowly the column of light came down again forming an oval of living light, awakening and setting into movement - each one in a special way, according to a particular vibratory mode – the centres above the head, in the head, the throat, the heart, in the middle of the stomach, at the base of the spine and still farther down. At the level of the knees, the ascending and descending currents joined and the circulation thus went on uninterruptedly, enveloping the whole being in an immense oval of living light."

(CWM - 1, p. 207)

''ତତ୍‌ପରେ ସେହି ଆଲୋକ ସ୍ତମ୍ଭଟି ଆସ୍ତେ ଆସ୍ତେ ତଳକୁ ଖସି ଆସିଲା ଏବଂ ଏକ ଜୀବନ୍ତ ଆଲୋକ ଅଣ୍ଡାକୃତି (oval) ଆକାର ଧାରଣ କଲା – ପ୍ରତ୍ୟେକ ଚକ୍ରକୁ ଜାଗ୍ରତ୍ କରାଇଲା ଏବଂ କ୍ରିୟାଶୀଳ ମଧ୍ୟ କଲା, ପ୍ରତ୍ୟେକକୁ ଏକ ନିର୍ଦ୍ଦିଷ୍ଟ କମ୍ପନ ଦିଗକୁ ମୁହଁକରି ସଜାଡ଼ି ରଖିଲା – ଏହି କେନ୍ଦ୍ରଗୁଡ଼ିକ ହେଲେ – ମସ୍ତକ ଊର୍ଦ୍ଧ୍ୱସ୍ଥ କେନ୍ଦ୍ର, ମସ୍ତକ ମଧ୍ୟସ୍ଥ କେନ୍ଦ୍ର, କଣ୍ଠଚକ୍ର, ହୃତ୍‌କେନ୍ଦ୍ର, ପାକସ୍ଥଳୀର ମଧ୍ୟଭାଗ, ନାଭି-କେନ୍ଦ୍ର, ମେରୁଦଣ୍ଡର ନିମ୍ନସ୍ଥ ମୂଳାଧାର ଏବଂ ଏହା ଆହୁରି ନିମ୍ନକୁ ଅବତରଣ କଲା । ପୁନଶ୍ଚ ଦୁଇ ଆଣ୍ଠୁ ନିକଟରେ ଆଲୋକର ଏତାଦୃଶ ଊର୍ଦ୍ଧ୍ୱଗାମୀ ଓ ନିମ୍ନଗାମୀ ସ୍ରୋତଦ୍ୱୟ ମିଳିତ ହେଲେ ଏବଂ ଏହାଫଳରେ ଏହି ଆଲୋକ ସଞ୍ଚାଳନ ପ୍ରକ୍ରିୟା ବିନା ବାଧାବିଘ୍ନରେ, ଅଣ୍ଡାକୃତି ଜୀବନ୍ତ ଆଲୋକର ପ୍ରାଚୁର୍ଯ୍ୟରେ ସମଗ୍ର ସତ୍ତାକୁ ଆଚ୍ଛାଦିତ କରି ରଖିଲା ।''

ପ୍ରାର୍ଥନାଟିର ତୃତୀୟ ତଥା ଶେଷ ଅନୁଚ୍ଛେଦରେ ମା ଉକ୍ତ ଜ୍ୟୋତିର୍ମୟ ଚେତନାର ଅବତରଣ କଥା ବର୍ଣ୍ଣନା କରିଛନ୍ତି । ସେହି ଚେତନା ଧୀରେ ଧୀରେ ସ୍ତର ପରେ ସ୍ତର ଦେଇ, ପ୍ରତ୍ୟେକ ଚକ୍ରରେ ରହି ରହି ପୁନର୍ବାର ଅବତରଣ କଲା । ଏହି ପ୍ରକ୍ରିୟା ଶରୀର-ଚେତନାରୁ ପ୍ରତ୍ୟାବର୍ତ୍ତନ ନହେବା ପର୍ଯ୍ୟନ୍ତ ଚାଲୁ ରହିଥିଲା ।

ଶ୍ରୀମା କହୁଛନ୍ତି, ''ମୋର ଯେତେଦୂର ମନେ ପଡ଼ୁଛି ଏହି ପ୍ରକ୍ରିୟା ନଅଟି ସୋପାନ ଦେଇ ଅନୁଷ୍ଠିତ ହୋଇଥିଲା । ଏବଂ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେବା ବେଳେ ଶରୀର ସ୍ଥିର ଏବଂ ସମ୍ପୂର୍ଣ୍ଣ ନିସ୍ତେଜ ଓ ସ୍ଥାଣୁ ହୋଇ ପଡ଼ି ରହିଥିଲା ।''

ଶ୍ରୀଅରବିନ୍ଦ ମଧ୍ୟ ଉକ୍ତ ଚକ୍ର ବା କେନ୍ଦ୍ରମାନଙ୍କ ବିଷୟରେ ''More Lights on Yoga'' (ଯୋଗ ସମ୍ବନ୍ଧୀୟ ଅଧିକ ଆଲୋକ) ପୁସ୍ତକର ପୃ. ୨୦ରେ ''ସତ୍ତାର ବିଭିନ୍ନ ଭୂମି ଏବଂ ଅଂଶ'' ଶୀର୍ଷକ ବିଷୟରେ ଉଲ୍ଲେଖ କରିଛନ୍ତି । ଏହି କେନ୍ଦ୍ରମାନଙ୍କୁ ''ପଦ୍ମ'' ବୋଲି କହିଛନ୍ତି । ସେହି ''ପଦ୍ମ''ମାନଙ୍କରେ ଥିବା ପାଖୁଡ଼ା ସଂଖ୍ୟା ଏବଂ ତା'ର ରଙ୍ଗ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ତାହା ଏହିପରି –

''The Colours of the lotuses and the numbers of petals are respectively, from bottom to top :

1. The Muladhar or physical consciousness centre, four petals, red;
2. The abdominal centre, six petals, deeper purple red;
3. The navel centre, ten petals, violet;
4. The heart centre, twelve petals, golden pink;
5. The throat centre, sixteen petals, grey;
6. The forehead centre between the eyebrows, two petals, white;
7. The thousand-petalled lotus above the head, blue with gold light around.

(*More lights on Yoga,* P. 20)

୧. ମୂଳାଧାର ବା ଶାରୀରିକ ଚେତନା କେନ୍ଦ୍ର, ଚାରୋଟି ପାଖୁଡ଼ା, ଲାଲବର୍ଣ୍ଣ ।
୨. ତଳିପେଟ କେନ୍ଦ୍ର, ଛଅଟି ପାଖୁଡ଼ା, ଗାଢ଼ ବାଇଗଣିମିଶା ଲାଲ ।
୩. ନାଭି କେନ୍ଦ୍ର, ଦଶଟି ପାଖୁଡ଼ା, ବାଇଗଣୀ ।
୪. ହୃତ୍‌କେନ୍ଦ୍ର, ବାରଟି ପାଖୁଡ଼ା, ସ୍ୱର୍ଣ୍ଣ ଗୋଲାପି ।
୫. କଣ୍ଠଚକ୍ର, ଷୋଳଟି ପାଖୁଡ଼ା, ଧୂସର ।
୬. କପାଳସ୍ଥ ଭ୍ରୂଲତା ଦ୍ୱୟ ମଧ୍ୟସ୍ଥ କେନ୍ଦ୍ର, ଦୁଇଟି ପାଖୁଡ଼ା ଶୁଭ୍ର ।
୭. ମସ୍ତକ ଊର୍ଦ୍ଧ୍ୱସ୍ଥ ସହସ୍ରଦଳ ପଦ୍ମ, ଚତୁଃପାର୍ଶ୍ୱସ୍ଥ ସ୍ୱର୍ଣ୍ଣାଭ ଆଲୋକ ସହିତ ନୀଳରଙ୍ଗ ।

ପୁନଶ୍ଚ ପ୍ରଭୁ ଶ୍ରୀଅରବିନ୍ଦ ଏହି କେନ୍ଦ୍ରମାନଙ୍କର କ୍ରିୟା-ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ଉକ୍ତ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ତାହା ହେଲା –

ଆମ ଯୋଗ ଅନୁସାରେ ସେହି କେନ୍ଦ୍ରମାନଙ୍କର କାର୍ଯ୍ୟ ହେଲା –

୧. ଶାରୀରିକ ଚେତନା ଏବଂ ଅବଚେତନାକୁ ପରିଚାଳନା କରିବାକୁ ନିର୍ଦ୍ଦେଶ ପ୍ରଦାନ କରିବା ।
୨. କ୍ଷୁଦ୍ର ପ୍ରାଣର ଗତିବୃତ୍ତି, ଯଥା – ଛୋଟ ଛୋଟ ଲୋଭ, କାମନା-ବାସନା, କ୍ଷୁଦ୍ର ଇନ୍ଦ୍ରିୟମାନଙ୍କର ଗତି ସକଳକୁ ପରିଚାଳନା କରିବା ।
୩. ଉଚ୍ଚତର ପ୍ରାଣ ଶକ୍ତି, ଭାବପ୍ରବଣତା ଏବଂ ବୃହତ୍ତର କାମନା ସକଳକୁ ପରିଚାଳନା କରିବା ।
୪. ଉଚ୍ଚତର ସଂବେଦନଶୀଳ ସତ୍ତା ଯାହାଙ୍କ ପଶ୍ଚାତରେ ତଥା ଗଭୀର ପ୍ରଦେଶରେ ଚୈତ୍ୟ-ପୁରୁଷ ଅବସ୍ଥାନ କରୁଥା'ନ୍ତି; ତାକୁ ପରିଚାଳନା କରିବା ।
୫. ବାହ୍ୟମନର ପରିପ୍ରକାଶ, ସମସ୍ତ ପ୍ରକାର ମାନସିକ ବାହ୍ୟ କ୍ରିୟା, ମାନସିକ ଶକ୍ତିର ଗତିବୃତ୍ତିମାନଙ୍କୁ ନିୟନ୍ତ୍ରଣ କରିବା ।
୬. ଚିନ୍ତା, ଇଚ୍ଛାଶକ୍ତି ଏବଂ କଳ୍ପନା ଶକ୍ତିକୁ ନିୟନ୍ତ୍ରଣ କରିବା ।
୭. ଉଚ୍ଚତର ଚିନ୍ତାଶୀଳ ମନ, ଆଲୋକିତ ମାନସ ଏବଂ ଯାହା ସଂବୋଧି ଏବଂ ଅଧିମାନସ ଆଡ଼କୁ ଖୋଲି ହୋଇ ରହିଥାଏ, ଏହି ସମସ୍ତ କ୍ରିୟାକୁ ସଂଚାଳିତ କରିବା ।

ଉକ୍ତ କ୍ରିୟା-ପ୍ରକ୍ରିୟା ଉପରେ ଉଲ୍ଲିଖିତ ''ମୂଳାଧାର''ଠାରୁ ''ସହସ୍ର ଦଳ'' ପର୍ଯ୍ୟନ୍ତ କ୍ରମାନୁସାରେ ସମସ୍ତ କେନ୍ଦ୍ରମାନଙ୍କର ସ୍ୱକୀୟ ଗୁଣ-ଧର୍ମ ରହିଛି ।

ଶ୍ରୀଅରବିନ୍ଦ କହନ୍ତି, କେତେକେ ମସ୍ତକ ଊର୍ଦ୍ଧ୍ୱସ୍ଥ ଉକ୍ତ ''ସହସ୍ରଦଳ ପଦ୍ମ''କୁ ମସ୍ତିଷ୍କ ବା ବ୍ରେନ୍ ସହିତ ତୁଳନା କରିଛନ୍ତି । କିନ୍ତୁ ତାହା ଠିକ୍ ନୁହେଁ । କାରଣ ମସ୍ତିଷ୍କ ସହସ୍ର ଦଳ ଏବଂ ''ଆଜ୍ଞାଚକ୍ର''– ଭ୍ରୂଲତା ଦ୍ୱୟର ମଧ୍ୟସ୍ଥଳ ସହିତ କେବଳ ଯୋଗାଯୋଗ ସ୍ଥାପନର ଏକ ମାଧ୍ୟମ । ''ଆଜ୍ଞାଚକ୍ର''କୁ

ବେଳେବେଳେ ''ଶୂନ୍ୟଚକ୍ର'' ବୋଲି ମଧ୍ୟ କୁହାଯାଏ । କାରଣ ଏହି ସ୍ଥାନଟି ଶରୀର ମଧ୍ୟରେ ଅବସ୍ଥିତ ନୁହେଁ — ଶରୀର ଊର୍ଦ୍ଧ୍ୱସ୍ଥ ଏକ ଶୂନ୍ୟ ମଣ୍ଡଳରେ ଏହା ଅବସ୍ଥିତ । ସେଠାକୁ ଯିବାକୁ ହେଲେ ପ୍ରଥମେ ଆତ୍ମା ବା ଆଧ୍ୟାତ୍ମିକ ସତ୍ତାର ନିରବତା ଭିତରେ ପ୍ରବେଶ କରିବାକୁ ହୋଇଥାଏ ।

ଦିବ୍ୟ-ଦୃଷ୍ଟି କେନ୍ଦ୍ରଟି କପାଳସ୍ଥିତ ଭ୍ରୂଲତା ଦ୍ୱୟ ମଧ୍ୟସ୍ଥଳରେ ଅବସ୍ଥିତ । ଯେତେବେଳେ ଏହି ଦିବ୍ୟ-ଦୃଷ୍ଟି ଖୋଲିଯାଏ ସେତେବେଳେ ବ୍ୟକ୍ତି ବା ସାଧକ ବସ୍ତୁ, ବ୍ୟକ୍ତି ଏବଂ ସତ୍ତାମାନଙ୍କର ଭିତର ରୂପ ଓ ପ୍ରତିଛବି ଦେଖି ପାରନ୍ତି ଏବଂ ସେମାନଙ୍କୁ ବୁଝିବାକୁ ଆରମ୍ଭ କରନ୍ତି, କେବଳ ବାହାରୁ ନୁହେଁ ଭିତରୁ ମଧ୍ୟ । ଏହା ଦ୍ୱାରା ଏକ ପ୍ରକାର ଇଚ୍ଛାଶକ୍ତି ବୃଦ୍ଧି ପ୍ରାପ୍ତ ହେବାରେ ଲାଗେ ଏବଂ ଭିତରେ ଭିତରେ ଏକ 'ଯୌଗିକ' ପଦ୍ଧତିରେ ଜିନିଷ ଓ ଲୋକମାନଙ୍କ ଉପରେ ପ୍ରଭାବ ବିସ୍ତାର କରେ... ଇତ୍ୟାଦି... ଇତ୍ୟାଦି... । ଏହି ଦିବ୍ୟ-ଦୃଷ୍ଟି ଖୋଲିଗଲେ ଅଧିକାଂଶ ସମୟରେ ତାହା ସାଧାରଣ ମାନସିକ ଚେତନା ବଦଳରେ ଏକ ଆଲୋକିତ ''ଯୌଗିକ'' ଚେତନାକୁ ସମ୍ମୁଖକୁ ନେଇ ଆସିଥାଏ ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଉଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**— ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୭)

## ସାହାନା ଦେବୀ

**ସାହାନା :** ଆଜି କିଛି ଏକ ବିଶେଷ ଘଟଣାରେ ନିଜର ଏଇ ଦିଗଟି ନିଜ ଆଖିରେ ଏମିତି ଜଘନ୍ୟ ଭାବେ ଧରା ପଡ଼ିଛି ଯେ ମନଟା ଧିକ୍କାରରେ ଭରି ଯାଇଛି ଏହା ଚିନ୍ତା କରି ଯେ ବର୍ତ୍ତମାନ ସୁଦ୍ଧା ଏଇ ପ୍ରକାର ହାବଭାବ, ଏଇ ପ୍ରକାରର ଅଧିକାର ପ୍ରବୃତ୍ତି ମୋ ଭିତରେ ଥିଲା । ଛି ! କେତେ ଘୃଣା, କେତେ ଲଜ୍ଜାର କଥା, ମାଗୋ ! ଏଇ ଜିନିଷଟି ବର୍ତ୍ତମାନ ସୁଦ୍ଧା ଏମିତି ଭାବେ ଆତ୍ମଗୋପନ କରିଥିଲା ଯେ ତା'ର କିଛି ବି ସୂଚନା ମୁଁ ପାଇନାହିଁ ! ମାଗୋ, ମୁଁ ନିରାସକ୍ତି ଚାହେଁନା, ମନରେ ଉଦାରତା, ପ୍ରସାରତା ଦିଅ । ମା', ମନ, ପ୍ରାଣ ସବୁ ସ୍ୱଚ୍ଛ କରି ଦିଅ । ନିମ୍ନ ପ୍ରକୃତିର ଏଇ ଜଘନ୍ୟ, କୁତ୍ସିତ ମୂର୍ତ୍ତି ଆଉ ଦେଖିପାରୁନି ମା, ଆଉ ଯେପରି ଏହା ଦେଖିବାକୁ ନପଡ଼େ !

**ଶ୍ରୀଅରବିନ୍ଦଙ୍କ ପତ୍ର :** ଗୋଟିଏ ଦିଗରୁ ଏହା ଭଲ ହୋଇଛି ଯେ ଏହା ଉପରକୁ ଉଠି ଆସିଛି ଏବଂ ତୁମେ ଏହାକୁ ସ୍ପଷ୍ଟ ଦେଖିପାରିଛ ଏବଂ ତା' ସମ୍ବନ୍ଧରେ ଏତେ ବିରକ୍ତି ଭାବ ପ୍ରକାଶ ବି କରିପାରିଛ । କେବଳ ଗୋଟିଏ କଥା ହେଉଛି କୌଣସି ପ୍ରକାରେ ତା'ର ସପକ୍ଷରେ ଯୁକ୍ତିକୁ ପ୍ରଶ୍ରୟ ଦିଅ ନାହିଁ ଏବଂ ସମର୍ଥନ ମଧ୍ୟ କର ନାହିଁ, ଏହାକୁ ସମୂଳେ ନଷ୍ଟ କରି ଦେବାର ସଂକଳ୍ପରେ ଦୃଢ଼ ରୁହ । ଆମେ ଯେଉଁ ସାହାଯ୍ୟ ତୁମକୁ ଦେଉଛୁ ତା'ର ସମସ୍ତ ଲାଭ ତୁମେ ପାଇ ପାରିବ ।

**ସାହାନା :** ମା ମୋର, ମୁଁ ତ ଦେଖୁଛି ମୁଁ ମୋ ଲେଖାରେ ବେଶ୍ ଡୁବି ରହିଛି । ଜାଣିପାରୁନି ଠିକ୍ କରୁଛି କି ନାହିଁ । ବର୍ତ୍ତମାନ ଭାବୁଛି ମୋର ଉପନ୍ୟାସ ଲେଖା ସମ୍ବନ୍ଧରେ ତୁମମାନଙ୍କର ମତାମତକୁ ମୁଁ ଠିକ୍ ଧରି ପାରିଛି ତ ? ତେଣୁ ମନେ ହେଉଛି ତୁମର ମତ ବିରୋଧରେ କିଛି କରୁନି ତ ? କେଉଁଠି କିଛି ତ୍ରୁଟି ରହି ଯାଉଛି, ତା' ନହେଲେ ଏପରି ଏକ ଅସ୍ୱସ୍ତି ଭାବ ଲାଗି ରହୁଛି କାହିଁକି ? ଏପରି ଯଦି ହୋଇଥାଏ ତେବେ ଲେଖା ଛାଡ଼ି ଦେବି । ବହିଟିକୁ ଯଥାଶୀଘ୍ର ଏଥିପାଇଁ ଶେଷ କରିବାକୁ ଚାହୁଁଥିଲି ଯେ ମୋ ଜନ୍ମଦିନରେହିଁ ଏହାକୁ ତୁମ ଶ୍ରୀଚରଣରେ ଅର୍ପଣ କରିପାରିବି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ବହି ଲେଖିବାରେ ମା ଆପତ୍ତି କରୁ ନାହାନ୍ତି । ସେ ଯାହା ପସନ୍ଦ କରୁ ନାହାନ୍ତି ତାହା ହେଉଛି ତୁମେ ନିଜକୁ ତା' ଭିତରେ ଏତେଟା ହଜେଇ ଦେଉଛ ଯେ ତୁମେ ଆଉ କିଛି ବି କରିପାରୁ ନାହଁ । ତୁମେ ଯାହା କରିବ ତା' ଉପରେ ତୁମ ନିଜର କର୍ତ୍ତୃତ୍ୱ ଯେପରି ରହିବ, କିନ୍ତୁ ତା' ଦ୍ୱାରା ତୁମେ ଅଧିକୃତ ହେବ ନାହିଁ । ସେ ନିଶ୍ଚିତ ରୂପେ ଚାହାନ୍ତି ଯଦି ସମ୍ଭବ ହୁଏ ତୁମେ ବହି ଶେଷ କରି ତୁମ ଜନ୍ମଦିନରେ ତାଙ୍କୁ ଉତ୍ସର୍ଗ କରିବା ପାଇଁ । କିନ୍ତୁ ଦେଖ, ତୁମକୁ ଯେପରି କୌଣସିମତେ ଏହା ଭସାଇ ନେଇ ନଯାଏ – ଊର୍ଦ୍ଧ୍ୱତର ଶକ୍ତି ସଙ୍ଗେ ତୁମକୁ ପୂର୍ଣ୍ଣ ଯୋଗାଯୋଗ ରଖିବାକୁ ହେବ ।

(୩.୫.୩୪)

**ସାହାନା :** ଲେଖା ବିଷୟରେ ତୁମେ ଯାହା କହିଛ ତାହା ମୁଁ ବୁଝି ପାରୁଛି, କିନ୍ତୁ ତାହା କରି ପାରିବାର ବାଟ ପାଉ ନାହିଁ । ଲେଖିବାକୁ ବସିଲେ ଲେଖାଟି ସତକୁ ସତ ମୋତେ ଅଧିକାର କରି ନିଏ । ଦୁଇ ଦିନ ଲେଖିଲି ନାହିଁ, କିନ୍ତୁ ଦେଖୁଛି ସର୍ବଦା, ସବୁ ସମୟରେ ଲେଖାର ଚିନ୍ତା ମୁଣ୍ଡରେ ଘୂରୁଛି । ଏଇ ଚିନ୍ତାକୁ କିପରି ଅଟକାଇବି ? କେଉଁ ପ୍ରକାରେ ଏହାକୁ ଆୟତ୍ତାଧୀନ କରିବି ଏବଂ ସମଞ୍ଜସତା କିପରି ରକ୍ଷା କରିବି – ସାରାଦିନ ଯଦି ମନ ଲେଖାଲେଖିରେ ଲାଗି ରହିଲା ତେବେ ନଲେଖିଲେ ଫଳ କ'ଣ ହେବ ! ଭାବୁଛି ଲେଖାଟିକୁ ଆପାତତଃ ଏକେବାରେ ବନ୍ଦ କରିଦେବାଟା ଭଲ ହେବ । ସାଧନାରେ କ୍ଷତି ମୁଁ ଚାହେଁ ନା । ତୁମେମାନେ ମୋତେ ସାବଧାନ କରି ଦେଇ ଭଲହିଁ କରିଛ, ନହେଲେ ମୋର ମନେ ହୋଇ ଥାଆନ୍ତା ଯେଉଁମାନେ ଲେଖନ୍ତି ସେ ସମସ୍ତଙ୍କର ହୁଏତ ଏମିତିହିଁ ହୁଏ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଯଦି ଏଇସବୁ ଧାରଣାକୁ ଦୂର କରି ନପାର ତେବେ ଏ ବିଷୟ ସକଳକୁ ଶେଷ କରି ଦେବାହିଁ ଭଲ ହୋଇପାରେ ।

(୩.୫.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଭଗିନୀ ନିବେଦିତା

## (୨)

## ନୀରଦବରଣ

ତାଙ୍କୁ ଏହି କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବା ପାଇଁ ଗୁରୁ ଏହି ସ୍ଥାନ ନିର୍ବାଚନ କରିଥିଲେ । ଗୁରୁ ବୁଝିଲେ, ''The time has come when she must stand alone.'' ସେଥିପାଇଁ ସେ କଠୋରତାର ମୁଖା ପିନ୍ଧିଥିଲେ । ଗୁରୁଙ୍କର ଦୃଢ଼ ବିଶ୍ୱାସ ଥିଲା, ହିମାଳୟର ନିର୍ଜନ ପରିବେଶ ତାଙ୍କୁ ଯେପରି ପୂର୍ବ-ଜୀବନରେ ଶାନ୍ତି ଦେଇଛି, ଶିଷ୍ୟାଙ୍କୁ ମଧ୍ୟ ସେହି ସମ୍ପଦ ଦେବ ।

ଶିଷ୍ୟମାନଙ୍କୁ ସ୍ତବ୍ଧ କରି ଗୁରୁ ଏହିପରି ଭାବେ ସେମାନଙ୍କୁ ଆଗେଇ ନିଅନ୍ତି, କେତେବେଳେ ଆଘାତ ଦେଇ ପୁଣି କେତେବେଳେ ସ୍ନେହର ପରଶ ଦେଇ । ଶ୍ରୀଅରବିନ୍ଦ ଥରେ ମୋ ପାଖକୁ ଲେଖିଥିଲେ, ''ତୁମର ହତାଶା, ଅବସାଦ, ଧୈର୍ଯ୍ୟ ଯଦି ମୁଁ ବହନ କରିପାରେ ତେବେ ତୁମେ କାହିଁକି ଅସହିଷ୍ଣୁ ହେବ ? ଅମୁକ କଥା ଶୁଣ, ସେ ମୋତେ କେତେ ଭୟ ଦେଖାଇଲା, ବିଦ୍ରୋହ, ଆତ୍ମହତ୍ୟା, ଦେଶକୁ ଫେରିଯିବା ଆଦି କେତେ କଥା ! କିନ୍ତୁ ସେ ଯେତେ ଭୟ ଦେଖାଏ ମୁଁ ତାକୁ ସେତିକି ଜୋର୍‌ରେ ଆଘାତ ଦିଏ । ତୁମମାନଙ୍କ ସହ ଯେପରି ରସିକତାର ସମ୍ପର୍କ ସେପରି ନୁହେଁ ମୋଟେ । ଫଳରେ ତା'ର କାନ୍ଦ ବନ୍ଦ ହେଲା, ବର୍ତ୍ତମାନ ସେ ଲେଖିଛି, ବିଶାଳ ଶାନ୍ତି, ପ୍ରେମ, ଆନନ୍ଦରେ ତା'ର ପ୍ରାଣ ପରିପୂର୍ଣ୍ଣ ।''

ନିବେଦିତାଙ୍କ ପରୀକ୍ଷା ଶେଷ ହୋଇନି, ବରଂ ତା'ର ବିପରୀତ, ପରୀକ୍ଷାର ସୂଚନା ମାତ୍ର । ଚିତ୍ତଶୁଦ୍ଧି ତ ସହଜ କଥା ନୁହେଁ । ଏଥର ଶିଷ୍ୟାକୁ ନେଇ ଗୁରୁ ଅମରନାଥ ଯାତ୍ରା କଲେ । ପଗଡ଼ିପିନ୍ଧା, ମୁଣ୍ଡିତମସ୍ତକ ସନ୍ନ୍ୟାସୀ, ଖାଲି ପାଦ, ହାତରେ ଯଷ୍ଟି, କଣ୍ଠରେ 'ନମଃ ଶିବାୟ' 'ନମଃ ଶିବାୟ' ଧ୍ୱନି, ପଶ୍ଚାତ୍‌ରେ ଶିଷ୍ୟା । କ୍ଳାନ୍ତି ସତ୍ତ୍ୱେ ଗୁରୁଙ୍କ ଆନନ୍ଦର ସୀମା ନାହିଁ । କିନ୍ତୁ ଶିଷ୍ୟା ନୀରବ, ଅବଶ । ଅମରନାଥଙ୍କ ତାତ୍ପର୍ଯ୍ୟ ତାଙ୍କ ନିକଟରେ ଅବୋଧ । ଅନ୍ଧକାର ଗୁହା ମଧ୍ୟରେ ପ୍ରବେଶ କରି ଗୁରୁ ତିନିବାର ଭୂମିଷ୍ଠ ହୋଇ ବରଫର ଶିବଲିଙ୍ଗଙ୍କୁ ପ୍ରଣାମ କରି ତାଙ୍କର ଏକମାତ୍ର ଅଞ୍ଜଳି ନିବେଦିତାଙ୍କୁ ଉତ୍ସର୍ଗ କଲେ । ନିବେଦିତାଙ୍କର କିନ୍ତୁ କୌଣସି ଭାବାନ୍ତର ଦେଖାଗଲା ନାହିଁ । ସେ ବରଂ ଭୀଷଣ କ୍ଷୁଣ୍ଣ ହେଲେ ଯେ କୌଣସି ଅନୁଭୂତି ତାଙ୍କୁ ସ୍ପର୍ଶ କଲା ନାହିଁ । ଗୁରୁ ତାଙ୍କର ଅପରୂପ ଆନନ୍ଦର ବିନ୍ଦୁମାତ୍ର ତାଙ୍କୁ ଦେଲେ ନାହିଁ । କାହିଁକି ଏ ଦୁର୍ଗମ ପାହାଡ଼ ଅତିକ୍ରମ କରି ଅନର୍ଥକ ଏହି ଅନ୍ଧକାର ଗୁହା ମଧ୍ୟକୁ ଗୁରୁ ତାଙ୍କୁ ନେଇଆସିଲେ, ତାଙ୍କର କ୍ଷୁବ୍ଧ ପ୍ରଶ୍ନ । ଏପରିକି ଗୁରୁଙ୍କୁ ରୂଢ଼ କଥା ପର୍ଯ୍ୟନ୍ତ କହିଲେ । ସ୍ନିଗ୍ଧ କଣ୍ଠରେ ଗୁରୁ ଉତ୍ତର ଦେଲେ, ''ତୁମେ ଯାହା ଚାହଁ ତାହା ଦେବାର କ୍ଷମତା ମୋର ନାହିଁ, ତଥାପି ମନେରଖ ଏହି ସୁଦୂର ତୀର୍ଥଯାତ୍ରା ତୁମର ବ୍ୟର୍ଥ ହେବ ନାହିଁ । ମା' କାଳୀଙ୍କୁ ଡାକ, ସେ ତୁମକୁ କୃପା କରିବେ ।'' ଏହା କହି କିଛି ଦିନ ପାଇଁ ଗୁରୁ ଅନ୍ତର୍ହିତ ହୋଇଗଲେ । ଗୁରୁଙ୍କର ଅନୁପସ୍ଥିତିରେ ଶିଷ୍ୟା କାଳୀଙ୍କୁ ଧ୍ୟାନ କରିବାକୁ ଆରମ୍ଭ କଲେ । ଏଥର ମଧ୍ୟ ନିଜର ଭୁଲ୍ ବୁଝିପାରି ସେ ବନ୍ଧୁଙ୍କ ପାଖକୁ ଲେଖିଲେ, ଆଘାତ ଦେଇ ଦେଇ ଗୁରୁ ତାଙ୍କୁ ଭଗବାନଙ୍କ ପାଖକୁ ଟାଣୁଛନ୍ତି, କାଳୀଙ୍କ ଧ୍ୟାନ ତାଙ୍କୁ ସମସ୍ତ ବ୍ୟଥା, ସମସ୍ତ ନୈରାଶ୍ୟ ଭୁଲାଇ ଦେଲା, ସର୍ବତ୍ର ବିରାଜମାନ କାଳୀଙ୍କ ସ୍ପର୍ଶରେ ସତ୍ତା ଆନନ୍ଦିତ ହେଲା । ଗୁରୁ ଯେତେବେଳେ ଶାନ୍ତିର ସମ୍ପଦ ନେଇ ଫେରି ଆସିଲେ ଶିଷ୍ୟା ପ୍ରସ୍ତୁତ ହୋଇ କହିଲେ, ''ମା'ଙ୍କୁ ଚିହ୍ନିଛି ।''

ଏହି ଭ୍ରମଣକାଳରେ ବିବେକାନନ୍ଦ ତାଙ୍କ ଭକ୍ତମାନଙ୍କ ସହ ନିୟମିତ ନାନା ଧର୍ମଗ୍ରନ୍ଥ, ଦର୍ଶନ ଆଦି ପଢୁଥିଲେ, ତାଙ୍କର ଗୂଢ଼ ଉଦ୍ଦେଶ୍ୟ ହେଲା ଶିଷ୍ୟାଙ୍କୁ ଜାତିଗତ ଜାତୀୟ ସଂସ୍କାରଠାରୁ ମୁକ୍ତ କରିବା ଏବଂ ନିବେଦିତା ନାମର ପ୍ରକୃତ ସାର୍ଥକତା ସମ୍ପାଦନ କରିବା, ତାଙ୍କର ତୃତୀୟ ନେତ୍ର ସବୁବେଳେ ଶିଷ୍ୟା ଉପରେ ନିବଦ୍ଧ । ସୁଦକ୍ଷ ଓ ଅଭିଜ୍ଞ ଶିକ୍ଷକ ପରି ଶିଷ୍ୟାଙ୍କ ସହ ତର୍କ କରି ତାଙ୍କର ମଗ୍ନ ଚେତନାରେ ଯେତେ ବଦ୍ଧ ଧାରଣା ଜମାଟ ବାନ୍ଧି ରହିଛି ତା'ର ସମୂଳ ଉଚ୍ଛେଦ ଥିଲା ଗୁରୁଙ୍କର ଅଭିପ୍ରାୟ । ଦିନେ ଗୁରୁ ରୂଢ଼ ସ୍ୱରରେ କହିଲେ, ''ଏ ଦେଶକୁ କାହିଁକି ତୁମେ ତୁମ ଦେଶ ସହ ବାରଂବାର ତୁଳନା କର ? ଏ କଥା ତୁମର ଜାଣି ରଖିବା ଉଚିତ ଯେ ପ୍ରତ୍ୟେକ ଦେଶର ସ୍ୱଧର୍ମ ଓ ସ୍ୱଭାବ ଅଲଗା, ତୁମ ଦେଶ ପକ୍ଷେ ଯାହା ମଙ୍ଗଳକର ଏ ଦେଶ ପାଇଁ ତାହା କ୍ଷତିକର ହୋଇପାରେ । ତୁମର ଏହି ସ୍ୱଦେଶ-ପ୍ରେମ ପାପ ଛଡ଼ା ଆଉ କିଛି ନୁହେଁ ।''

ନିବେଦିତାଙ୍କ ଦୀକ୍ଷାର ପରଦିନ ହର୍ଷୋତ୍‌ଫୁଲ୍ଲ ହୋଇ ଗୁରୁ ତାଙ୍କୁ ପଚାରିଥିଲେ, ''ନିବେଦିତା ବର୍ତ୍ତମାନ ତୁମର ପିତୃଭୂମି କେଉଁଠି ?'' ଅବାକ୍ ହୋଇ ଶିଷ୍ୟା କହିଲେ, ''ସ୍ୱାମିଜି, ମୁଁ ଯେ ବ୍ରିଟିଶ ।'' ଗୁରୁ ଚୁପ୍ ହୋଇଗଲେ ।

ନିବେଦିତା ଯଦିଓ ଭାରତବର୍ଷକୁ ଭଲ ପାଇଥିଲେ କିନ୍ତୁ ସେଥିରେ ତାଙ୍କ ଖ୍ରୀଷ୍ଟିଆନ ମନୋଭାବ, charity ବା ଦୟା ଜଡ଼ିତ ଥିଲା । ତିରସ୍କାର କରି ଗୁରୁ କହିଲେ, ''charity କ'ଣ ? ଅହଂର ଛଦ୍ମରୂପ ଛଡ଼ା ଆଉ କ'ଣ ହୋଇପାରେ ? ଏହି ବଦାନ୍ୟତା ଦ୍ୱାରା ତୁମେ ଭାରତର ସେବା କରିବ ? ବଦାନ୍ୟତା (charity) ନୁହେଁ ଏଥିପାଇଁ ଦରକାର ପ୍ରେମ, ଯେଉଁ ପ୍ରେମ ଭଲମନ୍ଦ, ଉଚ୍ଚନୀଚ ନିର୍ବିଶେଷରେ ସମସ୍ତଙ୍କୁ ଭଲ ପାଏ ଭଗବାନଙ୍କ ଅଂଶ ଭାବରେ । ହିନ୍ଦୁ ସମାଜଠାରୁ ତୁମର ବିଦେଶୀ ରକ୍ତ ଯୋଗୁଁ ତୁମକୁ ଅନେକ ଲାଞ୍ଛନା ପାଇବା ପାଇଁ ହେବ । ତଥାପି ମନେ ରଖିବ ଯେ ତୁମେ ମନ-ପ୍ରାଣରେ ହିନ୍ଦୁ, ମୁଁ ପାଶ୍ଚାତ୍ୟକୁ ପ୍ରାଣ ଦେଇ ଭଲ ପାଇଛି, ସେଥିରେ ଦୟା ଲେଶ ମାତ୍ର ନଥିଲା ।''

ବହୁ ବର୍ଷ ପରେ ନିବେଦିତା ଲେଖିଲେ, ''ମୋର ସ୍କୁଲ ପାଠ ଚାଲିଛି, ଦୃଷ୍ଟି କ୍ରମଶଃ ସ୍ୱଚ୍ଛ ହେଉଛି । ଗୁରୁଙ୍କ କୃପାରୁ ଆଲୋକ ପାଇଛି, ଯେଉଁସବୁ ସଂସ୍କାର ସିଂହପରି ପଥରୋଧ କରିଥିଲା, ଜାଗ୍ରତ୍ ବୁଦ୍ଧିରେ ସେମାନେ ଅନ୍ଧକାରରେ ଲୀନ ହୋଇ ଯାଉଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଗୁରୁ ଖାଲି ଆଲୋକ ଢାଳନ୍ତି, ତାଙ୍କ ପରି ଚାପି ରଖନ୍ତି ନାହିଁ । ତାଙ୍କର ସମସ୍ତ ଶିକ୍ଷାର ଏହାହିଁ ମୂଳମନ୍ତ୍ର ।''

ସଙ୍ଗେ ସଙ୍ଗେ ଗୁରୁଙ୍କର କାର୍ଯ୍ୟ ହେଲା ନିବେଦିତାଙ୍କର ରାଜନୈତିକ ମନୋଭାବର ପରିବର୍ତ୍ତନ କରିବା, ଭାରତବର୍ଷ ବ୍ରିଟିଶ ସାମ୍ରାଜ୍ୟର ସନାତନ ଅଂଶ, ଆମମାନଙ୍କର ବିଚିତ୍ର ଓ ବିବିଧତାରେ ପୂର୍ଣ୍ଣ ଏହି ଦେଶ ଏକମାତ୍ର ତୃତୀୟ ଶକ୍ତିର କୃପାରେ ଏକତାବଦ୍ଧ ହୋଇପାରେ, ବ୍ରିଟିଶ ଶାସନ ଆମମାନଙ୍କର ପ୍ରଭୂତ କଲ୍ୟାଣ ସାଧନ କରିଛି ଓ କରିବ, ସ୍ୱାଧୀନତାର ଦାବି ନ୍ୟାୟସଙ୍ଗତ ହେଲେ ବି ତା'ର ଉପଯୁକ୍ତ ହେବା ପାଇଁ ବହୁ ଶତାବ୍ଦୀର ପ୍ରୟୋଜନ – ଏହି ସମସ୍ତ ଭାବଧାରା ନେଇ ନିବେଦିତାଙ୍କର ଭାରତ-ଜୀବନ ଆରମ୍ଭ । ତାଙ୍କର ସ୍ୱପ୍ନ ଥିଲା ଭାରତ ଓ ଇଂଲଣ୍ଡକୁ ଏକ ରାଖୀବନ୍ଧନରେ ଏକ କରିବା । ତାହା ଶୁଣି ଗୁରୁ କହିଲେ, ''ବେଶ୍, ଚେଷ୍ଟା କରି ଦେଖ, ଦୁଇ ବର୍ଷ ପୂର୍ବେ ମୋର ମଧ୍ୟ ଏହି ଆଶା ଥିଲା ।'' ଏହି ଦୁଇ ବର୍ଷ ମଧ୍ୟରେ ଅନେକ ପାଣି ବୋହିଗଲାଣି । ନିବେଦିତାଙ୍କ ସ୍ୱପ୍ନ ମଧ୍ୟ କେତେ ଶୀଘ୍ର ଭାଙ୍ଗିଗଲା ସେକଥା ଆମେମାନେ ଜାଣୁ । ସେଥିପାଇଁ ଗୁରୁଙ୍କୁ ବିଶେଷ ଚେଷ୍ଟା କରିବାକୁ ହୋଇନି, ଇଂରେଜ ସାମ୍ରାଜ୍ୟ ସହ ଯେତେ ବେଶୀ ପରିଚୟ ବଢ଼ିଲା ସେତେ ଅନାବୃତ ହେଲା ସେମାନଙ୍କ ସାମ୍ରାଜ୍ୟ ଲାଳସାର ପ୍ରକୃତ ରୂପ । ପ୍ରଥମ ସ୍ୱପ୍ନଭଙ୍ଗ ହେଲା ଯେତେବେଳେ ସଂସ୍କୃତ କଲେଜ ପାଇଁ ବିବେକାନନ୍ଦଙ୍କୁ କାଶ୍ମୀର ମହାରାଜାଙ୍କର ଜମିଦାନକୁ ସରକାର ଅନୁମତି ଦେଲେ ନାହିଁ । ତା' ପରେ ପଥ, ଘାଟ, ରେଳ, ଜାହାଜରେ ସାହେବମାନଙ୍କର ଔଦ୍ଧତ୍ୟ କାହା ଆଖି ଆଗରେ ବା ନପଡ଼େ ? ନିବେଦିତାଙ୍କ ପରି ସ୍ୱାଧୀନଚେତା, ସୁଶିକ୍ଷିତା, ଆତ୍ମସମ୍ମାନବୋଧ ଥିବା ନାରୀ କିପରି ଏସବୁ ସହ୍ୟ କରିବେ, ବିଶେଷ କରି ସେ ଔଦ୍ଧତ୍ୟ ଯଦି ତାଙ୍କ ଗୁରୁଙ୍କୁ ସ୍ପର୍ଶ କରେ ?

କିନ୍ତୁ ଏସବୁ ହେଲା ବାହାରର ଶିକ୍ଷା, ସେଥିରେ ମୂଳକୁ ସ୍ପର୍ଶ କରିହୁଏ ନାହିଁ, ଯେଉଁ ମୂଳରେ ପହଞ୍ଚିଲେ କୌଣସି ପରିବର୍ତ୍ତନ ସ୍ଥାୟୀ ହୁଏ ନାହିଁ ଏବଂ ଯାହା ବଦଳିଲେ ବାହାରେ ମଧ୍ୟ ନିଜେ ବଦଳି ଯାଏ । ସେଥିପାଇଁ ଗୁରୁଙ୍କର ଶେଷ ବାକ୍ୟ, ଆନ୍ତର ଓ ବାହ୍ୟଜୀବନରେ ସର୍ବତୋଭାବେ ବ୍ରହ୍ମଚାରିଣୀ ପରି ହେବା ଆବଶ୍ୟକ । ତା'ର ଫଳଶ୍ରୁତି ହେବ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ନିବେଦନ ଦ୍ୱାରା । ସର୍ବାଗ୍ରେ ତୁମର ଅତୀତ, ତା'ର ସ୍ମୃତି ପର୍ଯ୍ୟନ୍ତ ଭୁଲି ଯିବା ପାଇଁ ହେବ ।

ଭ୍ରମଣ ଶେଷରେ ନିବେଦିତା ଏକା କଲିକତା ଫେରିଲେ, ଗୁରୁଙ୍କ ଉପଦେଶ ଅନ୍ତରରେ ଗ୍ରହଣ କରିଛନ୍ତି । କଲିକତାରେ ମା ଶାରଦାମଣିଙ୍କ ସଙ୍ଗବାସ ଓ ଆଦର୍ଶ ବିବେକାନନ୍ଦଙ୍କ ଉଦ୍ଦେଶ୍ୟରେ ସହାୟ ହେଲା । ଶାରଦାମଣିଙ୍କର ପବିତ୍ର ମାଧୁର୍ଯ୍ୟ, ତାଙ୍କର ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ପ୍ରବୁଦ୍ଧ ହୋଇ ସେ ନିଜ ଘରକୁ ଆସିଲେ ।

ଏଠାରେ କଠୋର ନିୟମ ପାଳନ ଲାଗି ଗୁରୁ ତାଙ୍କୁ ବାଧ୍ୟ କଲେ । ଏହାହିଁ ଗୁରୁଙ୍କର ପ୍ରଥମ ବାଧ୍ୟ-ବାଧକତା । ଗୁରୁ କହିଲେ, ''ଏଥର ତୁମକୁ ଏକେବାରେ ହିନ୍ଦୁ ବିଧବା ପରି ଆନୁଷ୍ଠାନିକ ଜୀବନ ଯାପନ କରିବା ପାଇଁ ହେବ । ନିର୍ଜନରେ ରହିବ, କାହା ସହ ଦେଖାସାକ୍ଷାତ୍ କରିବ ନାହିଁ । ମନର ଚାଞ୍ଚଲ୍ୟ ଦମନ କରିବ । ସମସ୍ତ ଆବେଗ ସଂଯତ କଲେ ଯାଇ ନିଜ ସତ୍ତାର ସନ୍ଧାନ ପାଇବ ।''

ପଡ଼ାର ଝିଅମାନଙ୍କୁ ନେଇ ସ୍କୁଲ ଖୋଲାହେଲା ।

ଅନେକ ଦିନ ପରେ ନିବେଦିତା ମନମୁତାବକ କାର୍ଯ୍ୟ ପାଇଲେ । ଏଇ ଜିଦ୍‌ଖୋର ହିନ୍ଦୁ ସମାଜର କେତେ ବାଧା ଯେ ତାଙ୍କୁ ଅତିକ୍ରମ କରିବା ପାଇଁ ହୋଇଛି ତାହା ଆମମାନଙ୍କୁ ଅବିଦିତ ନୁହେଁ । ଏହି ସମୟରେ ତାଙ୍କୁ ଗୁରୁ କହିଲେ, ‘‘କେତେବେଳେ କହିବ ନାହିଁ ଯେ ଧ୍ୟାନ-ଧାରଣା ପାଇଁ ସମୟ ପାଉନି । ତୁମର ସାଧନା ହେଲା କାର୍ଯ୍ୟ, ଖାଲି କାର୍ଯ୍ୟ । ଏହି କାର୍ଯ୍ୟ ପାଇଁ ତୁମକୁ ଏତେଦିନ ଧରି ତିଆରି କରିଛି । ବର୍ତ୍ତମାନ ତୁମକୁ ସେଇ ଲକ୍ଷ୍ୟ ପଥରେ ନେଇଯାଉଛି । ଦାରିଦ୍ର୍ୟ, ପବିତ୍ରତା, ପୂର୍ଣ୍ଣ ଆତ୍ମତ୍ୟାଗ ତୁମର ପାଥେୟ । ତ୍ୟାଗରୁ ଆସିବ ମହତୀ ଶକ୍ତି । ମୋ ସଙ୍ଗେ ସଙ୍ଗେ ଚାଲ । ମୋ ବ୍ରତ ରାମକୃଷ୍ଣଙ୍କର ନୁହେଁ, ବେଦାନ୍ତର ନୁହେଁ । ମୁଁ ଚାହେଁ ଏମାନଙ୍କୁ ମଣିଷ କରିବା ପାଇଁ । ୟୁରୋପର ମନୁଷ୍ୟତ୍ୱକୁ ଜାଗ୍ରତ୍ କରି ରଖିଥିଲା ଏହି ନାରୀଶକ୍ତି । ସେ ଶକ୍ତି ଆମର ପୁରୁଷର କ୍ଲୈବ୍ୟ, କାପୁରୁଷତାକୁ ଘୃଣାକରେ । କେବେ ଆମର ଏ ବଙ୍ଗାଳୀ ଝିଅ ଜାଗ୍ରତ୍ ହୋଇ ଶ୍ଳେଷ ବିଦ୍ରୁପରେ ପୁରୁଷର କ୍ଲୈବ୍ୟ ପ୍ରତି କଷାଘାତ କରିବେ ? ତୁମ କାମ ହେଲା ନାରୀଜାତିକୁ ଜାଗ୍ରତ୍ କରିବା ।’’

ପଡ଼ାରେ ଭୀଷଣାକୃତି ପ୍ଲେଗ୍ ଦେଖାଦେଲା । ତା’ର ରକ୍ଷାକବଚ ହେଲା ନିବେଦିତାଙ୍କର ନିର୍ଭୀକ, ନିରଳସ, ଆତ୍ମଭୋଳା ସେବା, ଗୁରୁଙ୍କ ଆଦେଶ ଏବଂ ଉତ୍ସାହ । ଏସବୁ ପୁରୁଣା ଇତିହାସ ।

ବିବେକାନନ୍ଦଙ୍କର ଜନୈକା ମହିଳାଭକ୍ତ ନିବେଦିତାଙ୍କର କଠୋର ତପସ୍ୟା କଥା ଶୁଣି ସ୍ୱାମିଜିଙ୍କ ପ୍ରତି ରୁଷ୍ଟ ହେଲେ ।

ଶାନ୍ତ ଭାବରେ ଗୁରୁ ଉତ୍ତର ଦେଲେ, ‘‘ତାଙ୍କ ପ୍ରତି କୌଣସି ଦୟା, ସହାନୁଭୂତି ଦେଖାଅ ନାହିଁ ।’’ ବର୍ତ୍ତମାନ ତାଙ୍କ ସତ୍ତା ଭାରତବର୍ଷର ସେବାରେ ନିବେଦିତ । ତୁମେ ଜାଣନା ତାଙ୍କୁ ତିଆରି କରିବା ପାଇଁ ମୁଁ ଯେତେ ସମୟ ବ୍ୟୟ କରିଛି, ଏପରି ଆଉ କାହାରି ପାଇଁ କରିନି ।

ଏଥର ଅବସର ସମୟରେ ନିବେଦିତା ତାଙ୍କ ପୁରୁଣା କାମରେ ମନ ଦେଲେ । ଷ୍ଟେଟ୍‌ସ୍‌ମ୍ୟାନ୍ ଓ ଅନ୍ୟାନ୍ୟ କାଗଜରେ ତାଙ୍କ ଲେଖା ଛାପା ହେଲା । ବିଶେଷ କରି ମହାମାରୀ ପ୍ଲେଗ୍‌ର ବିବରଣୀରେ ଦେଶବାସୀଙ୍କ ମନରେ କମ୍ପନ ସୃଷ୍ଟି ହେଲା ଏବଂ ଆସ୍ତେ ଆସ୍ତେ ଶିକ୍ଷିତ ସମାଜରେ ନିବେଦିତାଙ୍କର ଆସନ ସ୍ଥାପିତ ହେଲା । ଏଇ ସୂତ୍ର ଧରି ସେ ବ୍ରାହ୍ମ-ସମାଜର ସଂସ୍ପର୍ଶରେ ଆସିଲେ । ଏଇ ସଂଘରେ ପ୍ରବେଶ କରିବାପାଇଁ ଗୁରୁ ତାଙ୍କୁ ଉତ୍ସାହ ଦେଲେ । ଠାକୁର ପରିବାର ସହ ତାଙ୍କର ଘନିଷ୍ଠତା ହେଲା, ତାଙ୍କ ଘରକୁ ଆସି ରବୀନ୍ଦ୍ରନାଥ ତାଙ୍କ ସହ କାବ୍ୟ ଆଲୋଚନା କରନ୍ତି । ଦିନେ ଏମିତି ଆଲୋଚନା ସମୟରେ ବେଲୁଡ଼ମଠରୁ ଗୁରୁଙ୍କ ଡାକ ଆସିଲା । ଶିଷ୍ୟା ତତ୍‌କ୍ଷଣାତ୍ ଉତ୍‌ଫୁଲ୍ଲ ହୋଇ କବିଙ୍କୁ କହିଲେ ସ୍ୱାମିଜି ମୋ ପାଇଁ ଆଶୀର୍ବାଦ ପଠାଇଛନ୍ତି, ମୋତେ ସେଠାକୁ ଯିବା ପାଇଁ ହେବ ।’’ କବି ଅବାକ୍ ! ମନେ ମନେ କହିଲେ ‘‘ନିବେଦିତା ନିଜର ଆରାଧ୍ୟଙ୍କୁ ଖୋଜି ପାଇଛନ୍ତି ।’’ କିନ୍ତୁ ବ୍ରାହ୍ମ ସମାଜ ସହ ବନ୍ଧୁତ୍ୱ ବେଶୀଦିନ ସ୍ଥାୟୀ ହେଲା ନାହିଁ, ତେବେ କେତେ ଜଣ ବନ୍ଧୁ ମିଳିଲେ, ସୁରେନ୍ ଠାକୁର, ଜଗଦୀଶ ବୋଷ ଓ ଅବନୀନ୍ଦ୍ରନାଥ । ସ୍ୱଦେଶୀ କାର୍ଯ୍ୟରେ ସୁରେନ୍ ଠାକୁର ନିବେଦିତାଙ୍କର ସହକର୍ମୀ ହେଲେ ଏବଂ ବୋଷ ଓ ଅବନୀନ୍ଦ୍ରନାଥଙ୍କ କୃତିତ୍ୱର ମୂଳରେ ନିବେଦିତାଙ୍କ ଦାନ ସର୍ବଜନ ବିଦିତ ।

ନାନା ଜାଗାରେ ପ୍ରକାଶ୍ୟ ସଭାରେ ବକ୍ତୃତା ଦେବା ପାଇଁ ନିବେଦିତାଙ୍କୁ ଡାକ ଆସିଲା । ଏତେ ବର୍ଷର ରୁଦ୍ଧ ତପଃଶକ୍ତି ଯେପରି ମୁକ୍ତ ଧାରାରେ ସାଗର ଅଭିମୁଖେ ଛୁଟିଲା । ଏଥର ଗୁରୁ ତାଙ୍କୁ କଠୋର ପରୀକ୍ଷାରେ ପକାଇଲେ, ‘‘ମା’କାଳୀଙ୍କ ବିଷୟରେ ତୁମକୁ କହିବା ପାଇଁ ହେବ ।’’ ହେଲା ଗୁରୁଙ୍କ ଆଦେଶ, ଆଲବର୍ଟ ହଲ୍ ଭର୍ତ୍ତି, ବ୍ରାହ୍ମ, ହିନ୍ଦୁ, ଶିକ୍ଷିତ ମଣ୍ଡଳୀର ସମାଗମ, ଶିଷ୍ୟା ଶାନ୍ତ, ସମାହିତ । ବକ୍ତୃତା ଶେଷରେ ଅଭାବନୀୟ କରତାଳି । ଶିଷ୍ୟା ପ୍ରଶଂସାରେ ଗୁରୁ ଗର୍ବିତ । ତା’ପରେ ଅପ୍ରତ୍ୟାଶିତ ଭାବରେ କାଳୀ ମନ୍ଦିର ପୁରୋହିତଙ୍କ ଆହ୍ୱାନ ଆସିଲା, ବିବେକାନନ୍ଦ ସଭାପତି ହେବେ । କିନ୍ତୁ ପୂର୍ବାହ୍ଣରେ ସେ ନିବେଦିତାଙ୍କୁ ଜଣାଇଲେ ଯେ ସେ ଯିବେ ନାହିଁ, ତାଙ୍କରି ଆଦେଶରେ ସଭାକୁ ଶିଷ୍ୟାଙ୍କୁ ଏକାକୀ ଯିବା ପାଇଁ ହେବ । ସମସ୍ତେ ତଳେ ବସିବେ, ଖାଲି ପାଦରେ ଯିବେ । ଯାତ୍ରା ପୂର୍ବରୁ ଗୁରୁ ଶିଷ୍ୟାଙ୍କୁ ଆଶୀର୍ବାଦ କରି କହିଲେ, ‘‘ମନେରଖ, ତୁମେ ସବୁବେଳେ ମା’ କାଳୀଙ୍କର ସେବିକା ।’’ ଖାଲି ପାଦରେ ଚାଲିଚାଲି ଯାଇ ନିବେଦିତା କାଳୀଘାଟରେ ପହଞ୍ଚିଲେ । କହିବା ବାହୁଲ୍ୟ ବକ୍ତୃତାରେ ସମସ୍ତେ ମୁଗ୍ଧ ହେଲେ, ନିବେଦିତା ମଧ୍ୟ କାଳୀଙ୍କ କୃପାଲାଭ କରି ଧନ୍ୟା ହେଲେ ।

ଏହିପରି ଭାବେ ବିନିଦ୍ର ଯତ୍ନରେ, ସ୍ନେହ, ଶାସନ ଭିତର ଦେଇ ଗୁରୁ ତାଙ୍କର ଭବିଷ୍ୟତ୍ କର୍ମ ଲାଗି ଶିଷ୍ୟାଙ୍କୁ ତିଆରି କରିଛନ୍ତି ।

(କ୍ରମଶଃ)

(*Mother India*, ଅକ୍‌ଟୋବର, ୧୯୬୭ରୁ ଗୃହୀତ ।)

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଭଗବାନଙ୍କ ଉପରେ ବିଶ୍ୱାସ

## ଶ୍ରୀମା

*ପ୍ରଶ୍ନ : ବିଶ୍ୱାସର ଅବତରଣରେ ରହିଥିବା ସର୍ତ୍ତାବଳୀ କ'ଣ ?*

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଲା ପ୍ରାୟ ଏକ ଶିଶୁ ସୁଲଭ ନିର୍ଭରତା, ଶିଶୁର ଏକ ସରଳ ଆସ୍ଥା, ଭରସା ଯେ ସେ ଯାହା ଚାହେଁ ତାହା ନିଶ୍ଚିତ ରୂପେ ଆସିବ ହିଁ ଆସିବ । ଯିଏକି ନିଜକୁ ସେକଥା କେବେହେଲେ ପଚାରେ ନି; ସେ ନିଶ୍ଚିତ ଥାଏ ଯେ ଯେତେବେଳେ ଯାହା ଦରକାର ତା'ର, ତାହା ନିଶ୍ଚୟ ତାକୁ ମିଳିବ । ବାସ୍ ! ଏହିପରି – ଏହି ପ୍ରକାର ଭରସା – ଯାହାକି ବାସ୍ତବିକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ।

ଆସ୍ପୃହା କରିବାହିଁ ଅପରିହାର୍ଯ୍ୟ । କିନ୍ତୁ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଆସ୍ପୃହା କରନ୍ତି, ବିଶ୍ୱାସ ଓ ବିଶ୍ୱାସର ଅଭାବ ସହ, ଆସ୍ଥା ଏବଂ ଅନାସ୍ଥା ସହ, ବିଜୟ ସମ୍ବନ୍ଧରେ ନିଶ୍ଚିତ ଥିବା ଆଶାବାଦ ଓ ଦୁର୍ବିପାକର ଆଗମନ କେତେବେଳେ ହେବ ନିଜକୁ ନିଜେ ପଚାରି ଅନ୍ତରରେ ଏପରି ଏକ ଦ୍ୱନ୍ଦ୍ୱ ବିବାଦ ପୋଷଣ କରି ଆସ୍ପୃହା କରନ୍ତି । ବର୍ତ୍ତମାନ ଯଦି ସତ୍ତା ମଧ୍ୟରେ ଏହି ଅବସ୍ଥା ଥାଏ, ସେତେବେଳେ ତୁମେ ଆସ୍ପୃହା କରିପାର କିନ୍ତୁ ତୁମେ କିଛି ବି ପାଇବ ନାହିଁ । ତୁମେ କହିବ ''ମୁଁ ଆସ୍ପୃହା କଲି କିନ୍ତୁ କିଛି ପାଇଲି ନାହିଁ ।'' ଏହାର କାରଣ ହେଲା ସବୁ ସମୟରେ ତୁମର ଆସ୍ପୃହାକୁ ବିଶ୍ୱାସର ଅଭାବହିଁ ନଷ୍ଟ କରି ଦେଉଛି । କିନ୍ତୁ ତୁମର ଯଦି ସତରେ ଭରସା ଥାଏ ।... ଶିଶୁମାନଙ୍କୁ ଯେତେବେଳେ ତାଙ୍କ ନିଜ ଉପରେ ଛାଡ଼ି ଦିଆଯାଏ ଏବଂ ସେମାନେ ବୟସ୍କ ଲୋକମାନଙ୍କ ଦ୍ୱାରା ବିକୃତ ହୋଇ ନ ଥା'ନ୍ତି, ସେତେବେଳେ ସେମାନଙ୍କର ଏପରି ଦୃଢ଼ ବିଶ୍ୱାସ ଥାଏ ଯେ ସବୁକିଛି ମଙ୍ଗଳ ହେବ ! ଉଦାହରଣ ସ୍ୱରୂପ ଯେତେବେଳେ ସେମାନଙ୍କର ଗୋଟିଏ ଛୋଟ ଦୁର୍ଘଟଣା ଘଟେ, ସେମାନେ କେବେ ବି ଭାବନ୍ତି ନାହିଁ ଯେ, ଏହା ବିଶେଷ ଭାବରେ କିଛି ସାଂଘାତିକ ହେବାକୁ ଯାଉଛି; ସେମାନଙ୍କର ସ୍ୱତଃସ୍ଫୂର୍ତ୍ତ ଭାବରେ ହୃଦ୍‌ବୋଧ ହୋଇଥାଏ ଯେ ଏହା ଶୀଘ୍ର ଭଲ ହୋଇଯିବ । ସେମାନଙ୍କର ଏ ପ୍ରକାର ମନୋଭାବ ଏ ଘଟଣାର ପରିସମାପ୍ତି ଘଟାଇବାକୁ ଶକ୍ତିଶାଳୀଭାବେ ସାହାଯ୍ୟ କରିଥାଏ । ଆଚ୍ଛା, ଯେତେବେଳେ ବ୍ୟକ୍ତି ଭଗବତ୍ ଶକ୍ତି ପାଇଁ ଆସ୍ପୃହା କରେ, ଯେତେବେଳେ ଭଗବାନଙ୍କ ସାହାଯ୍ୟ ପାଇଁ ବ୍ୟକ୍ତି ପ୍ରାର୍ଥନା କରେ, ଯଦି ସ୍ଥିର ନିଶ୍ଚିତତା ସହ ଏହା ଆସିବା ପାଇଁ ସେ ପ୍ରାର୍ଥନା କରିଥାଏ ଏବଂ ଏହା ନ ଆସିବା ଯେ ଅସମ୍ଭବ ବୋଲି ସେ ବିଶ୍ୱାସ ରଖିଥାଏ, ସେତେବେଳେହିଁ ଏହା ନିଶ୍ଚିତ ରୂପେ ଆସେ, ଏହା ସେହିପରି,... ହଁ ପ୍ରକୃତରେ ଏହା ହେଉଛି ଏହି ପ୍ରକାର ଏକ ଆନ୍ତର ଉନ୍ମୀଳନ ଏବଂ ବିଶ୍ୱସ୍ତତା । ଏବଂ କେତେକ ବ୍ୟକ୍ତି ନିରନ୍ତର ଏହିପରି ଅବସ୍ଥାରେ ଥାଆନ୍ତି । ଯେତେବେଳେ କିଛି ପାଇବାକୁ ଥାଏ, ସେମାନେ ତାହା ପାଇବା ପାଇଁ ସର୍ବଦା ସେଠାରେ ରହିଥାଆନ୍ତି । ଆଉ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି କିଛି ପାଇବାକୁ ଥିବାବେଳେ, କିଛି ଶକ୍ତି ଅବତରଣ କରିବା ସମୟରେ ସର୍ବଦା ଅନୁପସ୍ଥିତ ଥାଆନ୍ତି; ସେମାନେ ସବୁବେଳେ ସେହି ମୁହୂର୍ତ୍ତରେ ନିଜକୁ ଆବଦ୍ଧ କରି ରଖି ଥାଆନ୍ତି । ପକ୍ଷାନ୍ତରରେ ଶିଶୁସୁଲଭ ବିଶ୍ୱାସ ଥିବା ବ୍ୟକ୍ତିମାନେ ସର୍ବଦା ଠିକ୍ ସମୟରେ ସେଠାରେ ଉପସ୍ଥିତ ଥାଆନ୍ତି ।

ଏହା ଏକ ଆଶ୍ଚର୍ଯ୍ୟ କଥା – ନୁହେଁ କି ? ବାହାରୁ ଦେଖିବାକୁ ଗଲେ ଏଥିରେ କୌଣସି ପ୍ରଭେଦ ନାହିଁ । ସେମାନଙ୍କର ଠିକ୍ ଏକାଭଳି ସଦିଚ୍ଛା ଥାଇପାରେ, ଏକାଭଳି ଆସ୍ପୃହା ଥାଇପାରେ, ଭଲ କାର୍ଯ୍ୟ କରିବା ପାଇଁ ଏକା ଭଳି ଇଚ୍ଛା ଥାଇପାରେ କିନ୍ତୁ ଯେଉଁମାନଙ୍କର ଅନ୍ତରରେ ଏହି ପ୍ରକାର ପ୍ରସନ୍ନତାପୂର୍ଣ୍ଣ ଦୃଢ଼ ବିଶ୍ୱାସ ଥାଏ ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ପାଇବେ କି ନାହିଁ ଏବଂ ଭଗବାନ୍ ତାଙ୍କ ପ୍ରାର୍ଥନାର ଉତ୍ତର ଦେବେ କି ନାହିଁ ଏକଥା ନିଜକୁ ପଚାରନ୍ତି ନାହିଁ । ଏ ପ୍ରଶ୍ନ ଉଠେ ନାହିଁ । ଏହା ହେଉଛି କିଛି ଯାହା ବୁଝା ପଡ଼େ... ''ମୁଁ ଯାହା ଆବଶ୍ୟକ କରେ ତାହା ମୋତେ ମିଳିବ । ମୁଁ ଯଦି ପ୍ରାର୍ଥନା କରେ, ତା'ର ପ୍ରତ୍ୟୁତ୍ତର ପାଇବି, ମୁଁ ଯଦି ଅସୁବିଧାରେ ପଡ଼େ ଏବଂ ସାହାଯ୍ୟ ପାଇଁ ପ୍ରାର୍ଥନା କରେ, ତେବେ ସାହାଯ୍ୟ ନିଶ୍ଚୟ ଆସିବ, ତାହା କେବଳ ଆସିବ ନାହିଁ, ତାହା ସବୁକିଛିକୁ ସମ୍ପାଦିତ କରିବ ।'' ଯଦି ଏହିପରି ସ୍ୱତଃସ୍ଫୂର୍ତ୍ତ, ଅକପଟ, ସନ୍ଦେହମୁକ୍ତ ଭରସା ଥାଏ, ତାହାହେଲେ ଅନ୍ୟ ସବୁଠାରୁ ଏହା ଅଧିକ ଭଲଭାବେ କାର୍ଯ୍ୟ କରେ ଏବଂ ଫଳାଫଳ ଅତି ଚମତ୍କାର

*(ଅବଶିଷ୍ଟାଂଶ ପୃଷ୍ଠା ୩୫ରେ ଦେଖନ୍ତୁ)*

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୮)

## ‘‘ମୁହଁ ଭିତରେ ତୋର କେତେ ମାଟି ?’’

## ମନୋଜ ଦାସ

[**କାହାଣୀ ଏ ଯାବତ୍ :** ମଥୁରା ରାଜ୍ୟର ଦାନବରାଜା କଂସ ଶୁଣିଲା ଏକ ଦୈବବାଣୀ : ତା’ ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା’ର ନିଧନ । ଦେବକୀଙ୍କ ପ୍ରତିଟି ସନ୍ତାନକୁ ସେ ଜନ୍ମ ମାତ୍ରେ ମାରି ପକାଏ । ଅଷ୍ଟମ ସନ୍ତାନ କିନ୍ତୁ ତା’ ଅଜାଣତରେ ଗୋପପୁରରେ ନନ୍ଦ ରାଜାଙ୍କ ଘରେ ରାଣୀ ଯଶୋଦାଙ୍କ କୋଳରେ ବଢୁଥାଏ । କୃଷ୍ଣ ନାମକ ସେ ଶିଶୁର ବିସ୍ମୟକର କାଣ୍ଡମାନ ଶୁଣିଲା କଂସ । ଶିଶୁଟି ଉପରେ ହେଲା ତା’ର ସନ୍ଦେହ । ସେ ତା’ର ଜୀବନ ନେବା ସକାଶେ ଜଣକ ପରେ ଜଣେ ମାୟାବୀ ଦାନବକୁ ପ୍ରେରଣ କଲା । କିନ୍ତୁ ସେମାନେ କେହି ସଫଳ ହେଲେ ନାହିଁ । ତା’ପରେ...]

ଗୋପପୁରରେ ଏକ ପରେ ଏକ ଏମନ୍ତ ଅଦ୍ଭୁତ ଘଟଣାମାନ ଘଟିବାର ଦେଖି ନନ୍ଦରାଜା ବଡ଼ ଚିନ୍ତିତ ହେଲେ । ହୁଏତ ଏ ସ୍ଥାନର କିଛି ଦୋଷ ଅଛି । ବସତି ଅନ୍ୟ ଏକ ସ୍ଥାନକୁ ଉଠାଇ ନେଲେ କେମିତି ହୁଅନ୍ତା ? ସେ ଏ ବିଷୟରେ ବିଶିଷ୍ଟ ପୁରବାସୀମାନଙ୍କ ସହ ଆଲୋଚନା ଆରମ୍ଭ କଲେ, ଉତ୍ତମ ସ୍ଥାନଟିଏ ନିରୂପଣ କରିବା ଦିଗରେ ମଧ୍ୟ ସଂଧାନ ଚାଲିଲା ।

ଏଣେ ଦୁଇ ମାତା ଯଶୋଦା ଏବଂ ରୋହିଣୀଙ୍କ ଚିନ୍ତାଭାର ମଧ୍ୟ ବଢ଼ିବାକୁ ଲାଗିଲା । କାରଣ କ୍ରମେ କ୍ରମେ ଦୁଇ ଭାଇ କୃଷ୍ଣ ଏବଂ ବଳରାମକୁ ଅକ୍ତିଆରରେ ରଖିବା ପ୍ରାୟ ଅସମ୍ଭବ ହେଲା । ସେ ଦୁହିଙ୍କ ଦୁଷ୍ଟାମି ବଢ଼ିଚାଲିଲା । କେହି ସେମାନଙ୍କୁ ଧରିବାକୁ ଚେଷ୍ଟାକଲେ ପବନଗତିରେ ସେମାନେ ଖସି ଯାଉଥିଲେ ।

ଆଉ ଯେତେବେଳେ ସେ ଦୁହେଁ ଲୁଚୁଥିଲେ, ସେତେବେଳେ ଗୋପପୁରର ସବୁଠାରୁ ବିଚକ୍ଷଣ ସଂଧାନୀ ବା ଗୁପ୍ତଚର ପକ୍ଷରେ ମଧ୍ୟ ସେମାନଙ୍କୁ ଖୋଜି ବାହାର କରିବା ସମ୍ଭବପର ହେଉ ନଥିଲା । ପ୍ରାସାଦର ଅନ୍ଧିକନ୍ଧି ସେମାନେ ଦେଖି ନେଇଥା’ନ୍ତି । ଶସ୍ୟ-ଭଣ୍ଡାର, ଗୋଶାଳା, ବ୍ୟାପକ ଫୁଲ ଓ ଫଳ ବଗିଚା ଭିତରେ କେଉଁଠି ରହିଛି ଶିଳାସ୍ତୂପ, କେଉଁଠି ଉଇହୁଙ୍କା, କେଉଁଠାରେ ରହେ ଶଶକ ପରିବାରଟିଏ, କେଉଁଠି ବା ସଂଧ୍ୟାବେଳେ ଦଳେ ବିଲୁଆ ଦିଅନ୍ତି ହୁକ୍କେହୋ ଧ୍ୱନି, ପୁଷ୍କରିଣୀର ସଫେଦ୍ ପାହାଚଶ୍ରେଣୀରେ କେତେ ତଳକୁ ଗଲେ ହାତ ପାଆନ୍ତାକୁ ଆସିଯିବେ କୁନି କୁନି କଇଁଫୁଲମାନେ – କେଉଁଠି ଭାସମାନ ମସୃଣ କଚ୍ଛପ କେତୋଟି, ଏସବୁ ଜ୍ଞାନ ଥାଏ ଦୁହିଙ୍କ ନଖ ଦର୍ପଣରେ ।

କେବଳ ନନ୍ଦରାଜାଙ୍କ ଉଆସ ବା ବଗିଚା ଭିତରେ ଯଦି ସେମାନଙ୍କ ଦୁଷ୍ଟାମି ସୀମାବଦ୍ଧ ରହୁଥା’ନ୍ତା, ତେବେ ଚିନ୍ତାର ବିଶେଷ କାରଣ ନଥିଲା । କିନ୍ତୁ ସେ ଦୁହେଁ ତ ଏମିତି ଆଚରଣ କରୁଥିଲେ ଯେମିତିକି ସାରା ଗୋପପୁର ସେମାନଙ୍କ ଖେଳଘର ! ସତେ ଅବା ସବୁ ପରିବାରର ରୋଷେଇଶାଳ ଓ ଖଳାଘର ଉପରେ ସେ ଦୁହେଁହିଁ ସମ୍ରାଟ ! କେବେ କାହା ଘର ପାତ୍ର ଭିତରୁ ଲହୁଣିତକ ଅଦୃଶ୍ୟ ହୋଇ ଯାଉଥିଲା ତ ଆଉ କାହାଘର ଦୁଧ ଭାଣ୍ଡରୁ ଉଡ଼ିଯାଉଥିଲା ବହଳ ସର ।

ଖାଲି ଦୁଇ ଭାଇଙ୍କ ଭିତରୁ କେହି ଯେ ଅନ୍ୟକୁ ଧରା ପକାଇଦେବ ନାହିଁ, ସେତିକି ନୁହେଁ, ସାରା ଗୋପପୁରର ସବୁ ବାଳକ ଯେମିତି ସେମାନଙ୍କ ଦେହରକ୍ଷୀ ବନିଯାଇଥିଲେ । କୃଷ୍ଣ ବଳରାମଙ୍କ ନିତିଦିନିଆ ଚୋରିକାମରେ ସେମାନଙ୍କର ଥିଲା ଅକୁଣ୍ଠ ସହଯୋଗ ।

ଦିନେ ଖରାବେଳେ ରାଣୀ ଯଶୋଦା ଦେଖିଲେ ତାଙ୍କୁ ଭେଟିବାକୁ ଆସୁଛନ୍ତି ଦଳେ ପଡ଼ୋଶୀ ମହିଳା । ସେଥିରେ ବା

ଆଶ୍ଚର୍ଯ୍ୟ କ'ଣ ? ସେମାନେ ରାଣୀଙ୍କୁ ବହୁତ ଶ୍ରଦ୍ଧା କରନ୍ତି । ନିଜ ନିଜ ସୁଖଦୁଃଖ ତାଙ୍କୁ ଜଣାନ୍ତି । କିନ୍ତୁ ଯଶୋଦା ଲକ୍ଷ୍ୟ କଲେ, ଆଜି ସେମାନେ ଆସୁଛନ୍ତି ବଡ଼ ସଙ୍କୋଚଭରେ ।

''ଆସ, ଆସ ମୋ ଭଉଣୀମାନେ ! ସଭିଏଁ କାହିଁକି ବଡ଼ ଗମ୍ଭୀର ଦିଶୁଛ !'' ଯଶୋଦା ସେମାନଙ୍କୁ ସ୍ୱାଗତ କରିବା ଅବସରରେ କହିଲେ ।

ଆଗନ୍ତୁକାମାନଙ୍କ ଭିତରେ ଯିଏ ରାଣୀଙ୍କର ସଖୀ ଭଳି, ସେ ପ୍ରଥମେ କହିଲେ, ''ତୁମକୁ ବା କାହିଁକି ଗୋପନ ରଖିବୁଁ ? ବଡ଼ ହଇରାଣ କରୁଛନ୍ତି ତୁମର ପିଲା ଦୁଇଟି – ବଳରାମ ଏବଂ କୃଷ୍ଣ । ବରଂ କହିବି କୃଷ୍ଣ ଓ ବଳରାମ; କାରଣ ସାନ ହେଲେ ବି କୃଷ୍ଣହିଁ ଦୁଷ୍ଟାମିରେ ବଡ଼କୁ ବଳି ଓସ୍ତାଦ ।''

''ଦୁଷ୍ଟାମି ?'' ଯଶୋଦା ଟିକିଏ ବିସ୍ମୟ ପ୍ରକଟ କଲାଭଳି କଣ୍ଠରେ ପଚାରିଲେ – ଯଦିଓ ଏ ଅଭିଯୋଗରେ ଅବିଶ୍ୱାସ କରିବାର କାରଣ ନଥିଲା ।

''ଦୁଷ୍ଟାମି, ରାଣୀ ମା' ! ପ୍ରବଳ ଦୁଷ୍ଟାମି ।'' କହିଲେ ଆଉ ଜଣେ ।

''ଦୁଷ୍ଟାମି ବୋଲି ଦୁଷ୍ଟାମି ? ଅସରନ୍ତି ତା'ର ତାଲିକା ।'' ତୃତୀୟା କହିଲେ ।

''ଗୋପପୁରର ଇତିହାସରେ ଏମିତି ଦୁଷ୍ଟାମିର କୌଣସି ନଜିର ନାହିଁ ।'' ଜଣେ ପ୍ରବୀଣା ଜଣାଇଲେ ।

ଏହାପରେ ସଭିଏଁ ସମସ୍ୱରରେ ନିଜ ନିଜ ଅଭିଯୋଗର ବର୍ଣ୍ଣନା ଦେବାକୁ ଆରମ୍ଭ କରନ୍ତେ ରାଣୀ ସେମାନଙ୍କୁ ତୁନି ପଡ଼ିବାକୁ ଇଙ୍ଗିତ ଦେଇ କହିଲେ : ''ବୁଝୁଛି, ବୁଝୁଛି ମୋ ଭଉଣୀମାନେ, ଏ ଦୁଇ ଦୁଷ୍ଟ ପିଲା ତୁମ ଘରଟିମାନର ଦୁଧ, ଲହୁଣି, ସର, ଛେନା, ଦହିକୁ ଲୁଟି ଚାଲିଛନ୍ତି । ଆଚ୍ଛା, ପାତ୍ରତକ ତଳେ ନରଖି ଝୁଲାଇ ରଖିଲେ କେମିତି ହୁଅନ୍ତା ? ଯେମିତି ସେମାନଙ୍କ ହାତ ନପାଇବ ।''

''ରାଣୀମା ! ଆମେ କ'ଣ ସେ କୌଶଳ କରି ନାହୁଁ ? କିନ୍ତୁ ସେଥିରେ ବି ଆମେ ହୋଇଛୁଁ ନିଷ୍ଫଳ ।'' ଏକ ସାଥିରେ ଅନେକେ କହିଉଠିଲେ ।

''ମୁଁ ବଡ଼ ବିସ୍ମିତ !'' କହିଲେ ଯଶୋଦା ।

''ଆମେ କ'ଣ କମ୍ ବିସ୍ମିତ ?'' କହିଲେ ଆଗନ୍ତୁକାମାନେ ।

ଯଶୋଦାଙ୍କ ମୁହଁ ହଠାତ୍ ଉଜ୍ଜ୍ୱଳ ତଥା କିଞ୍ଚିତ ଉତ୍ତେଜିତ ଦେଖାଗଲା । ସେ ଚାପା କଣ୍ଠରେ କହିଲେ, ''ହେଇଟି ଆସୁଛି ସେ ମହାଦୁଷ୍ଟ । ତୁମେମାନେ ସତର୍କ ରୁହ । ମୁଁ ତାକୁ ତୁମ ଆଗରେ ଦଣ୍ଡ ଦେବାବେଳକୁ ସେ ଯେମିତି ପଳାଇ ଯାଇ ନପାରେ । ଆମ ଦୁହିଙ୍କୁ ତୁମେମାନେ ଚକ୍ରାକାରେ ଘେରି ରହିବ ।''

ବାରନ୍ଦାରୁ କୁନି କୃଷ୍ଣ ଦୌଡ଼ି ଦୌଡ଼ି ଆସୁଥିଲେ । ମୁଣ୍ଡରେ ଖୋଷା ହୋଇଥାଏ ଗୋଟିଏ ମୟୂର ପୁଚ୍ଛ; ଅଣ୍ଟିରେ ସୁନାର ଟିକି ଟିକି ଘଣ୍ଟି । ଦୁଇ ହାତ ତୋଳି ସେ ଆସୁଥିଲେ ମାଆ ତାଙ୍କୁ କୋଳ କରିନେବେ ବୋଲି ।

କିନ୍ତୁ ଯଶୋଦା ମୁହଁ ଭାରୀ କରି ଠିଆ ହୋଇଥା'ନ୍ତି । ଦୁଇ ହାତ ତାଙ୍କ ନିଜ ଅଣ୍ଟାରେ । କୃଷ୍ଣ ହାତ ତୋଳି ଆଶାୟୀ ଦୃଷ୍ଟିରେ ମାଆଙ୍କୁ ଅନାଇବା ସତ୍ତ୍ୱେ ଯଶୋଦା ଅଟଳ ରହିଲେ ।

ତତ୍‌କ୍ଷଣାତ୍ ସମସ୍ତ ମହିଳାଙ୍କ ହାତଟିମାନ ପ୍ରସାରିତ ହୋଇ ଆସିଲା କୃଷ୍ଣଙ୍କୁ ତୋଳିନେବା ନିମନ୍ତେ । କୃଷ୍ଣ ଜଣଙ୍କ ପାଖକୁ ଦୌଡ଼ି ଯାଇ ହସିଦେଇ ପଳାଇ ଆସୁଥା'ନ୍ତି । ପୁଣି ସେ ଆଉ ଯୋଡ଼ିଏ ଉଦ୍‌ଗ୍ରୀବ ହାତ ଆଡ଼କୁ ଦୌଡ଼ିଯାଇ ପୁଣି ଧରାଛୁଆଁ ନଦେଇ ଘୁଞ୍ଚି ଆସୁଥା'ନ୍ତି । ସେ ନିଜେ ହସୁଥା'ନ୍ତି ମଧୁର ଦୁଷ୍ଟାମିର ହସ; ସଭିଏଁ ସେମାନଙ୍କ କଳକଳ ହସରେ ଅଟ୍ଟାଳିକା କମ୍ପାଇ ଦେଲେ । କୃଷ୍ଣ ଜଣ ଜଣକୁ ଛୁଇଁ ଦେଇ ନାଚି ନାଚି ଦୂରେଇ ଆସୁଥା'ନ୍ତି ।

ଯଶୋଦା ଚୁପ୍‌ଚାପ୍ ଠିଆ ହୋଇ ଦେଖୁଥା'ନ୍ତି ସେ ଅପୂର୍ବ ଦୃଶ୍ୟ । କ'ଣ ହେଲା ଏ ନାରୀମାନଙ୍କର ? କୁଆଡ଼େ ଗଲା ସେମାନଙ୍କର ଅଭିଯୋଗ ?

ବେଶ୍ କିଛି ସମୟ ଅତିବାହିତ ହେଲା ସେ ଆନନ୍ଦର ଧରା-ଅଧରା ଖେଳରେ । ଯଶୋଦା ଭୁଲିଗଲେ ପୁଅକୁ ଦଣ୍ଡଦେବାର କଠୋର ସଂକଳ୍ପ । ସେ ଯାଇ ତାକୁ ଉଠାଇ ନେଲେ । ମହିଳାମାନେ ଆହୁରି କିଛି ସମୟ ହାସ୍ୟରୋଳରେ ବିତାଇ ବାହୁଡ଼ି ଗଲେ । ସେମାନେ ଯେଉଁ ଉଦ୍ଦେଶ୍ୟ ନେଇ ଆସିଥିଲେ, ସେ କଥା କେହି ସେମାନଙ୍କୁ ମନେପକାଇ ଦେଇଥିଲେ ସେମାନେ ନିଶ୍ଚୟ ବିମୂଢ଼ ବନିଯାଇଥା'ନ୍ତେ !

*

ଝୁଲନ୍ତା ପାତ୍ରରୁ କେମିତି ଲହୁଣି ଅନ୍ତର୍ହିତ ହୋଇ ଯାଇପାରେ, ରାଣୀ ଯଶୋଦା ସେ ରହସ୍ୟ ଭେଦ କଲେ ଦିନକ ପରେ । ସେ ନିଜେହିଁ ପାତ୍ର ଝୁଲାଇ ରଖିବାର ବ୍ୟବସ୍ଥା କରିଥିଲେ ।

ସନ୍ଧ୍ୟା ହୋଇ ଆସୁଥାଏ । ଯଶୋଦା ସେଦିନ ଟିକିଏ ସହଳ ନଦୀରୁ ଲେଉଟି ଆସିଥା'ନ୍ତି । ତାଙ୍କର ମନେହେଲା, ରୋଷେଇ ଘର ପାଖ କୋଠରିରେ ଯେମିତି କିଛି ଗୋଟାଏ ଘଟୁଛି ! ମୃଦୁ ପଦପାତରେ ଯାଇ ସେ ଅଳ୍ପ ଖୋଲାଥିବା ଝରକାବାଟେ ଭିତରକୁ ଦୃଷ୍ଟିଦେଲେ ।

ଯାହା ଦେଖିଲେ ସେ ଦୃଶ୍ୟ ସେ କଳ୍ପନା କରିପାରି ନଥା'ନ୍ତେ । ପାଞ୍ଚଜଣ ପିଲା – ଜଣକ ଉପରେ ଆଉ ଜଣେ ହାମୁଡ଼ି ହୋଇ ରହିଛି – ସବା ଉପରେ କୃଷ୍ଣ ଲହୁଣି ଆତ୍ମସାତ୍ କରିବାରେ ଏକାଗ୍ର ।

ଯଶୋଦା ଅବାକ୍ ହୋଇ ଦେଖୁଥା'ନ୍ତି । କିନ୍ତୁ ସେମାନଙ୍କର କୌଶଳ ଜଣାପଡ଼ିଗଲାଣି ବୋଲି ବୁଝିପାରି କୃଷ୍ଣ ତଳକୁ ଡେଇଁପଡ଼ିଲେ । ତତ୍‌କ୍ଷଣାତ୍ ସଭିଏଁ ସିଧା ହୋଇ ଥରେ ଝରକାଆଡ଼େ ଅନାଇଦେଇ ଆଖି ପିଛୁଳାକେ ଅଦୃଶ୍ୟ ହୋଇଗଲେ ।

ଟିକିଏ ପରେ ବଳରାମ ଦୌଡ଼ି ଦୌଡ଼ି ଆସି ଯଶୋଦାଙ୍କୁ କହିଲେ, ''କୃଷ୍ଣ ଟେଲାଏ ମାଟି ଗିଳି ଦେଇଛି ଯେହେତୁ ତା'ର ଲହୁଣି ଖାଇବା ନୋହିଲା ।''

''ଆଜି ତା' କପାଳରେ ମାଡ଼ ଅଛି !'' କହି ଯଶୋଦା ସଙ୍ଗେ ସଙ୍ଗେ ଯାଇ କୃଷ୍ଣଙ୍କୁ ଠାବ କଲେ ।

''ଖୋଲ ମୁହଁ !'' ସେ ଆଣ୍ଠୁମାଡ଼ି ବସି, କୃଷ୍ଣଙ୍କୁ ବାମ ହାତ ବେଷ୍ଟନୀରେ ଧରିରଖି ଧମକ ଦେଇ କହିଲେ ।

କିନ୍ତୁ କୃଷ୍ଣ ତାହା କଲେ ନାହିଁ । କଅଁଳା ଗାଲ ଦୁଇଟି ଫୁଲି ରହିଥାଏ ।

''କେତେ ମାଟି ତୋ ମୁହଁ ଭିତରେ ?'' ପଚାରି ଯଶୋଦା ଡାହାଣ ହାତରେ ତାଙ୍କ ଦୁଇ ପାଖ ଗାଲ ଚିପିଦେଲେ ।

କୃଷ୍ଣଙ୍କ ମୁହଁ ଖୋଲିଗଲା ।

ରାଣୀ ମୁହଁ ଭିତରକୁ ଅନାଇଲେ । ତାଙ୍କ ଦୁଇହାତ ଶିଥିଳ ହୋଇଗଲା । ସ୍ତମ୍ଭୀଭୂତା, ନିର୍ବାକ୍ ହୋଇ ସେ ବସି ରହିଲେ । ସେ ଜାଣିବାକୁ ଚାହୁଁଥିଲେ ପୁଅ ମୁହଁ ଭିତରେ କେତେ ମାଟି । କିନ୍ତୁ ଏହା ସେ କ'ଣ ଦେଖୁଛନ୍ତି ? ଟିକି ପୁଅର ମୁହଁ ଭିତରେ ସତେ ଯେମିତି ସୂର୍ଯ୍ୟ, ଚନ୍ଦ୍ର, ଅଜସ୍ର ନକ୍ଷତ୍ର ସମ୍ବଳିତ ସମଗ୍ର ବ୍ରହ୍ମାଣ୍ଡ ! ସେ ଅସୀମ ଆକାଶ ଭିତରେ କେତେ ମେଘମାଳା, କେତେ ବଜ୍ର ଓ ବିଜୁଳିର ଖେଳ !

ମାତ୍ର ଗୋଟିଏ ମୁହୂର୍ତ୍ତ । ସେ ଦୃଶ୍ୟ ଉଭେଇଗଲା କୃଷ୍ଣଙ୍କ ଖିଲିଖିଲି ହସ ଭିତରେ; ତାଙ୍କୁ କୁଣ୍ଢାଇ ଧରି ଯଶୋଦା ଚେତା ହରାଇଲେ ।

(କ୍ରମଶଃ)

❑❑❑

---

*(ପୃଷ୍ଠା ୩୨ର ଅବଶିଷ୍ଟାଂଶ)*

ହୁଏ । ବିରୋଧ ଏବଂ ମନର ସନ୍ଦେହ ଦ୍ୱାରା ବ୍ୟକ୍ତି ସବୁକିଛିକୁ ଏହିପରି ନଷ୍ଟ କରିଦିଏ । ବ୍ୟକ୍ତି କୌଣସି ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ତା'ର ଏହି ପ୍ରକାର ଧାରଣା ହୋଇଥାଏ । – ''ଓଃ ! ଏହା ଅସମ୍ଭବ । ମୁଁ ଏହା କେବେ ବି ପାରିବି ନାହିଁ । ଏହା ବଢ଼ିବାକୁ ଯାଉଛି । ଯଦି ମୁଁ ଯାହା ଚାହୁଁ ନାହିଁ ସେହି ପ୍ରକାର ଅବସ୍ଥା ଆହୁରି ଖରାପ ଆଡ଼କୁ ଯାଏ, ଯଦି ମୁଁ ଆହୁରି ତଳକୁ ତଳକୁ ଖସିଯାଏ – ଯଦି, ଯଦି, ଯଦି, ଯଦି...'' ତାହାହେଲେ ବ୍ୟକ୍ତି ନିଜ ଭିତରେ ଏବଂ ସେ ଯେଉଁ ଶକ୍ତି ପାଇବାକୁ ଚାହୁଁଛି ତା ଭିତରେ ଗୋଟିଏ ପ୍ରାଚୀର ତିଆରି କରେ । କିନ୍ତୁ ଚୈତ୍ୟସତ୍ତାର ଏହି ପ୍ରକାର ଭରସା ଥାଏ, ଚମତ୍କାର ଭାବରେ ଥାଏ, ବିନା ଛାୟାପାତରେ, ବିନା ଯୁକ୍ତିରେ, ବିନା ଦ୍ୱନ୍ଦ୍ୱ ବିବାଦରେ ଥାଏ । ଏବଂ ଯେତେବେଳେ ଏହା ଏହିପରି ହୋଇଥାଏ, ସେତେବେଳେ ଏମିତି ଏକ ପ୍ରାର୍ଥନା ନାହିଁ ଯାହାକି ଉତ୍ତର ପାଏ ନାହିଁ, ଏପରି କିଛି ଆସ୍ପୃହା ନାହିଁ ଯାହା ଉପଲବ୍ଧ ହୁଏ ନାହିଁ ।

(CWM Vol. 6, page : 403)

ଅନୁବାଦ : ପ୍ରୀତି ପଟ୍ଟନାୟକ

❑❑❑

# କୃପାସିକ୍ତ ମାତୃଭବନ

## ଉଷା ଚୋପ୍ରା

ମୋର ଅତିପ୍ରିୟ ଜନ୍ମଭୂମି ଓଡ଼ିଶା । ସରଳତା, ସ୍ନେହ, ପ୍ରେମ, ଶାନ୍ତି, କରୁଣାର ଝରଣାରେ ପ୍ଳାବିତ ଏହି ପୁଣ୍ୟଭୂମି । ଅତୀତ ଦିନର ଅଭୁଲା ସ୍ମୃତି; ସୁନେଲି ସ୍ୱପ୍ନ ପରି ଅଙ୍କିତ ମୋ ମାନସପଟରେ । ଆଜି ସମସ୍ତଙ୍କ ସହିତ ସେହି ସ୍ମୃତିରୁ କିଛିଟା ବାଣ୍ଟିବାକୁ ଚାହେଁ । ମୋର ସ୍ମୃତିର ପୃଷ୍ଠା ଖୋଲେ ୧୯୬୮ ମସିହାରୁ । ସେତିକିବେଳେ ଶ୍ରୀମାଙ୍କ କୃପାରୁ କେତୋଟି ଘଟଣା ପ୍ରାୟ ଏକସଙ୍ଗେ ଘଟିଗଲା ଓଡ଼ିଶା ଇତିହାସରେ । ଆମ ଅଜାଣତରେ ଏକ ଦେବକାର୍ଯ୍ୟ ସମ୍ପନ୍ନ ହେଲା । କରୁଣାମୟୀ ଦିବ୍ୟଜନନୀଙ୍କ ଅସୀମ କୃପା ଓ ଆଶୀର୍ବାଦରେ ଆମେ ପାଇଲୁ ଆମର ''ମାତୃଭବନ'' ।

''All that transpires on earth and all beyond
Are parts of an illimitable plan
The One keeps in his heart and knows alone.''

(Savitri, p. 52)

୧୯୬୮ ମସିହାରେ ଖଡ଼ଗପୁରରୁ ମୋର ଅଧ୍ୟୟନ ସମାପ୍ତ କରି ମୁଁ ଆସି ଭୁବନେଶ୍ୱର ସରକାରୀ ନିର୍ମାଣ ବିଭାଗ (P.W.D. Works)ରେ ସ୍ଥପତି (architect) ରୂପେ ଯୋଗ ଦେଲି । ସେତେବେଳକୁ ଓଡ଼ିଶାରେ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କର ବାଣୀ ପ୍ରଚାର ଏବଂ ପାଠଚକ୍ର ଆନ୍ଦୋଳନର କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲା । ତାଙ୍କ ବାଣୀରେ ଅନୁପ୍ରାଣିତ ହୋଇ ବିଭିନ୍ନ ଜାଗାରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଅନୁଷ୍ଠାନମାନ ଆରମ୍ଭ କରାଯାଉଥିଲା । ମୋର ବାପା ସ୍ୱର୍ଗୀୟ ସର୍ଦ୍ଦାର ଅମର ସିଂହ (ଆଇ.ଏ.ଏସ୍.) ବହୁ ମାତୃକର୍ମରେ ସଂପୃକ୍ତ ଥିଲେ । ପଣ୍ଡିଚେରୀରୁ ପୂଜ୍ୟ ବାବାଜି ମହାରାଜ (ଶ୍ରୀ ରାମକୃଷ୍ଣ ଦାସ), ଅଧ୍ୟାପକ ପ୍ରପତ୍ତି, ଶ୍ରୀ ମନୋଜ ଦାସ, ଶ୍ରୀ ଛୋଟେ ନାରାୟଣ ଶର୍ମାଜି, ଶ୍ରୀ ମାଧବ ପଣ୍ଡିତ, ଶ୍ରୀ ଅରିନ୍ଦମ ବସୁ ଆଦି ସାଧକମାନେ ଆସି ସଭା ସମିତିରେ ଯୋଗ ଦେଉଥିଲେ ଓ ଆମକୁ ଅନୁପ୍ରାଣିତ କରୁଥିଲେ । ତାଙ୍କରି ପ୍ରଚେଷ୍ଟାରେ ଆମେ ଆଗେଇ ପାରିଥିଲୁ ଏକ ନୂତନ ଆଲୋକ ଅଭିମୁଖେ । ଆଶ୍ରମର ସାଧକମାନେ ଆସି ଆମ ବାସଭବନରେ ଅତିଥି ହେଉଥିଲେ । ସେମାନଙ୍କୁ ନିଜ ଗାଡ଼ିରେ ବିଭିନ୍ନ ସଭାସ୍ଥଳମାନଙ୍କୁ ନେଇ ଯିବାରେ ନିଜକୁ ଧନ୍ୟ ମନେ କରୁଥିଲେ ମୋର ବାପା । କହୁଥିଲେ, ''I am the Mother's soldier'' । କେତେବେଳେ ସେ ସଭାର ପୁରୋଧା ତ କେତେବେଳେ ବକ୍ତା ରୂପେ ଯାଉଥିଲେ ।

୧୯୬୮-୬୯ ମସିହାରେ ଭୁବନେଶ୍ୱର ସର୍ଦ୍ଦାର ପଟେଲ ହଲ୍ ପରିସରରେ (ରାଜ୍ୟର ପ୍ରଥମ ବିଧାନ ସୌଧ) ଦୁଇ ନମ୍ବର ୟୁନିଟ୍‌ରେ ଜନ୍ମ ନେଲା ''ଶ୍ରୀ ଅରବିନ୍ଦ ସଂସ୍କୃତି ସଂସଦ'' । ଏହାରି ଆନୁକୂଲ୍ୟରେ ୧୯୭୦ରେ ସେଠାରେ ଆରମ୍ଭ ହେଲା ରାଜ୍ୟର ପ୍ରଥମ ''ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର'' । ଉଭୟ ଅନୁଷ୍ଠାନର ପ୍ରତିଷ୍ଠାତା, ସଭାପତି ଥିଲେ ସର୍ଦ୍ଦାର ଅମର ସିଂହ । ଶ୍ରୀମା'ଙ୍କୁ ଗ୍ରହଣ କରି, ସେହି ଧାରାରେ ନିଜକୁ ଗଢ଼ି ତୋଳିବାକୁ ଉଦ୍‌ବୁଦ୍ଧ କରୁଥିଲେ । ପୂର୍ଣ୍ଣ ବିଶ୍ୱାସ ଓ ସମର୍ପଣର ଭାବ ରଖି ମା'ଙ୍କର କାର୍ଯ୍ୟ କରିବାକୁ ଉତ୍ସାହିତ କରୁଥିଲେ । ସେହି ପ୍ରେରଣାରେ ପ୍ରେରିତ ହୋଇ ''ମୁଁ କ'ଣ କରିବି'' ଲେଖି ଶ୍ରୀମାଙ୍କ ନିକଟକୁ ଏକ ଆବେଦନ ପତ୍ର ଲେଖିଥିଲି । ମୋର ଚିଠି ଉପରେ ମା' ''Blessings'' ଲେଖିଥିଲେ ଓ ତା' ସହ ପଠାଇଥିଲେ ତାଙ୍କର ମହାର୍ଘ ଆଶୀର୍ବାଦ ପୁଷ୍ପପ୍ରସାଦ ।

୧୯୬୮ର ଆଉ ଗୋଟିଏ ଘଟଣା । ୨୮ ଫେବୃଆରୀ ୧୯୬୮ରେ ଶ୍ରୀମାଙ୍କ ଇଚ୍ଛାନୁଯାୟୀ ପଣ୍ଡିଚେରୀ ଆଶ୍ରମରୁ ପ୍ରାୟ ୧୦-୧୨ କି.ମି. ଦୂରରେ ଏକ ସ୍ୱପ୍ନ ନଗରୀର ଶୁଭଦିଆ ଯାଇଥିଲା । ବହୁ ବର୍ଷ ପୂର୍ବରୁ ଏପରି ଏକ ନଗରୀର ନିର୍ମାଣ କରିବା ପାଇଁ ଶ୍ରୀମା ମନସ୍ଥ କରିଥିଲେ । ଏହି ସ୍ୱପ୍ନର ନଗରୀକୁ ମା ନାମ ଦେଇଥିଲେ, ''ଅରୋଭିଲ୍ – ଉଷାର ନଗରୀ'' (Auroville – City of Dawn), ଏହାର କେନ୍ଦ୍ରରେ ଥିଲା ''ମାତୃ ମନ୍ଦିର'' । ଏହି ନଗର ନିର୍ମାଣ ପରିକଳ୍ପନାର ସଭାପତି ସ୍ୱୟଂ ଶ୍ରୀମା, ସ୍ଥପତି (Architect) Roger Anger (French architect and The Mother's grand son-in-law) ଏବଂ ଜେନେରାଲ୍ ସେକ୍ରେଟେରୀ ଥିଲେ ନବଜାତ । ଶ୍ରୀଅରବିନ୍ଦ ସୋସାଇଟିର ସେକ୍ରେଟେରୀ ମଧ୍ୟ ନବଜାତ ଥିଲେ । ଏହି ପରିପ୍ରେକ୍ଷୀରେ ସେ ଭୁବନେଶ୍ୱର ଆସି

ମାତୃମନ୍ଦିର ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଏକ ''Odisha State Auroville Committee''ର ଗଠନ କରିଥିଲେ । ସର୍ଦାର ଅମର ସିଂହ ଥିଲେ Convenor, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓ, ଡଃ ହରେକୃଷ୍ଣ ମହତାବ, ତତ୍କାଳୀନ ଶିକ୍ଷାମନ୍ତ୍ରୀ, ଅଧ୍ୟାପକ ପ୍ରପତ୍ତି, ନବ କିଶୋର ଦାସ, ବିପିନ ବିହାରୀ ପଟ୍ଟନାୟକ, ନବଜାତ, ଗଦାଧର ମିଶ୍ର ଏବଂ ମୁଁ ଥିଲୁ ଏହି ସମିତିର ସଭ୍ୟବୃନ୍ଦ । ଅରୋଭିଲ୍‌ରେ ପ୍ରତି ଦେଶର pavilion ନିର୍ମାଣ କରିବା ପାଇଁ ସ୍ଥିର ହୋଇଥିଲା । ପରେ ଅବଶ୍ୟ ଏହି ଯୋଜନାକୁ ଅନୁକରଣ ନ କରାଯାଇ ବିଭିନ୍ନ ରାଜ୍ୟର ସଭ୍ୟତା ଓ ସଂସ୍କୃତିକୁ ସମ୍ମୁଖରେ ରଖି ଏକମାତ୍ର ''ଭାରତ ନିବାସ'' ନିର୍ମାଣ କରା ହୋଇଛି । ପୂର୍ବ ଯୋଜନା ଅନୁଯାୟୀ ବିଭିନ୍ନ ରାଜ୍ୟ ସରକାର ଓ ଓଡ଼ିଶା ସରକାର pavilion ନିର୍ମାଣ ବାବଦ ୧୨ ଲକ୍ଷ ଟଙ୍କା ଏହି କମିଟି ଜରିଆରେ ମା'ଙ୍କୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସବୁ ରାଜ୍ୟ ଭିତରୁ ଓଡ଼ିଶା ରାଜ୍ୟହିଁ ସର୍ବ ପ୍ରଥମେ ମା'ଙ୍କୁ ସେହି ରାଶି ଭିତରୁ ଏକ ଲକ୍ଷ ଟଙ୍କା ଅର୍ପଣ କରିଥିଲା । ସେହି ସମୟରେ ବାପାଙ୍କର ଅନୁରୋଧ କ୍ରମେ ରାଜେନ୍ଦ୍ର ନାରାୟଣ ସିଂହଦେଓ ନିଜର କିଛି ସହଯୋଗୀଙ୍କ ସହିତ ଶ୍ରୀମାଙ୍କର ଦର୍ଶନ ଉଦ୍ଦେଶ୍ୟରେ ପଣ୍ଡିଚେରୀ ଯାଇଥିଲେ । ଦର୍ଶନ ପରେ ଅଭିଭୂତ ହୋଇ ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କର ଦେହାଂଶ ସ୍ଥାପନ କରିବା ପାଇଁ ପୂଜ୍ୟ ବାବାଜି ମହାରାଜ ଓ ଶ୍ରଦ୍ଧେୟ ପ୍ରପତ୍ତିଙ୍କ ସହିତ ଆଲୋଚନା କଲେ । ସମାଧି ମନ୍ଦିର ନିର୍ମାଣ ପାଇଁ ଯଦି କେହି ଆଗ୍ରହର ସହିତ ସ୍ୱ-ଇଚ୍ଛାରେ ସ୍ଥାନ ଦେବେ ତେବେ ଏହା ସମ୍ଭବ ବୋଲି ଦୁଇ ସାଧକ ମନ୍ତବ୍ୟ ଦେଲେ । ମୁଖ୍ୟ ମନ୍ତ୍ରୀଙ୍କର ମାତୃ ଦର୍ଶନ ପରେ ଶ୍ରୀମା କହିଥିଲେ,

"There was Orissa's Chief Minister (Orissa is the first province in India to give money for a pavilion in Auroville: they gave a lakh of rupees). He is a nice man. The people from Orissa, they are nice people; of all provinces, they are the ones who seem the most eager to forge ahead, to change something."

(Mother's Agenda, Vol. 9, p. 97)

କଟକର ବିଶିଷ୍ଟ କଣ୍ଟ୍ରାକ୍ଟର୍ ଉତ୍ସବାନନ୍ଦ ସାମନ୍ତରାୟଙ୍କୁ କିଏ ବା ନ ଜାଣେ । ସେ ଜଣେ ଉଦାର, ଭଗବତ୍ ବିଶ୍ୱାସୀ ବ୍ୟକ୍ତି ଥିଲେ ସତ କିନ୍ତୁ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କର ଶିକ୍ଷା ଓ ଆଦର୍ଶରେ ସେ ସମ୍ପୂର୍ଣ୍ଣ ରୂପେ ଅନୁପ୍ରାଣିତ ଥିଲେ । ପୂର୍ଣ୍ଣ ଆସ୍ଥା ଓ ପ୍ରେମର ସହିତ ସେ ଓଡ଼ିଶାରେ ମା'ଙ୍କର ସବୁକାର୍ଯ୍ୟରେ ସହଯୋଗ କରୁଥିଲେ । ପଣ୍ଡିଚେରୀରୁ ସାଧକମାନେ ଆସିଲେ ତାଙ୍କରି ଘରେ ରହୁଥିଲେ । ଯିବା-ଆସିବା ଓ ଖାଦ୍ୟ-ପେୟର ସବୁ ଦାୟିତ୍ୱ ସେ ବହନ କରୁଥିଲେ । ୧୯୬୦ ମସିହାରୁ ବହୁବାର ପଣ୍ଡିଚେରୀ ଯିବା ଫଳରେ ତାଙ୍କର ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ସହିତ ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା । ମାଙ୍କର କାର୍ଯ୍ୟ ତ୍ୱରାନ୍ୱିତ କରିବାର ପ୍ରବଳ ଇଚ୍ଛା ତାଙ୍କ ମଧ୍ୟରେ ଜାଗ୍ରତ୍ ହୋଇଥିଲା । କଟକ ରେଳଷ୍ଟେସନଠାରୁ ଅଳ୍ପ ଦୂରରେ ତାଳଦଣ୍ଡା କେନାଲ ବନ୍ଧକୁ ଲାଗି ତାଙ୍କର ଏକ ପ୍ରଶସ୍ତ ଜମି ଥିଲା । ପ୍ରଥମେ ସେଠାରେ ସାଇକେଲ ଫ୍ୟାକ୍ଟ୍ରି (factory) କରିବାକୁ ସେ ସ୍ଥିର କରିଥିଲେ । ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ଭିତରେ ହୋଇଥିବା ବାର୍ତ୍ତାଳାପକୁ ଶୁଣିବା ପରେ ୧୯୭୦ରେ ବିନା ଦ୍ୱିଧାରେ ସେହି ଜମିଟିକୁ ସେ ''ସମାଧି ନିର୍ମାଣ'' କାର୍ଯ୍ୟ ପାଇଁ ଅର୍ପଣ କରିଥିଲେ । ତାଙ୍କର ସ୍ୱପ୍ନ ଥିଲା ଏହି ସ୍ଥଳ ହେବ ଓଡ଼ିଶାରେ ମା'ଙ୍କ କାର୍ଯ୍ୟକ୍ରମର ଆଧ୍ୟାତ୍ମିକ କେନ୍ଦ୍ରବିନ୍ଦୁ ଯାହାକି ପବିତ୍ର ଦେହାଂଶ ସ୍ଥାପିତ ହେବା ଫଳରେ ସମସ୍ତଙ୍କୁ ବିଭିନ୍ନ କାର୍ଯ୍ୟ କରିବାର ପ୍ରେରଣା ଦେବ । ଏହି ଭୂମି ପରବର୍ତ୍ତୀ ସମୟରେ ମା'ଙ୍କ ପ୍ରେରଣାରେ ଆଚ୍ଛାଦିତ ହୋଇ ମାତୃକୃପା ବିତରଣର ଏକ ମାଧ୍ୟମ ହୋଇଉଠିବ । ନିଜର ଏହି ଅଭୀପ୍ସା ବ୍ୟକ୍ତ କରି, ଏକ ପ୍ରାର୍ଥନା ପତ୍ର ଲେଖି ସେ ନିଜେ ଯାଇଥିଲେ ପଣ୍ଡିଚେରୀ । ସମାଧି ମନ୍ଦିର ନିର୍ମାଣର ଦାୟିତ୍ୱ Roger Angerଙ୍କୁ ଦେବା ପାଇଁ ସେହି ପ୍ରାର୍ଥନା ପତ୍ରରେ ମା'ଙ୍କୁ ଅନୁରୋଧ କରିଥିଲେ । ଉତ୍ସବାନନ୍ଦ ମଉସାଙ୍କର ପ୍ରାର୍ଥନା ପତ୍ରରେ ''Blessings'' ଲେଖି ନିର୍ମାଣ କାର୍ଯ୍ୟ ମୋତେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀମା । ମୋ ପାଇଁ ମା'ଙ୍କର ଏହା ଥିଲା ପରମ ଅହେତୁକୀ କୃପା । ଅରୋଭିଲ୍‌ରେ ମାତୃମନ୍ଦିର କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲା । ତେଣୁ ଆମର ସମାଧି ମନ୍ଦିରର ନାମକରଣ ହେଲା ''ମାତୃଭବନ'' ।

ସେହି ଶୁଭସକାଳ ଏବେ ବି ମୋର ସ୍ମୃତିପଟରେ ଜାଜ୍ୱଲ୍ୟମାନ । ଉତ୍ସବ ମଉସା ମା'ଙ୍କର ଆଶୀର୍ବାଦ ଓ ନିର୍ଦ୍ଦେଶ ଜଣାଇବା ପାଇଁ ଆମ ଘରେ ଭୁବନେଶ୍ୱରରେ ଆସି ପହଞ୍ଚିଲେ । ଆମେ ସମସ୍ତେ ଆନନ୍ଦରେ ଆତ୍ମବିଭୋର ହୋଇ ଉଠିଲୁ । ଜମିର ମାପ (site details) ଓ ଅନ୍ୟ ଦରକାରୀ କାଗଜପତ୍ର

ଦେଇ ସେ କଟକ ଫେରିଗଲେ । ମୁଁ ସଙ୍ଗେ ସଙ୍ଗେ ମୋର ଅନ୍ୟତମ ସ୍ଥପତି ବନ୍ଧୁ ରୂପେନ୍ ଦତ୍ତଙ୍କୁ ଡାକି ସବୁକଥା ଜଣାଇଲି । ବମ୍ବେରୁ ବାସ୍ତୁବିଦ୍ୟା ପଢ଼ା ଶେଷ କରି କଟକରେ ସେ କାମ ଆରମ୍ଭ କରିଥିଲେ । ଆମେ ଦୁହେଁ ମିଶି ପ୍ରଦର୍ଶନୀ ଓ ମା'ଙ୍କୁ ଅର୍ପିତ ସଭାସମିତିରେ କିଛି କିଛି କାମ କରୁଥିଲୁ । ଆମ ସହିତ ଯୋଗ ଦେଉଥିଲେ ଆମର ଇଂଜିନିୟର ବନ୍ଧୁ ଧ୍ରୁବଚରଣ ହୋତା । ବାପାଙ୍କର ଉପଦେଶରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦର ଏକ ଶାଖା ଖୋଲା ହେଲା –''Consulting Architects and Engineers." ଅନ୍ୟମାନଙ୍କ ଅନୁମୋଦନ ପରେ ବିସ୍ତୃତ ବିବରଣୀ ସହ ଆମେ ମା'ଙ୍କ ନିକଟକୁ ପ୍ରାର୍ଥନା ପତ୍ର ଲେଖିଲୁ । (ମା'ଙ୍କୁ ଲେଖା ଯାଇଥିବା ପତ୍ରର କିଛି ଅଂଶ ବର୍ତ୍ତମାନ ସୁଦ୍ଧା ମୋ ପାଖରେ ଅଛି ।) ମା'ଙ୍କର ଆଶୀର୍ବାଦ ପୁଷ୍ପ ପାଇବା ପରେ ଏହି ଶାଖାର ପ୍ରଥମ କାର୍ଯ୍ୟ ''ମାତୃଭବନ''ର ଚିତ୍ରାଙ୍କନ ଆରମ୍ଭ ହେଲା ଭୁବନେଶ୍ୱରର ଦୁଇ ନମ୍ବର ୟୁନିଟ୍‌ରେ ଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଗୋଟାଏ କୋଠରିରେ ।

ସ୍କୁଲର ପ୍ରଧାନ ଶିକ୍ଷିକା (ପ୍ରୀତି ପଟ୍ଟନାୟକ)ଙ୍କ କୋଠରିକୁ ଲାଗି ଥିଲା ଧ୍ୟାନ ଗୃହ ଓ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କର ବଡ଼ ଦୁଇଟି ସୁଦୃଶ୍ୟ ଫଟୋ । ଧୂପ ଓ ପୁଷ୍ପରେ ସୁସଜ୍ଜିତ ଥିଲା ଏହି କୋଠରି । ତା ସାଙ୍ଗକୁ ଲାଗିଥିବା କୋଠରିଟିକୁ ଦିଆଗଲା ଆମ ଅଫିସ ଖୋଲିବା ପାଇଁ । ଉତ୍ସବ ମଉସା କାର୍ଯ୍ୟ ସମାପନର କୌଣସି ଦିନ ବା ସମୟ ନିର୍ଦ୍ଧାରିତ କରି ନଥିଲେ । ସେ ଆମକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ମାତୃଭବନର କାର୍ଯ୍ୟ ଆରମ୍ଭ ହେଲା । ସନ୍ଧ୍ୟା ଛଅଟାରୁ ନଅଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଥିଲେ ସୁଦ୍ଧା ଏହାଠାରୁ ପ୍ରାୟ ବେଶୀ ସମୟ ଧରି କାର୍ଯ୍ୟ ଚାଲୁ ରହୁଥିଲା । ତେଣୁ ଆମକୁ ଚାହା, ପାଣି ଦେବାର ଦାୟିତ୍ୱରେ ଥିଲେ ଶଙ୍କର ଭାଇ (ଶଙ୍କର ମହାନ୍ତି) । ସେ ଆମ ଅଫିସର ପାଖ କୋଠରିରେ ରହୁଥିଲେ ।

ନିର୍ଦ୍ଦିଷ୍ଟ ସ୍ଥଳର ସାଇଟ୍ ପ୍ଲାନ (site plan) ଆଙ୍କିବା ପୂର୍ବରୁ ହୋତା ବାବୁ, ଦତ୍ତ ବାବୁ, ଶଙ୍କର ଭାଇ, ମୋ ସହିତ ସରକାରୀ ଅଫିସରେ କାମ କରୁଥିବା ପ୍ରଭାକର ମିଶ୍ର ଏବଂ ମୁଁ, ସମସ୍ତେ ମିଶି କଟକକୁ ନିର୍ମାଣ ସ୍ଥଳର ପର୍ଯ୍ୟବେକ୍ଷଣ କରିବା ପାଇଁ ଯାଇଥିଲୁ । କଟକରେ ଶେଷ ପର୍ଯ୍ୟନ୍ତ ସବୁକିଛିର ତତ୍ତ୍ୱାବଧାନ ଓ ନିର୍ମାଣ କାର୍ଯ୍ୟର ପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲେ ଆଦିକନ୍ଦ ସାମନ୍ତରାୟ – ଉତ୍ସବ ମଉସାଙ୍କର ସାନଭାଇ । ସେ ବହୁ ଆଦର ସହ ଆମକୁ ସ୍ୱାଗତ କରିଥିଲେ ଓ ସବୁ ଦରକାରୀ ଜିନିଷ ଯୋଗାଇ ଦେଇଥିଲେ । ଧ୍ୟାନ ପରେ ନୂତନ ସମାଧି ମନ୍ଦିରର ନିର୍ମାଣ ସ୍ଥଳକୁ ଚିକିନିଖି ନିରୀକ୍ଷଣ କରାଗଲା । କେନାଲ୍, ରେଳବ୍ରିଜ୍ (railway bridge), ଗଛ, ସଡ଼କ ଇତ୍ୟାଦିର ଆନୁମାନିକ ମାପ ନିଆଗଲା । ଯାହା ମାପି ପାରିଲୁ ତାହା ମାପିଲୁ । ସେ ଜାଗା ଆମ୍ବ, ପଣସ, ନଡ଼ିଆ ସମେତ ନାନାଦି ବୃକ୍ଷ ଲତାରେ ପୂର୍ଣ୍ଣଥିଲା । ସେ ଜାଗା ବିଷୟରେ ମୋର ପ୍ରିୟ ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ ସବିସ୍ତୃତ ବିବରଣୀ ଦେଇଛନ୍ତି ନିଜର ଲେଖା ''ସେ ଦିନୁଁ ଆଜି ପର୍ଯ୍ୟନ୍ତ'' (ରୌପ୍ୟ ଜୟନ୍ତୀ ସ୍ମରଣିକା, ପୃଷ୍ଠା. ୩୮)ରେ । ସେହିଠାରେ ଆମର ଭୋଜନର ବ୍ୟବସ୍ଥା ମଧ୍ୟ ଉତ୍ସବ ମଉସା କରାଇଥିଲେ । ତେଣୁ କର୍ମକ୍ଲାନ୍ତି ଅପେକ୍ଷା ଆନନ୍ଦ ଅନୁଭବର ମାତ୍ରା ଥିଲା ଅଧିକ । କାମ ସାରି ଖୁବ୍ ଖୁସି ମନରେ ଆମେ ଫେରିଲୁ ଭୁବନେଶ୍ୱର ।

କିଛି ଗୋଟାଏ ଭିନ୍ନ ଓ ନୂତନ କରିବାର ପ୍ରଚେଷ୍ଟାରେ ଆମେ ଦୁହେଁ ନିଜ କଳ୍ପିତ ଧାରଣା ଉପରେ କାମ କରିବାକୁ ଲାଗି ପଡ଼ିଲୁ । ଆମେ ଚିତ୍ର ଆଙ୍କୁ, ହୋତାବାବୁ ଓ ମଝିରେ ମଝିରେ ଶଙ୍କର ଭାଇ ନିଜର ଟିପ୍ପଣୀ ଦିଅନ୍ତି । ସନ୍ଧ୍ୟାରେ ଧ୍ୟାନ କୋଠରିକୁ ଆସୁଥିବା କିଛି ମାତୃଭକ୍ତମାନେ ଆସି ଆମ ସହିତ ଆଲୋଚନାରେ ଯୋଗ ଦିଅନ୍ତି । ସେମାନଙ୍କ ଭିତରେ ଥିଲେ ପଞ୍ଚାନନ ଭାଇ, ବିଦୁଅପା, ବିପିନ ଭାଇ, ଆର୍ତ୍ତତ୍ରାଣ ଭାଇ ଇତ୍ୟାଦି । ବେଶ୍ କିଛିଦିନ କଟିଗଲା । ଅନେକ କାଗଜରେ ଆମେ ବହୁତ କିଛି ଗାରେଇଲୁ । କିଛିବି ମନକୁ ପାଇଲା ନାହିଁ । ଦିନେ ହୋତା ବାବୁ ହୁତାଙ୍କର ଚିତ୍ରାଙ୍କିତ ବହିଟିଏ ଆଣିଲେ – ''About Savitri with some paintings''ର ପ୍ରଥମ ଭାଗ । ସାବିତ୍ରୀ ପଢ଼ା ସହିତ ଚିତ୍ରାଙ୍କନ ଦେଖି ହୁଏତ ଆମ ମନରେ କିଛି ଗୋଟାଏ ନୂତନ କଳ୍ପନା ଜାଗ୍ରତ୍ ହେବ । ସେତେବେଳକୁ ବହୁଲୋକଙ୍କର ଆଶା ଓ ଅଭୀପ୍ସା ଆମ ସହିତ ମିଶି ସାରିଥିଲା । ସମସ୍ତେ ଚାହୁଁଥିଲେ ମା'ଙ୍କର ପ୍ରେରଣାରେହିଁ କିଛି ଗୋଟାଏ ନୂତନ ସୃଷ୍ଟି ହେଉ । ମା'ଙ୍କର କୃପା ହେଲା । ଏହି ବହିର ୧୯ ପୃଷ୍ଠାରେ ଆମେ ଆମ ପରିକଳ୍ପନାର ଏକ ଧାରଣା ପାଇଲୁ । ପ୍ଲାନ ଅଙ୍କା ହେଲା ଠିକ୍ ସେହି ଚିତ୍ରକୁ ସମ୍ମୁଖରେ ରଖି । ମା'ଙ୍କର ଦୁଇ ଚକ୍ଷୁ – ଜ୍ଞାନ, କୃପା, ସ୍ନେହର ଝରଣା ଯେପରି ସେ ଢାଳି ଦେଉଛନ୍ତି ସମସ୍ତଙ୍କ ଉପରେ । ଦୁଇ ଗୋଲେଇରୁ ଗୋଟାଏ ଗୋଲେଇରେ ରହିଲା ଧ୍ୟାନ

କୋଠରି, ଅନ୍ୟଟିରେ ଲାଇବ୍ରେରି । ଦୁଇ କୋଠରିରୁ ଲାଭାନ୍ୱିତ ହୋଇ ସମସ୍ତେ ଅଗ୍ରସର ହେବେ ନିଜର ଆନ୍ତର ବିକାଶ ପାଇଁ । ଯେଉଁ ବିନ୍ଦୁରେ ଦୁଇ ଚକ୍ଷୁର ଆଲୋକ ଯାଇ ମିଶିବ ସେହି ସ୍ଥାନଟି ହେଲା ସମାଧି ମନ୍ଦିରର ସ୍ଥାନ । କୋଠରି ଦୁଇଟି ଓ ସମାଧିର ପ୍ରବେଶ ଦ୍ୱାର ଇତ୍ୟାଦି କେତେ ଦୂରରେ ରଖାଯିବ, ତା'ଉପରେ ବିଚାର ବିମର୍ଶ ଚାଲିଲା । ଏଥିନିମନ୍ତେ ଆମେ ପ୍ରଭୁ ଶ୍ରୀଅରବିନ୍ଦଙ୍କର Symbol ରେ ଥିବା ଦୁଇଟି intersecting triangle ର ସାହାଯ୍ୟ ନେଲୁ । ଦିନେ ହୋତା ବାବୁ କହିଲେ, ''ପଣ୍ଡିଚେରୀର ସମୁଦ୍ରକୂଳରେ ପ୍ରଭୁ ଶ୍ରୀଅରବିନ୍ଦଙ୍କର ସମାଧି । ଆମେ ଏଠି ପାଣି ପାଖରେ ବସି ଧ୍ୟାନ କଲେ କେମିତି ହୁଅନ୍ତା ?'' ସମସ୍ତଙ୍କ ମନକୁ ଏହା ପାଇଲା । ନଦୀକୂଳରେ ଘନବୃକ୍ଷରାଜି ମଧ୍ୟରେ ତପସ୍ୟାରତ ମୁନିଋଷିଙ୍କର ଚିତ୍ର ଆଖି ଆଗରେ ଉଭାସିତ ହେଲା । ଆମେ ସମାଧିର ଚତୁଃପାର୍ଶ୍ୱରେ ଗୋଟିଏ କ୍ଷୁଦ୍ର ଜଳାଶୟ ତିଆରି କଲୁ । ଚାରି ଦିଗରୁ ସମାଧିକୁ ଯିବା ପାଇଁ ଚାରୋଟି ସଂଯୋଗ ସେତୁ ନିର୍ମାଣ ହେଲା ।

ପ୍ଲାନ ପରେ elevation ର ପାଳି । ସମାଧି ଚାରିପାଖରେ ମା'ଙ୍କର ଚାରିଶକ୍ତି ଚାରୋଟି ସ୍ତମ୍ଭରୂପେ ରଖିବାକୁ ସ୍ଥିର କଲୁ । ଚତୁର୍ଦ୍ଦିଗରେ ବିଶେଷ କରି ରେଳ ବ୍ରିଜରୁ ମଧ୍ୟ ଯେମିତି ଆମର ଭବନ ଦିଶିବ ସେଥିପାଇଁ ସଚେତନ ରହିବାକୁ ଚେଷ୍ଟା କଲୁ । ପୁଣି ଅନେକ ଚିତ୍ର ଅଙ୍କା ହେଲା । ଆଉ କିଛି ସ୍ଥପତି ବନ୍ଧୁମାନଙ୍କ ସହିତ ମଧ୍ୟ ଚର୍ଚ୍ଚା କରାଗଲା । ଫଳ ନକାରାତ୍ମକ । କିଛି ବି ମନକୁ ପାଉ ନଥାଏ । ଦିନେ ଦତ୍ତବାବୁ ହତାଶ ହୋଇ ଆଙ୍କିବା ଛାଡ଼ି ଧ୍ୟାନ କୋଠରିରେ ଯାଇ ମା'ଙ୍କ ଚରଣ ତଳେ ମୁଣ୍ଡ ରଖି ଶୋଇ ପଡ଼ିଲେ । ବେଶୀ ଡେରି ହେଲେ କଟକ ନ ଫେରି ସେ ସେଇଠି ଶଙ୍କର ଭାଇଙ୍କ ସହିତ ରହି ଯାଉଥିଲେ । ମୁଁ କିନ୍ତୁ ଘରକୁ ଫେରିଲି । ପରଦିନ ଯାଇ ଦେଖିଲି ଦତ୍ତବାବୁ ଅଧରାତିରେ ଉଠି elevation ପ୍ରସ୍ତୁତ କରିଛନ୍ତି । ସେ କହିଲେ ହଠାତ୍ ତାଙ୍କୁ ଏହି ପ୍ରେରଣା ଆସିଲା । ପରେ ଆମେ ବୁଝିଲୁ, ସମାଧି ପାଖକୁ ଆସୁଥିବା ସବୁ ବ୍ୟକ୍ତିଙ୍କର ଅଭୀପ୍ସା ଭିନ୍ନ । ନିରବଚ୍ଛିନ୍ନ ଆସ୍ପୃହାର ଶିଖା ମଧ୍ୟ ଭିନ୍ନ । ତାହାହିଁ ରୂପ ନେଇଛି ଏହି elevationରେ । ଊର୍ଦ୍ଧ୍ୱମୁଖୀ ଅଭୀପ୍ସାର ଶିଖା ସମ ଆମର ଊର୍ଦ୍ଧ୍ୱଗାମୀ ଚାରୋଟି ସ୍ତମ୍ଭ (Pillars) । ଯାହା ଦୃଶ୍ୟମାନ୍ ଚାରି ଦିଗରୁ । ଏପରିକି ରେଳ ବ୍ରିଜରୁ ମଧ୍ୟ । ଅନ୍ତର ଭରି ଉଠିଥିଲା କୃତଜ୍ଞତାରେ । ଏହାପରେ ଖୋଜା ଚାଲିଲା ଜଣେ ଇଂଜିନିୟରଙ୍କୁ ଯେ ସମାଧି ଗୋଲେଇର ଛାତ ପାଇଁ ring beam ଡିଜାଇନ୍ କରିବେ । ସେତେବେଳେ ଏହାର ପ୍ରଚଳନ ବିଶେଷ ନଥିଲା । ଦତ୍ତବାବୁ ଜଣଙ୍କୁ ରାଜି କରାଇଲେ । ଆମ ଚିତ୍ର ଅଙ୍କା କାମରେ ଆଉ କୌଣସି ବାଧା ନଥିଲା । ମା ସବୁ ଯୋଗାଇ ଦେଇଥିଲେ । ମଡ଼େଲ ତିଆରି କରିବା ପାଇଁ ସରୋଜ ପ୍ରଧାନ (ମୋ ସହିତ ଅଫିସରେ କାର୍ଯ୍ୟ କରୁଥିଲେ)ଙ୍କୁ ଅନୁରୋଧ କଲୁ । ସେ ମଧ୍ୟ ବହୁତ ଖୁସିରେ ଏ କାମ ତୁଲାଇ ନେଲେ ।

ନକ୍ସା ଅଙ୍କନ ଓ ଉପସ୍ଥାପନ (Design ଓ presentation) ସରିବା ପରେ ଉତ୍ସବ ମଉସାଙ୍କ କଥା ମାନି ମୁଁ ଏବଂ ଦତ୍ତବାବୁ ଯାଇଥିଲୁ ପଣ୍ଡିଚେରୀ । ସୌଭାଗ୍ୟରେ ପରିପୂର୍ଣ୍ଣ ଥିଲା ସେ ସୁନେଲି ସକାଳର ପ୍ରତିଟି ମୁହୂର୍ତ୍ତ । ସତେଅବା ଶତ ଜନ୍ମର ତପସ୍ୟାର ଫଳ । ଗୋଟି ଗୋଟି କରି ପାହାଚ ଚଢ଼ି ଉତ୍କଣ୍ଠିତ, କମ୍ପିତ ଓ ଆବେଗଭରା ହୃଦୟରେ ପ୍ରବେଶ କଲୁ ଶ୍ରୀମାଙ୍କ କୋଠରିରେ । ପ୍ରେରଣାଦାୟିନୀ, କରୁଣାମୟୀ, ପ୍ରେମମୟୀ ଦିବ୍ୟଜନନୀ ସମ୍ମୁଖରେ ଆସୀନା । ଶତ ଐଶ୍ୱର୍ଯ୍ୟର ସ୍ୱାମିନୀ, ମାଧୁର୍ଯ୍ୟରେ ପୂର୍ଣ୍ଣ, ସ୍ୱର୍ଗୀୟ ଆଭାରେ ଦେଦୀପ୍ୟମାନ ମୁଖମଣ୍ଡଳ ''... her face was a bright sun'' (*Savitri,* p. 514) ହୃଦୟଭେଦୀ ଚକ୍ଷୁଯୁଗଳ (two penetrating eyes), ଏବେ ମଧ୍ୟ ଶିହରି ଉଠେ ମନ, ପ୍ରାଣ । ଆମ ମନରେ ଜିଜ୍ଞାସା – ''ଡ୍ରଇଂ ଦେଖି ଶ୍ରୀମା କ'ଣ କହିବେ ?'' ସେ ପ୍ରତିଟି ଡ୍ରଇଂକୁ ଖୁବ୍ ଭଲ ଭାବରେ ଦେଖିଲେ । ଆମେ ଡ୍ରଇଂ ବୁଝାଇବାକୁ ଚେଷ୍ଟା କଲାବେଳେ ଟିକିଏ ହସିଲେ । ମୂର୍ଖ ଆମେ । ଯିଏ ସବୁ କରାଇଲେ ତାଙ୍କୁ ବୁଝାଇବାର ପ୍ରଚେଷ୍ଟା ? କିନ୍ତୁ ସେ ପରା ଆମ ମା । ଶୁଣିଲେ, ଦେଖିଲେ, ପ୍ଲାନ ଅଙ୍କା ହୋଇଥିବା କାଗଜରେ ''Blessings'' ଲେଖି ସେହି ଭବନ ମାଧ୍ୟମରେ ନୂତନ ଜଗତକୁ ଏ ଧରା ତଳେ ବିକଶିତ ହେବାର ମୋହର ଲଗାଇ ଦେଲେ । ଆମକୁ ସ୍ୱର୍ଣ୍ଣପଦକ ପାଇଲା ଭଳି ଲାଗିଲା । ପୁଣି ସେହି ମୂର୍ଖତା ଓ ଅଜ୍ଞାନତା । ସେହି ପରା ସବୁ କରାଇଲେ । ଆମେ କିଏ ? ଆମର ଭେଟ ସ୍ଥପତି Roger Anger ଙ୍କ ସହିତ ମଧ୍ୟ ହୋଇଥିଲା । ସେ ବହୁ ଆଗ୍ରହର ସହ ଡ୍ରଇଂଗୁଡ଼ିକୁ ଦେଖିଥିଲେ । ସମସ୍ତେ ପ୍ରଫୁଲ୍ଲିତ ମନରେ ଫେରିଲୁ । ଉତ୍ସବ ମଉସା ଓ ଅନ୍ୟମାନେ ଶୁଭଦେବା ଦିବସ (Foundation day)ର କାର୍ଯ୍ୟକ୍ରମରେ ଲାଗି ପଡ଼ିଲେ ।

ସ୍ୱପ୍ନଟି ସଫଳ ହେଲା ୧୮ ଜୁଲାଇ ୧୯୭୧ରେ । ସେ ଜମି ସେଦିନ ସୁନ୍ଦର ଓ ପରିଷ୍କାର ଦିଶୁଥାଏ । ସେହି ଦିନଠାରୁ ତା'ର ଯାତ୍ରା ଆରମ୍ଭ ହେବ ନିଜର ଲକ୍ଷ୍ୟ ଦିଗରେ । ମାତୃଭବନର ତପସ୍ୟାରତ ସେହି ଭୂମିର ଅଭୀପ୍‌ସିତ ଯାତ୍ରା ଆରମ୍ଭ ହୋଇ ସାରିଥିଲା ବହୁ ପୂର୍ବରୁ । ସେଠାରେ ଖର୍ବକାୟ ବୃଦ୍ଧାଟିଏ ରହୁଥିଲା । ଉତ୍ସବ ମଉସା ଜମି ନେଲା ପରେ ମଧ୍ୟ ସେ ବୃଦ୍ଧା ଜାଗା ଛାଡ଼ିବାକୁ ନାରାଜ । ଆମ୍ବଗଛ ମୂଳରେ ପୋଡ଼ାମାଟି ଓ ପଥର ନିର୍ମିତ ବହୁ ଦେବାଦେବୀଙ୍କର ପୂଜା ସେ କରୁଥିଲା । ତା'ର ପ୍ରଭାବ ସେ ଜାଗାରେ ନିଶ୍ଚୟ ଥିବ । ତା'ପରେ ୧୯୭୦ ଡିସେମ୍ବର ୯ ତାରିଖରେ ଜଗତସିଂପୁରକୁ ଶ୍ରୀଅରବିନ୍ଦଙ୍କର ପବିତ୍ର ଦେହାଂଶ ନିଆଯିବା ସମୟରେ ଗୋଟିଏ ରାତି ପାଇଁ ଏହି ପୁଣ୍ୟ ଭୂମିରେ, ବର୍ତ୍ତମାନ ସମାଧିର ଠିକ୍ ପଛ ପଟକୁ Relics ରଖା ଯାଇଥିଲେ । ଏହି ଶୁଭ ଦିନ ପାଇଁ ପଣ୍ଡିଚେରୀରୁ ଉଦାରଜି ଓ ନବଜାତଜି ଆସିଥିଲେ । ସମସ୍ତଙ୍କର ସୁଖ ସୁବିଧାର ପୂର୍ଣ୍ଣ ଆୟୋଜନ ବହନ କରିଥିଲେ ଦୁଇ ଭାଇ – ଆଦିକନ୍ଦ ଓ ଉତ୍ସବାନନ୍ଦ ସାମନ୍ତରାୟ । ସଭାସ୍ଥଳର ଗୋଟିଏ ପାର୍ଶ୍ୱରେ ଟେବୁଲ ଉପରେ ଭବନର ମଡ଼େଲ (model) ରଖା ହୋଇଥିଲା । ତା'ରି ପାଖରେ ଗୋଟିଏ ଷ୍ଟାଣ୍ଡରେ ସବୁ presentation drawingଗୁଡ଼ିକୁ Pin-up କରି ରଖା ଯାଇଥିଲା । ଦୁଇ ସାଧକ ଓ ଅନ୍ୟମାନେ ସେ drawing ଦେଖି ଆମକୁ ବହୁ ପ୍ରଶ୍ନ ପଚାରିଥିଲେ । ଶେଷରେ ସମସ୍ତେ ଖୁସି ହୋଇ ଆମକୁ ଆଶୀର୍ବାଦ ଦେଇଥିଲେ । ମୋର ପ୍ରିୟ ଶିକ୍ଷକ ମହାପାତ୍ର ନୀଳମଣି ସାହୁ ମନ୍ତବ୍ୟ ଦେଲେ, ''ଇଏତ ସୁନ୍ଦର ସୁସଜ୍ଜିତ ଦୀପମାଳା ପରି ଲାଗୁଛି ।'' ସତରେ ତ ସମସ୍ତଙ୍କର ହୃଦୟର ଅଭୀପ୍‌ସା ରୂପକ ଦୀପଶିଖା ଜଳାଇବା ପାଇଁ ସ୍ୱୟଂ ପ୍ରଭୁ ଏ ଧରାପୃଷ୍ଠକୁ ଅବତରି ଆସିଛନ୍ତି । ମାର୍ଗ ପ୍ରଦର୍ଶନ କରିବା ପାଇଁ ସ୍ଥୂଳରୂପେ ଏବେ ମାତୃଭବନରେ ସ୍ଥାପିତ ହେବେ । ଉଦାରଜିଙ୍କ ହାତରେ ଶିଳାନ୍ୟାସ କରାଯାଇ ଅନୁଷ୍ଠାନର ଶୁଭ କାର୍ଯ୍ୟ ସମାପନ ହେଲା ।

ଡିସେମ୍ବର ନଅ ତାରିଖ ୧୯୭୨ରେ ପ୍ରଭୁ ଶ୍ରୀଅରବିନ୍ଦଙ୍କର ପବିତ୍ର ଦେହାଂଶ ସ୍ଥାପିତ କରିବା ପାଇଁ ସିଦ୍ଧାନ୍ତ ନିଆଗଲା । ଏକ ଆନନ୍ଦମୁଖର ଉତ୍ସବର ଦିନ ଥିଲା ୯-୧୨-୧୯୭୨ । ସେ ପୁଣ୍ୟଭୂମି ମଧ୍ୟ ଅପେକ୍ଷାରତ ଥିଲା ମାତୃଭକ୍ତଙ୍କର ସମାଗମକୁ । ସମସ୍ତଙ୍କ ମୁଖରେ ଉଲ୍ଲାସର ଲହରି । ଏହି ପୁଣ୍ୟ କର୍ମରେ ଭାଗ ନେଇଥିଲେ ପୂର୍ବତନ ମନ୍ତ୍ରୀ ଶ୍ରୀ ବାଙ୍କବିହାରୀ ଦାସ, ଶ୍ରୀ ରାମନାଥ ପଣ୍ଡା, ଶ୍ରୀ ନିମାଇ ଚରଣ ମହାପାତ୍ର, ସର୍ଦାର ଅମର ସିଂହ ଓ ବହୁବିଶିଷ୍ଟ ମାତୃପ୍ରେମୀମାନେ । ଆଶ୍ରମରୁ ଆସିଥିଲେ ଉଦାରଜି, ଅଧ୍ୟାପକ ପ୍ରପତ୍ତି, ଶ୍ରୀପତି ଦାସ ଏବଂ ବାବାଜି ମହାରାଜ । ସମୟ ନିର୍ଦ୍ଧାରିତ ହୋଇଥିଲା ସକାଳ ୧୦ଟାରେ । ଉତ୍ସବ ମଉସା ଗଭୀର ନମ୍ରତା ଓ ଭକ୍ତି ସହକାରେ ପବିତ୍ର ଦେହାଂଶକୁ ବହନ କରି ସମାଧି ନିକଟକୁ ନେଇ ଆସିଥିଲେ । ବାବାଜି ମହାରାଜ ନିଜେ ଦେହାଂଶ ସ୍ଥାପନା କଲେ ସସମ୍ମାନେ । ମାତୃଭବନର ପ୍ରତିଷ୍ଠା ହୋଇଗଲା । ପ୍ରଭୁଙ୍କର ଆତ୍ମା ସ୍ଥାପିତ ହେଲେ ଏବଂ ଓଡ଼ିଶା ଏକ ତୀର୍ଥକ୍ଷେତ୍ରରେ ପରିଣତ ହେଲା । ମା'ଙ୍କର ଦିବ୍ୟ-କରୁଣା, ବାବାଜି ମହାରାଜଙ୍କର ତପସ୍ୟା, ପ୍ରପତ୍ତିଙ୍କ ପ୍ରଚେଷ୍ଟା ଏବଂ ଉତ୍ସବ ମଉସାଙ୍କର ସମର୍ପଣ ଭାବନାରେ ଏହା ସମ୍ଭବ ହୋଇ ପାରିଥିଲା ।

ଏହି ଅବକାଶରେ ହୃଦୟର ଗଭୀରତମ ସୋପାନରୁ ମୁଁ ସମସ୍ତଙ୍କୁ ମୋର ଗଭୀର କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଚାହେଁ । ଆନନ୍ଦାଶ୍ରୁ ଝରାଇ ଶ୍ରୀମାଙ୍କ ପାଦପଦ୍ମରେ ମୋର ଏତିକି ପ୍ରାର୍ଥନା, ''ମା ଗୋ, ମୋ ସହିତ ମୋର ଅଗଣିତ ଭାଇ ଭଉଣୀଙ୍କୁ ସହାୟ ହୁଅ । ପଥ ପ୍ରଦର୍ଶିକା ହୋଇ ସର୍ବଦା ଆମ ହୃଦୟରେ ବିରାଜମାନ ରୁହ । ତୁମରି ଚିର ଆଶ୍ରିତ ଆମେ ।''

ପ୍ରଭୁ ଓ ଶ୍ରୀମାଙ୍କର ଜୟ ହେଉ ।

''The Grace and the help are always there for all who aspire for them & their power is limitless when received with faith and confidence.''

(CWM, Vol. 14, P. 87) – The Mother

❑❑❑

# ହାରାଧନ

## (୨)

୧୯୧୪ ଅଗଷ୍ଟ ମାସର ପ୍ରଥମ ସପ୍ତାହ । ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮)ର ହୃଦୟ ବିଦାରକ ମର୍ମନ୍ତୁଦ ମୁହୂର୍ତ୍ତ । ଯୁଦ୍ଧରେ ନିତି ସହସ୍ରାଧିକ ସୈନ୍ୟ ଆହତ ହେଉଥା'ନ୍ତି । ଭାରତର ତଦାନୀନ୍ତନ ବଡ଼ଲାଟ ଲର୍ଡ଼ ହାର୍ଡ଼ିଂଜ ଘୋଷଣା କଲେ ଯେ ଭାରତରୁ, ବିଶେଷ କରି ବଙ୍ଗଦେଶରୁ ୨,୦୦୦ ସ୍ୱେଚ୍ଛାସେବୀ ଯୁବକଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇବେ, ଯେଉଁମାନେ ଆହତ ସୈନ୍ୟମାନଙ୍କର ଖଟିଆବାହକ (ଆମ୍ବୁଲାନ୍‌ସ) ବାହିନୀରେ ଯୋଗ ଦେବେ । ବଡ଼ଲାଟଙ୍କର ପ୍ରସ୍ତାବ ଜନସାଧାରଣରେ ଘୋଷିତ ହେବାର ଠିକ୍ ପରେ ପରେ ବଙ୍ଗଦେଶରୁ ପ୍ରାୟ ୫୦,୦୦୦ ଯୁବକ ତାଲିକାଭୁକ୍ତ ହୋଇଉଠିଲେ । କିନ୍ତୁ ବଡ଼ଲାଟ କେବଳ ୨,୦୦୦ ଯୁବକଙ୍କୁ ଆମ୍ବୁଲାନ୍ସ ବାହିନୀରେ ନେବାକୁ ସିଦ୍ଧାନ୍ତ କଲେ ।

ବଙ୍ଗଦେଶରେ ଏଇ ଧରଣର ଜାତୀୟ ପରିସ୍ଥିତି ଉପୁଜିଥିବା ବେଳେ କଲିକତାର ତଦାନୀନ୍ତନ ସ୍ୱନାମଧନ୍ୟ ରାଜନୈତିକ ନେତୃବୃନ୍ଦ ସରକାରଙ୍କର ଉପରୋକ୍ତ ପ୍ରସ୍ତାବରେ ଚୂଡ଼ାନ୍ତ ସିଦ୍ଧାନ୍ତ ନେବା ସକାଶେ ଚନ୍ଦନନଗରରେ ଅବସ୍ଥିତ 'ପ୍ରବର୍ତ୍ତକ ସଂଘ'ର ପରିଚାଳକ ମତିଲାଲଙ୍କ ବାସଭବନରେ ଏକତ୍ରିତ ହେଲେ । ସେମାନେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇ ନପାରିବାରୁ ମତିଲାଲଙ୍କ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କର ପରାମର୍ଶ ଲୋଡ଼ିଲେ ।

ଶ୍ରୀଅରବିନ୍ଦ ୨୯ ଅଗଷ୍ଟ ୧୯୧୪ରେ ସେମାନଙ୍କୁ ଏକ ସୁଦୀର୍ଘ ପତ୍ରରେ ତାଙ୍କର ଅସାଧାରଣ ଭାବଧାରା ସମ୍ପର୍କରେ ଉଲ୍ଲେଖ କରିଥିଲେ । ତନ୍ମଧ୍ୟରୁ କିଛି :

''...ଆମର ସର୍ବୋତ୍ତମ ଯୁବଗଣଙ୍କ ମଧ୍ୟରେ, ଏପରିକି ଅଧିକାଂଶ ଯୁଗଗୋଷ୍ଠୀଙ୍କ ଭିତରେ ସାହସ, ଶୌର୍ଯ୍ୟ, ବୀରତ୍ୱ ବା ନିର୍ଭୀକତା ଜାଗ୍ରତ୍ କରାଇବାକୁ ବା ସେମାନଙ୍କ ମଧ୍ୟରେ ଅପରିହାର୍ଯ୍ୟ ଇସ୍ପାତ ସ୍ନାୟୁ ଓ ଆତ୍ମନିୟନ୍ତ୍ରଣ ପ୍ରଶିକ୍ଷଣ ସକାଶେ ଏକ ଇଉରୋପୀୟ ଯୁଦ୍ଧରେ ଖଟିଆବାହକ ହେବାର ବା ଆମ୍ବୁଲାନ୍ସ ବାହିନୀ ବା ଦେହରକ୍ଷୀ ବାହିନୀ ବା ସଂସ୍ଥାଯୁକ୍ତ ଆଞ୍ଚଳିକ ବାହିନୀ ହେବାର କୌଣସି ଆବଶ୍ୟକତା ନାହିଁ । ମୂଳ ଉଦ୍ଦେଶ୍ୟ ହେଉଛି ଆମର ଯୁବଗୋଷ୍ଠୀ ବାସ୍ତବ ରଣକ୍ଷେତ୍ରର ସମ୍ମୁଖ ଭାଗରେ ସଂଗ୍ରାମରତ ରହି ବୀର ସୈନିକର ଅଭିଜ୍ଞତା ନେଇ ଦେଶକୁ ଫେରିବେ ଏବଂ ଦେଶରେ ସୈନ୍ୟବାହିନୀ ଗଠନ କରିବେ । – ଏହି ଧରଣର ଅବସ୍ଥା ନିକଟ ଭବିଷ୍ୟତରେ ଉପୁଜିପାରେ ।...

''ଗତବର୍ଷଠାରୁ ପୃଥିବୀପୃଷ୍ଠରେ ନୂତନ ଶକ୍ତିର ଅନୁପ୍ରବେଶ ଘଟିଛି ଏବଂ ବର୍ତ୍ତମାନ ସେହି ଶକ୍ତି ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରୁଛି ଯାହାକି ସମଗ୍ର ପୃଥିବୀର ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ । ବର୍ତ୍ତମାନର ଏହି ଯୁଦ୍ଧ ହେଉଛି ଏକ ଆରମ୍ଭ ମାତ୍ର, ଅନ୍ତିମ ପରିଣାମ ନୁହେଁ । ଆମକୁ ଗଭୀର ମନୋଯୋଗ ପୂର୍ବକ ଅନୁଧ୍ୟାନ କରିବାକୁ ହେବ ଏହି ଧରଣର ପରିସ୍ଥିତିସବୁରେ ଆମର କ'ଣ ସବୁ ସମ୍ଭାବନା ରହିଛି ଏବଂ ଆମମାନଙ୍କର କର୍ତ୍ତବ୍ୟ କ'ଣ ।...''

ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ପତ୍ର 'ପ୍ରବର୍ତ୍ତକ ସଂଘ'ରେ ପଠିତ ହେବାର ପରମୁହୂର୍ତ୍ତରୁହିଁ ପ୍ରଥମ କରି ଚନ୍ଦନନଗରରେ 'ସ୍ୱେଚ୍ଛାସେବୀ ବଙ୍ଗାଳୀ ସେନାବାହିନୀ'ର ଉଦ୍ଭବ ହେଲା; ସରକାରୀ ଚାକିରିର ପେସାଦାର ସୈନ୍ୟବାହିନୀ ନୁହେଁ, 'ସ୍ୱଦେଶୀ ସେନାବାହିନୀ' – ପ୍ରାୟ ପନ୍ଦର ଜଣ ଉଚ୍ଚାକାଙ୍କ୍ଷୀ, ବୁଦ୍ଧିଦୀପ୍ତ ଓ ଶୌର୍ଯ୍ୟବନ୍ତ ଯୁବକଙ୍କର ସୁଶିକ୍ଷିତ, ଶୃଙ୍ଖଳାବଦ୍ଧ ସୈନ୍ୟବାହିନୀ ।

ଠିକ୍ ପରବର୍ଷ, ୧୯୧୫ ଡିସେମ୍ବରରେ ଫ୍ରାନ୍ସର ତଦାନୀନ୍ତନ ପ୍ରେସିଡେଣ୍ଟ୍ ଜର୍ଜ ପୁଆଁକାରେ ଫରାସୀ ଅଧିକୃତ ଭାରତରୁ ସ୍ୱେଚ୍ଛାସେବୀ ଯୁବକଗଣଙ୍କୁ ଫରାସୀ-ଇଂରେଜ ସୈନ୍ୟବାହିନୀରେ ଯୋଗ ଦେବାକୁ ଆହ୍ୱାନ ଜଣାଇଲେ । ଚନ୍ଦନନଗରରୁ ଫ୍ରାନ୍ସକୁ ଯିବା ପାଇଁ ପ୍ରସ୍ତୁତ ଯୁବଗଣଙ୍କର ପ୍ରଥମ ଦଫାରେ ୧୫ ଜଣଙ୍କ ମଧ୍ୟରେ ପ୍ରଥମ ତାଲିକାଭୁକ୍ତ ହେଲେ ହାରାଧନ – ଋଜୁ ବଳିଷ୍ଠ ଅବୟବ, ପ୍ରଶାନ୍ତ ଏବଂ ଅଫୁରନ୍ତ ଶକ୍ତି ସାମର୍ଥ୍ୟରେ ଭରପୂର ଦୁଃସାହସୀ ହାରାଧନ ।

୧୯୧୬ର ପ୍ରାରମ୍ଭରେ ଚନ୍ଦନନଗରରୁ ଆଗତ ଦୁଇ ଦଳ ଯୁବକ ପଣ୍ଡିଚେରୀରେ ତାଲିମ ପ୍ରାପ୍ତ ହେବା ପରେ ଫ୍ରାନ୍ସର ଭାରଡ଼ାନ୍‌ରେ ଯୁଦ୍ଧ କରିବାକୁ ପଠାଇ ଦିଆଗଲା । ସେମାନେ ସେହି ଦୁର୍ବିଷହ, ପ୍ରାଣାନ୍ତକ ଟ୍ରେଞ୍ଚ୍ ଯୁଦ୍ଧରେ ବୀରତ୍ୱର ସହିତ

ଲଢ଼ାଇ କରୁ କରୁ କେବଳ ଜଣଙ୍କ ବ୍ୟତୀତ ସମସ୍ତେ ନିଶ୍ଚିହ୍ନ ହୋଇ ଯାଇଥିଲେ – ଯେଉଁ ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିଲେ, ସେ ଥିଲେ ହାରାଧନ । ପରେ ହାରାଧନ ତାଙ୍କର ଯୁଦ୍ଧ-ଜୀବନ କାହାଣୀ ଓ ଅଭିଜ୍ଞତା ସବୁ 'ଲଢ଼ାଇୟେର୍ ନୂତନ କାୟଦା' ପୁସ୍ତକରେ ଲିପିବଦ୍ଧ କରିଥିଲେ ।

ଯୁଦ୍ଧରୁ ୧୧ ନଭେମ୍ବର ୧୯୧୯ରେ ହାରାଧନ ଫେରି ପଣ୍ଡିଚେରୀରେ ପହଞ୍ଚିଥିଲେ ଏବଂ ସେହି ଦିନ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ପରବର୍ତ୍ତୀ କାଳରେ ଆଶ୍ରମର ଯୁବଗୋଷ୍ଠୀଙ୍କୁ ସେ କଥାଛଳରେ ତାଙ୍କର ଯୁଦ୍ଧକାଳୀନ ଅଭିଜ୍ଞତାସବୁ ବର୍ଣ୍ଣନା କରିଥିଲେ । ତନ୍ମଧ୍ୟରୁ କିଛି :

ଯୁଦ୍ଧକ୍ଷେତ୍ରରେ ଥରେ ତାଙ୍କର ପେଟରେ ଏକ ଗୁଳି ବାଜିଥିଲା । ଗୁଳିଟି ଦୃଢ଼ ଭାବରେ ପେଟର ଗଭୀରରେ ଅଟକି ରହିଥିଲା । ସଚରାଚର ଯୁଦ୍ଧକାଳୀନ ପରିସ୍ଥିତିରେ ଯେମିତି ଘଟିଥାଏ; ଉପଯୁକ୍ତ ଉପଚାର ସକାଶେ ତତ୍କ୍ଷଣାତ୍ ଅତ୍ୟାବଶ୍ୟକ ଉପକରଣସବୁ ହାତ ପାଖରେ ମିଳିବା କଷ୍ଟ । ଆଉ ଏ ସମ୍ବନ୍ଧରେ ଅଭିଯୋଗ କରିବା ତ ଦୂରର କଥା, ଅସନ୍ତୁଷ୍ଟ ହେବାର ବି ପ୍ରଶ୍ନ ଉଠୁନି – ପୁନଶ୍ଚ ଇଏ ତ ଏକ ବୀଭତ୍ସ ଯୁଦ୍ଧର ପରିସ୍ଥିତି । ତା'ପରେ ଏହି ବିଶେଷ ପରିସ୍ଥିତିରେ ତତ୍କ୍ଷଣାତ୍ ଆନେସ୍‌ଥେଟିକ୍ ଅର୍ଥାତ୍ ନିଶ୍ଚେତକ ବା ସଂଜ୍ଞାଲୋପୀ ଔଷଧ ମିଳିଲା ନାହିଁ । ତେଣୁ ସେ ଚିତ୍ ହୋଇ ଶୋଇ ପଡ଼ିଲେ ଏବଂ ଶଲ୍ୟ ଚିକିତ୍ସକଙ୍କୁ କହିଲେ, 'ଆପଣ ଅସ୍ତ୍ରୋପଚାର କରି ମୋ ପେଟରୁ ଗୁଳି ବାହାର କରନ୍ତୁ ।' କହିବା ବାହୁଲ୍ୟ, ହାରାଧନ ନିଃଶବ୍ଦରେ ଚିକିତ୍ସକଙ୍କୁ ତାଙ୍କର କାର୍ଯ୍ୟ ସଫଳତାର ସହିତ କରିବାକୁ ସାହାଯ୍ୟ କଲେ । ଏମିତି ଦୃଢ଼ ଥିଲେ ହାରାଧନ !

ଆଉ ଏକ ଘଟଣା : ଯୁଦ୍ଧରେ ଥରେ ବନ୍ଦୀ ହୋଇ ଗଭୀର ସମୁଦ୍ରରେ ଜାହାଜରେ କୌଣସି ଏକ 'ପ୍ରିଜନର୍ ଅଫ୍ ୱାର୍' କ୍ୟାମ୍ପକୁ ଅନ୍ୟ ବନ୍ଦୀମାନଙ୍କ ସହ ଯାଉଥିଲେ । ଜାହାଜଟି ଯେତେବେଳେ ଆଲ୍‌ଜେରିଆର ଉପକୂଳ ଦେଇ ଗତି କରୁଥିଲା, ସେ ଜାହାଜରୁ ପାଣିକୁ ଡେଇଁପଡ଼ି ପହଁରି ପହଁରି କୂଳରେ ପହଞ୍ଚି ବର୍ତ୍ତି ଯାଇଥିଲେ ।

ଆଉ ଥରେ ସେମାନଙ୍କ ଯୁଦ୍ଧ ଜାହାଜଟି ଟର୍‌ପେଡ଼ୋର ଆଘାତରେ ବୁଡ଼ି ଯାଉଥିଲା । ସେଥିରେ ଥିବା କେତେକ ସୈନିକ ହାରାଧନଙ୍କର ଦୃଢ଼ ପ୍ରଭାବରେ ପହଁରି ପହଁରି ଟିଉନିସିଆର ଏକ ନୌକାରେ ଉଠି ଆଶ୍ରୟ ନେଇଥିଲେ ।... ଏମିତି ଅନେକ ଚିତ୍ତାକର୍ଷକ ଘଟଣା ତାଙ୍କ ଯୁଦ୍ଧ-ଜୀବନରେ ଘଟିଥିଲା ।

ସେ ଯାହା ହେଉ, ଯୁଦ୍ଧରୁ ଫେରିବା ପରେ ହାରାଧନ ପୁନର୍ବାର ଚନ୍ଦନନଗରର 'ପ୍ରବର୍ତ୍ତକ ସଂଘ' ସହିତ ଘନିଷ୍ଠ ଭାବରେ ଜଡ଼ିତ ହୋଇ ଉଠିଥିଲେ । ଅର୍ଥାତ୍ ଚନ୍ଦନନଗର ତଥା ଆଞ୍ଚଳିକ ରାଜନୈତିକ ବିପ୍ଳବୀମାନଙ୍କର ଗୁପ୍ତ କ୍ରିୟାକଳାପରେ ବେଶ୍ ସମ୍ପର୍କ ରଖିଥିଲେ । ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ସହିତ ପତ୍ର ବିନିମୟ ମଧ୍ୟ କରୁଥିଲେ । ଅବଶେଷରେ ସେ ସିଦ୍ଧାନ୍ତ ନେଇଥିଲେ ଯେ ତାଙ୍କର ଅବଶିଷ୍ଟ ଜୀବନ ପଣ୍ଡିଚେରୀରେହିଁ ବିତାଇବେ । ଶ୍ରୀଅରବିନ୍ଦଙ୍କର ଅନୁମତି ପ୍ରାପ୍ତ ହୋଇ ସେ ସେପ୍‌ଟେମ୍ବର ୧୯୨୫ରୁ ଆଶ୍ରମର ଜଣେ ଅନ୍ତେବାସୀ ହିସାବରେ ଜୀବନ ବିତାଇବାକୁ ଆରମ୍ଭ କଲେ ।

ଏହା ଥିଲା 'ଆଶ୍ରମ' ଗଠନ ହେବାର ପୂର୍ବ-ମୁହୂର୍ତ୍ତ । ସେତେବେଳେ ଅନ୍ତେବାସୀଙ୍କ ସଂଖ୍ୟା ଖୁବ୍ ବେଶୀରେ କୋଡ଼ିଏ କି ପଚିଶ । ଆରମ୍ଭରୁହିଁ ଏହା ଥିଲା ସ୍ୱତଃ ଓ ଅପରିହାର୍ଯ୍ୟ ଭାବରେ ଗଢ଼ି ଉଠିଥିବା ଏକ ଗୋଷ୍ଠୀଗତ ଜୀବନ, ନିଜ ନିଜ ସାଧନା ନିମିତ୍ତ ଶ୍ରୀଅରବିନ୍ଦଙ୍କ ଚରଣଯୁଗଳରେ ଆନନ୍ଦର ସହିତ ସମ୍ପୂର୍ଣ୍ଣ ଭାବରେ, ନିଃଶେଷରେ ସମର୍ପିତ ଜୀବନ । ଶ୍ରୀମା ଥିଲେ ପଶ୍ଚାତରେ ।

ଆଉ ଏହା ଥିଲା ସେହି ମୁହୂର୍ତ୍ତ ଯେତେବେଳେ ଶ୍ରୀଅରବିନ୍ଦ ସ୍ୱ-ସାଧନାରେ କ୍ରମଶଃ ଅଧିକରୁ ଅଧିକ ଅନ୍ତର୍ମୁଖୀ ହୋଇ ଉଠୁଥିଲେ ଏବଂ ସାଧକ-ସାଧିକାମାନଙ୍କର ଆନ୍ତର ଓ ବାହ୍ୟ-ସବୁକିଛିର ଭାର ଶ୍ରୀମା'ଙ୍କ ଉପରେ ଧୀରେ ଧୀରେ ନ୍ୟସ୍ତ କରିବାକୁ ଆରମ୍ଭ କରି ଦେଇଥିଲେ ଏବଂ ଶ୍ରୀମା'ଙ୍କର ଅକଳ୍ପନୀୟ ପରିଚାଳନାରେ 'ଆଶ୍ରମ' ତା'ର ଅସଲ ରୂପ ସ୍ୱତଃ ଖୁବ୍ ଶୀଘ୍ର ନେଉଥିଲା ।

ଏଠାରେ ନଭେମ୍ବର ୧୯୭୩ରେ ପ୍ରକାଶିତ ନଳିନୀକାନ୍ତଙ୍କର 'ଆଶ୍ରମ ଜୀବନଧାରାର ଏକ ସମୀକ୍ଷା' ପ୍ରବନ୍ଧରୁ କିଛି ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ ବୋଲି ଆଶା କରୁ :

''... ଏପରି ଏକ ପୂର୍ଣ୍ଣ ସମର୍ପିତ ଜୀବନଧାରାର ସମ୍ଭାବନା ଦୁଇଟି କାରଣରୁ ସମ୍ଭବ ଥିଲା – ପ୍ରଥମତଃ, ଏକ ଭୌତିକ କାରଣ ଏବଂ ଦ୍ୱିତୀୟଟି ଏକ ମନସ୍ତାତ୍ତ୍ୱିକ କାରଣ । ଭୌତିକ କାରଣଟି ହେଉଛି ସେତେବେଳେ ଆଶ୍ରମବାସୀଙ୍କ ସଂଖ୍ୟା ଖୁବ୍ କମ୍ ।... ଯେଉଁ ସାଧକ-ସାଧିକାମାନେ ଏଠାରେ

ଥିଲେ ସେମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କର ନିର୍ବାଚିତ ଓ ଅନୁମତି ପ୍ରାପ୍ତ ଥିଲେ । ଏବଂ ସ୍ୱାଭାବିକ ରୂପେ ଅନ୍ୟ କାରଣଟି ସମ୍ବନ୍ଧେ ଏତିକି କୁହାଯାଇପାରେ ଯେ ଏହି ନିର୍ବାଚିତ ଗୋଷ୍ଠୀଙ୍କର ନିର୍ଦ୍ଧାରିତ ସମୟ ପୂର୍ବରୁ ଏକ ଆନ୍ତର ଜୀବନର ଧାରା ଆରମ୍ଭ ହୋଇ ସାରିଥିଲା; ଏଥିପ୍ରତି ସେମାନଙ୍କର ତୀବ୍ର ଏଷଣା ଥିଲା, ଆଧ୍ୟାତ୍ମିକ ଆସ୍ପୃହା ମଧ୍ୟ ରହିଥିଲା । ତେଣୁ ସେମାନେ ସମସ୍ତେ ଅନ୍ତରରେ ଏକ ସମ୍ପୂର୍ଣ୍ଣ ସମର୍ପିତ ଓ ନିବେଦିତ ଜୀବନ ପାଇଁ ପ୍ରସ୍ତୁତ ଥିଲେ; ଗୁରୁଙ୍କ ପ୍ରତି, ଗୁରୁଙ୍କ ନିର୍ଦ୍ଦେଶ ପ୍ରତି ସ୍ୱତଃ ଆନୁଗତ୍ୟ ଭାବ ଓ ଶ୍ରଦ୍ଧା, ଭକ୍ତି ରହିଥିଲା । ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧରେ ସେମାନେ ଏକେବାରେ ଅଜ୍ଞ ନଥିଲେ ବା ଏହାର ଅତ୍ୟାବଶ୍ୟକୀୟ ମୌଳିକ ବା ପ୍ରାରମ୍ଭିକ ମୂଳସୂତ୍ର ସମ୍ବନ୍ଧରେ ନିରୀହ ବ୍ୟକ୍ତି ନଥିଲେ ।...''

ହାରାଧନ ଥିଲେ ଉପରୋକ୍ତ ସେହି କତିପୟ ସୌଭାଗ୍ୟବନ୍ତ ସାଧକମାନଙ୍କ ମଧ୍ୟରେ ଅନ୍ୟତମ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ଶୂନ୍ୟତାର ଆରପାଖ

## ଦୀପ୍ତି ମିଶ୍ର

କାଚ କାନ୍ଥର ଏ ପାଖେ
ମୁଁ ଦେଖୁଛି ଆରପାଖର ପରିପୂର୍ଣ୍ଣତା,
ଏପାଖରେ ବହଳ ଅନ୍ଧାର
ଭିତରେ ସାଉଁଟୁଛି ଶୂନ୍ୟତାର ପରିଭାଷା
ମରୁପଥେ ମୃଗତୃଷ୍ଣା ସମ ।

ପରସ୍ତ, ପରସ୍ତ, ସାତ ପରସ୍ତ
କାଚର ବାହୁ ବେଷ୍ଟନୀ
ଭିତରେ 'ମୁଁ' ଖୋଜୁଛି 'ମୋତେ'
ଆରପାଖର ସ୍ୱଚ୍ଛ ରୂପ
ମୋତେ ବାତୁଳୀ କରିଛି ।

ତଟିନୀର କଳ କଳ ନାଦ ଯଦିଓ ଅଶ୍ରୁତ,
ସାଗରକୁ ଛୁଇଁବାର
ଆନନ୍ଦରେ ଆତ୍ମହରା
ଛଳଛଳ ନୃତ୍ୟ,
ମୁକ୍ତ ଆକାଶରେ
ବିହଙ୍ଗମର ଡେଣାଝାଡ଼ି
ଉଡ଼ିବାର ଅପୂର୍ବ ଦୃଶ୍ୟ
ପୁଷ୍ପରାଜିର ମଳୟରେ ଦୋଳାୟିତ
ଅପୂର୍ବଶୋଭା ରାଶି
ମୁଁ ଦେଖୁଛି ଆଉ ଖୋଜୁଛି
ପୂର୍ଣ୍ଣତାର ବାସ୍ତବ ରୂପକୁ ।

କାଚ ଘରେ ବନ୍ଧା ପଡ଼ିଥିବା
'ମୁଁ' ଭୟ ପାଇଯାଏ,
କାଚକୁ ଭେଦିଲେ
ଲହୁଲୁହାଣ ହେବା
ସାର ହେବ ସିନା
ସ୍ୱପ୍ନ କିନ୍ତୁ ରହିଯିବ
ଫରୁଆ ଭିତରେ
ସାତତାଳ ପାଣି ତଳେ
ପଙ୍କ ଭିତରେ ।

ପ୍ରଭୁ ଯେଉଁଠି ମୁଁ ଦେଖୁଛି ପୂର୍ଣ୍ଣତା
ସେଇଠି ଦେଖୁଛି 'ତୁମକୁ'
ଶୂନ୍ୟତା ଭିତରେ ମୁଁ
ବନ୍ଦିଘରେ ବନ୍ଧା,
ରୂପାନ୍ତର କର ମୋତେ
ଶଅଁବାଳୁଆରୁ ପ୍ରଜାପତି ସମ
ଭାଙ୍ଗି ଯାଉ କାଚଘର
ଆଉ 'ମୁଁ' ଡେଣା ଝାଡ଼ି
ଉଡ଼ିଯାଏଁ
ଶୂନ୍ୟତାର ଆରପାଖେ ମିଶିଯାଏଁ
ତୁମରି ପୂର୍ଣ୍ଣତାରେ
ମିଶିଯାଏଁ ତୁମରି ପୂର୍ଣ୍ଣତାରେ ।

❑❑❑

# ଆମ ଶରୀର

## (୫)

## ଭୋଳେଶ୍ୱର ଭୂୟାଁ

### ଶରୀର ପରିଚାଳନା (୨)

ଆମେ ଆଗରୁ କହିଛୁ ପ୍ରକୃତି ଶରୀରକୁ ଏକ ସ୍ୱୟଂଚାଳିତ ଯନ୍ତ୍ରଭାବେ ତିଆରି କରିଛି । ପ୍ରକୃତି ଏଥିପାଇଁ ଯେଉଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରେ ତାକୁ ମଣିଷ କିଛି ପରିମାଣରେ ବୁଝି ପାରିଛି । ସେଥିପାଇଁ ଶରୀରରେ କୌଣସି ରୋଗ ବା ଅସାମଞ୍ଜସ୍ୟ ପରିଲକ୍ଷିତ ହେଲେ ମଣିଷ ସୃଷ୍ଟି କରିଥିବା ବିଭିନ୍ନ ଚିକିତ୍ସା ବିଜ୍ଞାନ ଏହାକୁ ଠିକ୍ କରିବାରେ କିଛିଟା ସାହାଯ୍ୟ କରିଥାଏ । କିନ୍ତୁ ପ୍ରକୃତି ଭଳି ନିଖୁଣ ଭାବେ ଏହାର ପ୍ରତିକାର କରିପାରେ ନାହିଁ । ପ୍ରକୃତି ଶରୀର ପରିଚାଳନା ପାଇଁ ହୃଦ୍‌ଯନ୍ତ୍ର, ପାକଯନ୍ତ୍ର, ଯକୃତ୍ (କିଡ୍‌ନି), ଲିଭର, ଫୁସ୍‌ଫୁସ୍, ମସ୍ତିଷ୍କ ଆଦି ଜୈବିକ ଯନ୍ତ୍ର ନିର୍ମାଣ କରିଛି । ଏହି ଯନ୍ତ୍ରମାନେ ମଣିଷ ଶରୀରରେ ଶହେ ବର୍ଷ ପର୍ଯ୍ୟନ୍ତ ନିଖୁଣ ଭାବରେ ଅନବରତ କାର୍ଯ୍ୟ କରିଥାଆନ୍ତି । ଏପରି ସ୍ୱୟଂଚାଳିତ ଯନ୍ତ୍ର ମଣିଷ ଏପର୍ଯ୍ୟନ୍ତ ତିଆରି କରି ପାରି ନାହିଁ । ଆମ ହୃଦ୍‌ଯନ୍ତ୍ର ରକ୍ତ ସଞ୍ଚାଳନ କରିବାର ଏକ ବିଦ୍ୟୁତ୍ ଚାଳିତ ଜୈବିକ ଯନ୍ତ୍ର । ଆମର ନିଦ୍ରା ବା ଜାଗ୍ରତ୍ ଅବସ୍ଥାରେ ଏହା ଅନବରତ ରକ୍ତକୁ ସଞ୍ଚାଳିତ କରି ଶରୀରର ପ୍ରତ୍ୟେକ କୋଷମାନଙ୍କୁ ରକ୍ତ ସରବରାହ କରିଥାଏ । ଫଳରେ ଆମ ଶରୀରରେ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇ ଏହି ଯନ୍ତ୍ରକୁ କ୍ରିୟାଶୀଳ କରିଥାଏ । ଏହି ଯନ୍ତ୍ର ବନ୍ଦ ହୋଇଗଲେ ଆମର ମୃତ୍ୟୁ ସୁନିଶ୍ଚିତ ।

ଶ୍ରୀଅରବିନ୍ଦ ତାଙ୍କ ''ରେକର୍ଡ୍‌ସ୍ ଅଫ ଯୋଗ'' ପୁସ୍ତକର ପଞ୍ଚମ ଭାଗର (Automatic Writing) ୨ୟ ଅଧ୍ୟାୟରେ ଲେଖିଛନ୍ତି – ''ସଂକଳ୍ପ(Will)କୁ ପ୍ରଥମେ ଶିକ୍ଷିତ କର । ସଂକଳ୍ପ ଶକ୍ତି ମାଧ୍ୟମରେ ଜ୍ଞାନକୁ ଶିକ୍ଷିତ କର, ଜ୍ଞାନ ମାଧ୍ୟମରେ ଚିତ୍ତକୁ ବିଶୁଦ୍ଧ କର, ପ୍ରାଣକୁ ନିୟନ୍ତ୍ରଣ କର ଏବଂ ମାନସକୁ ଶାନ୍ତ କର । ଏ ସମସ୍ତ ପ୍ରକ୍ରିୟା ଶରୀରକୁ ଅମରତ୍ୱ ପ୍ରଦାନ କରିଥାଏ ।'' (Records of yoga, Vol. II, P. 1371) । ଶ୍ରୀଅରବିନ୍ଦ ଏହି ପୁସ୍ତକର ''ଯୋଗିକ ସାଧନା'' ପରିଚ୍ଛେଦରେ ଶ୍ରୀରାମକୃଷ୍ଣଙ୍କ ନିର୍ଦ୍ଦେଶିତ ଶକ୍ତି ଉପାସନାର ପ୍ରାଧାନ୍ୟକୁ ମହତ୍ତ୍ୱ ଦେଇଛନ୍ତି । ତେଣୁ ଶ୍ରୀଅରବିନ୍ଦଙ୍କ କଲମରୁ ଯାହା ନିସୃତ ହୋଇଛି ତାହା ହେଉଛି – ଆମ ଶରୀରର ପ୍ରକୃତ ପରିଚାଳକ ହେଉଛନ୍ତି ଭଗବତ୍ ଇଚ୍ଛାଶକ୍ତି ବା ସଂକଳ୍ପ ଶକ୍ତି । କିନ୍ତୁ ଆମର ମନ ଓ ପ୍ରାଣର କାମନା ଓ ବାସନାର ପ୍ରଭାବରେ ଏହି ଭଗବତ୍ ଇଚ୍ଛା ଶକ୍ତି ଦୂଷିତ ହୋଇଯାଇଛି । ତେଣୁ ଆଜି ମଣିଷ ଶରୀରରେ ଏତେ ବିକୃତି ଭରି ଯାଇଛି । ଏହି ଭଗବତ୍ ଇଚ୍ଛାକୁ କିପରି ମନ ଓ ପ୍ରାଣର ହାତରୁ ମୁକ୍ତ କରି ତାକୁ ଶୁଦ୍ଧ କରାଯିବ; କିପରି ଏହି ଇଚ୍ଛାଶକ୍ତି ତାଙ୍କର ଅନ୍ୟ କର୍ମଚାରୀମାନଙ୍କୁ ଯଥାର୍ଥ ଶିକ୍ଷା ଦେଇ ଶରୀରରୂପୀ ସାମ୍ରାଜ୍ୟରେ ସୁଶାସନ ପ୍ରତିଷ୍ଠା କରାଯାଇପାରିବ, ସେ ବିଷୟରେ ଶ୍ରୀଅରବିନ୍ଦ ଏହି ଲେଖାରେ ବିଶଦ ଆଲୋଚନା କରିଛନ୍ତି । ଆମେ ଏଠାରେ ଏହାର ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବୁ । ଶ୍ରୀଅରବିନ୍ଦ ଲେଖିଛନ୍ତି :

''ତୁମ ପାଇଁ ଯେଉଁସବୁ ଘଟଣା ଘଟେ ସେସବୁ ବହୁ ପୂର୍ବରୁ – ସୃଷ୍ଟିର ପ୍ରାରମ୍ଭରୁ, କଳ୍ପ ଆରମ୍ଭରୁ ତୁମେ ଓ ପରମେଶ୍ୱର ଏହା ଠିକ୍ କରିଥାଅ । କିନ୍ତୁ ଅଜ୍ଞାନବଶତଃ ଏହାକୁ ବଦଳାଇବାକୁ ଚେଷ୍ଟା କରିଥାଅ । ସବୁକିଛିକୁ ସେହି ଇଚ୍ଛା-ଶକ୍ତି ହାତରେ ଛାଡ଼ି ଦିଅ ଏବଂ ଏହାର ପରିଣାମକୁ ଭଗବାନଙ୍କ ହାତରେ ଛାଡ଼ି ଦିଅ – ଯେକି ସର୍ବଶକ୍ତିମାନ୍, ସର୍ବବ୍ୟାପୀ ଏବଂ ସର୍ବଦର୍ଶୀ ବା ସର୍ବଜ୍ଞ । ତୁମେ ହେଲ ବ୍ୟକ୍ତିଗତ ଭଗବାନ୍ ଏବଂ ସେ ହେଲେ ବିଶ୍ୱଗତ ଭଗବାନ୍ । ଏ ସଂସାରରେ କେବଳ ଭଗବାନହିଁ ବାସ କରି ଥାଆନ୍ତି । ସେଥିପାଇଁ ଇଚ୍ଛାଶକ୍ତିରେ ସର୍ବଦା ସମତା ରହିଥାଏ । ଅତଏବ କୌଣସି ଘଟଣା ପାଇଁ ଚେଷ୍ଟା କରିବା ଅଥବା କାମନା କରିବା ଅନାବଶ୍ୟକ । ତୁମେ କେବଳ ଭଗବାନଙ୍କ ସହିତ ଏକ ହୋଇଯାଅ, ତା'ହେଲେ ସେ ଯାହା ଚାହାନ୍ତି ତାହା ତୁମ ମାଧ୍ୟମରେ ଘଟିତ ହେବ ।

ଇଚ୍ଛାଶକ୍ତି ହେଲା ଯୋଗର ମୂଳଦୁଆ । ଆମ ଶରୀରର ସହସ୍ରଦଳ ଚକ୍ରରେ – ମସ୍ତକର ଠିକ୍ ଉପରେ ଅବସ୍ଥାନ କରନ୍ତି ଏହି ଇଚ୍ଛାଶକ୍ତି । ଏଠାରେ ଅବସ୍ଥାନ କରି ସେ ସବୁ କ୍ରିୟା କର୍ମ କରନ୍ତି । ଠିକ୍ ଏହାର ତଳେ ଅର୍ଥାତ୍ ମସ୍ତିଷ୍କର ଉପର ଅଂଶରେ ଉଚ୍ଚତର ବୁଦ୍ଧି ଅବସ୍ଥାନ କରେ, ଏହାର ତଳକୁ ଅର୍ଥାତ୍ ମସ୍ତିଷ୍କର

ମଧ୍ୟ ଅଂଶରେ ନିମ୍ନତର ବୁଦ୍ଧି ବା ବିଚାର ବୁଦ୍ଧି (reason) ରହିଥାଏ, ଏହାର ଆହୁରି ନିମ୍ନକୁ – ମସ୍ତିଷ୍କର ତଳ ପ୍ରଦେଶରେ ମାନସ ସହିତ ଯୋଗାଯୋଗର ବ୍ୟବସ୍ଥା ରହିଥାଏ । ଆମେ ଏହି ଯନ୍ତ୍ରକୁ ବୁଝାମଣାର ଯନ୍ତ୍ର ବୋଲି କହିପାରୁ । ଏହିପରି ମସ୍ତିଷ୍କରେ ଜ୍ଞାନ, ବିଚାର ଓ ବୁଝାମଣା – ଏହି ତିନୋଟି ସ୍ତର ରହିଥାଏ । ଏହିସବୁ ଯନ୍ତ୍ର ସୂକ୍ଷ୍ମ ଶରୀରରେ ରହିଥାଏ, କିନ୍ତୁ ସ୍ଥୂଳ ମସ୍ତିଷ୍କରେ ମଧ୍ୟ ଏହାର ସମ୍ପର୍କ ରହିଥାଏ ।

ଆମ ହୃଦ୍‌ଯନ୍ତ୍ରର ଠିକ୍ ଉପରକୁ ମାନସ ରହିଥାଏ, ଏହା ହେଲା ଇନ୍ଦ୍ରିୟର ଯନ୍ତ୍ର । ଏହାର ପାଞ୍ଚଟି ସହକର୍ମୀ ରହିଛନ୍ତି । ଏହାର ତଳକୁ ରହିଛି – ହୃଦ୍‌ଯନ୍ତ୍ରଠାରୁ ନାଭି ଓ ହୃଦ୍‌ଯନ୍ତ୍ରର ମଧ୍ୟସ୍ଥଳ ପର୍ଯ୍ୟନ୍ତ ଚିତ୍ତର ଅବସ୍ଥିତି । ଏହି ସ୍ଥାନରୁ ନାଭି ପର୍ଯ୍ୟନ୍ତ ଏବଂ ଏହା ତଳକୁ ସୂକ୍ଷ୍ମ ପ୍ରାଣ ବିଦ୍ୟମାନ । ଏହିସବୁ ଯନ୍ତ୍ର ସୂକ୍ଷ୍ମ ଶରୀରରେ ରହିଛି । କିନ୍ତୁ ସ୍ଥୂଳ ଶରୀର ସହିତ ଏମାନଙ୍କର ସମ୍ବନ୍ଧ ଏହିସବୁ କେନ୍ଦ୍ରରେ ରହିଥାଏ ।

ଇଚ୍ଛାଶକ୍ତି ହେଲା ଈଶ୍ୱରଙ୍କ ଯନ୍ତ୍ର ଯାହା ଶରୀରର ଜୀବନ୍ତ ପ୍ରଭୁ । ଏହା ପୂର୍ବ ବର୍ଣ୍ଣିତ ଯନ୍ତ୍ରମାନଙ୍କ ମାଧ୍ୟମରେ କ୍ରିୟା କରିଥାଏ – ଚିନ୍ତା ଓ ଜ୍ଞାନ ପାଇଁ ଏହା ବୁଦ୍ଧି ଯନ୍ତ୍ର ମାଧ୍ୟମରେ, ଇନ୍ଦ୍ରିୟାନୁଭୂତି ପାଇଁ ମାନସ ଯନ୍ତ୍ର, ଆବେଗ ପାଇଁ ଚିତ୍ତ ଯନ୍ତ୍ର ଏବଂ ଶାରୀରିକ ଉପଭୋଗ ପାଇଁ ପ୍ରାଣଯନ୍ତ୍ର ମାଧ୍ୟମରେ କ୍ରିୟା କରେ । ଏହିସବୁ ସୂକ୍ଷ୍ମ ଯନ୍ତ୍ରମାନେ ଠିକ୍ ଭାବରେ କାମ କଲେ, ପରସ୍ପର ଭିତରେ ସମଞ୍ଜସତାର ସହିତ କର୍ମ କଲେ ଶରୀରରେ ଭଗବତ୍ ଇଚ୍ଛାଶକ୍ତିର ରାଜତ୍ୱ ଶୃଙ୍ଖଳିତଭାବେ ଚାଲିଥାଏ । କିନ୍ତୁ ଏମାନଙ୍କ ଭିତରେ ଦୁଇଟି ଦୁର୍ବଳତାର କାରଣ ଯୋଗୁଁ ଶରୀର ରୂପକ ସାମ୍ରାଜ୍ୟରେ ବିଶୃଙ୍ଖଳା ଘଟିତ ହୋଇଥାଏ : ଏହି ଦୁଇଟି କାରଣ ହେଲା ଭୁଲ୍ କ୍ରିୟା-କର୍ମ ଓ ଅକ୍ଷମତା । ପ୍ରଥମ ହେଲା ଶରୀରସ୍ଥିତ ଯନ୍ତ୍ରାବଳୀ ମଧ୍ୟରେ ଭ୍ରମାତ୍ମକ କ୍ରିୟାର ସୂତ୍ରପାତ । ପ୍ରାଣ ଯଦି ମାନସ ଯନ୍ତ୍ରର କ୍ରିୟାକଳାପ ଇନ୍ଦ୍ରିୟ ଉପରେ, ଆବେଗ ଓ ଚିନ୍ତା ଉପରେ ହସ୍ତକ୍ଷେପ କରେ ତେବେ ମଣିଷ ପ୍ରାଣର ଦାସ ହୋଇଥାଏ ଅର୍ଥାତ୍ ବାସନାର ଦାସ ହୋଇଥାଏ । ଯଦି ଚିତ୍ତ ଇନ୍ଦ୍ରିୟ ଓ ଚିନ୍ତା ଉପରେ ହସ୍ତକ୍ଷେପ କରେ ତେବେ ଚିନ୍ତା ଓ ବିଚାରଧାରା ବିକୃତ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ପ୍ରେମ ବୁଦ୍ଧି ଉପରେ ହସ୍ତକ୍ଷେପ କରେ ତେବେ ମନୁଷ୍ୟ ଅନ୍ଧ ହୋଇଯାଏ ସେହି ବ୍ୟକ୍ତି ବିଷୟରେ ଯାହାକୁ ସେ ଭଲପାଏ । ସେ ଭୁଲ୍ ଓ ଠିକ୍ ଭିତରେ ପାର୍ଥକ୍ୟ ଦେଖିପାରେ ନାହିଁ । କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ବିଷୟରେ ଠିକ୍ ଭାବରେ ବାଛବିଚାର କରିପାରେ ନାହିଁ । ସେ ବ୍ୟକ୍ତି ଆବେଗର ଦାସ ହୋଇଯାଏ ଏବଂ ତା' ଭିତରେ ପ୍ରେମ, ରାଗ, ଘୃଣା, ଦୟା, ପ୍ରତିଶୋଧ ଆଦି ଗୁଣର ଉଦ୍ରେକ ହୋଇ ତାକୁ ପଥ ଭ୍ରଷ୍ଟ କରେ । ଯଦି ମାନସ-ବିଚାର ବୁଦ୍ଧି ଉପରେ ହସ୍ତକ୍ଷେପ କରେ ତେବେ ମନୁଷ୍ୟ ତା'ର ଇନ୍ଦ୍ରିୟାନୁଭୂତିକୁ ଭୁଲ୍ ଭାବରେ ଦେଖେ । ସେ ଯାହା ଦେଖେ ଓ ଶୁଣେ ତାକୁ ଯଥାର୍ଥ ବୋଲି ମନେ କରେ । ଯଦି ବିଚାର-ବୁଦ୍ଧି, କଳ୍ପନା, ଶ୍ରୁତି ଆଦି ଜ୍ଞାନ ଉପରେ ହସ୍ତକ୍ଷେପ କରେ ତେବେ ମନୁଷ୍ୟ ଉଚ୍ଚତର ଜ୍ଞାନ ପ୍ରାପ୍ତ ହୁଏ ନାହିଁ ଏବଂ କୂପ-ମଣ୍ଡୁକ ପରି ଜ୍ଞାନର ଏକ ଛୋଟ ବୃତ୍ତରେ ଘୂରି ବୁଲେ । ଶେଷରେ ଯଦି ବୁଦ୍ଧି ଭଗବତ୍ ସଂକଳ୍ପ ଉପରେ ହସ୍ତକ୍ଷେପ କରେ ତେବେ ମନୁଷ୍ୟ ତା'ର କ୍ଷୁଦ୍ର ଜ୍ଞାନର ଶକ୍ତିରେ ସୀମିତ ରହେ ଏବଂ ଭଗବାନଙ୍କ ସର୍ବଶକ୍ତିମାନ୍ ଅନୁଭୂତିର ପଥଠାରୁ ଦୂରରେ ରହିଯାଏ । ସଂକ୍ଷେପରେ କହିବାକୁ ଗଲେ – ଏହିସବୁ ଯନ୍ତ୍ର ଯଦି ସେ ଯେଉଁ କାମ କରିବା ପାଇଁ ଅକ୍ଷମ ତାକୁ କରିବାକୁ ଚେଷ୍ଟା କରେ ତେବେ ହୁଏତ ଏହାକୁ ଠିକ୍ ଭାବରେ କରିପାରେ ନାହିଁ ବା ଆଦୌ କରିପାରେ ନାହିଁ । ଏହାହିଁ ହେଲା ମଣିଷର ଧର୍ମ ସଙ୍କଟର ଅବସ୍ଥା । ଶରୀର ରୂପକ ସାମ୍ରାଜ୍ୟକୁ ପରିଚାଳନା କରିବାରେ ଏହି ମନ, ପ୍ରାଣ ରୂପକ ଯନ୍ତ୍ରମାନେ ବିଶୃଙ୍ଖଳା ଉତ୍ପନ୍ନ କରନ୍ତି । ଏହାହିଁ ହେଲା ବିକୃତ ପରିଚାଳନାର ସ୍ଥିତି ଏବଂ ଅକ୍ଷମ ଓ ଅଜ୍ଞାନ ସରକାରଙ୍କ ଅବସ୍ଥା । ଭାଗବତ ଇଚ୍ଛାଶକ୍ତି ନିମ୍ନ କର୍ମଚାରୀଙ୍କ ହସ୍ତକ୍ଷେପ ଫଳରେ ନିଜକୁ ଈଶ୍ୱର ଭାବରେ ପ୍ରତିଷ୍ଠା କରିପାରେ ନାହିଁ । ସେ ତାଙ୍କର ନିମ୍ନ କର୍ମଚାରୀଙ୍କ କ୍ରୀଡ଼ା ପୁତ୍ତଳିକା ହୋଇଯାଏ ।

ପ୍ରଶ୍ନ ହେଲା ଏସବୁ ହେବା ପାଇଁ ସେ ଅନୁମତି ଦିଅନ୍ତି କାହିଁକି ? ଏହାର କାରଣ ହେଲା ଅଜ୍ଞାନତା । ଅଜ୍ଞାନତାର ଆବରଣ ଏହି ଭଗବତ୍ ଇଚ୍ଛାକୁ ଏପରି ଘୋଡ଼ାଇ ଦିଏ ଯେ ସେ ତାଙ୍କର ନିମ୍ନ କର୍ମଚାରୀଙ୍କ କ୍ରିୟାକଳାପ ବିଷୟରେ ଜାଣିପାରନ୍ତି ନାହିଁ । ଅଜ୍ଞାନତା କ'ଣ ? ଅଜ୍ଞାନତା ହେଲା ନିଜର ଯଥାର୍ଥ ଗୁଣ ଧର୍ମକୁ ଜାଣି ନପାରିବା । ସେ ମନେ କରେ ତା'ର ରାଜ୍ୟ ହେଲା ଏହି କ୍ଷୁଦ୍ର ଶରୀର । ସେ ଶରୀରର ସମସ୍ତ କ୍ରିୟାକଳାପର ଦାସ ହୋଇଯାଏ । ସେ ବୁଝିପାରେ ନାହିଁ ଯେ ସେ ଅନ୍ୟମାନଙ୍କଠାରୁ ଅଲଗା । ଶେଷରେ ସେ ନିଜର ଈଶ୍ୱରତ୍ୱକୁ ମଧ୍ୟ ଭୁଲିଯାଏ । ଏଥିପାଇଁ ସଂକଳ୍ପ ଶକ୍ତିକୁ ଅନ୍ୟମାନଙ୍କଠାରୁ ଅଲଗା ରଖିବାକୁ ହେବ, ଏହା ନିମ୍ନ କର୍ମଚାରୀଙ୍କର ପ୍ରଭୁ ହୋଇ ଆଦେଶ ଦେବାକୁ ହେବ ସେମାନଙ୍କୁ କ'ଣ କରିବାକୁ ହେବ ।

ଇଚ୍ଛାଶକ୍ତି ଯେତେବେଳେ କାମ କରିବା ପାଇଁ ଆରମ୍ଭ କରେ ସେତେବେଳେ ଏହା 'ସ୍ୱଭାବ' ଦ୍ୱାରା ବାଧାପ୍ରାପ୍ତ ହୁଏ । ସେଥିପାଇଁ ଇଚ୍ଛାଶକ୍ତିକୁ ପରିଶୁଦ୍ଧ କରିବା ପାଇଁ ପ୍ରଥମେ ଏହି ସ୍ୱଭାବକୁ ବଦଳାଇବାକୁ ପଡ଼ିବ । ଅର୍ଥାତ୍ ଆମ ପୁରୁଣା ସଂସ୍କାରକୁ କାଟିବାକୁ ପଡ଼ିବ । ଏଥିପାଇଁ ଇଚ୍ଛାକୁ ପ୍ରଥମେ କହିବାକୁ ହେବ 'ମୁଁ ସର୍ବଶକ୍ତିମାନ୍, ମାତୃଶକ୍ତି ମୋ ଭିତର ଦେଇ ଅଭିବ୍ୟକ୍ତ ହେଉଛନ୍ତି' । କ୍ରମଶଃ ଇଚ୍ଛାଶକ୍ତିକୁ ଅଜ୍ଞାନତାର ଆବରଣରୁ ମୁକ୍ତ କରି ଆଧାର ପ୍ରସ୍ତୁତି ପାଇଁ କାମ ଆରମ୍ଭ କରିବାକୁ ହେବ ।

ଏହିପରି ଭାବରେ ଇଚ୍ଛାଶକ୍ତିକୁ କିପରି ନିମ୍ନର ବିଭିନ୍ନ ଯନ୍ତ୍ର ଉପରେ କ୍ରିୟା କରି ସେମାନଙ୍କୁ ଗୋଟିକ ପରେ ଗୋଟିଏକୁ ପରିଶୁଦ୍ଧ କରି ସମର୍ପଣର ଭାବରେ ଦୀକ୍ଷିତ କରି ଭଗବତ୍ କର୍ମ ପାଇଁ ଅନୁପ୍ରାଣିତ କରାଯିବ – ଏ ବିଷୟରେ ଶ୍ରୀଅରବିନ୍ଦ ଏହି ପ୍ରବନ୍ଧରେ ବିଶଦଭାବେ ଲେଖିଛନ୍ତି । ପାଠକମାନେ ଏହି ଲେଖାଟି ପଢ଼ି ପାରନ୍ତି । ଯୋଗସାଧନା ପାଇଁ ଆଧାର ପ୍ରସ୍ତୁତି ଆମ ଯୋଗ ପାଇଁ ଏକାନ୍ତ ଆବଶ୍ୟକ । ପୁରାତନ ଯୋଗରେ ଶରୀରର ଏହିପରି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଆଣିବା ଅସମ୍ଭବ ମନେ ହେଉଥିଲା । ସେଥିପାଇଁ ଶରୀରକୁ ସାଧନା ପଥରୁ ବାଦ୍ ଦିଆ ଯାଇଥିଲା ବା ଏହାର ସାମାନ୍ୟ ପରିଶୁଦ୍ଧତା ଆଣା ଯାଇଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଯୋଗରେ ଶରୀର ହେଲା ମୂଳଦୁଆ । ତେଣୁ ଆମକୁ ଏହି କଠିନ କାମକୁ ଅବଶ୍ୟ ଆରମ୍ଭ କରିବାକୁ ହେବ । ଏହି କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ମା'ଶ୍ରୀଅରବିନ୍ଦ ଆମ ପାଇଁ ଅତିମାନସ ଶକ୍ତିକୁ ଧରାପୃଷ୍ଠକୁ ଉତାରି ଆଣିଛନ୍ତି । କିନ୍ତୁ ଅତିମାନସ ଶକ୍ତିକୁ ଆମ ଭିତରେ ତା'ର ରୂପାନ୍ତର କାମ କରିବାର ସୁଯୋଗ ଆମେ ଏପର୍ଯ୍ୟନ୍ତ ଦେଇପାରି ନାହୁଁ । ଏଥିପାଇଁ ଆମ ଶରୀରକୁ ଅଧିକରୁ ଅଧିକ ଗ୍ରହଣଶୀଳ ଓ ସଚେତନ କରିବାକୁ ହେବ, ତେବେ ଯାଇ ଅତିମାନସ ଶକ୍ତି ଆମ ଭିତରେ ପ୍ରବେଶ କରି ତା'ର କାମ ଆରମ୍ଭ କରିବ ।

ଏଥିପାଇଁ ଆମକୁ ଅନବରତ ପ୍ରାର୍ଥନା କରିବାକୁ ହେବ । ପ୍ରତ୍ୟହ ଖାଦ୍ୟ ଖାଇବା ସମୟରେ ପ୍ରାର୍ଥନା କରିବାକୁ ହେବ – ''ଏହି ଖାଦ୍ୟ ବା ପାନୀୟକୁ ମୁଁ ମୋ ଭିତରେ ଅବସ୍ଥାନ କରୁଥିବା ମା'ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରୁଛି । ଏହି ଖାଦ୍ୟକୁ ମୁଁ ତୁମରି ପ୍ରସାଦ ରୂପେ ସେବନ କରୁଛି । ଏହି ପ୍ରସାଦ ସହିତ ତୁମର ଶକ୍ତି, ସାମର୍ଥ୍ୟ, ଜ୍ୟୋତିଃ, ଆଲୋକ, ସତ୍ୟ, ଶାନ୍ତି, ଆନନ୍ଦ, ସମଞ୍ଜସତା ତଥା ତୁମରି ପ୍ରେମ ଓ କରୁଣା ମୋ ଶରୀରରେ ପ୍ରବେଶ କରି ଶରୀରର ପ୍ରତ୍ୟେକ ମାଂସପେଶୀ, ପ୍ରତ୍ୟେକ ଅଣୁ-ପରମାଣୁ, ପ୍ରତ୍ୟେକ ଶରୀର କୋଷରେ ପ୍ରବେଶ କରି ଏହି ଶରୀରକୁ ଅଧିକରୁ ଅଧିକ ଗ୍ରହଣଶୀଳ କରୁ, ଅଧିକରୁ ଅଧିକ ସଚେତନ କରୁ ଯଦ୍ୱାରା ଏ ଶରୀର ତୁମ ଛଡ଼ା ଆଉ କିଛିବି ଚାହିଁବ ନାହିଁ । ମୋର ପ୍ରାର୍ଥନା ଶୁଣ ପ୍ରଭୁ ! ମୋ ଶରୀରରୁ ସମସ୍ତ ବିକୃତି, ସମସ୍ତ ରୋଗ, ସମସ୍ତ ଅପାରଗତା ତଥା ସମସ୍ତ ଅକ୍ଷମତା ଦୂର କରି ଏହି ଶରୀରରେ ପ୍ରତିଷ୍ଠା କର ପରମ ଶାନ୍ତି, ପରମ ସମଞ୍ଜସତା ଯଦ୍ୱାରା ଏ ଶରୀର ସୁସ୍ଥ-ସବଳ-ନୀରୋଗ ରହି ଦୀର୍ଘଦିନ ତୁମରି ସେବା କରିପାରିବ । କେବଳ ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ମା : କେବଳ ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ପ୍ରଭୁ ।''

(କ୍ରମଶଃ)

❑❑❑

Let us meditate on the most auspicious (best) form of Savitri on the Light of the Supreme which shall illumine us with the Truth.

– Sri Aurobindo

ତତ୍ ସବିତୁର୍ବରଂ ରୂପଂ ଜ୍ୟୋତିଃ ପରସ୍ୟ ଧୀମହି ।
ଯନ୍ନଃ ସତ୍ୟେନ ଦୀପୟେତ୍ ॥
(ଶ୍ରୀଅରବିନ୍ଦଙ୍କ ଗାୟତ୍ରୀ ମନ୍ତ୍ର)

# ଲିରୁ-ଲିରା

## ଦୌଲତ ପାଣ୍ଡେ

ନାଇଟିଙ୍ଗେଲ୍ ଚଢ଼େଇଟି ହେନା ବୁଦାରେ ବସି ମଧୁର ସ୍ୱରରେ ଗାଇ ଉଠିଲା – 'ଲିରୁ, ଲିରା' । ପାଖ ପାହାଡ଼ରୁ ପ୍ରତିଧ୍ୱନି ଭାସିଆସିଲା – 'ଲିରୁ-ଲିରା' । ଜହ୍ନ ପଚାରିଲା, 'ଲିରୁ-ଲିରା; ସେ ପୁଣି କ'ଣ ?' ନାଇଟିଙ୍ଗେଲ୍ କହିଲା, 'ତୁ କ'ଣ ଲିରୁ ଆଉ ଲିରା କଥା ଶୁଣି ନାହୁଁ ?' ଜହ୍ନ କହିଲା, 'ସତରେ ମୁଁ ଜାଣେ ନାହିଁ । ତୁ ତ ଜାଣୁ ମୁଁ ଏବେ ଆସିଛି ।' ନାଇଟିଙ୍ଗେଲ୍ କହିଲା, 'ଓଃ ଏପରି କଥା !' ତେବେ ଲାଜକୁଳୀ ଭଳି ମେଘ ଓଢ଼ଣୀ ଭିତରେ ମୁହଁ ନ ଲୁଚାଇ ତଳେ ଥିବା ଏହି ଝରଣା ପାଣିକୁ ଓହ୍ଲାଇ ଆ, ଶୁଣିବୁ । ଏତେ ଦୂରରୁ ମୋ କଥା ତୋତେ ଶୁଭିବ ନାହିଁ ।'

ଦୂର ଆକାଶରୁ ଜହ୍ନ ପାଖ ନଈର ସ୍ଥିର ଜଳକୁ ଓହ୍ଲାଇ ଆସିଲା । ପାଇନ୍ ବଣରେ ସଙ୍ଗୀତ ସୃଷ୍ଟି କରୁଥିବା ପବନ ସ୍ଥିର ହୋଇଗଲା । ଝିଙ୍କାରି ଓ ଅନ୍ୟ ପତଙ୍ଗମାନେ ମଧ୍ୟ ନୀରବି ଗଲେ । କାରଣ ନାଇଟିଙ୍ଗେଲ୍‌ର ମଧୁର ସଙ୍ଗୀତ ଉପଭୋଗ କରିବାକୁ ସମସ୍ତେ ଭଲ ପାଆନ୍ତି । ନାଇଟିଙ୍ଗେଲ୍ କହିବା ଆରମ୍ଭ କଲା – ଲିରୁ ବୋଲି ଛୋଟିଆ ସୁନ୍ଦରୀ ଝିଅଟିଏ ପାଖ ପଡ଼ିଶାର ଲିରା ବୋଲି ପୁଅଟିକୁ ଖୁବ୍ ଭଲ ପାଉଥିଲା । ପିଲା ଦିନରୁ ଦୁହେଁ ଏକାଠି ବଢ଼ି ଆସି ଥା'ନ୍ତି । ଜଣେ ଅନ୍ୟଜଣକୁ ଛାଡ଼ି ରହିପାରନ୍ତି ନାହିଁ । ସେମାନଙ୍କ ବାପାଦୁହିଙ୍କ ଚାଷଜମି ପାଖକୁ ପାଖ ଲାଗି ରହିଥାଏ । କ୍ଷେତରେ ବିହନ ବୁଣାଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ସମସ୍ତ ଚାଷ କାମ, ଶସ୍ୟ ଓ ପନିପରିବା ଆଦି ଶଗଡ଼ରେ ନେଇ ବଜାରରେ ବିକ୍ରି କରିବା ଏବଂ ବଜାରରୁ ପିଲାମାନଙ୍କ ପାଇଁ ସୁନ୍ଦର ସୁନ୍ଦର ଜିନିଷ କିଣି ଆଣିବା ଆଦି ସବୁ କାମରେ ଦୁଇ ଚାଷୀ ପରିବାର ପରସ୍ପରକୁ ସାହାଯ୍ୟ ସହଯୋଗ କରୁଥା'ନ୍ତି ।

ପିଲା ଦୁଇଟିଙ୍କର ପରିବାର ଲୋକେ ଜାଣି ଯାଇଥିଲେ ଯେ ବଡ଼ ହେଲେ ଲିରୁ ଲିରାକୁହିଁ ବିବାହ କରିବ । ସାରା ଗାଁ ଲୋକେ ମଧ୍ୟ ସେହି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଥା'ନ୍ତି । କାରଣ ସେମାନଙ୍କ ଭଳି ଯୋଡ଼ି ସାରା ଦୁନିଆରେ ବିରଳ । ମାତ୍ର ସେହି ମୁହୂର୍ତ୍ତ ଧାର୍ଯ୍ୟ ହେବା ପୂର୍ବରୁ ଥରେ ମୃତ୍ୟୁ ଦେବତା ଯମ ଜଣେ ବୁଢ଼ାକୁ ଯମଲୋକକୁ ନେବା ପାଇଁ ସେହି ଗାଁ ବାଟ ଦେଇ ଯାଉଥିଲେ । ସୁଦର୍ଶନ ତରୁଣ ଲିରା ଉପରେ ତାଙ୍କ ନଜର ପଡ଼ିଲା । ସେ ଲିରାକୁ ଜ୍ୱାଇଁ କରିବା ଉଦ୍ଦେଶ୍ୟରେ ସାଙ୍ଗରେ ନେଇଯିବାକୁ ସ୍ଥିର କଲେ । ନାଇଟିଙ୍ଗେଲ୍ ମୁହଁରୁ ଏକଥା ଶୁଣି, 'ବିଚରା ଲିରା' ବୋଲି କହି ଜହ୍ନ ଦୀର୍ଘ ନିଃଶ୍ୱାସ ଛାଡ଼ିଲା ଏବଂ ତା'ପରେ କ'ଣ ହେଲା ଜାଣିବା ପାଇଁ ଉତ୍କଣ୍ଠା ପ୍ରକାଶ କଲା ।

ନାଇଟିଙ୍ଗେଲ୍ କହି ଚାଲିଲା – ଯମ ରାଜାଙ୍କ ଝିଅର ବିବାହଯୋଗ୍ୟ ବୟସ ହୋଇ ସାରିଥିବାରୁ ତା' ପାଇଁ ଗୋଟିଏ ଭଲ ପାତ୍ର ନଜର ରଖିବାକୁ ତାଙ୍କ ସ୍ତ୍ରୀ ତାଙ୍କୁ କହିଥିଲେ । ଲିରାକୁ ଦେଖିବା ମାତ୍ରେ ନିଜ ଝିଅ ପାଇଁ ସେ ଉପଯୁକ୍ତ ବର ହେବ ବୋଲି ସ୍ଥିର କରି ତାକୁ ସାଙ୍ଗରେ ନେଇ ଯିବାକୁ ନିଷ୍ପତ୍ତି କଲେ । ସେହି ରାତିରେ ଲିରା ବେମାର ପଡ଼ିଲା । ତାକୁ ଯମପୁରକୁ ନେବା ପାଇଁ ଯମ ଉପସ୍ଥିତ ହେବାରୁ ଲିରୁ କାନ୍ଦି କାନ୍ଦି କହିଲା, 'ତାକୁ ନିଅ ନାହିଁ । ତା ବଦଳରେ ଯାହା ମାଗିବ ମୁଁ ଦେବି ।' ଯମ କହିଲେ, 'ତାହା ହେଲେ ମୁକ୍ତା ଭଳି ଝଟକୁଥିବା ତମ ଦାନ୍ତଗୁଡ଼ିକୁ ମୋ ଝିଅ ପାଇଁ ଦେଇଦିଅ । ତା' ଦାନ୍ତସବୁ ହଳଦିଆ ହୋଇ ଖରାପ ହୋଇଗଲାଣି । ମୁଁ ତୁମ ଲିରାକୁ ବର୍ଷକ ପାଇଁ ବଞ୍ଚିବାକୁ ଛାଡ଼ିଯିବି । ମାତ୍ର ଏକଥା ତୁମେ କାହାକୁ କହିବ ନାହିଁ; ଯଦି କହିବ ତେବେ ଲିରାର ତତ୍‌କ୍ଷଣାତ୍ ମୃତ୍ୟୁ ହେବ ।' ଲିରୁ ଖୁସି ହୋଇ ତା' ପାଟିରୁ ଦୁଇ ଧାଡ଼ିଯାକ ଦାନ୍ତ ବାହାର କରି ଯମରାଜାଙ୍କୁ ଦେଇ ଦେଲା । ଭାବିଲା – ବର୍ଷେ ତ ବହୁତ ଦିନ, ୟା ଭିତରେ ଲିରା ସହିତ ତା'ର ବିବାହ ହୋଇ ଯାଇ ନ ଥିବ ! ସତକୁ ସତ ତହିଁ ପରଦିନ ଲିରା ସୁସ୍ଥ ହୋଇଗଲା । ସମସ୍ତେ ଆଶ୍ଚର୍ଯ୍ୟ ହେଲେ; ଖୁସି ବି ହେଲେ । ମାତ୍ର ଲିରା ପାଇଁ ବିଚରା ଲିରୁର ତ୍ୟାଗ ବିଷୟ କେହି ଜାଣିଲେ ନାହିଁ ।

ଲିରୁ ଗାଧୋଇ ଯାଇ ଦାନ୍ତ ନ ଥିବା ତା' ମୁହଁର ଅସୁନ୍ଦର ଛବି ଯେତେବେଳେ ଝରଣା ପାଣିରେ ଦେଖିଲା, ଦୁଃଖରେ ବସି କାନ୍ଦିବାକୁ ଲାଗିଲା । ଭାବିଲା, ଏଭଳି ଅସୁନ୍ଦର ଝିଅଟାକୁ କ'ଣ ଆଉ ବିବାହ କରିବାକୁ ଲିରା ରାଜି ହେବ ! ଲିରୁ କାନ୍ଦୁଥିବାର ଦେଖି ଲିରା ଦୌଡ଼ି ଆସି ଏହାର କାରଣ କ'ଣ ବୋଲି ପଚାରିଲା । ମାତ୍ର ଯମରାଜାଙ୍କ ନିକଟରେ ଶପଥ କରିଥିବାରୁ ଲିରୁ କିଛି କହିପାରିଲା ନାହିଁ । ମୁହଁ ଲୁଚାଇ ତା'ର

ପ୍ରେମିକକୁ କହିଲା, 'ମୁଁ ବଡ଼ ଅସୁନ୍ଦର ହୋଇଯାଇଛି । ତୁମେ ଆଉ ଗୋଟିଏ ସୁନ୍ଦରୀ ଝିଅ ଦେଖି ବିବାହ କର ।' ଏକଥା ଶୁଣି ଲିରା ଚମକି ପଡ଼ିଲା, ଏବଂ କିଛି ବୁଝି ନ ପାରି ଏହାର କାରଣ କ'ଣ ଜାଣିବାକୁ ଚାହିଁଲା । ଲିରୁକୁ ଆଦରରେ କୁଣ୍ଢାଇ ଧରି କହିଲା, 'ତୁ ଆଗ ଭଳି ସୁନ୍ଦର, ମୁଁ ଏବେ ବି ତୋତେ ଖୁବ୍ ଭଲ ପାଏଁ ।' ଲିରୁ ଧୀରେ ମୁଣ୍ଡ ଟେକି ତା' ପାକୁଆ ପାଟିକୁ ଲିରାକୁ ଦେଖାଇବାରୁ ଲିରା ଚମକି ପଡ଼ିଲା; ଭାବିଲା ବୋଧହୁଏ କୌଣସି ଅନିଷ୍ଟକାରୀ ଡାହାଣୀ ତା' ଦାନ୍ତଗୁଡ଼ାକ ନେଇଯାଇଛି । ଲିରୁକୁ ସାନ୍ତ୍ୱନା ଦେଇ ଲିରା କହିଲା, 'ତୋ ପାଟିରେ ଗୋଟିଏ ବି ଦାନ୍ତ ଥାଉ ବା ନ ଥାଉ, ତୁ ଆଗଭଳି ମୋର ଆଦରର ଲିରୁ ହୋଇ ରହିବୁ ।' ନାଇଟିଙ୍ଗେଲ୍ ମୁହଁରୁ ଏକଥା ଶୁଣି ପାଇନ୍ ବଣ ଭିତରେ ମୃଦୁ ମଳୟ ମଧୁର ସ୍ୱରରେ ପ୍ରେମିକ ଲିରାର ପ୍ରଶଂସା ଗାଇବାରେ ଲାଗିଲା ।

ଦିନ ଗଡ଼ିଚାଲିଲା । ଲିରାର ବାପା ମା' ଦେଖିଲେ, ଖାଦ୍ୟ ଖାଇବାରେ ଲିରୁର ଅସୁବିଧା ହେଉଛି । ଏବଂ ସେ ଆଉ ଆଗ ଭଳି ଖୁସି ମନରେ ବୁଲା ବୁଲି କରୁ ନାହିଁ । ସେମାନେ ସ୍ଥିର କଲେ, ଲିରୁ ଆଉ ତାଙ୍କ ପୁଅ ପାଇଁ ଉପଯୁକ୍ତ କନ୍ୟା ହୋଇପାରିବ ନାହିଁ । ସେମାନେ ତା' ପାଇଁ ଆଉ ଏକ ଉପଯୁକ୍ତ ପାତ୍ରୀ ସନ୍ଧାନରେ ଲାଗି ପଡ଼ିଲେ । ଲିରା କିନ୍ତୁ ଅନ୍ୟ କୌଣସି ଝିଅକୁ ବିବାହ କରିବ ନାହିଁ ବୋଲି ଦୃଢ଼ ଭାବେ କହିବାରୁ କଥାଟା ସେଇଠି ରହିଗଲା । ନାଇଟିଙ୍ଗେଲ୍ ମୁହଁରୁ ଏକଥା ଶୁଣି ଝିଙ୍କାରିଠାରୁ ଆରମ୍ଭ କରି ଝରଣା ଓ ମଳୟ ପବନ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦରେ କୋଳାହଳ କରିବାରେ ଲାଗିଲେ ।

ନାଇଟିଙ୍ଗେଲ୍ ପୁଣି କହିବାରେ ଲାଗିଲା, 'ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା । ଲିରାକୁ ନେବା ପାଇଁ ଯମ ପୁଣି ଥରେ ଆସି ଦୁଆର ବାଡ଼େଇଲେ । ଲିରୁ ପୁଣି ଥରେ କାନ୍ଦି କାନ୍ଦି ତା' ପ୍ରେମିକକୁ ଛାଡ଼ି ଦେବା ପାଇଁ ଯମକୁ ଅନୁରୋଧ କଲା । ଲିରା ବଦଳରେ ଯମ ଯାହା ମାଗିବେ ଦେବା ପାଇଁ ଲିରୁ ଶପଥ କରି କହିଲା । ଯମ କହିଲେ, 'ତେବେ ତୋ ଚୂଳତକ ମୋତେ ଦେଇ ଦେ । ମୋ ଝିଅର ଚୂଳ ଫିକା ହୋଇଗଲାଣି । ତୋ ସୁନ୍ଦର ଚୂଳ ପାଇଲେ ସେ ଖୁସି ହୋଇଯିବ । ଲିରୁ ଆନନ୍ଦରେ ହଁ ଭରିଲା ଏବଂ ଯମ ଲିରାକୁ ଛାଡ଼ି ଲିରୁର ଚୂଳତକ ନେଇ ଫେରିଗଲେ ।

ଲିରା ରହିଲା ସତ, ହେଲେ ଦାନ୍ତ ଆଉ ଚୂଳ ନ ଥିବାରୁ ଲିରୁ ଗାଁର ଝିଅମାନଙ୍କ ଭିତରେ ସବୁଠାରୁ ଅସୁନ୍ଦରୀ ହୋଇଗଲା । ଝରଣା ଜଳରେ ତା'ର ଅସୁନ୍ଦର ଚେହେରା ଦେଖି ଲିରୁ ଚିତ୍କାର କରି ଉଠିଲା ଏବଂ ନିଜକୁ ଅନ୍ୟମାନଙ୍କଠାରୁ ଲୁଚାଇବା ପାଇଁ ବଣ ଭିତରକୁ ଦୌଡ଼ି ପଳାଇଲା । ଲିରା ଓ ଗାଁର ଅନ୍ୟମାନେ ଖୋଜି ଖୋଜି ତାକୁ ପାଇଲେ ନାହିଁ । ଏଣେ ଲିରା ତା'ର ପ୍ରେମିକାକୁ ହରାଇ ଦୁଃଖ ଓ ନିରାଶାରେ ପାଗଳ ପ୍ରାୟ ହୋଇଗଲା । ଖିଆପିଆ ବନ୍ଦ ହୋଇଗଲା । ତା'ର ବାପା ମାଆ ଭାବିଲେ, ଲିରା ବୋଧହୁଏ ଆଉ ବଞ୍ଚିବ ନାହିଁ । ପୁଅକୁ ବଞ୍ଚାଇବା ପାଇଁ ତା' ପସନ୍ଦର ଆଉ ଏକ ସୁନ୍ଦରୀ ଝିଅ ଖୋଜି ଆଣିବାକୁ ଦୂରଦୂରାନ୍ତ ଗାଁ ଓ ସହରମାନଙ୍କୁ ବନ୍ଧୁ ବାନ୍ଧବଙ୍କୁ ପଠାଇଲେ । ଲିରା ବିରକ୍ତ ହୋଇ ସେ ଝିଅମାନଙ୍କ ଆଡ଼କୁ ଅନାଇଲା ବି ନାହିଁ ।

ଏକଥା ଶୁଣି ଜହ୍ନ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା, 'ସତରେ ଏହା ହେଉଛି ବିମଳ ପ୍ରେମ । ଏଭଳି ନିବିଡ଼ ଭାବେ ଭଲ ପାଉଥିବା ପ୍ରେମିକଟିଏ ମୋତେ ମିଳନ୍ତା କି !' ନୂଆ କରି ପାଖୁଡ଼ା ମେଲିଥିବା କଇଁ ଫୁଲଟି ନୂଆ ଜହ୍ନକୁ ଦେଖି ଭଲ ପାଇ ବସିଥିଲା । ଜହ୍ନର କଥା ଶୁଣି କହିଲା, 'କାହିଁକି ? ତୁ ଯଦି ମୋତେ ଜୀବନ ସାଥୀ କରିବାକୁ ଚାହୁଁ, ତେବେ ମୁଁ ତୋତେ ବିବାହ କରିବାକୁ ଗୌରବ ମନେ କରିବି ।'

ନାଇଟିଙ୍ଗେଲ୍ କଥାରେ ବାଧା ସୃଷ୍ଟି ହେବାରୁ ସେ ଟିକିଏ ବିରକ୍ତି ପ୍ରକାଶ କଲା । ସମସ୍ତେ ଚୁପ୍ ହୋଇଗଲେ । ନାଇଟିଙ୍ଗେଲ୍ ପୁଣି କଥା ଆରମ୍ଭ କଲା – ଯା ଭିତରେ ପୁଣି ବର୍ଷେ ବିତିଗଲା । ଯମରାଜା ଲିରାକୁ ନେବା ପାଇଁ ପୁଣି ଆସି ପହଞ୍ଚିଗଲେ । ଏଥର ତାକୁ ରକ୍ଷା କରିବାକୁ ଲିରୁ ନ ଥିଲା । ଚାରିଟି ସୁନ୍ଦର କଳାଘୋଡ଼ା ଯୋଚା ଯାଇଥିବା ଅପୂର୍ବ ସୁନ୍ଦର ରଥରେ ବସାଇ ଯମରାଜା ଲିରାକୁ ପୃଥିବୀର ଗଭୀରତମ ପ୍ରଦେଶରେ ଥିବା କଳା ମଲ୍‌ମଲ୍ ପଥରରେ ତିଆରି ତାଙ୍କ ପ୍ରାସାଦକୁ ନେଇଗଲେ । ହଜାରେ ନଗରବାସୀ ସେମାନଙ୍କୁ ସ୍ୱାଗତ କରିବାକୁ ପହଞ୍ଚିଗଲେ । ସେମାନଙ୍କ ଭିତରେ ଯମଙ୍କ କନ୍ୟା ଓ ସ୍ତ୍ରୀ ମଧ୍ୟ ଥିଲେ । ସଲଖ ସୁନ୍ଦର ଯୁବା ବରଟିଏ ଆଣିବାକୁ କହି ଏଭଳି ପତଳା ପାଳଭୂତଟିଏ ଆଣିବାର ଦେଖି ଝିଅଟି ରାଗରେ ନିଆଁ ହୋଇଗଲା । ଝିଅକୁ ସାନ୍ତ୍ୱନା ଦେବାକୁ ଯମ କହିଲେ, 'ମୁଁ ଯେତେବେଳେ ଏହାକୁ ପ୍ରଥମେ ଦେଖିଥିଲି, ସେ ଏପରି ନ ଥିଲା । ପ୍ରେମିକା ଲିରୁ, ଯିଏ ନିଜର ଦାନ୍ତ ଓ ଚୂଳସବୁକୁ ମୋତେ ଆନନ୍ଦରେ ଦେଇ ଏହାକୁ ଦୁଇ ବର୍ଷ ହେଲା ବଞ୍ଚାଇ ରଖିଥିଲା, ତାହାରି ବିରହରେ ଏ ଯୁବକଟି ଏଭଳି କ୍ଷୀଣ ହୋଇଯାଇଛି ।'

ଯମରାଜାଙ୍କ ପତ୍ନୀ କହିଲେ, 'ନିର୍ବୋଧ ବାଳିକା ଲିରୁର କଥାରେ ପଡ଼ି ଏହାକୁ ପ୍ରଥମେ ନ ଆଣିବା ତୁମପକ୍ଷେ ନିର୍ବୋଧତା ହୋଇଛି । ଏବେ ତୁମେ ତାକୁ ନେଇ ତା' ଜାଗାରେ ଛାଡ଼ି ଆସ, ଏଭଳି ପିଲାକୁ କ୍ଷାଇଁ କରି ଘରେ ରଖିବା ମୋ ପକ୍ଷେ ସମ୍ଭବ ନୁହେଁ ।' ଲିରୁଠାରୁ ଆଣିଥିବା ଦାନ୍ତ ଓ ଚୂଳକୁ ଯମ ପାଖକୁ ଫୋପାଡ଼ି ଦେଇ ଝିଅ ବି କହି ଉଠିଲା, 'ଏଗୁଡ଼ାକ ମୋ ଦେହକୁ ଖାପ ଖାଉ ନାହିଁ । ଏମିତି ବି ମୁଁ ଏ ସବୁକୁ ନ ପିନ୍ଧି ଭଲ ଦେଖାଯାଉଛି ।'

ଏକଥା ଶୁଣି ଝିଙ୍କାରିମାନେ ମନ ଖୁସିରେ ଉତ୍କଣ୍ଠାର ସହିତ କହି ଉଠିଲେ, 'କଥାଟା ଏବେ ଶୀଘ୍ର ଶେଷ କରିଦିଅ । ଆଉ କିଛିକ୍ଷଣ ପରେ ଦିନ ହୋଇଯିବ ଏବଂ ତୁମ ସ୍ୱର ଆଉ ଶୁଣିବାକୁ ମିଳିବ ନାହିଁ ।'

ନାଇଟିଙ୍ଗେଲ୍ କହିଚାଲିଲା– ବିଚରା ଲିରାକୁ ଯମ ନେଇ ତା' ଗାଁରେ ଛାଡ଼ିଲେ ଏବଂ ଦାନ୍ତ ଓ ଚୂଳସବୁକୁ ତା' ଉପରେ ଫୋପାଡ଼ି ଦେଇ ଫେରିଗଲେ । ସ୍ୱପ୍ନ ଦେଖିବା ଭଳି ଏ ଘଟଣାସବୁକୁ ଦେଖି ଏବଂ ଅନୁଭବ କରି ନିଦରୁ ଉଠିଲା ଭଳି ଲିରା ଚେଇଁ ଉଠିଲା । ପ୍ରକୃତିସ୍ଥ ହୋଇ ଭାବିଲା, ଯଦି ଏହା ସ୍ୱପ୍ନ ହୋଇଥାନ୍ତା ତେବେ ଲିରୁର ଦାନ୍ତ ଓ ଚୂଳ ଏଠାକୁ କୁଆଡ଼ୁ ଆସନ୍ତା ! ଲିରୁ ଲିରୁ ବୋଲି ଚିତ୍କାର କରି ଲିରା ଜଙ୍ଗଲ ଭିତରକୁ ଦୌଡ଼ିଲା । ତା'ର ଦାନ୍ତ ଓ ଚୂଳ ସେ ଫେରାଇ ଆଣିଛି ବୋଲି କହି ଲିରୁକୁ ତା' ପାଖକୁ ଫେରି ଆସିବା ପାଇଁ ବଡ଼ ପାଟିରେ ଡାକ ଛାଡ଼ିଲା । ବାୟା ଚଢ଼େଇମାନେ ଘନ ଜଙ୍ଗଲ ଭିତରେ ଲିରୁ ଲୁଚିଥିବା ଅଞ୍ଚଳକୁ ଉଡ଼ିଯାଇ ଲିରାର ବାର୍ତ୍ତା ତା' ପାଖରେ ପହଞ୍ଚାଇ ଦେଲେ ଏବଂ ଶୀଘ୍ର ଲିରା ପାଖକୁ ଲେଉଟି ଆସିବାକୁ କହିଲେ । ବିଳମ୍ବ ନ କରି ଲିରୁ ଲିରାର ବାହୁ ବନ୍ଧନ ଭିତରକୁ ଫେରି ଆସିଲା ।

ନାଇଟିଙ୍ଗେଲ୍ ମୁହଁରୁ ଏକଥା ଶୁଣି ସମସ୍ତେ ଆନନ୍ଦରେ ପରସ୍ପରକୁ ଆଲିଙ୍ଗନ କଲେ । ତା'ପରେ କ'ଣ ହେଲା ସମସ୍ତେ ଜାଣିବାକୁ ଚାହିଁବାରୁ ନାଇଟିଙ୍ଗେଲ୍ କହିଲା – ତା'ପରେ ଲିରା ପ୍ରେମିକା ଲିରୁକୁ ତା'ର ଦାନ୍ତ ଓ ଚୂଳସବୁକୁ ଫେରାଇଦେଲା । ଲିରୁ ପୂର୍ବର ସୁନ୍ଦର ଚେହେରା ଫେରି ପାଇଲା । ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେଲେ ଏବଂ ସୁଖରେ କାଳ କାଟିଲେ ।

ନିର୍ମଳ ଜଳରେ ନୂଆ ଜହ୍ନକୁ ଚାହିଁ ଫୁଟିଲା କଇଁଫୁଲଟି ତାକୁ କହିବାର ଶୁଣାଗଲା, 'ତୁମେ ଯଦି ଚାହଁ ତେବେ ଆମେ ଦୁହେଁ ବି ବିବାହ କରି ସୁଖରେ କାଳ କାଟିବା ।'

[The Tales of India - I]

ଅନୁବାଦ : ସନାତନ ମହାନ୍ତି ❑

---

ତୁମର ଯେତେବେଳେ କିଛି କରିବାକୁ ନ ଥାଏ, ତୁମେ ସେତେବେଳେ ଅସ୍ଥିର ହୋଇ ପଡ଼ିଥାଅ, ଧାଁ ଦଉଡ଼ କରିଥାଅ, ବନ୍ଧୁମାନଙ୍କ ସହ ସାକ୍ଷାତ୍ କରିଥାଅ, ଭ୍ରମଣ ଆରମ୍ଭ କରିଥାଅ, ଏଠାରେ ତୁମେ ଯେଉଁ ସର୍ବୋତ୍ତମ କଥା କରିଥାଅ କେବଳ ସେହି କଥା କହୁଛି, ଯେଉଁସବୁ କଥା ନିଶ୍ଚିତରୂପେ କରିବା କଥା ନୁହେଁ ତୁମେ କରିଥାଅ ସେପରି କଥା ମୁଁ ଏଠାରେ କହୁ ନାହିଁ । ଏସବୁ କରିବା ପରିବର୍ତ୍ତେ, ନୀରବରେ ଆକାଶ ତଳେ, ସାଗର ସମ୍ମୁଖରେ କିଂବା ବୃକ୍ଷରାଜି ତଳେ, ଯାହାସମ୍ଭବ (ଏଠାରେ ତୁମ ପାଇଁ ସେସବୁ ରହିଛି) ସେଠି ବସିଯାଅ ଏବଂ ଏସବୁ କଥାରୁ ଯେକୌଣସି ଗୋଟିକୁ ଉପଲବ୍ଧି କରିବା ନିମନ୍ତେ ଚେଷ୍ଟା କର – ତୁମେ କାହିଁକି ଜୀବନ ଧାରଣ କରିଛ ତାହା ବୁଝିବା ଲାଗି, ତୁମକୁ କିପରି ଜୀବନ ଧାରଣ କରିବାକୁ ହେବ ତାହା ଶିକ୍ଷା କରିବା ଲାଗି, ତୁମେ କ'ଣ କରିବାକୁ ଚାହୁଁଛ ଏବଂ ତୁମର କ'ଣ କରିବା ଉଚିତ ସେ ବିଷୟରେ ଓ ତୁମେ ବାସ କରୁଥିବା ଅଜ୍ଞାନତା, ମିଥ୍ୟାଚାର ତଥା ଦୁଃଖଯନ୍ତ୍ରଣାରୁ ମୁକ୍ତ ହେବାର ସର୍ବୋତ୍ତମ ଉପାୟ ଉପରେ ଗଭୀର ଧ୍ୟାନସ୍ଥ ହେବା ଲାଗି ।

– ଶ୍ରୀମା

# ଜ୍ଞାନୀ କୃଷକ

## ଧର୍ମ କୁମାର ଶତପଥୀ

କୌଣସି ଏକ ରାଜ୍ୟରେ ଜଣେ ରାଜା ଥିଲେ । ସେ ଥିଲେ ପରୋପକାରୀ, ମିଷ୍ଟଭାଷୀ ଓ ଦୟାଳୁ । ତାଙ୍କର ଥିଲା ଗଭୀର ଈଶ୍ୱର ବିଶ୍ୱାସ । ରାଜା ହେଲେ ମଧ୍ୟ ସେ ରାଜକୀୟ ଠାଣିଠାରୁ ବହୁତ ଦୂରରେ ଥିଲେ । ରାଜକାର୍ଯ୍ୟ, ବିଳାସବ୍ୟସନ ଅପେକ୍ଷା ଭଗବତ୍ ଚିନ୍ତନ ଓ ମନନରେ ତାଙ୍କର ଅଧିକ ସମୟ ବ୍ୟୟ ହେଉଥିଲା । ରାଜକାର୍ଯ୍ୟର ମୁଖ୍ୟ ପରମ୍ପରା ସଦୃଶ ବିଭିନ୍ନ ପୂଜା-ପାର୍ବଣ ତଥା ଆଖ୍ୟାନମାନଙ୍କରେ ତାତ୍ତ୍ୱିକ ଆଲୋଚନା କରି ନିଜେ ଓ ପ୍ରଜାକୁଳଙ୍କୁ ଈଶ୍ୱରାନୁରାଗୀ କରୁଥିଲେ । ପ୍ରଜାପାଟକ, ରାଜକର୍ମଚାରୀ, ବ୍ରାହ୍ମଣ-ପୁରୋହିତଙ୍କଠାରୁ ଭୃତ୍ୟ, ଅମାତ୍ୟ ସମସ୍ତେ ଏ ପ୍ରକାର ଅନୁଷ୍ଠାନ ପ୍ରତି ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ଥିଲା । ଏଣୁ ମୋଟ ଉପରେ ସୁଖୀ, ଧର୍ମପ୍ରାଣ ରାଜା ବେଶ୍ ଶାନ୍ତିରେ କାଳାତିପାତ କରୁଥିଲେ ।

ଭଗବତ୍ ଚିନ୍ତାଧାରାର ଦୃଢ଼ ଭିତ୍ତି ମଧ୍ୟରୁ ଗଢ଼ି ଉଠିଥିଲା ରାଜାଙ୍କ ସୁ-ଉଚ୍ଚ ଚେତନାର ସୌଧ । ରାଜନୀତି, କୂଟନୀତି ପ୍ରତି ମୁଣ୍ଡ ନଖେଳାଇ ରାଜା ଭଗବତ୍ ଚିନ୍ତାଧାରାରେ ଗଭୀରଭାବେ ମଜ୍ଜି ଯାଉଥିଲେ । ଫଳରେ ଈଶ୍ୱରାନୁରାଗୀ ରାଜା ଯେତେ ଯେତେ ଜ୍ଞାନ ପିପାସୁ ହୋଇ ଉଠୁଥା'ନ୍ତି, ତାଙ୍କ ଚେତନାର କ୍ଷେତ୍ର ସେତେ ପ୍ରଶସ୍ତ, ବିକଶିତ ହୋଇ ଉଠୁଥାଏ ଜ୍ଞାନ ଲିପ୍ସାରେ ।

ଏଇ ଭଗବତ୍ ଚିନ୍ତନ, ଭଗବତ୍ ଅନ୍ୱେଷା ଏକ ବିଚିତ୍ର ଜିନିଷ । ଏହାର ଆରମ୍ଭ ଅତ୍ୟନ୍ତ କ୍ଷୁଦ୍ର ବୀଜଟି ଭିତରୁ ହୋଇଥାଏ ଏବଂ ବିଭିନ୍ନ ଘଟଣାକ୍ରମର ଅବଧାରଣା, ଅଭିରୁଚି ଦ୍ୱାରା ପରିପୁଷ୍ଟ ହୋଇ ଏକ ବିଶାଳ ବୃକ୍ଷର ରୂପ ପରିଗ୍ରହ କରେ । ଶଗଡ଼ର ଦଣ୍ଡା ଦୁଇଟି ଯେପରି ସାମନା ଆଡ଼ୁ ଗୋଟିଏ ବିନ୍ଦୁରୁ ଆରମ୍ଭ ହୋଇ କ୍ରମଶଃ ପଛପଟକୁ ଓସାରିଆ ହୋଇଥାଏ, ଠିକ୍ ସେହିପରି !

ରାଜାଙ୍କର ଏଇ ଉନ୍ନତ ଚେତନା ଭିତରେ ଦୃଢ଼ ସଂପୃକ୍ତ ହୋଇ ରହିଥିବା ଚିନ୍ତାଧାରାରେ ଏକଦା ଆକସ୍ମିକ ଭାବେ ଏକ ଅଦ୍ଭୁତ ଭାବନା ଉଙ୍କି ମାରିଲା, ସତେଯେପରି କଳାମେଘ କୋଳରେ ବିଜୁଳିର ଛଟା ମେଘକୁ ଦୁଇଫାଳ କରି ଦେବ । ସେ ଭାବି ହେଲେ, ''ମୁଁ ତ ସବୁବେଳେ ଭଗବତ୍ ଚିନ୍ତାରେ ସମୟ ଅତିବାହିତ କରି ଚାଲିଛି, ତେବେ ଭଗବତ୍ ଚେତନା ଯଦି ମାନବୀୟ ଚେତନାଠାରୁ ଉଚ୍ଚତର ଓ ଊର୍ଦ୍ଧ୍ୱତର ତେବେ ମୁଁ ତାକୁ ଉପଲବ୍ଧି କରିପାରୁ ନାହିଁ କାହିଁକି ? ଏହା କି ପ୍ରକାର ଜିନିଷ ହୋଇପାରେ ? ଏମିତି ସେ କିଛି ଦିନ ଘାଣ୍ଟି ଚକଟି ହେଲେ ନିଜ ଭିତରେ । ପରେ ସଭାସଦ୍‌ମାନଙ୍କ ଆଗରେ କଥାଟି ପ୍ରକାଶ କଲେ । କିନ୍ତୁ ଏହାର କୌଣସି ଉତ୍ତର ସେ ପାଇଲେ ନାହିଁ । ପାଶବଦ୍ଧ ପଶୁଟିଏ ଯେମିତି ପାଶରୁ ମୁକୁଳିବା ପାଇଁ ଗୋଡ଼ହାତ ଛାଟେ ମାତ୍ର ପାଶରୁ ମୁକୁଳିପାରେ ନାହିଁ ବରଂ ପାଶଟି ଆହୁରି ଦୃଢ଼ ଭାବରେ ତାକୁ ଛନ୍ଦି ଧରେ, ଠିକ୍ ସେଇପରି । କ୍ରମେ ଚାରୋଟି ପ୍ରଶ୍ନ ତାଙ୍କ ମନୋରାଜ୍ୟରେ ଉଙ୍କି ମାରିଲା ଖୁବ୍ ବଳିଷ୍ଠ, କୌତୂହଳୋଦ୍ଦୀପକ ଭାବରେ । ସେ ହୋଇ ଉଠିଲେ ବିହ୍ୱଳିତ, ଆନମନା । ସେଇ ଚାରୋଟି ପ୍ରଶ୍ନ ଏଇପରି : (୧) ଭଗବାନ୍ କ'ଣ ଖାଆନ୍ତି ? (୨) ଭଗବାନ୍ କେତେବେଳେ କାନ୍ଦନ୍ତି ? (୩) କେଉଁ ପରିସ୍ଥିତିରେ ଭଗବାନ୍ ହସିଥା'ନ୍ତି ଓ (୪) ଭଗବାନ୍ ଏବେ କ'ଣ କରୁଛନ୍ତି ?

ସନ୍ଧାନୀ ରାଜା ନିଜ ଭିତରେ, ନଅରର କୋଣେ ଅନୁକୋଣେ ଖୋଜି ବସିଲେ ଏହାର ଉତ୍ତର, ମାତ୍ର ଉତ୍ତର ପାଇଲେ ନାହିଁ । ରାଜସଭାର ପଣ୍ଡିତମାନଙ୍କ ଆଶ୍ରୟ ଲୋଡ଼ିଲେ ମାତ୍ର ତାହା ବି ବୃଥା ହେଲା । ଏଥର ସେ କରିବେ କ'ଣ ? ନଗର ବାହାରକୁ କଥା ଗଲା । ତେଣେ ରାଜାଙ୍କ ଅଥୟଭାବ ମଧ୍ୟ ବଢ଼ିଲା । ଅନ୍ୟାନ୍ୟ ପଣ୍ଡିତ ବର୍ଗଙ୍କଠାରୁ ସୁଦ୍ଧା ସେ ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ । ସେ ହୋଇଉଠିଲେ ଅଣନିଃଶ୍ୱାସୀ, ଅସ୍ଥିର । ସବୁଥାଇ ସୁଦ୍ଧା ନିଃସ୍ୱ ଭଳି ମନେ ହେଲା ।

ଅଦ୍ଭୁତ ଏଇ ମଣିଷର ମନ । କୌଣସି ଏକ ବିଷୟ ଯଦି ମନତଳେ ଦୃଢ଼ ହୋଇ ବସାବାନ୍ଧି ରହିଲା, ସେହି ବିଷୟର ବିଶଦ ଅଧ୍ୟୟନର ରାସ୍ତା ସେ ଖୋଜି ବୁଲେ ଏବଂ ଯଦି ରାସ୍ତାଟିଏ ପାଇଯାଏ ତେବେ ତାହାର ଶେଷ ସୀମାରେ ନପହଞ୍ଚିବା ଯାଏ ସିଏ ମଣିଷକୁ ବ୍ୟତିବ୍ୟସ୍ତ କରୁଥାଏ । ବାରଂବାର ମଣିଷକୁ ଉତ୍ସାହିତ କରେ ଓ କହେ, ''ଲାଗିରହ, ଲାଗିରହ ଶେଷରେ ନିଶ୍ଚେ ତୋ ସମ୍ମୁଖରେ ଏ ରହସ୍ୟଟି ଉନ୍ମୋଚିତ ହେବ ।''

ବାଇବେଲର ଭାଷାରେ – ''Konck, knock at the door !'' ତା' ନହେଲେ ସବୁ ମହାନ୍ ଉଦ୍ଭାବନଗୁଡ଼ିକ ଆଜି ଆମ ସାମନାକୁ ନଆସି ସବୁଦିନ ପାଇଁ ଆମର ଅଗୋଚରରେ ରହି ଯାଇଥା'ନ୍ତା । ଆଉ ଆଇନ୍‌ଷ୍ଟାଇନ, ନିଉଟନ ବା ଆର୍କମିଡ଼ିସଙ୍କ ଭଳି ବୈଜ୍ଞାନିକମାନେ ମହାନ୍ ପଦବାଚ୍ୟ ହୋଇ ନଥା'ନ୍ତେ ।

ଏଥର ରାଜା ଡିଣ୍ଡିମ ପିଟାଇ ନଗର ସାରା ଏ ଚାରି ପ୍ରଶ୍ନର ଯଥାର୍ଥ ଉତ୍ତର ଖୋଜାଇଲେ । ପ୍ରଶ୍ନସବୁ ଶୁଣି ସାରି ସମସ୍ତେ ଗୁମ୍ ହୋଇ ଭାବିବାକୁ ଚେଷ୍ଟା କଲେ । ପୁଣି କେହି କେହି ଅଜାଣତରେ ଓ ଅସ୍ଫୁଟରେ ବିଚିତ୍ର, ଅଦ୍ଭୁତ ବୋଲି ଟିପ୍ପଣୀ କରି ନିଜ ନିଜ କାମରେ ମନ ଦେଲେ । କେହି କେହି ରାଜାଙ୍କୁ ପାଗଳ, ଆଡ଼ବାୟା ଇତ୍ୟାଦି କହିଲେ ।

କିନ୍ତୁ ରାଜା ବିଚଳିତ । ଏ ପ୍ରଶ୍ନ ସବୁର ଉତ୍ତର ନିଶ୍ଚୟ ଅଛି । କିନ୍ତୁ କାହା ପାଖରେ ଅଛି ? କିଏ ସେହି ଗୁଣୀ, ଜ୍ଞାନୀ, ଯିଏ କି ବିଚଳିତ ରାଜାଙ୍କୁ ସନ୍ତୁଷ୍ଟ କରିପାରିବ ? ତାଙ୍କର ହା-ହୁତାଶ ଅନ୍ତରକୁ ଶୀତଳ କରି ପାରିବ ?

ଦିନ ଗଡ଼ିଚାଲିଲା ।

ଆଶଙ୍କା ଓ ସନ୍ଦେହର ଘନ ଅନ୍ଧାର ଅପସରି ପୂର୍ବାକାଶରେ ସିନ୍ଦୂରା ଫାଟିବା ପରି ଓ ଚଲାପଥଟି ସ୍ପଷ୍ଟ ହୋଇଉଠିବା ପରି ରାଜାଙ୍କ ପଣ୍ଡିତ ସଭାରେ ଉପସ୍ଥିତ ହେଲେ ଜଣେ କୃଷକ । ସାଧାରଣ ବେଶ ପୋଷାକ, ମୁଣ୍ଡରେ ଠେକା, କାନ୍ଧରେ ବାଡ଼ିଧରି ସେ ହେଲେ ଉପସ୍ଥିତ । କଳା ମଚମଚ ଚେହେରାର ଲୋକଟିଏ । ଶରୀରରେ ଖୁନ୍ଦା-ଖୁନ୍ଦି ହୋଇ ରହିଛି ଅଭିଜ୍ଞତା । ତାଙ୍କ ମୁହଁରେ ଫୁଟି ଉଠୁଛି ଅମାପ ଆତ୍ମବିଶ୍ୱାସ – ରାଜାଙ୍କର ଏଇ ପ୍ରଶ୍ନକୁ ''ମାମୁଲି'' କହିବା ପାଇଁ । ସେ ପ୍ରଫୁଲ୍ଲ, ଅଭିଜ୍ଞ ଓ ପ୍ରଥିତଯଶା ।

ରାଜାଙ୍କୁ ସମ୍ମାନ ପ୍ରଦର୍ଶନ କରି ଆଗନ୍ତୁକ କୃଷକ ଜଣକ ଜଣାଇଲେ ସେ ହେଉଛନ୍ତି ଜଣେ ସାଧାରଣ କୃଷକ । କୌଣସି ପଣ୍ଡିତ ବା ଗୁରୁ ନୁହନ୍ତି । ମାତ୍ର ତାଙ୍କର ଆତ୍ମବିଶ୍ୱାସ ରହିଛି, ଉତ୍ତରଗୁଡ଼ିକ ରାଜାଙ୍କୁ ନିଶ୍ଚୟ ସନ୍ତୋଷ ପ୍ରଦାନ କରିବ । ରାଜା ଆନନ୍ଦରେ କୃଷକଙ୍କୁ ଅଭ୍ୟର୍ଥନା ଜଣାଇଲେ । ପାରିଷଦବର୍ଗ, ପଣ୍ଡିତ ମଣ୍ଡଳୀ ଏକ ଲୟରେ କୃଷକଙ୍କୁ ଚାହିଁ ରହିଲେ ।

ରାଜା ଆଦେଶ କଲେ, ''କୁହ ମହାତ୍ମନ୍ ! ମୋର ପ୍ରଥମ ପ୍ରଶ୍ନର ଉତ୍ତରରେ ତୁମେ କ'ଣ କହିବ ?''

କୃଷକ ଜଣକ ଆରମ୍ଭ କଲେ, ''ମହାରାଜ, ଆପଣଙ୍କ ପ୍ରଥମ ପ୍ରଶ୍ନଟି ହେଲା 'ଭଗବାନ କ'ଣ ଖାଆନ୍ତି ?' – ଏହାର ଉତ୍ତର ମୁଁ ଯାହା ବୁଝେ ତାହା ଏହି ଯେ, ''ରେଶମ କୀଟ ଯେପରି ତୁତ ଗଛର ପତ୍ରକୁ ଖାଇଯାଏ ଓ ନିଜର ଶରୀର ପୁଷ୍ଟ କରି ରେଶମ ସୂତା ପ୍ରସ୍ତୁତ କରେ, ଠିକ୍ ସେଇପରି ଭଗବାନ୍ ମଣିଷର ଅହଂ (ego)କୁ ଖାଇଯା'ନ୍ତି ଓ ମଣିଷକୁ ଦେବତ୍ୱର ଅଧିକାରୀ କରାଇଥା'ନ୍ତି ।''

ରାଜା ନୀରବରେ ମୁଣ୍ଡ ଟୁଙ୍ଗାରିଲେ । ତାହା ଥିଲା 'ହଁ'ର ନୀରବ ସମର୍ଥନ ।

କୃଷକ ଏଥର ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ – ''ହେ ରାଜା ! ଭଗବାନ୍ କାନ୍ଦନ୍ତି, ଅତ୍ୟନ୍ତ ମର୍ମନ୍ତୁଦ ଭାବରେ ଭୋ ଭୋ ହୋଇ କାନ୍ଦନ୍ତି ଯେତେବେଳେ ସିଏ ଅନୁଭବ କରନ୍ତି ଯେ, ଏକଦା ତାଙ୍କ ହାତ ତିଆରି ଏଇ ମଣିଷ ତାଙ୍କୁ ଭୁଲିଯାଇଛି, ହେୟ ମଣିଛି ଆଉ 'ମୁଁହିଁ ସବୁକିଛି' ବୋଲି ବାହାସ୍ଫୋଟ ମାରୁଛି ।''

ଏଥର କେବଳ ରାଜା ନୁହନ୍ତି, ସମଗ୍ର ପଣ୍ଡିତବର୍ଗ ନିଜ ନିଜ ମୁଣ୍ଡ ଟୁଙ୍ଗାରିଲେ । ରାଜା ପୂର୍ବବତ୍ ନୀରବ ରହି ଏକ ଲୟରେ କୃଷକଙ୍କୁ ଚାହିଁ ରହିଥାଆନ୍ତି ।

କୃଷକ ଏଥର ତୃତୀୟ ପ୍ରଶ୍ନ ଆଡ଼କୁ ଯିବାକୁ ଅନୁମତି ମାଗିଲେ । ରାଜାଙ୍କୁ ଅନାଇ କୃଷକ ଉତ୍ତର ଦେଲେ, ''ମହାରାଜ, ଆପଣଙ୍କର ତୃତୀୟ ପ୍ରଶ୍ନଟି – 'ଭଗବାନ୍ କେତେବେଳେ ହସନ୍ତି ?' ଏହା ଏକ କୌତୁକ ପ୍ରଶ୍ନ । କାରଣ 'ହସିବା' ପ୍ରକ୍ରିୟାଟି ମଣିଷର ଏକ ବିଶିଷ୍ଟ ଗୁଣ । ହସର ମହତ୍ତ୍ୱ ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ । ହସ ମଣିଷର ଏକ ବିଶେଷ ସମ୍ପଦ । ଏହା କୌଣସି ମୂଲ୍ୟ ଦ୍ୱାରା ପ୍ରାପ୍ତ ହୁଏ ନାହିଁ, ପୁଣି ଏହାର ମୂଲ୍ୟ ବହୁତ ବେଶୀ । ହସ ଦ୍ୱାରା ଦୁଃଖ ଦେଇ ହୁଏ ପୁଣି ହସ ଦ୍ୱାରା ଦୁଃଖର ଅପନୋଦନ ହୁଏ । ଏଇ ପ୍ରଶ୍ନର ଉତ୍ତରଟି ମଧ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ଭଗବାନ୍ କ୍ୱଚିତ୍ ହସନ୍ତି ତାହା ପୁଣି ବେଶ୍ ରହସ୍ୟମୟ ରୂପେ । ସେ ଦୁଇଟି ପରିସ୍ଥିତିରେ ହସିଥା'ନ୍ତି । ପ୍ରଥମ ପରିସ୍ଥିତି : ଧରାଯାଉ କୌଣସି ଏକ ନିର୍ଦ୍ଦିଷ୍ଟ ପରିମାଣର ଜମି ଦୁଇଭାଇଙ୍କ ମଧ୍ୟରେ ଭାଗ ହେଲା । ଜଣେ କହିଲା – 'ଏଇଠୁ ମୁଁ ଠିଆ ହୋଇଥିବା ସ୍ଥାନରୁ ସିଧା ସେଇ ଦୂର ପର୍ଯ୍ୟନ୍ତ ଜମି ହେଉଛି ମୋର (ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଦେଖାଇ) ଏବଂ ତା' ପାଖରୁ ସେଇ ପଟକୁ ଅବଶିଷ୍ଟ ଜମି ହେଉଛି ତୋ'ର ।' ଏମିତି ପରିସ୍ଥିତିରେ ଭଗବାନ୍ ହସନ୍ତି ।

ଏବେ ଦ୍ୱିତୀୟ ପରିସ୍ଥିତି : 'ଧରାଯାଉ କୌଣସି ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ରୋଗୀଟିଏ ଜଣେ ଡାକ୍ତରଙ୍କ ପାଖକୁ ଗଲା । ରୋଗୀଟିର ଭୋଗୁଥିବା କଷ୍ଟ ଓ ଦୁର୍ଦ୍ଦଶାର ବିବରଣୀ ଶୁଣିବା ପରେ ଡାକ୍ତର ଯେତେବେଳେ ରୋଗୀକୁ ଆଶ୍ୱାସନା ଦିଅନ୍ତି – ଚିନ୍ତା କରିବାର କିଛି କାରଣ ନାହିଁ, ମୋ ଚିକିତ୍ସାରେ ତୁମେ ନିଶ୍ଚୟ ଏ ରୋଗରୁ ଆରୋଗ୍ୟ ହୋଇଯିବ ।' – ଏ ପରିସ୍ଥିତିରେ ଭଗବାନ୍ ହସିଥା'ନ୍ତି ।''

ସାରା ସଭାସ୍ଥଳ ନୀରବ, ନିସ୍ପନ୍ଦ । ପଣ୍ଡିତ ମଣ୍ଡଳୀରେ ଖେଳିଗଲା ମୃଦୁ ଗୁଞ୍ଜରଣ, 'ବାଃ, ସୁନ୍ଦର ଅବତାରଣା !' କେହି କେହି ନିଜର ଛେପ ଢୋକିଲେ ଓ କଥାଟିର ତାତ୍ପର୍ଯ୍ୟ ଅନୁଭବ କଲେ ।

ରାଜା କୃଷକ ମୁହଁକୁ ଏକ ଲୟରେ ଚାହିଁଥା'ନ୍ତି ।

କୃଷକ ଏଥର ଚୁପ୍ ରହିଲେ । ସଭାସଦ୍‌ମାନଙ୍କ ଯୋଡ଼ା ଯୋଡ଼ା ଆଖି କୃଷକ ଆଡ଼କୁ ଚାହିଁ ରହିଥାଏ । କୃଷକ କିନ୍ତୁ ଚତୁର୍ଥ ପ୍ରଶ୍ନ ଆଡ଼କୁ ନଯାଇ ସେମିତି ଚୁପ୍ ରହିଥା'ନ୍ତି । ରାଜା ଓ ରାଜସଭାର ସମସ୍ତେ ଉତ୍କର୍ଣ୍ଣ । କୃଷକ ସେମିତି ଚୁପ୍‌ଚାପ୍ ବସି ରହିଲେ । ରାଜାଙ୍କର ଧୈର୍ଯ୍ୟ ଚ୍ୟୁତି ହୁଅନ୍ତେ, ସେ କୃଷକଙ୍କୁ ବାଧ ହୋଇ ଚତୁର୍ଥ ପ୍ରଶ୍ନର ଉତ୍ତର ଜିଜ୍ଞାସା କଲେ । କୃଷକ ରାଜାଙ୍କୁ ଓଲଟି ପ୍ରଶ୍ନ କଲେ, ''ମହାରାଜ, ଆପଣ ଯେତେବେଳେ ବହୁମୂଲ୍ୟ ସିଂହାସନ ଉପରେ ବିରାଜମାନ କରିଛନ୍ତି ଆଉ ମୁଁ ଏଇ ନୁଖୁରା ମାଟି ଉପରେ ବସିଛି, ସେତେବେଳେ ଏ ପ୍ରଶ୍ନର ମୁଁ କି ଉତ୍ତର ଦେବି ? ଯଦି ଆମେ ଦୁହେଁ ନିଜ ନିଜର ସ୍ଥାନ ବଦଳାଇବା ଓ ଆପଣ ଏଇଠି ବସି ପ୍ରଶ୍ନଟି ପଚାରିବେ ମୁଁ ହୁଏତ ଆପଣଙ୍କର ମନଲାଖି ଉତ୍ତରଟି ଦେଇ ପାରିବି ।''

ସଭାସଦ୍‌ବର୍ଗ ବ୍ୟାପାର କ'ଣ କିଛି ବୁଝି ପାରିଲେ ନାହିଁ ।

ଔତ୍ସୁକ୍ୟ ପ୍ରଣୋଦିତ ରାଜା ସଙ୍ଗେ ସଙ୍ଗେ କୃଷକଙ୍କୁ ନେଇ ସିଂହାସନରେ ବସାଇ ଦେଲେ । ନିଜେ ଏକ ସାଧାରଣ ପ୍ରଜା ଭଳି ତଳେ ବସି ଗଲେ । ପଚାରିଲେ, 'ହେ ଆଗନ୍ତୁକ, ଏଥର ମୋର ଚତୁର୍ଥ ପ୍ରଶ୍ନର ଉତ୍ତର ଦିଅନ୍ତୁ ।'

କୃଷକ ମହାତ୍ମା ହସି ଉଠିଲେ । ସେ ହସରେ ସାରା ସଭା ଗୃହଟି ପୂରି ଉଠିଲା । ଆକର୍ଣ୍ଣ, ଅର୍ଥପୂର୍ଣ୍ଣ ସେ ହସ । ରାଜପ୍ରାସାଦର କୁଟିକମକରା କାନ୍ଥ ଓ ସ୍ତମ୍ଭସବୁ ପ୍ରତିଧ୍ୱନି ଦେଲେ । ତାଙ୍କ ଛାମୁଦାନ୍ତ କେତୋଟି ଚିକ୍‌ଚିକ୍ କରି ଝଲସି ଉଠିଲା । ଉପସ୍ଥିତ ସମସ୍ତ ସଭାସଦଙ୍କ ଉପରକୁ ଏକ କୋମଳ ମନମତାଣିଆ ଦୃଷ୍ଟି ନିକ୍ଷେପ କରି ସେ କହିଲେ, ''ଭଗବାନ୍ ଯଥାର୍ଥରେ ଏଇଆହିଁ କରୁଛନ୍ତି, ବୁଝିଲେ । ଜଣେ ମାମୁଲି କୃଷକକୁ କେତେବେଳେ ସିଂହାସନ ଉପରେ ବସାଇ ଦେଉଛନ୍ତି ତ ରାଜମୁକୁଟ ପିନ୍ଧିଥିବା ରାଜାଙ୍କୁ ମଧ୍ୟ ନୁଖୁରା ମାଟି ଉପରେ ସ୍ଥାନ ଦେଉଛନ୍ତି । ଧନ୍ୟ ତାଙ୍କର ଲୀଳା; ଧନ୍ୟ ତାଙ୍କର କରାମତି !''

ଗମ୍ଭୀର ରାଜସଭା ଏକାଥରକେ ଆନନ୍ଦ ଉଚ୍ଛ୍ୱାସରେ ଉଚ୍ଛୁଳି ଉଠିଲା । କୃଷକଙ୍କର ମାର୍ମିକ ଉତ୍ତରରେ ସମସ୍ତେ ଗଦ୍‌ଗଦ, ତନ୍ମୟ ହୋଇ ଉଠିଲେ । ଇତି ମଧ୍ୟରେ କୃଷକ ସିଂହାସନ ତ୍ୟାଗ କରି ବାହାରକୁ ଆସି ସାରିଥିଲେ । ରାଜାଙ୍କ ଆଦେଶରେ କୃଷକଙ୍କୁ ସନ୍ଧାନ କରିବାକୁ ଭୃତ୍ୟଗଣ ଲାଗି ପଡ଼ିଲେ । ମାତ୍ର କେହି ଆଉ କୃଷକଙ୍କୁ ପାଇଲେ ନାହିଁ ।

❑❑❑

ଜୀବନରେ ତୁମେ ଯାହାକିଛି କର ନା କାହିଁକି ଗୋଟିଏ କଥା ଯାହା ଏକାନ୍ତ ଆବଶ୍ୟକ ଓ *ସବୁକିଛିର* ମୂଳରେ ରହିଛି ତାହା ହେଉଛି ତୁମର ମନୋଯୋଗକୁ ଏକାଗ୍ର କରିବା ।... ଏପରି କୌଣସି ଆଧ୍ୟାତ୍ମିକ ବାଧା *ନାହିଁ* ଯାହା ଏକାଗ୍ରତାର ଭେଦକାରୀ ଶକ୍ତି ସମ୍ମୁଖରେ ତିଷ୍ଠି ରହି ପାରିବ । ଉଦାହରଣ ସ୍ୱରୂପ ଚୈତ୍ୟପୁରୁଷଙ୍କର ଆବିଷ୍କାର, ଆନ୍ତର ଭଗବାନଙ୍କ ସହ ସଂଯୋଗ, ଉଚ୍ଚତର ସ୍ତର ଦିଗରେ ଉନ୍ମୀଳନ, *ସବୁକିଛି* ଏକାଗ୍ରତାର ତୀବ୍ର, ଅସାଧ ଶକ୍ତି ବଳରେ ଲାଭ କରାଯାଇ ପାରିବ ।

– ଶ୍ରୀମା

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଜଣେ ଛାତ୍ର କ'ଣ କଲେ ଜୀବନର ଉନ୍ନତି କରିପାରିବ ?*

ଉତ୍ତର : ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣି ତାହା ପ୍ରାପ୍ତ ହେବା ସକାଶେ ପ୍ରଯତ୍ନ କଲେ ତଥା ପ୍ରାପ୍ତ କଲେ ଜୀବନରେ ଯଥାର୍ଥ ଉନ୍ନତି କରିପାରିବ ।

*ପ୍ରଶ୍ନ : ଜୀବନର ଯଥାର୍ଥ ଲକ୍ଷ୍ୟ କ'ଣ ? ଏବଂ ଆମେ ଜାଣିବା କିପରି ?*

**ଉତ୍ତର** : ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ ସ୍ୱରୂପ ଭଗବାନ୍ । ଜ୍ଞାତ, ଅଜ୍ଞାତରେ ସମସ୍ତ ବ୍ୟକ୍ତି ତାହାଙ୍କୁହିଁ ଚାହାନ୍ତି । ତାହା ଜାଣିବେ ଇଚ୍ଛା କଲେ, ଚାହିଁଲେ, ବିଚାର କଲେ ତଥା ଅଭୀପ୍ସା କଲେ । ପ୍ରଥମରେ ଇଚ୍ଛା ହୁଏ, ଚାହିଁବା ହୁଏ ତେବେ ବିଚାର କରାହୁଏ । ବିଚାରର ଯଥାର୍ଥ ସମାଧାନ ହୁଏ ଅନ୍ତରାତ୍ମାର ଅଭୀପ୍ସା (ଆତ୍ମାର ଚାହିଁବା) ଦ୍ୱାରା ।

ଜୀବନର ଲକ୍ଷ୍ୟ ଜାଣିବା ଖୁବ୍ ସହଜ । ସମସ୍ତ ବ୍ୟକ୍ତି ଯାହା ଚାହାନ୍ତି, ତାହା ହେଉଛି ଜୀବନର ଲକ୍ଷ୍ୟ । ସମସ୍ତ ବ୍ୟକ୍ତି ସମସ୍ତ କର୍ମରେ ଚାହାନ୍ତି ଦୁଃଖବିହୀନ ପରମ ସୁଖ । ଚୋର, ଡକାୟତ, ମୂର୍ଖ, ପଣ୍ଡିତ, ପାପୀ, ପୁଣ୍ୟାତ୍ମା, ଦରିଦ୍ର, ଧନୀ, ସାଧୁ-ସନ୍ଥ, ଋଷି-ମୁନି, କେହି ବି ଦୁଃଖ ଚାହାନ୍ତି ନାହିଁ । ଦୁଃଖବିହୀନ ପରମ ସୁଖ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ କୌଣସି ସାଂସାରିକ ବସ୍ତୁରେ ମିଳେ ନାହିଁ, ମିଳେ ଭଗବତ୍ ପ୍ରାପ୍ତିରେ । ଭଗବାନ୍ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆତ୍ମା ରୂପେ ବିଦ୍ୟମାନ ଅଛନ୍ତି । ଏହି ଆତ୍ମା ବା ଭଗବତ୍ ସମ୍ବନ୍ଧେ ବ୍ୟକ୍ତି ସଚେତ ହୁଏ ନାହିଁ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ହୁଏ । କିନ୍ତୁ ମନ, ପ୍ରାଣ ଅଜ୍ଞାନର ଅଧୀନ । ସେହି କାରଣରୁ ମନ, ପ୍ରାଣ ଦ୍ୱାରା ବ୍ୟକ୍ତି ଜୀବନର ଯଥାର୍ଥ ତଥା ସର୍ବାଙ୍ଗୀଣ ଉନ୍ନତି ହୁଏ ନାହିଁ – ହୁଏ ଆତ୍ମୋପଲବ୍ଧିରେ । ଭଗବାନ୍ ଜ୍ଞାନ, ଆନନ୍ଦ ଇତ୍ୟାଦି ସମସ୍ତ ଦିବ୍ୟଗୁଣର ସ୍ୱରୂପ । ଆତ୍ମା ଏବଂ ଭଗବାନ୍ ଏକ ତତ୍ତ୍ୱ ହେବାରୁ ଭଗବାନଙ୍କ ସମସ୍ତ ଦିବ୍ୟତତ୍ତ୍ୱ ଆତ୍ମା ମଧ୍ୟରେ ବିଦ୍ୟମାନ ଥାଏ, ବ୍ୟକ୍ତି ଆତ୍ମ-ଜ୍ଞାନ ପ୍ରାପ୍ତ ହେଲେ ତା'ର ମନ-ପ୍ରାଣ କ୍ରମଶଃ ଅଜ୍ଞାନ ଦ୍ୱାରା ପରିଚାଳିତ ନହୋଇ ଆତ୍ମା ଦ୍ୱାରା ପରିଚାଳିତ ହୁଅନ୍ତି । ସେହି କାରଣରୁ ଦୁଃଖପ୍ରାପ୍ତ ହେଉଥିବା କର୍ମ ବ୍ୟକ୍ତି ତ୍ୟାଗ କରି ଜୀବନରେ ଯଥାର୍ଥ ଉନ୍ନତିମୂଳକ କର୍ମ କରେ ।

*ପ୍ରଶ୍ନ : ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି – ଏହା ବୁଝିପାରିଲୁ – ଯଥାର୍ଥରେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବାନ୍ । ଭଗବତ୍ ପ୍ରାପ୍ତି ସକାଶେ ଯୋଗ ବା ସାଧନାର ଆବଶ୍ୟକ । ଆମେମାନେ ବିଦ୍ୟାର୍ଥୀ – ଆମମାନଙ୍କର ବିଦ୍ୟାର୍ଜନ କରିବା ସମୟ । ଏହି ସମୟରେ ଯଦି ଆମେମାନେ ଜୀବନର ଲକ୍ଷ୍ୟ ''ଭଗବତ୍ ପ୍ରାପ୍ତିର ସାଧନା କରିବୁ, ତେବେ ପଢ଼ାରେ ତ୍ରୁଟି ହେବ । ଭବିଷ୍ୟତ୍ ଜୀବନରେ ଉନ୍ନତି ହୋଇ ପାରିବ ନାହିଁ – ଏହା ଫଳରେ ଦେଶର ଅବନତି ଘଟିବ । ଏହି ଧାରଣା କ'ଣ ଆମର ଠିକ୍ ନୁହେଁ ?''*

**ଉତ୍ତର** : ଏହା ଠିକ୍ ନୁହେଁ । ସମ୍ପୂର୍ଣ୍ଣ ବିପରୀତ । ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତିର ସାଧନା ଦ୍ୱାରା ପଢ଼ାରେ ତ୍ରୁଟି ହୁଏ ନାହିଁ । ପଢ଼ାରେ ଅତ୍ୟଧିକ ସାହାଯ୍ୟ ମିଳେ ଏବଂ ଉତ୍ସାହ ଉତ୍ପନ୍ନ ହୁଏ । କେବଳ ପଢ଼ା ନୁହେଁ – ଜୀବନ ଉନ୍ନତିର ସମସ୍ତ କର୍ମର ପରିପୂରକ ବା ଦୃଢ଼ ଭିତ୍ତି ହେଉଛି ଲକ୍ଷ୍ୟ ପ୍ରାପ୍ତିର ସାଧନା ।

କାରଣ ଜୀବନର ଲକ୍ଷ୍ୟ ପ୍ରାପ୍ତି ସକାଶେ ପଢ଼ିବା ଅଥବା ଗୃହ କର୍ମ ଇତ୍ୟାଦି ଛାଡ଼ି ଦେବାକୁ ହୁଏ ନାହିଁ । ସେହି ସମସ୍ତ କର୍ମ ଲକ୍ଷ୍ୟ ପ୍ରାପ୍ତିର ସାଧନା ରୂପେ ଭଗବତ୍ ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବାକୁ ହୁଏ । ଲକ୍ଷ୍ୟ ପ୍ରାପ୍ତିର ଉଦ୍ଦେଶ୍ୟରେ କରା ହେବାରୁ, ସେଥିରେ ଉତ୍ସାହ ଉତ୍ପନ୍ନ ହୁଏ । ଭଗବତ୍-ସେବା ଭାବରେ କର୍ମ ସମ୍ପାଦନ ହେବାରୁ ଭାଗବତୀ ଶକ୍ତି ବ୍ୟକ୍ତିକୁ ସାହାଯ୍ୟ କରେ । ଏହି ସାହାଯ୍ୟ ଯୋଗୁଁ କର୍ମରେ ତ୍ରୁଟି ହୁଏ ନାହିଁ, କର୍ମରେ ଆସେ ପୂର୍ଣ୍ଣତା । ଏହି ରୂପେ କର୍ମ ଦ୍ୱାରା ଛାତ୍ର ଅବାଞ୍ଛିତ କର୍ମରେ ସମୟ ନଷ୍ଟ, ଜୀବନର ଉନ୍ନତିରେ ବ୍ୟାହତ, ଅସଦ୍‌ଗୁଣ ଗ୍ରହଣରୁ ରକ୍ଷା ପାଏ ଏବଂ ଉନ୍ନତ ଜୀବନର ସର୍ବାଙ୍ଗୀଣ ବିକାଶର ଭିତ୍ତି ଅତ୍ୟନ୍ତ ସହଜରେ ସ୍ଥାପନ କରିପାରେ । ପଢ଼ାରେ ତ୍ରୁଟି ହେବା ଧାରଣା ଆସିଛି ପୁରାତନ ଯୋଗ ସଂସ୍କାରରୁ । ଶ୍ରୀଅରବିନ୍ଦଙ୍କ ଯୋଗ ଛଡ଼ା ପୁରାତନ ସମସ୍ତ ଯୋଗରେ ମନ, ପ୍ରାଣ ଦ୍ୱାରା ହେଉଥିବା ପରିବାର, ସମାଜ, ରାଜନୀତି ତଥା ସାଂସାରିକ ବିଦ୍ୟାଶିକ୍ଷା ଇତ୍ୟାଦି କର୍ମ ତ୍ୟାଗ ଦ୍ୱାରା ଭଗବତ୍ ଉପଲବ୍ଧି ହେଉଥିଲା । ସେହି କାରଣରୁ

ଜୀବନର ବିକାଶ ହେଉ ନଥିଲା କିଂବା ଜୀବନର ଉନ୍ନତି, ଜୀବନର ସୁଖ-ଶାନ୍ତି ଚାହୁଁଥିବା ସମସ୍ତ ବ୍ୟକ୍ତି ସେଥିରୁ ବଞ୍ଚିତ ରହୁଥିଲେ । ବହୁତ ଅଳ୍ପ ବୈରାଗ୍ୟବାନ୍ ବ୍ୟକ୍ତି ଘର-ପରିବାର, ସମାଜ, ସଂସାର ତ୍ୟାଗ କରି ଭଗବତ୍ ପ୍ରାପ୍ତି କରୁଥିଲେ । ସଂସାରରେ ଦୁଃଖ, କଷ୍ଟ ଯେପରି ଥିଲା ତାହା ସେହିପରି ରହୁଥିଲା ।

କ୍ରମବିକାଶ ଅନୁସାରେ ମନର ବିକାଶ ଶେଷ ହୋଇଛି । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ ଆସିଛି । ଜୀବନ, ସମାଜ, ଶାସନ ସମ୍ପୂର୍ଣ୍ଣ ନୂତନ ଅତିମାନସ ବିଜ୍ଞାନ ସତ୍ୟ ପ୍ରଣାଳୀରେ ପରିଚାଳିତ ହେବ । ସଂସାରରୁ ଦୁଃଖ, କଷ୍ଟ, ଅନ୍ୟାୟ, ଅସତ୍ୟ, ବିଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା-ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି, ଅତିମାନସ ବିଜ୍ଞାନ ସତ୍ୟ ଏହି ପୃଥିବୀକୁ ନେଇ ଆସିଛନ୍ତି । ଏହି ସତ୍ୟ ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଆତ୍ମ-ତତ୍ତ୍ୱରେ ରୂପାନ୍ତରିତ ହେବ । ସେ ସମ୍ପୂର୍ଣ୍ଣ ରୂପେ ଅଜ୍ଞାନ, ଦୁଃଖ, କଷ୍ଟ, ହିଂସା, ସ୍ୱାର୍ଥ, ମୋହ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହେବ । ତେବେ ତା'ର ଜୀବନ ହେବ ପୂର୍ଣ୍ଣ, ସର୍ବାଙ୍ଗୀଣ ତଥା ପରମାନନ୍ଦମୟ । ଏହି ସତ୍ୟ ଛାତ୍ର ଜୀବନର ଭିତ୍ତିରୂପେ ପ୍ରତିଷ୍ଠା ହେଲେ ସମସ୍ତ ଜୀବନରେ ବିକାଶ ହୋଇ ଚାଲିବ ।

ଆତ୍ମ-ପ୍ରଭାବରେ ଛାତ୍ର ପଢ଼ିବା ତଥା ଅନ୍ୟ କୌଣସି କାର୍ଯ୍ୟରେ ଏକାଗ୍ରତା କରିପାରିବ । ବୁଦ୍ଧି ଶୁଦ୍ଧ ହେଲେ ଯେଉଁ ବିଷୟ ବୁଝିବାକୁ ଅକ୍ଷମ ବା ବୁଝିବାରେ ଅଧିକ ସମୟ ଲାଗୁଥିଲା, ତାହା ସହଜରେ କମ୍ ସମୟରେ ବୁଝି ହେବ । ବୁଦ୍ଧିରେ ବିବେକ ଉତ୍ପନ୍ନ ହେଲେ, ସେ ଆଉ ଅବିହିତ କର୍ମ, ଜୀବନ ଏବଂ ସମୟ ନଷ୍ଟ କରିବ ନାହିଁ । ସେ ହେବ ଆଦର୍ଶ ଏବଂ ନୂତନ ଯୁଗର ଅତିମାନସ ବିଜ୍ଞାନ ବିଶିଷ୍ଟ ଅତିମାନବ ଜାତିର ଅଗ୍ରଦୂତ । ଏହି ସକାଶେ ପଢ଼ା ବନ୍ଦ କରି ଅନ୍ୟ କୌଣସି ନୂତନ କର୍ମ କରିବାକୁ ହେବ ନାହିଁ । ଜୀବନର ଉନ୍ନତି ସକାଶେ ପଢ଼ିବା, ବ୍ୟାୟାମ କରିବା, ସ୍ନାନ, ଭୋଜନ ପ୍ରଭୃତି ଆବଶ୍ୟକ କର୍ମକୁ ଭଗବାନ୍ ଅଥବା 'ମା'ଙ୍କ ଉଦ୍ଦେଶ୍ୟରେ କରି ସମର୍ପଣ କରିବାକୁ ହେବ । ଏହା ଫଳରେ ମା-ଶ୍ରୀଅରବିନ୍ଦ ପୃଥିବୀକୁ ଆଣିଥିବା ବିଜ୍ଞାନ ଅତିମାନସ ଶକ୍ତି ତୁମ ମନ, ପ୍ରାଣ, ଶରୀରରେ ରୂପାନ୍ତର କାର୍ଯ୍ୟ କରିପାରିବ । ଅତିମାନସ ସତ୍ୟ ପ୍ରଭାବରେ କର୍ମ କଲେ ସେଥିରେ ଆନ୍ତରିକତା, ଶ୍ରଦ୍ଧା ତଥା ନିଷ୍ଠା ଉତ୍ପନ୍ନ ହେବ ଏବଂ ତୁମେ ଉତ୍ତମ ରୂପେ ବିଦ୍ୟାର୍ଜନ କରିପାରିବ । ଏହା ଫଳରେ ସ୍ୱତଃସ୍ଫୂର୍ତ୍ତ ଭାବେ ତୁମେ ଅସତ୍ କର୍ମରୁ ନିବୃତ୍ତ ହୋଇପାରିବ । ଏହାହିଁ ହେବ ତୁମର ମହାନ୍ ଉନ୍ନତ ଜୀବନ ବିକାଶର ଭିତ୍ତି । ତୁମେ ଯେତେ ଆନ୍ତରିକତା ଏବଂ ନିଷ୍ଠା ସହ ଏହି କର୍ମରେ ତତ୍ପର ହେବ ସେହି ଅନୁପାତରେ ତୁମେ ଏହି ସତ୍ୟ ସମ୍ବନ୍ଧେ ସଚେତ ହେଉଥିବ ।

*ପ୍ରଶ୍ନ : କର୍ମ ହୁଏ ମନ, ପ୍ରାଣ ଦ୍ୱାରା ! ମନ, ପ୍ରାଣର ଦିବ୍ୟ-ଜ୍ଞାନ ନଥିବାରୁ ସେ ଯଥାର୍ଥ କର୍ମ ଯଥାର୍ଥ ପ୍ରଣାଳୀରେ କରିପାରେ ନାହିଁ । ସେହି କାରଣରୁ ଜୀବନରେ ନାନା ପ୍ରକାର ଦୁଃଖ-ଯନ୍ତ୍ରଣା ଓ କଷ୍ଟ ଆସେ ଏବଂ ବ୍ୟକ୍ତି ଚାହୁଁଥିବା ପରମ ସୁଖ ପ୍ରାପ୍ତ ହୁଏ ନାହିଁ, ଜୀବନ ଅପୂର୍ଣ୍ଣ ରହେ । ଜ୍ଞାନ, ଆନନ୍ଦ ବିଶିଷ୍ଟ ଆତ୍ମା ଦ୍ୱାରା ମନ, ପ୍ରାଣ, ଶରୀର ଚାଳିତ ହେଲେ, ଜୀବନ ପୂର୍ଣ୍ଣ ଆନନ୍ଦମୟ ହେବ – ଏହା ଆମେ ବୁଝି ପାରିଲୁ । କିନ୍ତୁ ଯେଉଁ ପିଲାମାନେ ଶ୍ରୀଅରବିନ୍ଦ ଛାତ୍ର ସମାଜ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ପିଲା ଅତି ଉତ୍ତମ ଆଚରଣ କରନ୍ତି । ଅନ୍ୟ କେତେକ ପିଲା ଭଲ ନପଢ଼ି ବୁଲନ୍ତି, ପରୀକ୍ଷାରେ ଫେଲ୍ ହୁଅନ୍ତି, ଅଥବା ଅନ୍ୟ ପିଲାମାନଙ୍କ ସହିତ ମିଶି କପି କରନ୍ତି । ଏହାର କାରଣ କ'ଣ ?*

**ଉତ୍ତର** : ଏହାର କାରଣ ହେଲା, ସେମାନେ ଜୀବନର ଲକ୍ଷ୍ୟ ଠିକ୍ ଠିକ୍ ବୁଝି ନାହାନ୍ତି । ଯଦି ବୁଝିଥିବେ, ଆନ୍ତରିକତା ସହ ଗ୍ରହଣ କରି ନାହାନ୍ତି, କିଂବା ସେ ସମ୍ବନ୍ଧେ ସଚେତ ହୋଇ ନାହାନ୍ତି ।

ଜୀବନର ଅତ୍ୟନ୍ତ ଉପଯୋଗୀ, ଆବଶ୍ୟକ ସତ୍ୟକୁ ବି ଅଧିକାଂଶ ବ୍ୟକ୍ତି ବୁଝି ପାରନ୍ତି ନାହିଁ, କିଂବା ପାଳନ କରି ପାରନ୍ତି ନାହିଁ । ଖୁବ୍ କମ୍ ବ୍ୟକ୍ତି ବୁଝନ୍ତି, ସେମାନଙ୍କ ମଧ୍ୟରୁ ଆହୁରି କମ୍ ବ୍ୟକ୍ତି ଆଚରଣ କରନ୍ତି ।

ବିଦେଶୀ ଶାସନ ଅଧୀନରୁ ଦେଶ ମୁକ୍ତ ହେବା ବିଷୟ ବୁଝିବାରେ ଖୁବ୍ ସହଜ । ଏକେବାରେ ସ୍ଥୂଳ ବସ୍ତୁ । କିନ୍ତୁ ଏତେ ସ୍ଥୂଳ ବସ୍ତୁକୁ ବି ସାଧାରଣ ଜନତାକୁ ବୁଝେଇ ଦେବା ସକାଶେ ଭାରତୀୟ ନେତାମାନଙ୍କୁ ଷାଠିଏ ବର୍ଷ ପରିଶ୍ରମ କରିବାକୁ ହୋଇଥିଲା । ସେହି ଦୃଷ୍ଟିରୁ ବିଚାର କଲେ, ଜୀବନର ପୂର୍ଣ୍ଣ ବିକାଶ, ଏହି ଲକ୍ଷ୍ୟ ଜାଣିବା ଏବଂ ଗ୍ରହଣ କରିବାରେ ବହୁତ ବର୍ଷ ଲାଗିବା ଉଚିତ । କିନ୍ତୁ ତାହା ହେବ ନାହିଁ । ଶ୍ରୀମା-

ଶ୍ରୀଅରବିନ୍ଦ ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି । ସେହି ଶକ୍ତି ସମଗ୍ର ବିଶ୍ୱରେ କ୍ରିୟାଶୀଳ । ମନୁଷ୍ୟ କମ୍ ପ୍ରୟାସରେ କେବଳ ଆନ୍ତରିକତା ସହ ସେହି ସତ୍ୟ ପ୍ରତି ଉନ୍ମୁକ୍ତ ରହିଲେ, ତା'ରି ପ୍ରଭାବରେ ସେମାନେ ସହଜରେ ବୁଝିପାରିବେ ଏବଂ ଗ୍ରହଣ କରି ପାରିବେ । କିନ୍ତୁ ଆମମାନଙ୍କର ବୁଝିବା ଓ ଗ୍ରହଣ କରିବାର ଆଗ୍ରହ ଅଭାବରୁ, ଆମେମାନେ ଅତିମାନସ ସତ୍ୟ ପ୍ରତି ଉନ୍ମୁକ୍ତ ହେଉ ନାହୁଁ । କୌତୂହଳରେ ପାଠଚକ୍ର, ଛାତ୍ର-ସମାଜରେ ଯୋଗ ଦେଉଛୁ । ସେହି ସକାଶେ ଆମର ପୂର୍ବ ଅସତ୍ ଆଚରଣର ପରିବର୍ତ୍ତନ ହେଉ ନାହିଁ । ସୁତରାଂ ଏହି ପାଠଚକ୍ର, ଛାତ୍ରସମାଜ ଏବଂ ସାହିତ୍ୟ ଅଧିକରୁ ଅଧିକ ପ୍ରସାର ହେଲେ, ସୂକ୍ଷ୍ମରେ କ୍ରିୟାଶୀଳ ଥିବା ଅତିମାନସ ଶକ୍ତିର ପ୍ରଭାବ ପଡ଼ିବ ପାର୍ଥିବ ବାତାବରଣରେ । ତା'ରି ପ୍ରଭାବରେ ବ୍ୟକ୍ତି ସତ୍ୟ ପ୍ରତି ଉନ୍ମୁକ୍ତ ହୋଇ ପାରିବେ, ବୁଝିପାରିବେ ତଥା ଆଚରଣ କରି ପାରିବେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ତୃତୀୟ ଖଣ୍ଡ, ପୃଷ୍ଠା : ୯୬ - ୯୯)

— ରାମକୃଷ୍ଣ ଦାସ

❑❑❑

# ନିବେଦନ

## ହରପ୍ରିୟା ସାହୁ



ତୁମ ହୃଦକମଳରେ ଶିଶିର ବିନ୍ଦୁ ମୁଁ
ହୋଇକି ପାରିବି ମା,
ସଜଳ ନୟନେ ଦେଖୁଥିବି ତୁମ
ଦିବ୍ୟରୂପ ମାଧୁରିମା ॥

ତୁମ ଚେତନାର ଘାସ ଗାଲିଚାରେ
ସାଧବ ବୋହୂର ମଖମଲି ରୂପ ଧରି,
ରକ୍ତିମ ଓଠରେ ହସୁଥିବି ମା
ତୁମରି ନାମକୁ ସ୍ମରି ॥

ତୁମ ସୃଷ୍ଟିର ସିନ୍ଧୁ ତୀରେ ମୁଁ
ନୀଳ ଉର୍ମିମାଳା ହେବାକୁ
ଚାହେଁ ଗୋ ଜନନି
ଜୀବନ ଜୁଆର ଉଛୁଳି ପଡ଼ିବ
ପାଇ ମଧୁର ଚାନ୍ଦିନୀ ॥

ତୁମ ଅଗଣାର ଶେଫାଳୀ ଫୁଲ ମୁଁ
ରାତିଏ ଆୟୁଷ ନେଇ
ଅଭିନୟ ମୋର କରିବି ସାର୍ଥକ
ଜଳୁଥିବ ଯେବେ ତୁମ ଇସାରାରେ
ମାଟି ପଲଙ୍କରେ ମୋ ଜୀବନ ଶେଷ ଜୁଇ । ।❑

ଚେତନାର ଦିଗ୍‌ବଳୟ :

# ସ୍ୱଧର୍ମ-ବିରୋଧୀ ଭୂମିକାରୁ ନିବୃତ ରହୁ ଚିକିତ୍ସା ବିଜ୍ଞାନ

ଗତ ମାସ (ମାର୍ଚ୍ଚ, ୨୦୧୮) ପ୍ରଥମାର୍ଦ୍ଧରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ତାହା ଫଳରେ ଯଦି କୌଣସି ରୋଗୀ ନିରାମୟ ହେବାର ସମ୍ଭାବନା ସର୍ବାଦୌ ନଥିବ ବୋଲି ଚିକିତ୍ସକମାନେ ବିଚାରିବେ, ଅଥଚ ସେ ରୋଗୀ କଷ୍ଟ ଭୋଗୁଥିବ କିଂବା ତା'ର ଅଙ୍ଗପ୍ରତ୍ୟଙ୍ଗରେ ପ୍ରାଣ ସ୍ପନ୍ଦନ ନଥିବା ସତ୍ତ୍ୱେ ସେ ନାମକୁ ମାତ୍ର ଜିଇଁ ରହିଥିବ, ତେବେ ପୃଥିବୀରୁ ବିଦାୟ ନେବା ନିମନ୍ତେ ସେ ଇଚ୍ଛା କଲେ ଚିକିତ୍ସକମାନେ ତାକୁ ସେଦିଗରେ ସାହାଯ୍ୟ କରିବେ । ଅର୍ଥାତ୍ ତା'ର ହୃତ୍‌ସ୍ପନ୍ଦନ ବଜାୟ ରଖୁଥିବା ଯାନ୍ତ୍ରିକ ଉପକରଣମାନ ପ୍ରତ୍ୟାହାର କରି ନିଆଯିବ । ସେ ମୃତ୍ୟୁ ଲଭିବା ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ କରାଯାଇପାରେ । ଏହା Euthanasia ନାମରେ ବିଦିତ ।

ମୋଟାମୋଟି ଭାବରେ ଜନସାଧାରଣ ନ୍ୟାୟାଳୟର ଏ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଯେକୌଣସି ସାଧାରଣ ଜ୍ଞାନ ସମ୍ପନ୍ନ ହେତୁବାଦୀ ମଣିଷ ଏଥିରେ ଖୁସି ହେବ । ଅନିର୍ଦ୍ଦିଷ୍ଟ କାଳ ସକାଶେ ରୋଗୀଟିଏ କଷ୍ଟ ପାଉଥିବ – ସେଥିରେ ତା' ଆତ୍ମୀୟସ୍ୱଜନ ବା ପ୍ରିୟ ପରିଜନଙ୍କ କଷ୍ଟ ମଧ୍ୟ ଅନିବାର୍ଯ୍ୟ । ଉଭୟଙ୍କ କଷ୍ଟ ସମାପିତ ହେବ । ଏଭଳି ''ଇଚ୍ଛା ମୃତ୍ୟୁ'' ଦ୍ୱାରା ।

ଅବଶ୍ୟ କେତେକ ରକ୍ଷଣଶୀଳ ଧର୍ମବାଦୀ ଏ ସିଦ୍ଧାନ୍ତ ଭୁଲ୍ ବୋଲି କହିଛନ୍ତି; ଆଉ କେତେକେ ଏ ସିଦ୍ଧାନ୍ତ କାର୍ଯ୍ୟକାରୀ କରିବା ପୂର୍ବରୁ ରୋଗୀର ପରିବାର ତଥା ଡାକ୍ତରମାନେ ଯେତେ ବିଧିବିଧାନ ପାଳନ କରିବାକୁ ବାଧ ବୋଲି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ସେସବୁ ବିଧିବିଧାନ ଫାଙ୍କି ଦେଇ ରୋଗୀର ଆଶୁ ମୃତ୍ୟୁ ଘଟାଇବା ଭଳି ସ୍ୱାର୍ଥାନ୍ଧ ଜ୍ଞାତିକୁଟୁମ୍ବ ଥିବା ଅସମ୍ଭବ ନୁହେଁ ବୋଲି ଦର୍ଶାଇଛନ୍ତି ।

କିନ୍ତୁ ଯେଉଁ ହେତୁରୁ ଏ ସିଦ୍ଧାନ୍ତର ପୁନର୍ବିଚାର ହେବା ଆବଶ୍ୟକ, ତାହା ମାମୁଲି ହେତୁବୋଧଠାରୁ ଊର୍ଦ୍ଧ୍ୱସ୍ଥ ଏକ ଭିନ୍ନ ସ୍ତରର ହେତୁବୋଧ ।

୧୯୭୮ ମସିହାରେ ପ୍ରଥମେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (World Health Organisation ବା WHO) ମଣିଷର ସୁସ୍ଥତାର ସଂଜ୍ଞା ପ୍ରସାରିତ କରିବା ପ୍ରସ୍ତାବ ବିଚାରକୁ ନେଲେ । ସେଯାଏ ଜଣକର ଦୈହିକ, ପ୍ରାଣିକ, ମାନସିକ ଓ ପାରିପାର୍ଶ୍ୱିକ ସଂହତିରେ ସ୍ୱାଭାବିକତାକୁ ସୁସ୍ଥତା ବୋଲି ଗ୍ରହଣ କରାଯାଉଥିଲା ଏବଂ ଏଥିରୁ କୌଣସିଥିରେ ବିକଳତା ସେ ସୁସ୍ଥତାକୁ ବିପନ୍ନ କରିପାରେ ବୋଲି ଧରା ଯାଉଥିଲା । ନୂତନ ଧାରଣା ଅନୁସାରେ ମଣିଷର ବ୍ୟକ୍ତିତ୍ୱରେ ଏକ ଅପ୍ରକଟ ଚେତନା ରହିଛି ଏବଂ ଜଣକର ସୁସ୍ଥତା ବା ଅସୁସ୍ଥତା ଉପରେ ସେ ଚେତନାର ପ୍ରଭାବ ରହିଛି, ଏହା ଏକ ତଥ୍ୟ ଭାବରେ ବିଚାର୍ଯ୍ୟ ବୋଲି ସ୍ୱୀକୃତି ପାଇଲା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶ କ୍ରମେ ବେଙ୍ଗାଲୁରୁରେ ଅବସ୍ଥିତ ''ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନ'' (National Institute of Mental Health and Neuro-science ବା NIMHANS)ଠାରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହେଲା । ସେଥିରେ ଅଂଶଗ୍ରହଣକାରୀମାନେ ହେଲେ ଦେଶର ପ୍ରଖ୍ୟାତ ଚିକିତ୍ସକ, ମନୋବୈଜ୍ଞାନିକ, ସ୍ନାୟୁବିଶେଷଜ୍ଞ, ଆଇନ ବିଶାରଦ ଏବଂ ଦୁଇ, ତିନି ଜଣ ଆଧ୍ୟାତ୍ମିକତାର ଛାତ୍ର । ଶେଷୋକ୍ତ ଶ୍ରେଣୀଭୁକ୍ତ ଭାବରେ ଏ ଲେଖକଙ୍କୁ ମଧ୍ୟ ସେଥିରେ ଭାଗ ନେବାକୁ ସୁଯୋଗ ଦିଆ ଯାଇଥିଲା ।

ତିନିଦିନ ବ୍ୟାପୀ ଗୁରୁଗମ୍ଭୀର ଆଲୋଚନା ଅନ୍ତେ ସର୍ବସମ୍ମତିକ୍ରମେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ଜଣାଇ ଦିଆଗଲା ଯେ ମଣିଷର ବ୍ୟକ୍ତିତ୍ୱରେ ଦେହ, ମନ ଓ ପ୍ରାଣ ବ୍ୟତିରେକେ ତଥା ସେ ତିନି ଉପାଦାନଠାରୁ ମହତ୍ତର ଏକ ଉପାଦାନ ରହିଛି । ସ୍ଥୂଳ ସ୍ୱାସ୍ଥ୍ୟ ଉପରେ ମଧ୍ୟ ତା'ର ପ୍ରଭାବ ବିପୁଳ । ସେ ଚତୁର୍ଥ ଉପାଦାନ ଆତ୍ମା । କିନ୍ତୁ ହେତୁବାଦୀ ଭାଷାରେ ତାକୁ କୁହାଗଲା : ସ୍ୱାସ୍ଥ୍ୟର ଚତୁର୍ଥ ଦିଗ : ଗୁଣ ଏକ୍‌ସ । (The Fourth Dimension of Health : Factor X)

ଇତିମଧ୍ୟରେ ପାଶ୍ଚାତ୍ୟରେ ଏହା ଉପରେ କେତେ ଗବେଷଣା ହୋଇ ସାରିଲାଣି । କିନ୍ତୁ ଆମ ଭାରତୀୟମାନଙ୍କ ପାଇଁ ଏହା ଗୋଟାଏ ଅତି ପରିଚିତ ତତ୍ତ୍ୱ । ଆଧ୍ୟାତ୍ମିକ ଶିକ୍ଷକମାନେ ସରଳ ଭାବରେ ଏ ତତ୍ତ୍ୱ ଏମିତି ଶୈଳୀରେ

ଉପସ୍ଥାପନ କରନ୍ତି : ଯେତେବେଳେ ମୁଁ କହେ ''ମୁଁ ଚାଲୁଛି'', ସେତେବେଳେ ମୁଁ ମୋ ଦେହକୁ ବୁଝାଉ ଥାଏଁ । ଯେତେବେଳେ କହେଁ, ''ମୁଁ ଚିନ୍ତା କରୁଛି'', ସେତେବେଳେ ମୁଁ ମୋ ମନକୁ ବୁଝାଏ । ଯେତେବେଳେ କହେଁ, ''ମୁଁ ଅନୁଭବ କରୁଛି'', ସେତେବେଳେ ମୁଁ ମୋ ଆବେଗ ସମ୍ବଳିତ ପ୍ରାଣକୁ ବୁଝାଇଥାଏଁ । କିନ୍ତୁ ଯେତେବେଳେ ମୁଁ କହିବି, ''ମୋ ଦେହ, ମୋ ମନ, ମୋ ପ୍ରାଣ'', ସେତେବେଳେ ସେ 'ମୁଁ' ଜଣକ ନିଶ୍ଚୟ ଏ ତିନିରୁ ପୃଥକ୍ ଏକ ଚତୁର୍ଥ ସତ୍ତା । ସେହି ସତ୍ତାହିଁ ମୋର ପ୍ରକୃତ ସତ୍ତା – ଯାହାକୁ ଭିତ୍ତି କରି ମୋ ପ୍ରାଣ ଓ ମନର ଅସଂଖ୍ୟ ପରସ୍ପର-ବିରୋଧିଶକ୍ତି ଏକତ୍ର ହୋଇ ରହିଛନ୍ତି । ନହେଲେ ମୋ ବ୍ୟକ୍ତିସତ୍ତା 'ଏକ' ଭାବରେ ତିଷ୍ଠି ପାରନ୍ତା ନାହିଁ । ଯେତେବେଳେ ସେ ସତ୍ତା ଆପଣାକୁ କଳେବରଟିଏ ଭିତରୁ ପ୍ରତ୍ୟାହାର କରି ନେବାକୁ ସିଦ୍ଧାନ୍ତ କରିବ ସେତେବେଳେ ଜଣକର ମୃତ୍ୟୁ ହେବ; ସତ୍ତାର ସମସ୍ତ ଉପାଦାନ ପରସ୍ପର ବିଚ୍ଛିନ୍ନ ହୋଇ ନିଜ ନିଜ ଲୋକକୁ ଚାଲିଯିବେ ।

କିନ୍ତୁ ସେହି ଆତ୍ମା ସହିତ ଆମର ସଚେତନ ସମ୍ପର୍କ କ୍ଷୀଣ । ତା'ର ସଂକଳ୍ପ ଆମେ ଜାଣୁନା । ଆମର ଶାରୀରିକ ଓ ମାନସିକ କ୍ଲେଶ ମାଧ୍ୟମରେ ଆମ ଆତ୍ମାହିଁ କୌଣସି ଅଭିଜ୍ଞତା ସଞ୍ଚୟ କରୁଥାଇପାରେ । ଏହାର ଅର୍ଥ ସାମାନ୍ୟ ସ୍ପଷ୍ଟ ହେବ ଆମେ ଯଦି ସ୍ମରଣରେ ରଖିବା ଯେ ଜନ୍ମ ଜନ୍ମ ଧରି ଅବ୍ୟାହତ ଆମ ଜୀବନ ସ୍ରୋତର ଏକ ଆଭିମୁଖ୍ୟ ରହିଛି । ପ୍ରତି ଜନ୍ମରେ ଅର୍ଜିତ ସେହି ଅଭିଜ୍ଞତା ପ୍ରଗତିର ପାଥେୟ ଭାବରେ ସଞ୍ଚିତ ରହୁଛି ଆମ ଆତ୍ମାରେ – ଏହି ପରିପ୍ରେକ୍ଷୀରେ ଆତ୍ମାର ଯେଉଁ ଭୂମିକାକୁ ଆମେ ଚୈତ୍ୟସତ୍ତା ବୋଲି କହୁଁ । ଏ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଜନ୍ମ ଶତାବ୍ଦୀ ଗ୍ରନ୍ଥମାଳାର ୨୩ ଖଣ୍ଡରେ ପୁନର୍ଜନ୍ମ ବିଭାଗରେ ତାଙ୍କ ପତ୍ର ଦ୍ରଷ୍ଟବ୍ୟ । (SABCL, Vol. 22, *Letters on Yoga :* "Rebirth")

ଚିକିତ୍ସା ବିଜ୍ଞାନର ଧର୍ମ ଜୀବନବାଦୀ, ମରଣବାଦୀ ନୁହେଁ । ତେଣୁ ମୃତ୍ୟୁକୁ ତ୍ୱରାନ୍ୱିତ କରିବା ସେ ବିଜ୍ଞାନ ପକ୍ଷରେ ସ୍ୱଧର୍ମ-ବିରୋଧୀ କର୍ମ ।

ଯେଉଁ ଧରଣର ରୋଗଗ୍ରସ୍ତମାନଙ୍କ ସମ୍ପର୍କରେ ଏ ପ୍ରଶ୍ନ ଉଠୁଛି, ସେମାନେ କଷ୍ଟ ପାଉଥିବା ସତ୍ୟ ହୋଇପାରେ, ନିଃସାଡ଼ ଥାଇ କଷ୍ଟ ମୁକ୍ତ ଭାବରେ ଅଜ୍ଞାନ ଥିବା ମଧ୍ୟ ସତ୍ୟ ହୋଇପାରେ । ତେବେ ସେମାନଙ୍କ ଦାୟିତ୍ୱରେ ଥିବା ପରିବାର ପରିଜନଙ୍କ କଷ୍ଟକୁ ବିଚାରକୁ ନେବା ଏକାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏକ ଉନ୍ନତ, ଜନହିତଭିତ୍ତିକ ରାଷ୍ଟ୍ର ପ୍ରତ୍ୟେକ ବଡ଼ ବଡ଼ ଆରୋଗ୍ୟ ନିକେତନରେ ସେମାନଙ୍କୁ ଏକତ୍ର ରଖି ନିୟମିତ ସେବାଦାନର ଯୋଜନା ପ୍ରସ୍ତୁତ କଲେ ସେ ଦିଗରେ ସରକାରୀ ବ୍ୟବସ୍ଥା ବ୍ୟତିରେକେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କର ସହାୟତା ମଧ୍ୟ ମିଳିବ । ମୃତ୍ୟୁବରଣ ପାଇଁ ରୋଗୀ ସମ୍ମତ – ସେଭଳି ଯୁକ୍ତି କିନ୍ତୁ ସେଭଳି ମୃତ୍ୟୁକୁ ଆତ୍ମହତ୍ୟା ପର୍ଯ୍ୟାୟରୁ ସ୍ୱତନ୍ତ୍ର କରିଦେଇ ପାରିବ ନାହିଁ । କୌଣସି କୌଣସି ପରିସ୍ଥିତିରେ ଯୋଗୀ, ଋଷିମାନେ ଆତ୍ମ ବିସର୍ଜନ ଦେବାର ପରମ୍ପରା ରହିଛି । କିନ୍ତୁ ତାହା କ୍ଲେଶରୁ ବର୍ତ୍ତିବା ପାଇଁ ନୁହେଁ । ସେ ସମ୍ପର୍କରେ ବାରାନ୍ତରେ ।

**– ମନୋଜ ଦାସ**

❑❑❑

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ ଜୀବନକୁ ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସଂଧାନ କରେ ।

(SABCL - 13, P. 205) – ଶ୍ରୀଅରବିନ୍ଦ

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Daily Facial
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

## ଗ୍ରୀଷ୍ମକାଳୀନ ସୁହୃଦ୍ ଶ୍ରମ ଶିବିର - ୨୦୧୮

ଚଳିତ ବର୍ଷ ୬୮ତମ ଗ୍ରୀଷ୍ମକାଳୀନ ସୁହୃଦ୍ ଶ୍ରମଶିବିର ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଦରଗୋଳିସ୍ଥିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର (Mira)ଠାରେ ୨୨.୦୫.୨୦୧୮ତାରିଖ ଠାରୁ ୩୧.୦୫.୨୦୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧.୦୫.୨୦୧୮ ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ । ଏହି ଶିବିରରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ Life Divine (ଦିବ୍ୟଜୀବନ) ଗ୍ରନ୍ଥର ଅଧ୍ୟୟନ ଓ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ୧୦୦.୦୦ (ଏକଶତ)ଟଙ୍କା ରଖାଯାଇଛି ।

**ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :**

ଟ୍ରେନ୍ ଯୋଗେ ଆସିବାକୁ ହେଲେ ସୋର ଷ୍ଟେସନରେ ଓହ୍ଲାଇ ସୋର ବସ୍‌ଷ୍ଟାଣ୍ଡକୁ ଆସି ସେଠାରୁ ଔପଦା ଆସୁଥିବା ବସ୍ କିଂବା ଟ୍ରେକର ଯୋଗେ ଔପଦା ଆସି ସନ୍ଧ୍ୟା ୬ଟା ମଧ୍ୟରେ ଔପଦାରୁ ଉଦଳାଗାମୀ ବସ୍‌ରେ ୩ କି. ମି. ଆସିଲେ ମୁଖ୍ୟ ରାସ୍ତାରେ ଅବସ୍ଥିତ ସ୍କୁଲରେ ପହଞ୍ଚି ପାରିବେ । ବସ୍‌ଯୋଗେ ଆସିବାକୁ ହେଲେ ବାଲେଶ୍ୱର/ବାରିପଦାଗାମୀ ବସ୍‌ରେ ଭୁବନେଶ୍ୱରରୁ ଆସି ସୋରରେ ଓହ୍ଲାଇ ପୂର୍ବୋକ୍ତ ବ୍ୟବସ୍ଥାରେ ଆସି ପହଞ୍ଚି ପାରିବେ । ଦିନ ୧୦ଟାରେ ଭଦ୍ରକରୁ ମଧ୍ୟ ବସ୍ ଔପଦା ଆସିଥାଏ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।

ସୁକାନ୍ତି ଧଳ –୯୪୩୭୫୮୯୯୯୦; ସୁକାନ୍ତି ପରିଡ଼ା – ୭୯୭୮୫୫୭୭୦୬;
ପ୍ରଦୀପ ଧଳ – ୯୩୩୭୨୩୪୨୧୫


Work done in the true spirit is meditation.

*15 September 1934* – The Mother

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

**Vol. XLIX, No. 4** **R.N.I. No. 18163/70.**
Navaprakash (Monthly), April, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

## ବିଶେଷ ସୂଚନା




## ବେଦରହସ୍ୟ

ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Madhusudan Mishra
**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**